NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
3 SEPTEMBER 2025
ବୁଧବାର
୩ ସେପ୍ଟେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 110 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୧୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର




ସୁଦାନର ପଶ୍ଚିମ ଦାରଫୁର ଅଞ୍ଚଳରେ ଭୟଙ୍କର ଭୂସ୍ଖଳନ । ପ୍ରାୟ ୧୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ସହ ଅନେକ ଭଗ୍ନାବଶେଷ ତଳେ ଥିବା ଆଶଙ୍କା । ଉଦ୍ଧାର କାର୍ଯ୍ୟ ଜାରି

### ଛତିଶା ନିଯୋଗ ବୈଠକ

## ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ଅନୁମୋଦନ

ପୁରୀ,୨।୯/ଏନ୍ଏନ୍ଏସ୍ :



ଆଜି ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସୂଚନା ମୁତାବକ ଆସନ୍ତା ୭ ତାରିଖରେ ହେବାକୁ ଥିବା ଚନ୍ଦ୍ରଗ୍ରହଣ ନୀତିକାନ୍ତି ନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି । ତଦନୁସାରେ ରାତ୍ର ୨ଟାରୁ

▶▶ ୫

### ସେମିକନ୍ ଇଣ୍ଡିଆ-୨୦୨୫ ଉଦ୍‌ଘାଟିତ

# ଭାରତ ହେବ ସେମିକଣ୍ଡକ୍ଟର୍ ହବ୍: ପ୍ରଧାନମନ୍ତ୍ରୀ

**ଭାରତର ସବୁଠୁ ଛୋଟ ଚିପ୍ ଖୁବଶୀଘ୍ର ବିଶ୍ୱର ସବୁଠୁ ବଡ଼ ପରିବର୍ତ୍ତନର ମୂଳଦୁଆ ସ୍ଥାପନ କରିବ**

**ତାଇୱାନ, ଚୀନ୍, ଆମେରିକା ପରେ ଭାରତ ବି ସେମିକଣ୍ଡକ୍ଟର୍ ଉତ୍ପାଦନକାରୀ ଦେଶ ହେବ**



ନୂଆଦିଲ୍ଲୀ, ୨।୯/ଏଜେନ୍ସି:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ-୨୦୨୫ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ୩ ଦିନ ଧରି ଚାଲିବାକୁ ଥିବା ଏହି ସମାବେଶର ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମୋଦୀ ଏହି ଅବସରରେ ତାଙ୍କର ସାମ୍ପ୍ରତିକ ଜାପାନ ଓ ଚୀନ୍ ଗସ୍ତ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି । ମୋଦୀ କହିଛନ୍ତି, ଜାପାନ୍ ଗସ୍ତ ସମୟରେ, ତାଙ୍କୁ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ଟୋକିଓ ଇଲେକ୍ଟ୍ରୋନ୍ କାରଖାନା ପରିଦର୍ଶନ କରିବାର ସୁଯୋଗ ମିଳିଥିଲା । ଉକ୍ତ କମ୍ପାନୀର ସିଇଓ ମଧ୍ୟ ଆଜିର ଏହି ସେମିକନ୍ ଇଣ୍ଡିଆ-୨୦୨୫ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି, ଯାହାକି ଭାରତ ପାଇଁ ଏକ ବଡ଼ ଉପଲବ୍ଧି ହୋଇଥିବା ତାଙ୍କୁ (ମୋଦୀ ନିଜେ) ମଧ୍ୟ ଏହା ବହୁତ ଆନନ୍ଦ ଦେଇଛି । ମୋଦୀ ବିଭିନ୍ନ ଦେଶରୁ ଆସିଥିବା ବିଶିଷ୍ଟ ଅତିଥି, ଷ୍ଟାର୍ଟ-ଅପ୍ ସହ ଜଡିତ ଉଦ୍ୟୋଗୀ ଏବଂ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଛନ୍ତି । ଭାରତ ଏବଂ ବିଦେଶର ସେମିକଣ୍ଡକ୍ଟର ଶିଳ୍ପର ସିଇଓ ଏବଂ

▶▶ ୫

## ଓଡ଼ିଶାରେ ନିର୍ମିତ ୩ 'ମେଡ୍ ଇନ୍ ଇଣ୍ଡିଆ' ଚିପ୍

ଭୁବନେଶ୍ୱର,୨।୯/ଏନ୍ଏନ୍ଏସ୍:

ଓଡ଼ିଶା ପାଇଁ ଏକ ଖୁସି ଖବର । ସ୍ୱଦେଶୀ ଜ୍ଞାନକୌଶଳରେ ସେମିକଣ୍ଡକ୍ଟର୍ ଚିପ୍ ପ୍ରସ୍ତୁତିରେ ରାଜ୍ୟକୁ ମିଳିଛି ଐତିହାସିକ ସଫଳତା । ଓଡ଼ିଶାରେ ନିର୍ମିତ ତିନୋଟି ସେମିକଣ୍ଡକ୍ଟର୍ ଚିପ୍‌କୁ ନୂଆଦିଲ୍ଲୀରେ ଅନୁଷ୍ଠିତ 'ସେମିକନ୍ ଇଣ୍ଡିଆ-୨୦୨୫'ର ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି । ଏହି ଚିପ୍‌ଗୁଡ଼ିକ ଭାରତର ପ୍ରଥମ ସ୍ୱଦେଶୀ ସେମିକଣ୍ଡକ୍ଟର୍ ଉତ୍ପାଦନରେ ଓଡ଼ିଶାର ଅଗ୍ରଣୀ ଭୂମିକା ବେଶ୍ ପ୍ରଶଂସିତ ହୋଇଛି । ମଙ୍ଗଳବାର ନୂଆଦିଲ୍ଲୀରେ ଇଣ୍ଡିଆ-୨୦୨୫ ସମ୍ମିଳନୀରେ ଥିବା

▶▶ ୫

**ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଦାନ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ**

**ଇଣ୍ଡିଆ-୨୦୨୫ ସମ୍ମିଳନୀରେ ଓଡ଼ିଶା ପାଭିଲିୟନ୍‌କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

● ଫୁଲବାଣୀ ଓ ତାଳଚେର ମେଡିକାଲ୍ କଲେଜକୁ ୧୦୦ ଲେଖାଏଁ ସିଟ୍ ଅନୁମୋଦିତ

## ଚଳିତ ଶିକ୍ଷାବର୍ଷରୁ ପାଠ ପଢ଼ା ଆରମ୍ଭ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୯/ଏନ୍ଏନ୍ଏସ୍:



ଓଡ଼ିଶାର ଆଉ ଦୁଇଟି ସରକାରୀ ମେଡିକାଲ୍ କଲେଜ ପାଇଁ ୨୦୦ ଆସନ ଅନୁମୋଦିତ ହୋଇଛି । ଜାତୀୟ ମେଡିକାଲ୍ କମିଶନ୍ ଏହି ମଞ୍ଜୁରୀ ଦେଇଛନ୍ତି । ଫୁଲବାଣୀ ସରକାରୀ ମେଡିକାଲ୍ କଲେଜ ପାଇଁ ୧୦୦ଟି ସିଟ୍ ଅନୁମୋଦିତ ହୋଇଥିବା ବେଳେ, ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ୍ କଲେଜ ପାଇଁ ମଧ୍ୟ ୧୦୦ଟି ସିଟ୍ ଅନୁମୋଦିତ ହୋଇଛି । ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରୁ ପାଠ ପଢ଼ା ଆରମ୍ଭ ହେବ । ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଜାତୀୟ ମେଡିକାଲ କମିଶନ୍ ଦ୍ୱାରା ଏହି ମଞ୍ଜୁରୀକୁ ସ୍ୱାଗତ କରି କହିଛନ୍ତି ଯେ ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଉ ଏକ ମାଇଲ୍ ଖୁଣ୍ଟ ସ୍ଥାପନ କରିପାରିଛି । ଗୋଟିଏ ବର୍ଷରେ ୨୦୦ ଅଧିକ ଓଡ଼ିଆ ଛାତ୍ରଛାତ୍ରୀ ଚଳିତ ଶିକ୍ଷାବର୍ଷ ଠାରୁ ଡାକ୍ତରୀ ଶିକ୍ଷା ଗ୍ରହଣ କରିପାରିବେ । ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ଓ ସ୍ୱାସ୍ଥ୍ୟ ଶିକ୍ଷାରେ ଉନ୍ନତି ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ କରି ଚାଲିଛନ୍ତି । ଏହି ମଞ୍ଜୁରୀ ଦ୍ୱାରା ସରକାରଙ୍କ ଉଦ୍ୟମ ସଫଳ ହୋଇଛି ବୋଲି ସେ ଦୃଢ଼ତାର ସହ ପ୍ରକାଶ କରିଛନ୍ତି ।

## ପଞ୍ଜାବରେ ଉତ୍କଟ ବନ୍ୟା ପରିସ୍ଥିତି, ୨୯ ମୃତ

### ସହାୟତା କରିବାକୁ ମୁଖ୍ୟମନ୍ତ୍ରୀ, କେଜ୍ରିୱାଲ୍‌ଙ୍କ ଅପିଲ୍

ଚଣ୍ଡିଗଡ଼,୨।୯/ଏଜେନ୍ସି:



ଉତ୍ତର ପୂର୍ବ ରାଜ୍ୟରେ ଏବେ ଲଗାଣ ବର୍ଷାଜନିତ ବିପର୍ଯ୍ୟୟ ପ୍ରାଣଘାତୀ ସାବ୍ୟସ୍ତ ହେବାରେ ଲାଗିଛି । ବିଶେଷକରି ପଞ୍ଜାବରେ ଲଗାଣ ବର୍ଷା ଯୋଗୁ ଉତ୍କଟ ବନ୍ୟା ପରିସ୍ଥିତି ଉତ୍ପନ୍ନ ହୋଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂହ ମାନ୍ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ବର୍ଷାଜନିତ ବିପର୍ଯ୍ୟୟ ଯୋଗୁ ପ୍ରାୟ ୨୯ଜଣ ପ୍ରାଣ ହରାଇଛନ୍ତି ଏବଂ ଅନେକ ଲୋକ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି । ମାନ୍‌ଙ୍କ କହିବାନୁସାରେ ୧୯୯୮ରେ ଆସିଥିବା ବନ୍ୟା ପରିସ୍ଥିତି ତୁଳନାରେ ଏଥର ଅଧିକ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି ।


ମୁଖ୍ୟମନ୍ତ୍ରୀ ମାନ୍ କହିଛନ୍ତି, ପଞ୍ଜାବ ଏବେ ପାଣି

▶▶ ୫

### ସୃଷ୍ଟିହେଲା ଲଘୁଚାପ

# ୫ ଦିନ ଯାଏ ପ୍ରବଳ ବର୍ଷା

ଭୁବନେଶ୍ୱର,୨।୯/ଏନ୍ଏନ୍ଏସ୍:



ସୃଷ୍ଟିହେଲା ଲଘୁଚାପ । ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର । ସମୁଦ୍ର ପତ୍ତନଠାରୁ ୭.୬ କିମି ଉଚ୍ଚତା ପର୍ଯ୍ୟନ୍ତ ଘୂର୍ଣ୍ଣବଳୟ ବ୍ୟାପିଛି ଏବଂ ଦକ୍ଷିଣ-ପଶ୍ଚିମ ଦିଗ ଆଡ଼କୁ ଢଳି ରହିଛି । ଆଗାମୀ ୨୪ ଘଣ୍ଟାରେ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ଅଧିକ ଘନୀଭୂତ ହେବ । ଫଳରେ ଉତ୍ତର ଓଡ଼ିଶା ସମେତ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସମ୍ପ୍ରତି ଭୁବନେଶ୍ୱରରେ ପ୍ରବଳ ବର୍ଷା ଲାଗି ରହିଛି । ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାକୁ ରେଡ୍ ଆଲର୍ଟ ଜାରି ହୋଇଛି । ଲଘୁଚାପ ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ ଓ ଝଟକା ପବନ ପାଇଁ ୪ ଜିଲ୍ଲାକୁ ରେଡ୍, ୮ଜିଲ୍ଲାକୁ ଅରେଞ୍ଜ୍ ଏବଂ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂପାଣିପାଗ ବିଭାଗ ସତର୍କତା ଜାରି କରିଛି ।

ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ସଲଗ୍ନ ମିଆଁମାର ଉପକୂଳ ଉପରେ ଅବସ୍ଥିତ ଉପର ବାୟୁ ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହି ଅଞ୍ଚଳରେ ଏହା ଅଧିକ ସ୍ପଷ୍ଟ ହେବାର ସମ୍ଭାବନା ରହିଛି । ଏହା ସହିତ ଓଡ଼ିଶା ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ପାଇଁ ୪ ଜିଲ୍ଲା ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡାକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ୮ଜିଲ୍ଲା ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, ନବରଙ୍ଗପୁର ଓ କୋରାପୁଟକୁ ଅରେଞ୍ଜ ଆଲର୍ଟ ଏବଂ ମାଲକାନଗିରି, ବଲାଙ୍ଗୀର, ବୌଦ୍ଧ, ସୋନପୁର, ବରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ସେପଟେ ବାକିସବୁ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଦରଣର ବର୍ଷା ହେବ । ସାରା ରାଜ୍ୟରେ ବର୍ଷା ସହ ପ୍ରବଳ ବଜ୍ରପାତ ଓ ଝଟକା ପବନ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ବହିବାର ସମ୍ଭାବନା ରହିଛି । ଏନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

ଆସନ୍ତାକାଲି ସେପଟ୍ମେର ୩ ତାରିଖରେ ନବରଙ୍ଗପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ଏବଂ ୩୦-୪୦ କିମି ବେଗରେ ଘଣ୍ଟାପ୍ରତି ଝଟକା ପବନ ବହିବ । ଏଥିପାଇଁ ନବରଙ୍ଗପୁର ଜିଲ୍ଲାକୁ ଅରେଞ୍ଜ୍ ଆଲର୍ଟ ଜାରି କରାଯାଇଛି । ସେହିପରି କୋରାପୁଟ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁନ୍ଦରଗଡ଼, ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଓ ଘଡ଼ଘଡ଼ି ସହିତ ୩୦-୪୦ କିମି ବେଗରେ ଘଣ୍ଟାପ୍ରତି ଝଟକା ପବନ ବହିବ । ଏହି ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଭିତରେ ରଖାଯାଇଛି । ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ, ନୟାଗଡ଼, କଟକ, ମାଲକାନଗିରି, ରାୟଗଡ଼ା ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ ଓ ସୋନପୁର ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ବହିବା ସହିତ ବଜ୍ରପାତ ଓ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ୪ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହିତ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ସହିତ ପ୍ରବଳ ବର୍ଷା

▶▶ ୫

**୪ ଜିଲ୍ଲାକୁ ରେଡ୍, ୮କୁ ଅରେଞ୍ଜ୍ ଓ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

### ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଚତୁର୍ଥ ବୈଠକ

# ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କର

ଭୁବନେଶ୍ୱର,୨।୯/ଏନ୍ଏନ୍ଏସ୍:




ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଚତୁର୍ଥ ବୈଠକ ମଙ୍ଗଳବାର ଅପରାହ୍ଣରେ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଅଧ୍ୟକ୍ଷ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଅକ୍ଟୋବର ମାସ ଶେଷ ସୁଦ୍ଧା ଚିଲିକା, ଅଂଶୁପା, ଭିତରକନିକା ହେନ୍ତାଳବନ, ହୀରାକୁଦ ଜଳଭଣ୍ଡାର, ସାତକୋଶିଆ ଗଣ୍ଡ ଏବଂ ତାମ୍ପଡା ଆର୍ଦ୍ରଭୂମିର ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ବନଖଣ୍ଡ ଅଧିକାରୀ ଓ କ୍ଷେତ୍ର ପରିଚାଳକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ଅଧ୍ୟକ୍ଷ ତଥା ଜଙ୍ଗଲମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଲେ ଯେ ପରିବେଶ ଗୁରୁତ୍ୱ ଥିବା ଆର୍ଦ୍ରଭୂମିର ଚିହ୍ନଟ ଏବଂ ବିଜ୍ଞପ୍ତି, ସଂରକ୍ଷଣ ଏବଂ ସମୁଚିତ ବ୍ୟବହାର ପାଇଁ ସମନ୍ୱିତ ପରିଚାଳନା ଯୋଜନା ଗଠନ ଏବଂ ଅନୁମୋଦନ, ଆର୍ଦ୍ରଭୂମିର ଜୈବ ବିବିଧତା, ପରିବେଶଗତ ସେବା ଏବଂ ସାଂସ୍କୃତିକ ଐତିହ୍ୟର ସୁରକ୍ଷା, ଆର୍ଦ୍ରଭୂମି ପରିଚାଳନାରେ ସମ୍ପ୍ରଦାୟର ଅଂଶଗ୍ରହଣ, ସ୍ଥାନୀୟ ଜୀବିକାକୁ ନିରନ୍ତର ଭାବେ ନିଶ୍ଚିତ କରିବା, ଜାତୀୟ ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ସହିତ କ୍ଷମତା ନିର୍ମାଣ, ସଚେତନତା ସୃଷ୍ଟି ଏବଂ ଗବେଷଣା କ୍ଷେତ୍ରରେ ସହଯୋଗ, ବିକାଶମୂଳକ ଯୋଜନା, ଜଳବାୟୁ ଅନୁକୂଳ ରଣନୀତି ଏବଂ ବିପର୍ଯ୍ୟୟ ପରିଚାଳନା ଢାଞ୍ଚାରେ ଆର୍ଦ୍ରଭୂମିକୁ ମୁଖ୍ୟଧାରାରେ ପରିଣତ କରିବାର ଲକ୍ଷ୍ୟ ନେଇ ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ ଗଠିତ ହୋଇଥିଲା । ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ସଫଳତା ମଧ୍ୟରେ ଚିଲିକା ହ୍ରଦ ପୁନରୁଦ୍ଧାର, ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା, ଅଂଶୁପା ଓ ତାମ୍ପଡ଼ା ହ୍ରଦ ଆଦି ଛୋଟ ଆର୍ଦ୍ରଭୂମିର ସଂରକ୍ଷଣ, ରାମସର ସ୍ଥାନ ସମ୍ପ୍ରସାରଣ, ଗୋଷ୍ଠୀ ସମ୍ପୃକ୍ତି ଏବଂ ଜୀବିକା ପ୍ରୋତ୍ସାହନ, ଜଳବାୟୁ ସ୍ଥିରତା ଏବଂ ବିପର୍ଯ୍ୟୟ ପ୍ରଶମନ, ସଚେତନତା ଏବଂ ଗବେଷଣା ସହଯୋଗ ଆଦି ଅନ୍ତର୍ଭୁକ୍ତ । ସମନ୍ୱିତ ପରିଚାଳନା ଯୋଜନାର ମାର୍ଗଦର୍ଶିକା ଅନୁସାରେ ସଂପୃକ୍ତ ସରକାରୀ ବିଭାଗ ଓ ବିଭିନ୍ନ ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷାକରି ବନଖଣ୍ଡ ଅଧିକାରୀ ଓ କ୍ଷେତ୍ର ପରିଚାଳକମାନେ ଏହି ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ଆର୍ଦ୍ରଭୂମିଗୁଡ଼ିକ ହେଉଛି ଆମ ରାଜ୍ୟରେ ଜୀବନ ଏବଂ ଜୀବିକାର ଜୀବନରେଖା । ଆମ ରାଜ୍ୟ ପାଇଁ ପରିବେଶ ସହ ବିକାଶର ସମନ୍ୱୟ ଜରୁରୀ । ବିଭିନ୍ନ ଆର୍ଦ୍ରଭୂମିର ପରିବେଶ-ସମ୍ବେଦନଶୀଳ ଅଞ୍ଚଳକୁ ବାଦ ଦେଇ

▶▶ ୫

### ୪ କୋଟିରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥ ହେର୍‌ଫେର୍ ମାମଲା

## ନିଲମ୍ବିତ ତହସିଲଦାର୍ ମଧୁସ୍ମିତା ସିଂ ଗିରଫ

ଭୁବନେଶ୍ୱର,୨।୯/ଏନ୍ଏନ୍ଏସ୍:



ଝାରସୁଗୁଡ଼ା ଜିଲ୍ଲାର ବହୁଚର୍ଚ୍ଚିତ ବେଲପାହାଡ଼ ମ୍ୟୁନିସିପାଲଟି ଆର୍ଥିକ ଦୁର୍ନୀତି ମାମଲାରେ ପୂର୍ବତନ ନିର୍ବାହୀ ଅଧିକାରୀ ତଥା ମୟୂରଭଞ୍ଜ ଜିଲ୍ଲା ଜାମଦାର ନିଲମ୍ବିତ ତହସିଲଦାର୍ ମଧୁସ୍ମିତା ସିଂଙ୍କୁ ମଙ୍ଗଳବାର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଗିରଫ କରିଛି । ମଧୁସ୍ମିତା ସିଂ ବେଲପାହାଡ଼ରେ କାର୍ଯ୍ୟରତ ଥିବାବେଳେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍ ନେଇ ସଙ୍ଗୀନ ଅଭିଯୋଗ ହୋଇଥିଲା । ପ୍ରଥମେ ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁକରି ତତ୍କାଳୀନ ଆକାଉଣ୍ଟାଣ୍ଟ ବିଭୁତି ସାହୁଙ୍କୁ ଗିରଫ କରିଥିଲେ । ଗତ ୨୭ ତାରିଖରେ ମାମଲା ଇଓଡବ୍ଲୁକୁ ହସ୍ତାନ୍ତର ହେବା ପରେ ୩୦ ତାରିଖରେ ସୁଶ୍ରୀ ସିଂଙ୍କୁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା ।

ସୂଚନା ଅନୁସାରେ ଏହି ଆର୍ଥିକ ହେର୍‌ଫେର୍ ମାମଲାରେ ବେଲପାହାଡ଼ ପୌରପରିଷଦର ଟ୍ରେଜରର୍ ବିଭୂତି ସାହୁଙ୍କୁ ପୁଲିସ ପୂର୍ବରୁ ଗିରଫ କରିସାରିଛି । ମଧୁସ୍ମିତା ବେଲପାହାଡ଼ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବାବେଳେ ପ୍ରାୟ ୪କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା ଏବଂ ଇଓଡବ୍ଲ୍ୟୁ ଏହାର ତଦନ୍ତ ଜାରି ରଖିଛି ।ଅର୍ଥନୀତିକ ଅପରାଧ ଶାଖାର ତଦନ୍ତରୁ ଜାଣିବାକୁ ପାଇଛି ଯେ ବର୍ତ୍ତମାନର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଚନ୍ଦ୍ର ପ୍ରଧାନ ମଧ୍ୟ ବେଲପାହାଡ଼ ପୌରପରିଷଦର କ୍ୟାସବୁକ୍ ଯାଞ୍ଚ ନକରି ପ୍ରାୟ ୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ପ୍ରଦାନ କରିସାରିଛନ୍ତି । ଶ୍ରୀ ପ୍ରଧାନଙ୍କୁ ମଧ୍ୟ ଆବଶ୍ୟକ ଦସ୍ତାବିଜ ସହ ହାଜର ହେବା ପାଇଁ ଇଓଡବ୍ଲ୍ୟୁ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି ।

ଶ୍ରୀ ପ୍ରଧାନ ଦାୟିତ୍ୱ ଗ୍ରହଣ କରିବା ସମୟରେ ପୌରପରିଷଦର କ୍ୟାସ୍‌ବୁକ୍‌ର ସ୍ଥିତି କ'ଣ ଥିଲା ଓ ସେ କେଉଁ ଆଧାରରେ ଏହି ଅର୍ଥ ପ୍ରଦାନକୁ ଅନୁମୋଦନ କରିଥିଲେ ତାହା ଇଓଡବ୍ଲ୍ୟୁ ଯାଞ୍ଚ କରିବ ବୋଲି ଜଣାପଡ଼ିଛି । ବେଲପାହାଡ଼ ପୌରପରିଷଦର ଏହି ଆର୍ଥିକ ହେର୍‌ଫେର୍ ପଦାକୁ ଆସିବା ପରେ ଟ୍ରେଜେରୀ ବିଭାଗ, ଟ୍ରେଜେରୀ ନିର୍ଦ୍ଦେଶାଳୟ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରଶାସନିକ ଅବହେଳା ମଧ୍ୟ ଉଜାଗର ହୋଇଛି ।

# ଏନ୍ଏସି ତାଲିକାରୁ ବୋଲଗଡ଼-ବେଗୁନିଆ ବାଦ୍ ହେତୁ ଜନଅସନ୍ତୋଷ ବୃଦ୍ଧି

**ବୋଲଗଡ଼,୨।୯/ଏନ୍ଏନ୍ଏସ୍:** ବୋଲଗଡ଼ ଓ ବେଗୁନିଆ ଅଞ୍ଚଳକୁ ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣାରୁ ବାଦ୍ ଦେଇଛନ୍ତି। ସ୍ୱାୟତ୍ତ ଦିବସ ଅବସରରେ ସରକାର ୭ଗୋଟି ଏନ୍ଏସିକୁ ପୌରାଞ୍ଚଳ ସହ ନୂତନ ଭାବେ ନିକଟରେ ୧୬ଟି ଓ ନିକଟ ପୂର୍ବରୁ ୧୨ଟି ଏହିପରି ମୋଟ ୨୮ଗୋଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରି ସାଧାରଣ ଜନତାକୁ ଭେଟି ଦେଇଛନ୍ତି। ତେବେ ସରକାର ବୋଲଗଡ଼ ଓ ବେଗୁନିଆକୁ ସହରାଞ୍ଚଳ(ଏନ୍ଏସି)ରେ ସାମିଲ ନକରିବା ପଛରେ କାହାର ସ୍ୱାର୍ଥ ରହିଛି ତାହା ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି ହେବା ସହ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ବୋଲଗଡ଼ ବେଗୁନିଆ ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପାଇବା ନିମନ୍ତେ ଜନସଂଖ୍ୟା, ଭିତ୍ତିଭୂମି ଆଦି ସହ ସମସ୍ତ ଆନୁସଙ୍ଗିକ ଓ ପରିବେଶ ଇତ୍ୟାଦି ରହିଥିଲେ ହେଁ ସରକାର କେଉଁ ଆଧାରକୁ ଗୁରୁତ୍ୱ ଦେଇ ଏହି ୨ ଅଞ୍ଚଳକୁ ଏନଏସି



ତାଲିକାରୁ ବାଦ୍ ଦେଇଛନ୍ତି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ଦାବିକୁ ନେଇ ପର୍ଯ୍ୟାୟକ୍ରମେ ଗତ ଅଗଷ୍ଟ ୨୨ରେ ବେଗୁନିଆ ଓ ଅଗଷ୍ଟ ୨୫ ବୋଲଗଡ଼ରେ ଏନଏସି ଗଠନ କ୍ରିୟାନୁଷ୍ଠାନ କମିଟି ଆବାହକତ୍ୱ ଓ ସ୍ଥାନୀୟ ବିଜେଡି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଉଭୟ ଅଞ୍ଚଳରେ ସମସ୍ତ ବଜାରଘାଟ ବନ୍ଦ ଥାଇ ୬ଘଣ୍ଟିଆ ହରତାଳ କରାଯାଇଥିଲା ଓ ଏନଏସି ଘୋଷଣା ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅପରପକ୍ଷେ ଉଭୟ ବୋଲଗଡ଼ ଓ ବେଗୁନିଆ ଅଞ୍ଚଳକୁ ଏନଏସି ନିଶ୍ଚିତ ଭାବେ ଘୋଷଣା କରାଯିବ ବୋଲି ସରକାରରେ ରହିଥିବା ଶାସକ ଦଳର ଖୋର୍ଦ୍ଧା ବିଜେପି ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଦାମ୍ଭିକତାର ସହ ଦୃଢ଼ ପ୍ରତିଶ୍ରୁତି ଦେଇ ଗଣମାଧ୍ୟମରେ ପ୍ରକାଶ କରିଥିଲେ। ତେବେ ଉଭୟ ୨ଗୋଟି ଅଞ୍ଚଳକୁ ସ୍ୱାୟତ୍ତ ଶାସନ ଦିବସରେ ଏନଏସି ଘୋଷଣାରୁ ବାଦ୍ ଦେବା ସହ ମୋହନ ସରକାରଙ୍କ ଅଞ୍ଚଳ ପ୍ରତି ଚରମ ଉପହାସ ତଥା ବୈମାତୃକ ମନୋଭାବ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ସରକାରଙ୍କ ପକ୍ଷରୁ ଯେପର୍ଯ୍ୟନ୍ତ ଏହି ଦୁଇ ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ରୂପେ ଘୋଷଣା କରା ନଯାଇଛି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ତଥା ହରତାଳ ଇତ୍ୟାଦି ଜାରି ରଖି ଏନ୍ଏସି କ୍ରିୟାନୁଷ୍ଠାନ କମିଟି, ସାଧାରଣ ଜନତା, ବୁଦ୍ଧିଜୀବୀ, ଆଇନଜୀବୀ ପ୍ରମୁଖ ରାଜରାସ୍ତାକୁ ଓହ୍ଲାଇବେ ବୋଲି କ୍ଷୋଭର ସହିତ ବିଧାୟକ ଶ୍ରୀ ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# କଣ୍ଟିଲୋକୁ ମିଳିଲାନି ଏନ୍ଏସି ମାନ୍ୟତା, ଆନ୍ଦୋଳନ ପାଇଁ ସଜବାଜ

**କଣ୍ଟିଲୋ,୨।୯/ଏନ୍ଏନ୍ଏସ୍:** ସମ୍ପ୍ରତି ରାଜ୍ୟରେ ବର୍ତ୍ତମାନର ଶାସକଦଳ ଦୁଇଥରରେ ୨୮ଟି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ଘୋଷଣା କରିଥିବା ବେଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଦିପୀଠ, ପ୍ରମୁଖ ପର୍ଯ୍ୟଟନସ୍ଥଳ, ୨୦ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ବାସ କରୁଥିବା ଜନବହୁଳ ଏକକ ଗ୍ରାମ ପଞ୍ଚାୟତ ଓ ଏନ୍ଏସି ପାଇଁ ସବୁ ପ୍ରକାର ଭିତ୍ତିଭୂମି ଥିବା ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ କ୍ଷେତ୍ରକୁ ସରକାର ଅଣଦେଖା କରିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୁର୍ବଳ ଓ ଅନଭିଜ୍ଞ ସ୍ଥାନୀୟ ବିଧାୟକ ଓ ସାଂସଦ ତଥା ବିଜେପି ସରକାରଙ୍କ ନେତୃମଣ୍ଡଳୀ ଯୋଗୁ ଏନ୍ଏସିର ମାନ୍ୟତା ମିଳିପାରିଲା ନାହିଁ ବୋଲି ଅଞ୍ଚଳବାସୀ କହୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ ଏହା ଯେ, ଗୋଟିଏ ଗୋଟିଏ ଜିଲ୍ଲାରେ ଦୁଇରୁ ଅଧିକ ସ୍ଥାନକୁ ଏନ୍ଏସି ମାନ୍ୟତା ଘୋଷଣା କରାଯାଇଥିବା ବେଳେ ନୟାଗଡ଼ ଜିଲ୍ଲାରୁ ବିଧାୟକଙ୍କ ସମେତ ରାଜ୍ୟ ବିଧାନସଭାର ବାଚସ୍ପତି କର୍ତ୍ତବ୍ୟରତ ଥିଲେ ହେଁ ଦୁର୍ବଳ ଓ ଅନଭିଜ୍ଞ ଯୋଗୁ ଘୋଷଣା ହୋଇଥିବା ୨୮ମଧ୍ୟରେ କଣ୍ଟିଲୋ ନାମ ନାହିଁ ବୋଲି ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ, ଗତ୨୦୨୫ ମାର୍ଚ୍ଚ ମାସରେ ମହାମହିମ ରାଷ୍ଟ୍ରପତିଙ୍କ ଗସ୍ତ ସମୟେ ନିଜେ ରାଷ୍ଟ୍ରପତିଙ୍କ ସମେତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ନିଜ ନିଜ ଭାଷଣରେ ଓଡ଼ିଶାରେ ଯେତେବେଳେ ଏନ୍ଏସି ବର୍ଦ୍ଧିତ ପାଇଁ ପଦକ୍ଷେପ ନିଆଯିବ ସେତେବେଳେ କଣ୍ଟିଲୋ ଆଦିପୀଠକୁ ଅଗ୍ରାଧିକାର ଭାବେ ଏନ୍ଏସି ମାନ୍ୟତା ଘୋଷଣା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେହି ପ୍ରତିଶ୍ରୁତି ଏବେ ମିଥ୍ୟାରେ ପରିଣତ ହୋଇଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ସେହିପରି ପୂର୍ବରୁ ୨୦୨୪ ଜାନୁଆରୀ ମାସରେ କେନ୍ଦ୍ର ରେଳମନ୍ତ୍ରୀ କଣ୍ଟିଲୋ ଗାନ୍ଧୀ ପାର୍କରେ ହୋଇଥିବା ସଭାରେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଖୁବ୍ଶୀଘ୍ର କଣ୍ଟିଲୋ ଆଦିପୀଠକୁ ଟ୍ରେନ୍ ଯାତାୟାତ କରିବ। ହେଲେ ଅଞ୍ଚଳର ଲକ୍ଷ ଲକ୍ଷ ଜନସାଧାରଣଙ୍କ ଦୁର୍ଭାଗ୍ୟ ଯେ ବିଧାୟକ, ସାଂସଦ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତଥା ବିଜେପିର ଛାମୁଆ ନେତୃମଣ୍ଡଳୀଙ୍କ ଠାରୁ ଖାଲି ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଶୁଣିବାକୁ ମିଳୁଛି। ହେଲେ ଆଜ ସୁଦ୍ଧା କାର୍ଯ୍ୟ ଘର ଶୁନ୍। ଏହାର ଜ୍ୱଳନ୍ତ ପ୍ରମାଣ ହେଉଛି ୨୪ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣ ହେଲାନାହିଁ, ଏନ୍ଏସି ହେଲାନାହିଁ ଓ ତାଳଚେର ଗୋପାଳପୁର ରେଳପଥ ଓ ନୟାଗଡ଼ରୁ କଣ୍ଟିଲୋ ରେଳ ଗଡିବା ପାଇଁ ବର୍ତ୍ତମାନ ସୁଦ୍ଧା ଆଦୌ କିଛି ପଦକ୍ଷେପ ନ ନେବା। ତେଣୁ ବିଜେପି ବିଧାୟକ, ସାଂସଦ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଏକ ଫାଙ୍କା ଗୁଳିଚାଳନା ସଦୃଶ୍ୟ ଓ ସମ୍ପୂର୍ଣ୍ଣ ଭାବେ ଅଞ୍ଚଳବାସୀଙ୍କୁ ଭୁଆଁ ବୁଲାଇ ଧୂଆଁବାଣ କରୁଥିବା ଅଭିଯୋଗ ହେଉଛି। ଏଥିପାଇଁ ଏ ଅଞ୍ଚଳର ଛାତ୍ରଛାତ୍ରୀ, ଯୁବକ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ବିଜେପି ସରକାର ଓ ଜନ ପ୍ରତିନିଧିମାନଙ୍କ ଉପରୁ ମୁହଁ ବୁଲାଉଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାର କଣ୍ଟିଲୋ ଅଞ୍ଚଳ ପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।

ପାଇକସାହି ଯୁବକଙ୍କୁ ଆକ୍ରମଣ ପରେ ଓଡ଼ଗାଁରେ ତେଜୁଛି ବିବାଦ

# ଦେବୋତ୍ତର ଜାଗା ଛାଡ଼ିବାକୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

**ଓଡ଼ଗାଁ,୨।୯/ଏନ୍ଏନ୍ଏସ୍:** ଓଡ଼ଗାଁ ଗଣେଶ ବଜାର ଠାରେ ଚାଲିଥିବା ଗଣେଶପୂଜା ଯାତ୍ରା ସମୟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଏବେ ଭିନ୍ନ ମୋଡ଼ନେଇଛି। ଗତ ୩୦ ତାରିଖ ଦିନ ପାଇକସାହିର ଜନୈକ ବ୍ୟକ୍ତିଙ୍କୁ ଅନୁସୂଚିତ ଜାତିର କିଛିବ୍ୟକ୍ତି ହାଣି ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁଲିସ ୫ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। କିନ୍ତୁ ଅନୁସୂଚିତ ଜାତିର ଯେଉଁବ୍ୟକ୍ତି ଶ୍ରୀରଘୁନାଥଙ୍କ ସେବା କରୁନାହାନ୍ତି ସେମାନଙ୍କୁ ଠାକୁରଙ୍କ ଜାଗାରୁ ଉଠାଇବାକୁ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗଣେଶ ବଜାରଠାରେ ଚାଲିଥିବା ଯାତ୍ରାରେ ଗତ ଶନିବାର ଦିନ ରାତି ସାଢେ ୧୧ଟା ସମୟରେ ପାଇକସାହିର ଭାଇଗ ନାୟକଙ୍କ ପୁଅ ପିଣ୍ଟୁ ନାୟକଙ୍କ ମୁଣ୍ଡକୁ ଅନୁସୂଚିତ ଜାତିର କିଛିବ୍ୟକ୍ତି ଫାର୍ସାରେ ହାଣି ଦେଇଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନୟାଗଡ଼ ଏବଂ ପରେ କଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହାପୂର୍ବରୁ ଗତ ମହୋତ୍ସବ ଯାତ୍ରା ସମୟରେ ଅନୁସୂଚିତ ଜାତରି ବ୍ୟକ୍ତିମାନେ ଜଣେ ଯୁବକଙ୍କ ବେକକାଟିବା ସହିତ ମୁଣ୍ଡକୁ ଆଘାତ ଦେଇଥିଲେ। ଏସବୁ ଘଟଣାକୁ ଓଡ଼ଗାଁ ଗ୍ରାମବାସୀ ନିନ୍ଦାକରିବା ସହିତ ଅଣ ସେବାସୀମାନଙ୍କୁ ରଘୁନାଥଙ୍କ ଜାଗାରୁ ଉଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁ ଅନୁସୂଚିତ ଜାତିରବ୍ୟକ୍ତି ଠାକୁରଙ୍କ ସେବା ନକରି ବର୍ଷବର୍ଷ ଧରି ଜାଗା ମାଡ଼ିବସିଛନ୍ତି ଓ ଲୋକଙ୍କୁ ବିନା କାରଣରେ ଆକ୍ରମଣ କରୁଛନ୍ତି ସେମାନଙ୍କୁ ତୁରନ୍ତ ଜାଗା ଛାଡ଼ିବାକୁ ଉପ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହିତ କିଛି ଅନୁସୂଚିତ ଜାତିର ସେବାସୀ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣକରି ମନ୍ଦିରସେବା କାର୍ଯ୍ୟରୁ ନିବୃତ୍ତ ରହୁଛନ୍ତି। ସେମାନେ ସେବାସୂତ୍ରରେ ପାଉଥିବା ସୁବିଧା ଓ ସୁଯୋଗକୁ ବାଦ ଦିଆଯାଉ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଯଦି ଆସନ୍ତା ୭ଦିନ ମଧ୍ୟରେ ଏହାର ସୁବିଚାର କରାନଯାଏ ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେବୋଲି ଚେତାବନୀ ଦେଇଛନ୍ତି।

# ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ୩ନଂ ଜୋନ୍ ସଂଯୋଜକ ମନୋନୀତ

**ଚାରିଛକ,୨।୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘକୁ ୩ଟି ଜୋନ କରାଯାଇଛି,୧ନମ୍ବର ଜୋନ ଭାବେ ପୁରୀ, ପୁରୀ ସଦର, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ, ୨ନମ୍ବର ଜୋନ ଭାବେ ପିପିଲି, ଡେଲାଙ୍ଗ, କଣାସ, ସାକ୍ଷୀଗୋପାଳ ଓ ବଳଙ୍ଗା, ୩ନଂ ଜୋନ ଭାବେ ନିମାପଡା, ଚାରିଛକ, ଗୋପ, କୋଣାର୍କ, କାକଟପୁର ଓ ଅସ୍ତରଙ୍ଗକୁ ଜୋନ୍ କରାଯାଇଛି। ୩ନଂ ଜୋନର ସଂଯୋଜକ ଭାବେ ସାମ୍ବାଦିକ ପ୍ରଫୁଲ୍ଲ କୁମାର କରଙ୍କୁ ମନୋନୀତ କରାଯାଇଛି। ଶ୍ରୀ କରଙ୍କୁ ଉକ୍ତ ଜୋନର ସଂଯୋଜକ ଭାବେ ମନୋନୀତ କରାଯାଇଥିବାରୁ ସେ ରାଜ୍ୟ ସଭାପତି ବିଭୁତି ଭୂଷଣ କର ଓ ପୁରୀ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ



ସଂଘର ନୂତନ କାର୍ଯ୍ୟକର୍ତ୍ତା ଓ ଜିଲ୍ଲାର ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଜିଲ୍ଲାର ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କୁ ନେଇ ସାଂଗଠନିକ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

# ଅଟଳ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ସାଲେପୁର,୨।୯/ଏନ୍ଏନ୍ଏସ୍:** ଅଟଳ ସେନା ପକ୍ଷରୁ ୨୦୧୯ ମସିହାରୁ ଓଡ଼ିଶା ସରକାରଙ୍କୁ ବହୁବାର ସାଲେପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ଶେଷରେ ନୂତନ ବିଜେପି ସରକାରର ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସାଲେପୁର ଗସ୍ତ ଅବସରରେ ତାଙ୍କୁ ଅଟଳ ସେନା ପକ୍ଷରୁ ସାଲେପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ଦେବା ପାଇଁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସାଲେପୁରକୁ ବିଜ୍ଞାପିତ ଅଞ୍ଚଳ ରୂପେ ଘୋଷଣା କରିଥିବାରୁ ଅଟଳ ସେନା, ଓଡ଼ିଶା ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ସ୍ଥାନୀୟ ନେତା ଅରିନ୍ଦମ ରାୟ ଓ ସାମ୍ବାଦିକ ମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନ, ମୁଖ୍ୟ ଉପଦେଷ୍ଟା ପ୍ରଫେସର୍ ବ୍ରଜବନ୍ଧୁ ଚିନାରା, ବୁଦ୍ଧିଜୀବୀ ସଙ୍ଘର ସଭାପତି ଡଃ ଉମେଶ ଚନ୍ଦ୍ର ପତି, ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡଃ ପ୍ରଭାତ କିଶୋର ନାୟକ, ଉପଦେଷ୍ଟା ପ୍ରତାପ କିଶୋର ମିଶ୍ର, ଡଃ ପୂର୍ଣ୍ଣଚନ୍ଦ୍ର ଓଝା, କବି ପ୍ରସନ୍ନ ମିଶ୍ର, ମହେଶ କର, ଉପାଧ୍ୟକ୍ଷ ଓ ଅଧିବକ୍ତା ଗୌତମ ରାୟ ଚୌଧୁରୀ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ବିଶ୍ୱାଳ, ସଙ୍ଗଠନ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ସମ୍ପାଦକ ତାପସ ରଂଜନ ତ୍ରିପାଠୀ, ମହିଳା ସଂଘର ସଭା ନେତ୍ରୀ ଦିପ୍ତିମୟୀ ରାଉତ, ପ୍ରତିଷ୍ଠାତା ସଭ୍ୟ ରଞ୍ଜିତ କେଶରୀ ଭୂୟାଁ, ଯୁବ ସଙ୍ଘ ସଂପାଦକ ଜ୍ୟୋତି ରଂଜନ ବେହୁରା, ହରେକୃଷ୍ଣ ସାମଲ, ନାଗମଣି ସ୍ୱାଇଁ, ବିନତୀ ପ୍ରଧାନ, ଝରି ସୁନ୍ଦର ମଲ୍ଲିକ, ନିଗମାନନ୍ଦ କର, ସନ୍ତୋଷ ସାମଲ, ତପନ କୁମାର ଭୂୟାଁ, ପ୍ରଶାନ୍ତ ମଲ୍ଲିକଙ୍କ ସମେତ କାର୍ଯ୍ୟକର୍ତ୍ତା ମାନେ କୃତଜ୍ଞତା ଜଣାଇଛନ୍ତି।

# ସାର୍ବଜନୀନ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା,୨।୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲାର ସର୍ବପୁରାତନ ଖୋର୍ଦ୍ଧା କ୍ଲବର ସାର୍ବଜନୀନ ଦୁର୍ଗା ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ କ୍ଲବର ପୂଜା କମିଟିର ସଭାପତି ପ୍ରାକ୍ତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ପୌରୋହିତ୍ୟରେ କ୍ଲବ ପରିସରରେ ଦୁର୍ଗାଙ୍କ ମାଟି ଉଠାଣ ପର୍ବରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଏହି କ୍ଲବର ସର୍ବାଙ୍ଗିନ ଉନ୍ନତି ପାଇଁ ନିଜର ସହଯୋଗର ହାତ ବଢାଇବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଉପଦେଷ୍ଟା ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଦେବ ପ୍ରସାଦ ତୁମଦାର, ବର୍ଷୀୟାନ ସଭ୍ୟ ପ୍ରାକ୍ତନ କୁଳପତି ଉତର ଓଡିଶା ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବରିଷ୍ଠ ସଭ୍ୟ ସବ୍ୟସାଚୀ ଚକ୍ରବର୍ତ୍ତୀ, କେନ୍ଦ୍ରସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସଂହ ସାମନ୍ତ, ଆଇନଜିବୀ ପ୍ରଫୁଲ ମହାନ୍ତି, ବିଜେନ୍ଦ୍ର ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, ନରସିଂହ ପ୍ରସାଦ ପଟ୍ଟନାୟକ ଏବଂ ଶତାଧିକ ସଭ୍ୟ ଯୋଗଦେଇ ଚଳିତ ବର୍ଷର ପୂଜାକୁ କିପରି ସୁଚାରୁ ଭାବରେ ପାଳନ କରିବେ ସେ ବିଷୟରେ ଆଲୋଚନା କରିଥିଲେ।

# ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ଦାବିପତ୍ର

**ବୟାଳିଶମୌଜା,୨।୯/ଏନ୍ଏନ୍ଏସ୍:** ୪୨ ମୌଜା ସ୍ଥିତ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟିର ସହଯୋଗରେ ଗ୍ରାମର ଅଧିକାରୀ ଚିନ୍ମୟ ଦେବତା ଓ ମହନ୍ତ ଦୁଷ୍ମନ୍ତ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟମାନଙ୍କୁ ନେଇ ୪୨ମୌଜା ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ନୂତନ ବିଦ୍ୟୁତ୍ ଗ୍ରୀଡର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଦାବିପତ୍ର ବାଦାମବାଡି ସ୍ଥିତ ବିଦ୍ୟୁତ୍ ବିଭାଗର ଅତିରିକ୍ତ କନିଷ୍ଠ ଯନ୍ତ୍ରୀ ଅମର ଜିତ୍ ପଟ୍ଟନାୟକଙ୍କ ସହିତ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ଅଧିକାରୀମାନେ ଉକ୍ତ ବିଷୟକୁ ବିଚାରକୁ ନେଇ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ କମିଟିର ସଦସ୍ୟ ସୁନିଲ ଦେବତା, ଶ୍ରୀଧର ଦେବତା, ଲକ୍ଷ୍ମୀଧର ସାହୁ, ନରହରୀ ଦେବତା, ଜଗନ୍ନାଥ ସାହୁ, ଗୌତମ ସ୍ୱାଇଁ,ଅଶୋକ ଦେବତା, ବିଶ୍ୱଜିତ୍ ଦେବତା, ଆନନ୍ଦ ଦେବତା, ସୁଜିତ୍ ଦେବତା, ଜଗନ୍ନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ବିନାୟକ ମହୋତ୍ସବରେ ଯୋଗଦେଲେ ବାଚସ୍ପତି

# ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର୍

**ଜଟଣୀ,୨।୯/ଏନ୍ଏନ୍ଏସ୍:** ସହରରେ ଐତିହାସିକ ପାରମ୍ପରିକ ରୀତିରେ ଚାଲିଛି ଗଜାନନଙ୍କ ପୂଜା। ଚଳଚଞ୍ଚଳ ମୋ ଜଟଣୀ ପୋଷ୍ଟ ଅଫିସ ଛକ ପୂଜା ମଣ୍ଡପ। ସୂର୍ଯ୍ୟ ରଥରେ ବିରାଜିତ ଗଜାନନ ମୂର୍ତ୍ତି ସାଙ୍ଗକୁ ମାତା ଲକ୍ଷ୍ମୀ ଏବଂ ସରସ୍ୱତୀ ଙ୍କ ମୂର୍ତ୍ତି ଶୋଭା ପାଉଥିବା ବେଳେ ଝିଲିମିଲି ଆଲୋକ ମାଳା, ବାଘ, ରାବଣ, ଡ୍ରାଗନ ଭଳି ମେକାନିଜମ ସରଞ୍ଜାମ ସାଙ୍ଗକୁ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଚଟପଟା ଖାଦ୍ୟର ଭରପୁର ମଜା ନେଉଛନ୍ତି ଦର୍ଶକ। ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ ପୋଷ୍ଟ ଅଫିସ ଛକ ପୂଜା ମଣ୍ଡପର ଶୋଭା ବଢ଼ାଇଲେ ରାଜ୍ୟ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ। ତାଙ୍କ ସହ ଉପସ୍ଥିତ ଥିଲେ ଭାରତୀୟ ଜନତା ଦଳର ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ଏବଂ ଦଳୀୟ କର୍ମୀ। ଏହି



ପରିପ୍ରେକ୍ଷୀରେ ଜଟଣୀର ଅଗ୍ରଣୀ ଅନୁଷ୍ଠାନ ଶିବାଂଶ ଡ୍ୟାନ୍ସ ଏକାଡେମୀର ଛୋଟ ଛୋଟ ଶିଶୁ କଳାକାର ମାନେ ଓଡିଶୀ ସହ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର ହୋଇ ଯାଇଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସଭାପତି ହେମନ୍ତ କୁମାର ସୁନ୍ଦରାୟ, ସମ୍ପାଦକ ମାନସ ମିଶ୍ରଙ୍କ ସହ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଅତିଥିମାନଙ୍କ ସହ ନୃତ୍ୟ ପରିଚାଳିକା ହରପ୍ରିୟା ପଣ୍ଡା ଏବଂ ନୃତ୍ୟାଙ୍ଗନାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିଶୁ ବିଦ୍ୟା ମନ୍ଦିରରେ ସର୍ବେକ୍ଷଣ ଶିବିର

**ବୟାଳିଶମୌଜା,୨।୯/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ଦଧିବାମନପୁର ଗ୍ରାମସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାଜତ୍ୱର ନିରାକରଣ ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବେଣ୍ଟକାର ସୌଜନ୍ୟରେ ବାଜତ୍ୱର ସର୍ବେକ୍ଷଣ-୨୫ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବେଣ୍ଟକାରର ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦେଇ ପ୍ରଥମ, ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଂପାଦକ ରବିନ୍ଦ୍ର କୁମାର ଦେବତା, ସହ ସଂପାଦିକା ସୁମିତା ଦେବତା, ପ୍ରଧାନ ଆଚାର୍ଯ୍ୟ ବିଶ୍ୱରଞ୍ଜନ ତ୍ରିପାଠୀ,ଗୀତାଞ୍ଜଳିଆଚାର୍ଯ୍ୟ, ରୋଜାଲିନ ସାହୁ ମମତା ସାହାଣୀ, ମମତା ମହାନ୍ତି, ତପସ୍ୱିନୀ ବେହେରା, ମାନସୀ ଦାଶ, ଶକୁନ୍ତଳା ଦେବତା, ମିନତୀ ଲେଙ୍କା ଉପସ୍ଥିତ ଥିଲେ।

# କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ




**ନୟାଗଡ଼,୨।୯/ଏନ୍ଏନ୍ଏସ୍:** ନୟାଗଡ଼ସ୍ଥିତ ନୀଳମାଧବ ହୋଟେଲ ଠାରେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ନୟାଗଡ ଜିଲ୍ଲା କଂଗ୍ରସ କମିଟି ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନ ସୃଜନ ଅଭିଯାନର ଅଖିଳଭାରତ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା ଦାଦ୍ରା ନଗର ହାବେଲୀର ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ମହେଶ ଶର୍ମା ଯୋଗଦେଇ ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ମାଲିକାର୍ଜୁନ ଖଡ଼ଗେ ଓ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ସହ ତୃଣମୂଳ କଂଗ୍ରେସ କର୍ମକର୍ତା ଓ କର୍ମିକ ମତାମତରେ ଜିଲ୍ଲା ସଭାପତି ଚୟନ କରିବାପାଇଁ ସାରାଭାରତବର୍ଷ ସବୁ ରାଜ୍ୟରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ନୟାଗଡ ଜିଲ୍ଲାରେ ଆଠଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସୂଚନା ଦିଆଯାଇଛି କ୍ଷ ପ୍ରତି ବ୍ଲକ,ଏନଏସିରେ ଏହି ସଂଗଠନ ସୃଜନ ଅଭିଜନ କାର୍ଯ୍ୟକ୍ରମରେ ଜିଲ୍ଲାର ମିଡ଼ିଆ, ଓକିଲ, ବଣିକ ସଂଘ, ଶ୍ରମିକ ସଂଗଠନ, ଗଣ ସଂଗଠନର କାର୍ଯ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଭେଟି ସେମାନଙ୍କ ମତାମତ ଗ୍ରହଣ କରାଯିବ। ଓଡ଼ିଶା ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ଅମର ପ୍ରଧାନ, ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତି ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ହୋଇ ଜିଲ୍ଲାରେ କଂଗ୍ରେସ ସଂଗଠନ କିପରି ସୁଦୃଢ଼ ହେବ ଏବଂ ବୁଥ ଲେବୁଲରୁ କଂଗ୍ରେସ କର୍ମୀ କଂଗ୍ରେସ ପ୍ରତି ଆକୃଷ୍ଟ ହୋଇ ସଂଗଠନକୁ ଆଗେଇ ନେବେ ଏବଂ ନୟାଗଡ଼ ଜିଲ୍ଲାରେ କଂଗ୍ରେସ କିଭଳି ସୁଫଳ ପାଇବ ତାହା ଉପରେ ଆଲୋକପାତ କରାଯାଇଥିଲା। ନୟାଗଡ଼ ଜିଲ୍ଲାରେ ଜଣେ କଂଗ୍ରେସ ସଭାପତି ହେବା ପାଇଁ ଯେଉଁ ଆଲୋଚନା ଚାଲିଛି ତା'ର ଖୁବଶିଘ୍ର ସମାଧାନ ହେବ ବୋଲି କୁହାଯାଇଛି। ଏଥିରେ ପୂର୍ବତନ ସାଂସଦ ନକୁଳ ନାୟକ, ପୂର୍ବତନ ସଭାପତି ରଞ୍ଜିତ ଦାସ,ବରିଷ୍ଠ ନେତା ହୁସେନ ଖାନ୍, ମନୋଜ କୁମାର ସାହୁ, ବିଭୁ ପ୍ରସାଦ ମିଶ୍ର, ବୈଜନ୍ତି ମାଳା ମହାନ୍ତି, କମଳ ଲୋଚନ ସାହୁ, ଫକୀର ମଲ୍ହ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ, ପୀତବାସ ଖୁଣ୍ଟିଆ, ପ୍ରତୀକ ମହାପାତ୍ର, ପ୍ରକାଶ ନାୟକ, ନୟାଗଡ଼ ବ୍ଲକ୍ ଛାତ୍ର ନେତା ସରାଫତ୍ ଖାନ୍, ଅମ୍ଳାନ ଅଂଶୁମାନ ସାହୁ, ଜୀବନ ଜ୍ୟୋତି ପ୍ରକାଶ ରାଉତ, ଶାଶ୍ୱତ ରଞ୍ଜନ ପ୍ରଧାନ, ଓମ ପ୍ରଧାନ, ତାନିଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଭକ୍ତକବି ଦ୍ୱିଜ ଗୌରଚରଣଙ୍କ ଜନ୍ମ ଉତ୍ସବ

# 'କବିଙ୍କ ପଦାବଳୀ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ଯୁଗେ ଯୁଗେ ଋଦ୍ଧିମନ୍ତ କରିବ'

**ବେଗୁନିଆ,୨।୯/ଏନ୍ଏନ୍ଏସ୍:** ବେଗୁନିଆ ମୁଖ୍ୟାଳୟରେ ଅବସ୍ଥିତ 'ଆଦର୍ଶ କ୍ଲବ' ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଭକ୍ତକବି ଦ୍ୱିଜ ଗୌରଚରଣଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛିଂ ଏହି ଉପଲକ୍ଷେ ରବିବାର ପବିତ୍ର ରାଧାଷ୍ଟମୀ ତିଥିରେ ବେଗୁନିଆ ନୂଆସାହି ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନରେ ଆୟୋଜିତ 'ଓଡ଼ିଆ ପଦାବଳୀ ସାହିତ୍ୟକୁ କବି ଗୌରଚରଣଙ୍କ ଅବଦାନ' ଶୀର୍ଷକ ଆଲୋଚନା ଚକ୍ରରେ ଅନୁଷ୍ଠାନର ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ପୌରୋହିତ୍ୟ କରିଥିଲେ। ପଣ୍ଡିତ ବିଷ୍ଣୁ ପ୍ରସାଦ କରଙ୍କ ବେଦ ପାଠ ଓ ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ସହ ଉତ୍ସବର ଶୁଭାରମ୍ଭ ହୋଇଥିଲା। ପରେ କବିଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ବୀଣାପାଣି ଓ ସଙ୍ଗୀତା ଶ୍ରୀ ପାଣିଗ୍ରାହୀଙ୍କ ରଚନା ଓ ସ୍ୱର ସଂଯୋଜନାରେ ଆବାହନୀ ସଙ୍ଗୀତ ଗାନ କରିଥିଲେ. ଏଥିରେ ବିଶିଷ୍ଟ ସାହିତ୍ୟିକ ତଥା ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡ. ଧରଣୀଧର ନାଥ ମୁଖ୍ୟ ଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ ମୁଖ୍ୟ ବକ୍ତା ଓ ଅନୁଷ୍ଠାନର ଉପଦେଷ୍ଟା ପ୍ରଫେସର ଡ. ହରିପ୍ରସାଦ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଭକ୍ତକବି ଦ୍ୱିଜ ଗୌରଚରଣଙ୍କ ରାଧାକୃଷ୍ଣଙ୍କ ଉଦ୍ଦେଶ୍ୟରେ ସମର୍ପିତ ଭକ୍ତି ପଦାବଳୀ କିଭଳି ଓଡିଶାର ଜମାନସକୁ ଆଚ୍ଛନ୍ନ ଓ ରସାପ୍ଲୁତ କରିଛି, ତାହାର ବିଭନ୍ନ ଉଦାହରଣ ଦେଇଥିଲେ। ଏହି ଅବସରରେ ଅତିଥି ଦ୍ୱୟଙ୍କୁ



ସମ୍ବର୍ଦ୍ଧିତ କରିବା ସହ କବିଙ୍କ ଉପରେ ସଂକଳିତ 'ଗୌରଚରଣ-ପ୍ରତିଭା ପରିଚିତି' ନାମରେ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ସ୍ଥାନୀୟ ଗାନ୍ଧୀସ୍ମୃତି ସ୍ଥଳରୁ ଜନସାଧାରଣ ସଂକୀର୍ତ୍ତନ ସହ ଅତିଥି ମାନଙ୍କୁ ସଭାସ୍ଥଳକୁ ପାଛୋଟି ଆଣିଥିଲେ. ସଭାରେ କବୟିତ୍ରୀ ମାନସୀ ଦାସ, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଡ. ଅଖିଳେଶ ପ୍ରସାଦ ପଣ୍ଡା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, କବିକେତନ ଗୌରାଚରଣ ସମନ୍ତସିଂହାର, ଶିକ୍ଷାବିତ ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ଶିକ୍ଷକ ଅକ୍ଷୟ କୁମାର ମହାପାତ୍ର, କବି ଦିବ୍ୟଲୋଚ ଭାରିମଲ, ଉପେନ୍ଦ୍ର ନାଥ ସାହୁ, ତ୍ରିଲୋଚନ ଗଡ଼ବାଦ, ବ୍ରଜମୋହନ ନିଶଙ୍କ, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ବଂଶୀଧର ଦଳାଇ, ଭାଗବତ ମହାପାତ୍ର, କୈଳାସ ନାଥ ପଟ୍ଟନାୟକ, ଅଶ୍ୱିନୀ କୁମାର ପଟ୍ଟନାୟକ, କାହ୍ନୁ ସାହୁ, ରସାନନ୍ଦ ସାମନ୍ତରାୟ, ସୁରେନ୍ଦ୍ର ପାଲଟାସିଂହ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗାୟକ ହରିହର ମହାପାତ୍ର ଉଦ୍ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସୁଶ୍ରୀ ସଂଘମିତ୍ରା ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ଆମ୍ବୁଲାନ୍ସରେ ଅକ୍ସିଜେନ୍ ସରିଯିବାରୁ ମହିଳାଙ୍କ ମୃତ୍ୟୁ

# ରାଜ୍ୟ ସରକାରଙ୍କୁ ଦାୟୀ କଲା ବିଜେଡି

**ଭୁବନେଶ୍ୱର,୨।୯/ଏନ୍ଏନ୍ଏସ୍:** ଗୋଟିଏ ଘରୋଇ ଆମ୍ବୁଲାନ୍ସରେ ଜଣେ ଗୁରୁତର ଅସୁସ୍ଥ ମହିଳାଙ୍କୁ କଟକ ବଡ଼ ମେଡିକାଲକୁ ଅଣାଯାଉଥିବାବେଳେ ହଠାତ ଅକ୍ସିଜେନ ଶେଷ ହୋଇଯିବାରୁ ମୃତ୍ୟୁ ହୋଇଥିବା ଖବର ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଗତ ଏକବର୍ଷ ଭିତରେ ବିପର୍ଯ୍ୟସ୍ତ ହୋଇଥିବା କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ବିଜୁ ଜନତା ଦଳ କହିଛି।



ମଙ୍ଗଳବାର ବିଜେଡିର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼. ଲେଲିନ ମହାନ୍ତି କହିଛନ୍ତି, ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇଥିବା ନେଇ ବିଜୁ ଜନତା ଦଳ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଆସୁଛି। ସରକାର ଆମ୍ବୁଲାନ୍ସଗୁଡ଼ିକର ରକ୍ଷଣାବେକ୍ଷଣ ନ କରିବା କାରଣରୁ ଆମ୍ବୁଲାନ୍ସ ସେବା ପ୍ରଭାବିତ ହୋଇଛି। ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ଏହି ଆମ୍ବୁଲାନ୍ସ ସେବା, ଫୋନ୍ କରିବାର ୨୦ ମିନିଟ ଭିତରେ ଆମ୍ବୁଲାନ୍ସ ରୋଗୀଙ୍କ ପାଖରେ ପହଞ୍ଚୁଥିଲା। କିନ୍ତୁ ଏବେ ଆମ୍ବୁଲାନ୍ସ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଗତ ଜୁଲାଇ ମାସରେ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ନିକଟବର୍ତ୍ତୀ ଏକ ଗ୍ରାମରେ ଶଙ୍କର ନାମକ ଜଣେ ଯୁବକ କ୍ରିକେଟ ଖେଳୁଥିବା ବେଳେ ଛାତିରେ ବଲ ବାଜି ଗୁରୁତର ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ କଲେଜକୁ ନିଆଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ ୧୦୮ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଆମ୍ବୁଲାନ୍ସରେ ଥିବା ଅନ୍ୟମାନେ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ୩ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିପାରି ନ ଥିଲା। ରୋଗୀଙ୍କ ଆତ୍ମୀୟ ଗୋଟିଏ ଘରୋଇ ଗାଡ଼ିରେ ରୋଗୀଙ୍କୁ ନେଇ ହସ୍ପିଟାଲରେ ପହଞ୍ଚିଲା ବେଳକୁ ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିଥିଲେ। ଡ଼. ମହାନ୍ତି କହିଛନ୍ତି, ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇ ନ ପାରିବାରୁ ଆଉ ଏକ ଅମୂଲ୍ୟ ଜୀବନ ଯାଇଛି। ବାରମ୍ବାର ଘଟୁଥିବା ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ। ଜଣଙ୍କ ପରେ ଜଣେ ମୃତ୍ୟୁବରଣ କରୁଛନ୍ତି, କିନ୍ତୁ ସରକାରଙ୍କ ନିଦ୍ରା ଭଙ୍ଗ ହେଉନାହିଁ। ମୃତ ମହିଳାଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଘୋଷଣା କରନ୍ତୁ ଓ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସେବାକୁ ପୁନଃ କାର୍ଯ୍ୟକ୍ଷମ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି।

### ବ୍ୟବସାୟୀଙ୍କଠାରୁ ୯ ଲକ୍ଷ ଲୁଟ୍ ଘଟଣା

# ୩ ହୋମଗାର୍ଡ ସମେତ ୭ ଗିରଫ



**ରାୟଗଡ଼ା,୨।୯/ଏନ୍ଏନ୍ଏସ୍:** ଗଜପତି ଜିଲ୍ଲାର ଜଣେ ବ୍ୟବସାୟୀଙ୍କଠାରୁ ଜୋର ଜବରଦସ୍ତ ପୁଲିସର ଭୟ ଦେଖାଇ ୯ ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାସ୍ ହୋଇଛି। ଏହି ମାମଲା ରାୟଗଡ଼ା ଥାନାରେ ଏତଲା ପରେ ରାୟଗଡ଼ା ଥାନା ପୁଲିସ ଘଟଣାରେ ସମ୍ପୃକ୍ତ ୩ ଜଣ ହୋମଗାର୍ଡଙ୍କ ସମେତ ୭ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ରାୟଗଡ଼ା ପୁଲିସ। ଲୁଟ୍ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବିଷମକଟକ ଥାନାର ହୋମଗାର୍ଡ ଇନ୍ଦ୍ରମଣି କରକରିଆ, କଲ୍ୟାଣସିଂହପୁର ଥାନାର ତାମନା ପ୍ରାସ୍କା ଓ ଦିଲ୍ଲୀପ ଗରଡ଼ିଆ ଓ ଅନ୍ୟ ଅଭିଯୁକ୍ତମାନେ ହେଲେ ହୀରା ନାୟକ ଗରଡ଼ିଆ, ସୀମାଞ୍ଚଳ ମାଝି, ରାଧିକା ହାଲଓ୍ୱା ଓରଫ୍ ସୁନୀତା ଏବଂ ମୁକେଶ ନାଗ। ଏହି ଲୁଟ୍ ଘଟଣାରେ ୯ ଜଣ ସମ୍ପୃକ୍ତ ଥିବା ରାୟଗଡ଼ା ପୁଲିସ ପ୍ରକାଶ କରିଛି। ରାୟଗଡ଼ା ପୁଲିସ ସେମାନଙ୍କ ପାଖରୁ ନଗଦ ୨ ଲକ୍ଷ ୮୩ ହଜାର ଟଙ୍କା, ବେଲେରୋ ଗାଡ଼ି, ମୋଟରସାଇକେଲ, ୬ଟି ମୋବାଇଲ ଜବତ କରିଥିବା ଆଜି ରାୟଗଡ଼ା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ ଧର ପ୍ରକାଶ କରିଛନ୍ତି। ସାମ୍ବାଦିକଙ୍କୁ ସୂଚନା ଦେଇ ଶ୍ରୀ ଧର ପ୍ରକାଶ କରିଛନ୍ତି ଯେ ଗତକାଲି ଗଜପତି ଜିଲ୍ଲା ଗାରାବନ୍ଧରଟି ଉମା ରେଡି ନାମକ ଜଣେ ବ୍ୟବସାୟୀ ଓ ତାଙ୍କର ୨ ବନ୍ଧୁ ଡ୍ରାଇଭର ସହ ଜୟପୁରରୁ ରାୟଗଡ଼ା ଆସୁଥିଲେ। ରାସ୍ତାରେ ରାୟଗଡ଼ା ଜିଲ୍ଲା ରାଙ୍ଗକୋଣା ଛକରେ ରାଧିକା ହାଲଓ୍ୱା ଓରଫ ସୁନୀତା ତାଙ୍କୁ ଶ୍ରମିକ ଯୋଗାଇଦେବା ନାମରେ ତାଙ୍କ ସହ କଥାବାର୍ତ୍ତା ହେଲା ସମୟରେ ୭ଜଣ ଲୋକ ଗୋଟିଏ ବୋଲେରୋ ଗାଡ଼ିରେ ଆସିଥିଲେ। ଏଥିରେ ପୁଲିସ ପୋଷାକରେ ଥିବା କିଛି ବ୍ୟକ୍ତି ଓ ଅନ୍ୟମାନେ ବ୍ୟବସାୟୀଙ୍କୁ କାହିଁକି ଏଠାକୁ ଆସିଛ, ତୁମ ଆସିବା ଉଦ୍ଦେଶ୍ୟ କ'ଣ ବୋଲି କହିଥିଲେ। ଏହା ପରେ ଏସ୍‌ପିଙ୍କୁ ଭେଟିବ ଚାଲ ବୋଲି କହିଥିଲେ। ମହିଳା ସୁନୀତା ଓ ବ୍ୟବସାୟୀ ଉମା ରେଡିଙ୍କୁ ଅଭିଯୁକ୍ତମାନେ ବୋଲେରୋ ଗାଡ଼ିରେ ବସାଇଥିଲେ। କିଛି ବାଟ ପରେ ସୁନୀତାଙ୍କୁ ରାସ୍ତାରେ ଗାଡ଼ିରୁ ଓହ୍ଲାଇ ଦେଇଥିଲେ। ଅନ୍ୟମାନେ ବ୍ୟବସାୟୀ ଉମା ରେଡ୍ଡିଙ୍କୁ ପୁଲିସର ଭୟ ଦେଖାଇଥିଲେ। ପରେ ବ୍ୟବସାୟୀଙ୍କୁ ମାରପିଟ କରିବା ସହ ତାଙ୍କ ପାଖରେ ଥିବା ୯ ଲକ୍ଷ ଟଙ୍କାକୁ ସେମାନେ ଲୁଟିନେଇ କିଛି ବାଟ ଆଗକୁ ଯାଇ ବ୍ୟବସାୟୀଙ୍କୁ ରାସ୍ତାରେ ଓହ୍ଲାଇ ଦେଇ ଲୁଟେରାମାନେ ଚାଲିଯାଇଥିଲେ। ଏହି ଘଟଣା ପରେ ବ୍ୟବସାୟୀ ଉମା ରେଡ୍ଡି ୯ ଲକ୍ଷ ଟଙ୍କା ଲୁଟ ହୋଇଥିବା ନେଇ ରାୟଗଡ଼ା ଥାନାରେ ଅଭିଯୋଗ କରିଥିଲେ। ରାୟଗଡ଼ା ଥାନା କେସ୍ ନଂ ୧୧୯, ତାରିଖ ୦୧/୦୯/- ୩୧୦ (୨) ବିଏନ୍ଏସ୍‌ରେ ମାମଲା ରୁଜୁ କରିବା ପରେ ରାୟଗଡ଼ା ପୁଲିସ ଏହି ଘଟଣାର ତଦନ୍ତ କରି ୭ ଜଣଙ୍କୁ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଫରୱାର୍ଡ କରାଯାଇଥିବା ପୁଲିସ ପ୍ରକାଶ କରିଛି।

# ଦୁଗ୍ଧ ଚାଷୀଙ୍କୁ ପିଏମ୍ଏମ୍ୱାଇ ସହ ସଂଯୋଗ କରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨।୯/ଏନ୍ଏନ୍ଏସ୍:** ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଦୁଗ୍ଧ ଚାଷୀମାନଙ୍କୁ ପିଏମ୍ଏମ୍ୱାଇ (ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା) ସହ ଅଧିକ ସଂଖ୍ୟାରେ ସଂଯୋଗ କରିବା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର କଟକ ଜିଲ୍ଲାର ଗୋବିନ୍ଦପୁର, ଅରିଲୋସ୍ଥିତ ଓମ୍‌ଫେଡ୍ ମେଗା ଡାଇରୀ ପ୍ଲାଣ୍ଟ ପରିଦର୍ଶନ ସମୟରେ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରିଛନ୍ତି। ଦୁଗ୍ଧ ଚାଷୀମାନେ ସେମାନଙ୍କ ଉଦ୍ୟମକୁ ବ୍ୟାପକ କରିବା ନିମନ୍ତେ ବ୍ୟାଙ୍କ ଋଣର ଆବଶ୍ୟକତା ରହିଛି। ଏଣୁ ବ୍ୟାଙ୍କମାନଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରି ଦୁଗ୍ଧ ଚାଷୀଙ୍କୁ ଋଣ ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ।



ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ଚାଷୀମାନଙ୍କୁ ସହାୟତା ଯୋଗଇବାର ପଦ୍ଧତି ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ କେତେକ ଚାଷୀ ଯୋଜନାର ସବ୍‌ସିଡି ପାଇଁ ଆବଶ୍ୟକୀୟ ବ୍ୟକ୍ତିଗତ ଅବଦାନ ପ୍ରଦାନ କରିବାକୁ ହଇରାଣ ହୁଅନ୍ତି, କିନ୍ତୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ସହିତ ସଂଯୋଗ କରିବା ଦ୍ୱାରା ସେମାନେ ବ୍ୟାଙ୍କ ଋଣ ପାଇ ପାରିବେ ଏବଂ ବ୍ୟବସାୟ ଆରମ୍ଭ କରିପାରିବେ କିମ୍ବା ବଢ଼ାଇପାରିବେ। ବ୍ୟାଙ୍କ ଦ୍ୱାରା ସଠିକ୍ ସମୟରେ ଋଣ ପ୍ରଦାନ ଚାଷୀଙ୍କୁ ପ୍ରେରଣା ଯୋଗାଇବା ସହିତ ଉତ୍ସାହିତ କରିବ ବୋଲି ରାଜ୍ୟପାଳ କହିଥିଲେ। ଏଣୁ ବ୍ୟାଙ୍କମାନଙ୍କ ସହ ନିୟମିତ ସମନ୍ୱୟ ରକ୍ଷା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ଏକ ବିସ୍ତୃତ ତାଲିକା ବ୍ୟାଙ୍କମାନଙ୍କୁ ପ୍ରଦାନ କରିବାକୁ ରାଜ୍ୟପାଳ ଓମ୍‌ଫେଡ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଫଳରେ ଋଣ ପ୍ରଦାନ ପ୍ରକ୍ରିୟାକୁ ସୁଗମ କରାଯାଇପାରିବ, ଯାହା ରାଜ୍ୟରେ ଦୁଗ୍ଧ ଚାଷକୁ ପ୍ରୋତ୍ସାହିତ କରିବ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ। ଏହା ଦୁଗ୍ଧ ଉତ୍ପାଦନ ଏବଂ ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସହାୟକ ହେବ ବୋଲି ରାଜ୍ୟପାଳ କହିଥିଲେ। ଏ ଦିଗରେ ଯଦି କୌଣସି ସମସ୍ୟା ଉପୁଜେ, ତେବେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ସିଧାସଳଖ ତାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି କହିଥିଲେ। ଏହି ଗସ୍ତ ସମୟରେ ରାଜ୍ୟପାଳ ମେଗା ଡାଇରୀ ପ୍ଲାଣ୍ଟର ବିଭିନ୍ନ ବିଭାଗ, ଲାବୋରାଟୋରୀ, ଘିଅ ବିଭାଗ, ଉତ୍ପାଦ ଗ୍ୟାଲେରୀ ବୁଲି ଦେଖିଥିଲେ। ଓମ୍‌ଫେଡ୍ କର୍ତ୍ତୃପକ୍ଷ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ପ୍ଲାଣ୍ଟର କାର୍ଯ୍ୟଧାରା, ପରିଚାଳନା, ମାର୍କେଟିଂ ପଦ୍ଧତି ଏବଂ ଉତ୍ପାଦ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ସହରାଞ୍ଚଳରେ ଘରେ ଘରେ ଓମ୍‌ଫେଡ୍ କ୍ଷୀର ଏବଂ ଅନ୍ୟାନ୍ୟ ଉତ୍ପାଦ ପହଞ୍ଚାଇ ଦିଆଯାଇପାରିଲେ ଏହା ଅଧିକ ଲୋକାଭିମୁଖୀ ହୋଇପାରିବ। ଏଣୁ ଏ ଦିଗରେ ଅନୁଶୀଳନ କରି ପଦକ୍ଷେପ ନେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଟ, ଓମ୍‌ଫେଡ୍‌ର ପ୍ରେସିଡେଣ୍ଟ କିଶୋର ଚନ୍ଦ୍ର ପ୍ରଧାନୀ, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ପ୍ରମୁଖ ରାଜ୍ୟପାଳଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।

### ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ବୈଠକ

# ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ମାନ ବଜାୟ ରଖିବା ପାଇଁ ପରାମର୍ଶ

**ଭୁବନେଶ୍ୱର,୨।୯/ଏନ୍ଏନ୍ଏସ୍:** ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିକାଶ ବିଭାଗର ଦୁଇଟି ବୈଠକରେ ଅଧ୍ୟକ୍ଷତା କରି ବିଭାଗ ଦ୍ୱାରା ଜନଜାତି ଅଞ୍ଚଳର ବିକାଶ ପରିପ୍ରେକ୍ଷୀରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି।



ପ୍ରଥମ ବୈଠକଟି ଜନଜାତି ଅଞ୍ଚଳର ବିକାଶ ପାଇଁ ସମ୍ବିଧାନର ୨୭୫(୧) ଅନୁଚ୍ଛେଦ ଅନୁସାରେ ରାଜ୍ୟକୁ ପ୍ରଦାନ କରାଯାଉଥିବା ଅର୍ଥର ବିନିଯୋଗ ପାଇଁ ପ୍ରକଳ୍ପ ଅନୁମୋଦନ ସମ୍ପର୍କିତ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ କାର୍ଯ୍ୟ ବାବଦକୁ ୧୭୮ କୋଟିର ପ୍ରକଳ୍ପ କମିଟି ଦ୍ୱାରା ଅନୁମୋଦନ କରାଯାଇ ଭାରତ ସରକାରକୁ ସୁପାରିଶ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ମୁଖ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରେ ଜନଜାତି ଅଞ୍ଚଳରେ ବିଦ୍ୟାଳୟଗୁଡ଼ିକରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ନୂତନ ହଷ୍ଟେଲ, ଶିକ୍ଷକମାନଙ୍କ ପାଇଁ କର୍ମଚାରୀ କ୍ୱାର୍ଟର, ରାସ୍ତା ଓ ସେତୁ ନିର୍ମାଣ ଅନ୍ତର୍ଭୁକ୍ତ ରହିଛି। କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରି ଉପଯୁକ୍ତ ଭାବେ ସମ୍ପୂର୍ଣ୍ଣ ଯୋଜନାଭିତ୍ତିକ ପ୍ରସ୍ତୁତି କରି ପ୍ରକଳ୍ପ ଶେଷ କରାଯିବା ଉପରେ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଥିଲେ। ଦ୍ୱିତୀୟ ବୈଠକ 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ'ର ରାଜ୍ୟ ସ୍ତରୀୟ ଷ୍ଟିୟରିଂ କମିଟି ବୈଠକ ଥିଲା। ଏହି ବୈଠକରେ ଗତ ୨ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ରାଜ୍ୟ କ୍ଷେତ୍ର-ଜୀବିକା ନିର୍ବାହ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯାଇଥିଲା। କୃଷି ଉତ୍ପାଦନ ବୃଦ୍ଧି, କୃଷି ଭିତ୍ତିଭୂମିରେ ଉନ୍ନତି ଏବଂ ମାଇକ୍ରୋ-ଉଦ୍ୟୋଗୀମାନଙ୍କର ପ୍ରୋତ୍ସାହନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ବିଶଦ୍ ଆଲୋଚନା କରାଯାଇଥିଲା। ଏଥିରେ ଅଦ୍ୟାବଧି ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ଉଲ୍ଲେଖନୀୟ ସଫଳତାକୁ ଉନ୍ନୟନ କମିଶନର ପ୍ରଶଂସା କରିବା ସହିତ କ୍ଷେତ୍ରସ୍ତରରେ ଯେପରି କୌଣସି ଏକା ପ୍ରକଳ୍ପ ଓ କାର୍ଯ୍ୟକ୍ରମର ପୁନରାବୃତ୍ତି ନ ହୁଏ, ତାହା ସୁନିଶ୍ଚିତ କରିବା ଏବଂ କାର୍ଯ୍ୟକ୍ରମ ତଥା ପ୍ରକଳ୍ପଗୁଡ଼ିକର ଗୁଣାତ୍ମକମାନ ବଜାୟ ରଖିବା ପାଇଁ ମଝିରେ ଆବଶ୍ୟକ ସଂଶୋଧନ ପାଇଁ ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ( ଇମ୍ପାକ୍ଟ ଆସେସମେଣ୍ଟ ଷ୍ଟଡି) କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ୨୨୫ କୋଟି ଟଙ୍କାର ବାର୍ଷିକ ଯୋଜନା ମଞ୍ଜୁର କରାଯାଇଛି। ବୈଠକରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନଙ୍କ ସମେତ କମିଟିର ସଦସ୍ୟ ଥିବା ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ସମ୍ପୃକ୍ତ ବିଭାଗମାନଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖ ବୃଦ୍ଧି

**ଭୁବନେଶ୍ୱର,୨।୯/ଏନ୍ଏନ୍ଏସ୍:** ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଆବେଦନର ଶେଷ ତାରିଖ ଅଗଷ୍ଟ ୩୦ ରହିଥିଲା। ସାମ୍ବାଦିକଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଆବେଦନର ଶେଷ ତାରିଖକୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ଯୋଜନା ଦ୍ୱାରା କର୍ମଜୀବୀ ସାମ୍ବାଦିକଙ୍କ ପରିବାର ଦେୟମୁକ୍ତ ଭାବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଚଳିତ ବର୍ଷ ନୂତନ ଏବଂ ନବୀକରଣ ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି। ଇଚ୍ଛୁକ ସାମ୍ବାଦିକମାନେ www.owjws.odisha.gov.inରେ ଆବେଦନ କରିପାରିବେ।

# 'ପ୍ରଧାନମନ୍ତ୍ରୀଙ୍କ ଦିବଙ୍ଗତ ମା'ଙ୍କୁ ଅପମାନଜନକ ଶବ୍ଦ କୁହାଯିବା ନିନ୍ଦନୀୟ'



**ଭୁବନେଶ୍ୱର,୨।୯/ଏନ୍ଏନ୍ଏସ୍:** ବିହାରର ଦରଭଙ୍ଗାରେ କଂଗ୍ରେସ-ଆରଜେଡିଙ୍କ ମଞ୍ଚରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଆରଜେଡି ନେତା ତେଜସ୍ୱି ଯାଦବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିବଙ୍ଗତ ଶ୍ରଦ୍ଧେୟ ମା'ଙ୍କୁ ଅପମାନଜନକ ଶବ୍ଦ କୁହାଯିବା ଏକ ଅତ୍ୟନ୍ତ ନିନ୍ଦନୀୟ ଓ ଲୋକତନ୍ତ୍ରକୁ ଲଜ୍ଜିତ କରୁଥିବା ଘଟଣା। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ରାଜନୀତି ଏବେ ଏମିତି ଅବମାନବୀୟ ସ୍ତରକୁ ପହଞ୍ଚିଛି ଯାହା ଦେଶର ସାଂସ୍କୃତିକ ଐତିହ୍ୟକୁ ମଧ୍ୟ ଅପମାନ କରିଛି। ଏହା ଦେଶର ସେଇ ସମସ୍ତ ମା'ଙ୍କୁ ଅପମାନ, ଯେଉଁମାନେ ଦାରିଦ୍ର୍ୟରେ ମଧ୍ୟ କଠିନ ପରିଶ୍ରମ କରି, ସନ୍ତାନଙ୍କୁ ଭଲ ସଂସ୍କାର ଦେଇ, ସମ୍ମାନଜନକ ଜୀବନ ଗଢ଼ିଥାନ୍ତି। ଆଜି ପ୍ରତ୍ୟେକ ମା'ର ହୃଦୟ ଦୁଃଖିତ, ବିହ୍ୱଳ ଓ କ୍ରୋଧିତ। ଅଗଷ୍ଟ ୨୮ରେ ରାହୁଲ ଗାନ୍ଧୀଙ୍କ ମଞ୍ଚରୁ ସମଗ୍ର ଦେଶର ମା'ମାନଙ୍କୁ ଅପମାନ କରାଗଲା। କିନ୍ତୁ ନା ରାହୁଲ ଗାନ୍ଧୀ, ନା ତେଜସ୍ୱୀ ଯାଦବ, ନା ଇଣ୍ଡିଆ ଗଠବନ୍ଧନର ଅନ୍ୟ କୌଣସି ନେତା ଏ ପର୍ଯ୍ୟନ୍ତ କ୍ଷମା ମାଗିଲେ ନାହିଁ। ଏହା ପ୍ରମାଣ କରୁଛି ଯେ ଏହି ନେତାମାନଙ୍କର ମାନସିକତା କେତେ ସଂକୀର୍ଣ୍ଣ। ଏହା ପ୍ରତ୍ୟେକ ମା', ପ୍ରତ୍ୟେକ ପୁତ୍ରଙ୍କ ଅପମାନ। ୧୪୦ କୋଟି ଭାରତୀୟ ଏହାକୁ କେବେ କ୍ଷମା କରିବେ ନାହିଁ।

# ୩୦ ଲକ୍ଷ ଟଙ୍କାର ସୁନାଗହଣା ଚୋରି

**ନୟାହାଟ,୨।୯/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡିରେ ପାଟ୍ରୋଲିଙ୍ଗ୍ ପାଇଁ ଗାଡ଼ି ନ ଥିବା ବେଳେ ଏବେ ଅଞ୍ଚଳରେ ସୁନାଗହଣା ଚୋରି ହେବାରେ ଲାଗିଛି। ଏବେ ଏଠାରେ ବଡ଼ଧରଣର ଚୋରି ହୋଇଛି। ପ୍ରକାଶ ଯେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତ ବିଶୁଲିପଡ଼ା ଗ୍ରାମର ମୁସଲମାନ ବସ୍ତିର ମିର୍ଜା ଅବୁତାହର ବେଗ ଘରେ ନଥିବା ସମୟରେ ବାହାରକୁ ଘର ତାଲା ପକେଇ ଯାଇଥିଲେ। ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ଆଲମାରି ଭିତରେ ଥିବା ୩୦ଲକ୍ଷ ଟଙ୍କାର ସୁନା ଗହଣା ଲୁଟିନେଇଛି। ଏ ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି।

ମଙ୍ଗଳବାର ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରି ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଏବଂ ଅନୁସନ୍ଧାନ ପୁଲିସ କୁକୁର ସହିତ ତଦନ୍ତ କରିଥିଲେ। ଦୁର୍ବୃତ୍ତମାନେ ଚୋରି କରିବା ସମୟରେ ଗୃହକର୍ତ୍ତାଙ୍କ ଘରେ କିଛି ବ୍ୟବହାର କରିଥିବା ସାମଗ୍ରୀ ଛାଡ଼ିଯାଇଥିଲେ, ଯାହା ପୁଲିସ ଜବତ କରିଛି। ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ପୁଲିସ ପ୍ରକାଶ କରିଛି। ଏ ନେଇ ଗୋପ ଥାନାରେ କେସ୍ ନଂ- ୨୮୭/୨୫ ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଥାଉ କି ଗତ ୨୯ ତାରିଖ ରାତିରେ ନୟାହାଟ ଫାଣ୍ଡିର ଆଲୁଦଣ୍ଡା ପାଟଣା ଗ୍ରାମର ବାସୁଦେବ ମନ୍ଦିରରୁ ଠାକୁରଙ୍କ ମଥାରୁ ୬ଲକ୍ଷ ଟଙ୍କାର ସୁନା ମଥା ମଣି ଚୋରି ହେବା ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏ ନେଇ ଗୋପ ଥାନା କେସ୍ ନମ୍ବର ୨୮୨/୨୫ ରେ ଏକ ମାମଲା ରୁଜୁ ହୋଇଥିଲା। ସିସି କ୍ୟାମେରାରେ ଅଭିଯୁକ୍ତର ଫଟୋ ଦେଖିବାକୁ ମିଳିଥିଲେ ମଧ୍ୟ ଅଦ୍ୟାବଧି କାହାରିକୁ ଗିରଫ କରାଯାଇନାହିଁ। ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ ଚୋର ଆମ ଅଞ୍ଚଳର ନୁହେଁ, ବାହାର ଅଞ୍ଚଳର। ତାକୁ ଧରିବା ପାଇଁ ଚଢ଼ଉ ଜାରି ରହିଛି। ନୟାହାଟ ଫାଣ୍ଡିରେ ପାଟ୍ରୋଲିଂ ଗାଡ଼ି ନାହିଁ। ସେଥି ପାଇଁ ଚୋରି ବଢୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏ ଦିଗରେ ପୁରୀ ଏସ୍‌ପି ପ୍ରତୀକ ସିଂ ଦୃଷ୍ଟି ଦେବାକୁ ଦାବି ହେଉଛି।

# ରାଜ୍ୟ ଏସ୍ଏନ୍ଏଆଇ ଦ୍ୱିବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

**ଭୁବନେଶ୍ୱର,୨।୯/ଏନ୍ଏନ୍ଏସ୍:** କିଟ୍ ବିଶ୍ୱବିଦ୍ୟାଳୟରେ ଷ୍ଟୁଡେଣ୍ଟ ନର୍ସେସ୍ ଆସୋସିଏସନ ଅଫ୍ ଇଣ୍ଡିଆ(ଏସ୍ଏନ୍ଏଆଇ) ଓଡ଼ିଶା ରାଜ୍ୟ ଶାଖାର ୩୧ତମ ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ତାଲିମପ୍ରାପ୍ତ ନର୍ସ ସଂଘ (ଟିଏନ୍ଏଆଇ)ର ଓଡ଼ିଶା ଶାଖା ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ ନର୍ସିଂ ସାଇନ୍‌ସେସ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଦୁଇ ଦିନିଆ ସମ୍ମିଳନୀରେ ରାଜ୍ୟରୁ ଦୁଇ ହଜାରରୁ ଊର୍ଦ୍ଧ୍ୱ ନର୍ସିଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମ୍ମିଳନୀର ବିଷୟବସ୍ତୁ ଥିଲା 'ଆଜିର ଶିକ୍ଷା, କାଲିର ନେତୃତ୍ୱ: ଜଣେ ନର୍ସିଂ ଛାତ୍ରୀଙ୍କ ଯାତ୍ରା'। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଲେ ଯେ ନର୍ସିଂ ସେବା ଏକ ବୃତ୍ତି ନୁହେଁ, ଏହା ଏକ ବ୍ରତ। ସେବା ମନୋବୃତ୍ତି ଏବଂ ପ୍ରତିବଦ୍ଧତା ହେଉଛି ନର୍ସିଂ ସେବାର ମୂଳମନ୍ତ୍ର। ନର୍ସମାନେ ଜାତି, ବର୍ଣ୍ଣ, ଧନୀ, ଗରିବ ବାଛ ବିଚାର ନ କରି ସମସ୍ତଙ୍କ ପ୍ରତି ସମାନ ଆଚରଣ ସହ ସମାନ ସେବା ଯୋଗାଇ ଦେଇଥାନ୍ତି। ସେମାନଙ୍କ ସେବା ଆଗରେ ଆମ ସମସ୍ତଙ୍କର ମୁଣ୍ଡ ନୁଆଁଇବା କର୍ତ୍ତବ୍ୟ ବୋଲି ଶ୍ରୀ ସାମଲ କହିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ନର୍ସମାନଙ୍କୁ ଭଗବାନଙ୍କ ଦୂତ ଭାବେ ଅଭିହିତ କରିଥିଲେ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ରୋଗୀ ସେବା କ୍ଷେତ୍ରରେ ନର୍ସମାନଙ୍କର ଏକ ବଡ଼ ଭୂମିକା ରହିଛି ବୋଲି ସେ କହିଥିଲେ। ରୋଗୀଟିଏ ସୁସ୍ଥ ହେବା ପାଇଁ ନର୍ସର ତ୍ୟାଗ ରହିଥାଏ। ସେଥିପାଇଁ ସମାଜରେ ନର୍ସମାନଙ୍କୁ ଅନନ୍ୟ ଭାବେ ବିବେଚନା କରାଯାଏ ବୋଲି ଶ୍ରୀ ମିଶ୍ର କହିଥିଲେ। କିମ୍ସ ମେଡ଼ିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡ଼ା. ଆର. ସି. ଦାସ କହିଲେ ଯେ ନର୍ସିଂ ଗୋଟିଏ ବୃତ୍ତି ନୁହେଁ, ଏହା ହେଉଛି ମାନବିକତା ପ୍ରତି ପ୍ରତିବଦ୍ଧତା। ଜଣେ ରୋଗୀ ପାଇଁ ଗୋଟିଏ ନର୍ସ ବହୁତ କିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ପ୍ରଫେସର ଡ଼ା. ସିବିକେ ମହାନ୍ତି, ଟିଏନ୍ଏଆଇର ଉପସଭାପତି (ପୂର୍ବାଞ୍ଚଳ) ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବାରେ ନର୍ସମାନଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଏନ୍ଏଆଇ ଓଡ଼ିଶା ଶାଖାର ସଭାପତି ତଥା କିନ୍‌ସର ପ୍ରଫେସର ଅନୁସୂୟା ପଟ୍ଟନାୟକ, କିନ୍‌ସ ଅଧ୍ୟକ୍ଷା ପ୍ରଫେସର ନିୟତୀ ଦାସ, ଟିଏନ୍ଏଆଇ ଓଡ଼ିଶା ଶାଖା ସମ୍ପାଦିକା ରଞ୍ଜିତା ସାହୁ,ଏସଏନ୍ଏଆଇ ଓଡ଼ିଶା ଶାଖା ପରାମର୍ଶଦାତା ଆଶିଷ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ସର୍ଭିସ ଟୁ ହ୍ୟୁମାନିଟି ସମ୍ମାନ ପ୍ରଦାନ କରାଯାଇଥିଲା। ରବିବାର ଏହି ଉଦ୍ଦେଶ୍ୟରେ ଏକ ଜନ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ନର୍ସିଂ ଛାତ୍ରୀ ଯୋଗଦେଇ ଲୋକଙ୍କ ମଧ୍ୟରେ ନର୍ସିଂ ସେବା ଉପରେ ସଚେତନତା ସୃଷ୍ଟି କରିଥିଲେ। ଏହା ବ୍ୟତୀତ ନର୍ସିଂ ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ଶ୍ରୀମନ୍ଦିର ନୀଳଚକ୍ର ଉପରେ ବସିଲା ଚିଲ



**ପୁରୀ,୨।୯/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର ଉପରେ ବସିଲା ଚିଲ। ଶ୍ରୀମନ୍ଦିର ନୀଳଚକ୍ର ପତିତପାବନ ବାନା ଉପରେ ଚିଲଟି ବସିଥିବା ଦେଖିବାକୁ ମିଳିଛି। ଚିଲ ଶ୍ରୀମନ୍ଦିର ଉପରେ ବସିଲେ ଅଶୁଭ ବୋଲି ଅନେକ ସେବକ ମତ ରଖିଛନ୍ତି। ତେବେ ଦୀର୍ଘ ସମୟ ଧରି ଚିଲଟି ମନ୍ଦିର ଉପରେ ବସିବା ପରେ ଉଡ଼ିଯାଇଥିବା ଦେଖିବାକୁ ମିଳିଥିଲା।

## ପୁଲିସ୍ ହେପାଜତରୁ ଖସିଗଲେ ଦୁଷ୍କର୍ମ ଅଭିଯୁକ୍ତ ଆପ୍ ବିଧାୟକ

**ଚଣ୍ଡିଗଡ଼, ୨।୯/ଏଜେନ୍ସି:** ଏକ ଦୁଷ୍କର୍ମ ମାମଲାରେ ଛନ୍ଦି ହୋଇପଡିଥିବା ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକ ହରମିତ ସିଂ ପଠାନମାଜରାଙ୍କୁ ଗିରଫ କରାଯିବା ସମୟରେ ସେ ଖସି ପଳାଇବା ଭଳି ଘଟଣା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ମଙ୍ଗଳବାର ପଞ୍ଜାବ ପୁଲିସ୍ ତାଙ୍କୁ ଗିରଫ କରି ନେଉଥିବା ସମୟରେ ହରମିତ୍‌ଙ୍କ ସମର୍ଥକମାନେ ପୁଲିସ୍ କର୍ମୀଙ୍କ ଉପରେ ଗୁଳିମାଡ଼ କରିବା ଆରମ୍ଭ କରିଦେଇଥିଲେ। ଏହି ସମୟରେ କୌଶଳକ୍ରମେ କିଛି ସମର୍ଥକ ପୁଲିସ୍ କବଳରୁ



ହରମିତ୍‌ଙ୍କୁ ଖସାଇନେଇଥିଲେ। ଏପରିକି ବିଧାୟକ ହରମିତ୍ ମଧ୍ୟ ପୁଲିସ୍ ଭ୍ୟାନ୍‌ରୁ ବାହାରିଯାଇ ସମର୍ଥକଙ୍କ ସହ ଏକ ଏସୟୁଭି ଗାଡ଼ିରେ ବସି ଫେରାର ହୋଇଯାଇଥିଲେ। ସେ ଏପରି କରୁଥିବା ସମୟରେ ଜଣେ ପୁଲିସ୍ କର୍ମୀ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ହରମିତ୍‌ଙ୍କ ଗାଡ଼ି ତାଙ୍କୁ ଜୋରଦାର ଧକ୍କା ଦେଇଥିଲା। ଫଳରେ ସମ୍ପୃକ୍ତ ପୁଲିସ୍ କର୍ମଚାରୀଜଣକ ଗୁରୁତର ଆହତ ହୋଇଛନ୍ତି। ପୁଲିସ ବିଧାୟକଙ୍କୁ ଗିରଫ କରି ସ୍ଥାନୀୟ ଥାନାକୁ ନେବା ସମୟରେ ଏହି ଘଟଣା ଘଟିଛି।

ଏକ ଦୁଷ୍କର୍ମ ମାମଲାରେ ହରମିତଙ୍କୁ ପଟିଆଲାରେ ଅଟକ ରଖାଯାଇଥିଲା। ତାଙ୍କୁ ଅଟକ ରଖାଯିବା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହି ସେ ଦଳର ମୁଖ୍ୟଙ୍କୁ ସାମାଜିକ ଗଣମାଧ୍ୟମରେ କଡ଼ା ସମାଲୋଚନା କରିଥିଲେ। ଏହା ପରେ ତାଙ୍କୁ ଗିରଫ କରାଯାଇଥିଲା। ନିଜ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ତାଙ୍କୁ ଗିରଫ କରାଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। ଏହା ସହିତ ସେ ନିଜ ସମର୍ଥକଙ୍କୁ ବହୁ ସଂଖ୍ୟାରେ ପଟିଆଲାରେ ଏକାଠି ହେବାକୁ କହିଥିଲେ। ପୁଲିସ ତାଙ୍କୁ ଥାନାକୁ ନେବା ସମୟରେ ସମର୍ଥକମାନେ ପୁଲିସ ଉପରକୁ ଗୁଳି କରି ହରମିତଙ୍କୁ ଛଡ଼ାଇ ନେଇଥିଲେ।

ପୁଲିସ୍ ଅନୁଯାୟୀ, ଅଗଷ୍ଟ ୨୬ରେ ଜଣେ ମହିଳା ହରମିତ୍ ସିଂ ପଠାନ୍‌ମାଜରାଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗ କରିଥିଲେ। ମହିଳା ଅଭିଯୋଗ କରିଥିଲେ ଯେ ବିଧାୟକ ନିଜକୁ ଛାଡପତ୍ରପ୍ରାପ୍ତ ବୋଲି ପରିଚୟ ଦେଇ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ପରେ ବିବାହିତ ହୋଇଥିଲେ ମଧ୍ୟ ୨୦୨୧ ମସିହାରେ ତାଙ୍କୁ ବିବାହ କରିଥିଲେ। ଫଳରେ ସୋମବାର ପୁଲିସ୍ ତାଙ୍କ ବିରୋଧରେ ଏକ ଦୁଷ୍କର୍ମ ମାମଲା ରୁଜୁ କରି ଗିରଫ କରିବାକୁ ଯାଇଥିଲା। ପଠାନ୍‌ମାଜରାଙ୍କ ବିରୁଦ୍ଧରେ ଦୁଷ୍କର୍ମ, ଠକେଇ ଏବଂ ଅପରାଧିକ ଧମକ ଦେବା ଭଳି ଅଭିଯୋଗ ରୁଜୁ ହୋଇଛି।

## ସେପ୍ଟେମ୍ବର ଶେଷ ସୁଦ୍ଧା ବାୟୁସେନାକୁ ମିଳିବ ପଞ୍ଚମ ପିଢିର ସ୍ୱଦେଶୀ ଯୁଦ୍ଧ ବିମାନ



**ନୂଆଦିଲ୍ଲୀ, ୨।୯/ଏଜେନ୍ସି:** ଭାରତୀୟ ବାୟୁସେନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତିର ସୂଚନା ମିଳିଛି। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ପକ୍ଷରୁ ଚଳିତ ସେପ୍ଟେମ୍ବର ୨୦୨୫ ଶେଷ ସୁଦ୍ଧା ଦୁଇଟି ତେଜସ ମାର୍କ-୧ଏ ଯୁଦ୍ଧବିମାନ ଯୋଗାଇ ଦିଆଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ର ମଙ୍ଗଳବାର ନିଶ୍ଚିତ କରିଛି। ତେଜସ ମାର୍କ-୧ଏ ଏକ ଅତ୍ୟାଧୁନିକ ଏକକ ଇଞ୍ଜିନ ବିଶିଷ୍ଟ ମଲ୍ଟି-ରୋଲ ଯୁଦ୍ଧବିମାନ, ଯାହା ବାୟୁ ପ୍ରତିରକ୍ଷା, ସାମୁଦ୍ରିକ ନିରୀକ୍ଷଣ ଓ ଆକ୍ରମଣ ଭୂମିକା ପାଇଁ ଡିଜାଇନ କରାଯାଇଛି। ଏହା ଭାରତୀୟ ବାୟୁସେନାର କାର୍ଯ୍ୟଦକ୍ଷତାକୁ ନୂଆ ଉଚ୍ଚତା ପ୍ରଦାନ କରିବ। ରିପୋର୍ଟ ଅନୁଯାୟୀ, ମୋଦି ସରକାର 'ମେକ୍ ଇନ ଇଣ୍ଡିଆ'କୁ ବଳ ଦେବା ପାଇଁ ୬୭,୦୦୦ କୋଟି ଟଙ୍କାରେ ୯୭ଟି ଅଧିକ ତେଜସ ମାର୍କ-୧ଏ ଯୁଦ୍ଧବିମାନ କ୍ରୟ ପାଇଁ ଅନୁମୋଦନ କରିଛନ୍ତି। ବର୍ତ୍ତମାନ ହାଲ୍ ପାଖରେ ୩୮ଟି ତେଜସ ବିମାନ ସେବାରେ ରହିଛି ଏବଂ ୮୦ଟି ନିର୍ମାଣାଧୀନ ଅଛି। ନୂଆ ଚୁକ୍ତି ଚୂଡ଼ାନ୍ତ ହେଲେ ଐଇଖର ଅର୍ଡର ବୁକ୍ ୪ରୁ ୫ ବର୍ଷ ପାଇଁ ପୂର୍ଣ୍ଣ ରହିବ। ତେଜସ କାର୍ଯ୍ୟକ୍ରମ ଜିଇ ଏରୋସ୍ପେସ୍‌ରୁ ଇଞ୍ଜିନ ଯୋଗାଣରେ ବିଳମ୍ବ ଭଳି କିଛି ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ତଥାପି, ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି ଯେ, ଐଇଖ ଏହି ପ୍ଲାଟଫର୍ମକୁ ସମ୍ପୂର୍ଣ୍ଣ କରି ରାଡାର ଓ ଭାରତୀୟ ଅସ୍ତ୍ରଶସ୍ତ୍ର ସଂଯୋଗ କରି ତେଜସ ମାର୍କ-୧ଏକୁ ବାୟୁସେନା ପାଇଁ ଏକ ମୁଖ୍ୟ ସମ୍ପଦ କରିବ। ବାୟୁସେନାର ବର୍ତ୍ତମାନ ୩୧ଟି ଅପରେସନାଲ ସ୍କ୍ୱାଡ୍ରନ ଥିବାବେଳେ ଅନୁମୋଦିତ ଶକ୍ତି ୪୨ଟି। ତେଜସ ମାର୍କ-୧ଏର ଅନ୍ତର୍ଭୁକ୍ତି ଏହି ଅନ୍ତରକୁ ପୂରଣ କରିବା ସହ ଭାରତୀୟ ବାୟୁସେନାର ପ୍ରତିରକ୍ଷା କ୍ଷମତାକୁ ଆହୁରି ଶକ୍ତିଶାଳୀ କରିବ।

### ଦଳ ବିରୋଧୀ ବୟାନବାଜି ପାଇଁ କାର୍ଯ୍ୟାନୁଷ୍ଠାନ

## କେ.କବିତା ବିଆର୍‌ଏସ୍‌ରୁ ନିଲମ୍ବିତ

**ହାଇଦ୍ରାବାଦ୍, ୨।୯/ଏଜେନ୍ସି:** ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ପକ୍ଷରୁ ଦଳର ଅନ୍ୟତମ ଅଗ୍ରଣୀ ଏମ୍‌ଏଲ୍‌ସି (ବିଧାନ ପରିଷଦ ସଦସ୍ୟ) କେ କବିତାଙ୍କୁ ନିଲମ୍ବିତ କରାଯାଇଛି। କେ କବିତା, କେସିଆର୍ (କେ ଚନ୍ଦ୍ରଶେଖର ରାଓ-ପୂର୍ବତନ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ)ଙ୍କ ଝିଅ ହୋଇଥିବା ବେଳେ ତାଙ୍କ କ୍ଷେତ୍ରରେ ଦଳ ପକ୍ଷରୁ ଏପ୍ରକାର କାର୍ଯ୍ୟାନୁଷ୍ଠାନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସବୁଠୁ ବଡ଼କଥା ହେଉଛି ବିଆରଏସ୍ ମୁଖ୍ୟ କେସିଆର ହିଁ ନିଜେ ଝିଅ କବିତାଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି।



ଝିଅ କବିତାଙ୍କ ବିରୋଧରେ ଏପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପଛରେ କବିତାଙ୍କର ଦଳ ବିରୋଧୀ ବୟାନବାଜି ହିଁ କାରଣ ବୋଲି କୁହାଯାଉଛି। କେ.କବିତାଙ୍କୁ ଦଳବିରୋଧୀ କାର୍ଯ୍ୟକଳାପ ଯୋଗୁଁ ନିଲମ୍ବିତ କରାଯାଉଥିବା ଭାରତ ରାଷ୍ଟ୍ର ସମିତି ପକ୍ଷରୁ କୁହାଯାଇଛି। ନିକଟରେ କବିତା ଦେଉଥିବା କିଛି ବୟାନ ଏବଂ ତାଙ୍କ ଗତିବିଧି ଦଳବିରୋଧୀ ବୋଲି ଦର୍ଶାଯାଇଛି। ଏହିକ୍ରମେ କେସିଆର୍ ମଙ୍ଗଳବାର ଜରୁରିକାଳୀନ ପ୍ରଭାବ ଅନ୍ତର୍ଗତ ଝିଅ କବିତାଙ୍କୁ ଦଳରୁ ବିତାଡିତ କରିଛନ୍ତି। ତେବେ କେ କବିତାଙ୍କ ବିରୋଧରେ କେସିଆର୍‌ଙ୍କ ଏପ୍ରକାର କାର୍ଯ୍ୟାନୁଷ୍ଠାନ ଏପରି ଏକ ସମୟରେ ଆସିଛି ଯେତେବେଳେ କି ଦିନକ ପୂର୍ବେ କବିତା ନିଜ ସମ୍ପର୍କୀୟ ୨ଭାଇଙ୍କୁ ତାଙ୍କ ବାପା କେସିଆର୍‌ଙ୍କ ବିରୋଧରେ ତଦନ୍ତ କରୁଥିବା ନେଇ କଡାଶବ୍ଦରେ ଭର୍ତ୍ସନା କରିଥିଲେ। ଏହି ଦୁଇ ସମ୍ପର୍କୀୟ ଭାଇ ହେଲେ ପୂର୍ବତନ ଜଳସେଚନ ମନ୍ତ୍ରୀ ଟି ହରିଶ ରାଓ ଏବଂ ପୂର୍ବତନ ସାଂସଦ ଜେ ସନ୍ତୋଷ ରାଓ। ଏହି ଦୁଇଜଣ ତାଙ୍କ ବାପା କେସିଆର୍‌ଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରୁଥିବା ଭଳି ସଂଗୀନ ଅଭିଯୋଗ ଆଣିଥିଲେ କେ କବିତା।

କବିତାଙ୍କ ନିଲମ୍ବନ ସମ୍ପର୍କରେ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଦଳ ଏକ ବିବୃତ୍ତିରେ କହିଛି ଯେ କବିତାଙ୍କୁ ବିଆରଏସ୍‌ରୁ ନିଲମ୍ବନ କରିବାର ନିଷ୍ପତ୍ତି କେସିଆର ନିଜେ ନେଇଥିଲେ। ବିବୃତ୍ତିରେ ଏହା ମଧ୍ୟ କୁହାଯାଇଛି ଯେ କବିତାଙ୍କ ସାମ୍ପ୍ରତିକ ମନ୍ତବ୍ୟ ଏବଂ କାର୍ଯ୍ୟକଳାପ ବିଆରଏସ୍‌ର ନୀତି ବିରୁଦ୍ଧ ଥିଲା। ଏହା ଦଳରେ ଶୃଙ୍ଖଳାଗତ ସଦ୍‌ଭାବନାକୁ ନଷ୍ଟ କରିବା ପରି ହୋଇଥିଲା ଯାହାକୁ କେସିଆର୍ କ୍ଷମା କରିପାରିନଥିଲେ। ନିଲମ୍ବନର ମାତ୍ର ଗୋଟିଏ ଦିନ ପୂର୍ବରୁ, କବିତା ଖୋଲାଖୋଲି ଭାବରେ ନିଜ ସମ୍ପର୍କୀୟଙ୍କ ବିରୁଦ୍ଧରେ ଏପ୍ରକାର ବୟାନବାଜି କରିବା ଦଳର ଭାବମୂର୍ତ୍ତିକୁ ନଷ୍ଟ କରିବା ଭଳି ହୋଇଛି ବୋଲି ବିଆର୍‌ଏସ୍ ଦର୍ଶାଇଛି।

### ମରାଠା ସଂରକ୍ଷଣ ପ୍ରସଙ୍ଗ

## ଆମରଣ ଅନଶନ ପ୍ରତ୍ୟାହାର କଲେ ଜରାଙ୍ଗେ

**ମୁମ୍ବଇ, ୨।୯/ଏଜେନ୍ସି:** ଶେଷରେ ମନୋଜ ଜରାଙ୍ଗେଙ୍କ ଦାବି ସମ୍ମୁଖରେ ମହାରାଷ୍ଟ୍ର ସରକାର ନତମସ୍ତକ ହୋଇଛନ୍ତି। ଫଳରେ ମନୋଜ ଦୀର୍ଘ ଦିନ ଧରି ଚଳାଇଥିବା ଆମରଣ ଅନଶନକୁ ଆଜି ପ୍ରତ୍ୟାହାର କରିଛନ୍ତି। ରିପୋର୍ଟ ଅନୁସାରେ ମହାରାଷ୍ଟ୍ର ସରକାରରେ ଥିବା ତିନି କ୍ୟାବିନେଟ୍ ମନ୍ତ୍ରୀ ମନୋଜ ଜରାଙ୍ଗେଙ୍କୁ ଭେଟିବା ପାଇଁ ମଙ୍ଗଳବାର ମୁମ୍ବାଇର ଆଜାଦ୍ ମୈଦାନରେ ଆସି ପହଞ୍ଚିଥିଲେ। ସେମାନେ ମରାଠା ସଂରକ୍ଷଣ ପ୍ରସଙ୍ଗରେ ମନୋଜଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଆଲୋଚନା ସମୟରେ ୩ ମନ୍ତ୍ରୀ ମନୋଜଙ୍କୁ ଆଶ୍ୱସ୍ତ କରିଥିଲେ ଯେ ମହାରାଷ୍ଟ୍ର ସରକାର ମରାଠା ସଂରକ୍ଷଣ ଆନ୍ଦୋଳନର ପ୍ରତିବାଦକାରୀଙ୍କ ବିରୁଦ୍ଧରେ ପଞ୍ଜିକୃତ ମାମଲା ପ୍ରତ୍ୟାହାର କରିବାକୁ ସହମତି ପ୍ରକାଶ କରିଛନ୍ତି। ସୁତରାଂ ସେ ଏବେ ଆମରଣ ଅନଶନ ପ୍ରତ୍ୟାହାର କରିନେବା ଉଚିତ୍। ସରକାରଙ୍କ ପକ୍ଷରୁ ଏପ୍ରକାର ପ୍ରତିଶ୍ରୁତି ମିଳିବା ପରେ ଆମରଣ ଅନଶନ ପ୍ରତ୍ୟାହାର କରିଛନ୍ତି ମରାଠା ସଂରକ୍ଷଣ ଦାବିର ଏକ ଆଇକନ୍ ପାଲଟିଥିବା ମନୋଜ ଜରାଙ୍ଗେ।



ମନୋଜଙ୍କ କହିବାନୁସାରେ ରାଜ୍ୟ ସରକାର ତାଙ୍କ ଦାବି ମାନିଛନ୍ତି ଓ ଆଜି ବିଜ୍ଞପ୍ତି ପ୍ରକାଶ ପାଇପାରେ। ସରକାର ତାଙ୍କ ଦାବି ମାନିନେବା ସମସ୍ତ ମରାଠା ସମ୍ପ୍ରଦାୟଙ୍କ ପାଇଁ ବଡ଼ ବିଜୟ। ତେବେ ଅନ୍ୟପକ୍ଷେ ମରାଠା ସମ୍ପ୍ରଦାୟକୁ କୁନବୀ'ର ଏକ ଅଂଶ ଘୋଷଣା କରି ସରକାରୀ ଆଦେଶ ଜାରି କରିବାକୁ ସେ ମହାରାଷ୍ଟ୍ର ସରକାରଙ୍କୁ ଦୁଇ ମାସର 'ଅଲଟିମେଟମ୍' ଦେଇଛନ୍ତି। ଅନ୍ୟପକ୍ଷେ ଯଦି ମହାରାଷ୍ଟ୍ର ସରକାର ମରାଠା ସଂରକ୍ଷଣ ସମ୍ପର୍କରେ ଆଜି ବିଳମ୍ବିତ ସନ୍ଧ୍ୟା ସୁଦ୍ଧା ସରକାରୀ ବିଜ୍ଞପ୍ତି ବା ସରକାରୀ ଆଦେଶ ଜାରି କରନ୍ତି, ତେବେ ସେ ଆଜି ରାତି ୯ଟା ସୁଦ୍ଧା ମୁମ୍ବାଇ ଛାଡ଼ିବେ। ନଚେତ୍ ଆଗାମୀ ଦିନରେ ପୁଣିଥରେ ସେ ଆମରଣ ଅନଶନକୁ ଓହ୍ଲାଇବାକୁ ବାଧ୍ୟହେବେ।

ପ୍ରକାଶ, ସେ ମରାଠା ସଂରକ୍ଷଣ ଦାବି ଉଠାଇ ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ। ପରେ ଏନେଇ ମଝିରେ ମଝିରେ ସେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ମଧ୍ୟ ଦେଉଥିଲେ। ତେବେ ଏହି ସମୟ ସୁଦ୍ଧା ତାଙ୍କ ସମର୍ଥନରେ ଆସୁଥିବାକିଛି ପ୍ରତିବାଦକାରୀଙ୍କ ବିରୋଧରେ ମାମଲା ପଞ୍ଜିକୃତ କରାଯାଇଥିଲା। ମନୋଜ ପ୍ରାଥମିକ ଦାବି ଭାବେ ଏହି ପ୍ରତିବାଦକାରୀଙ୍କ ବିରୋଧରେ ରୁଜୁ ମାମଲାଗୁଡ଼ିକୁ ଖାରଜ କରିବାକୁ ଦାବି କରିଆସୁଥିଲେ। ଶେଷରେ ଆଜି ରାଜ୍ୟ ସରକାର ଜରାଙ୍ଗେଙ୍କ ଦାବିକୁ ମାନିନେଇଛନ୍ତି।

### କ୍ଷୋଭ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

## 'ମୋ ମାଆ ଏବେ ଦୁନିଆରେ ନାହାନ୍ତି, ତଥାପି ତାଙ୍କୁ ଅପମାନିତ କରାଯାଉଛି'



**ପାଟନା, ୨।୯/ଏଜେନ୍ସି:** ବିହାରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍ସ ମାଧ୍ୟମରେ ସମ୍ବୋଧିତ କରିବାକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ମୋଦୀ କହିଛନ୍ତି ଯେ, ଆଜି ଦିନରେ ତାଙ୍କ ମା' ହୀରାବେନ୍ ଏ ଦୁନିଆରେ ନାହାନ୍ତି, ତାଙ୍କ ମା'ଙ୍କର ରାଜନୀତି ସହ କୌଣସି ସମ୍ପର୍କ ମଧ୍ୟ ନଥିଲା କିନ୍ତୁ ତାଙ୍କ ମା'ଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅପମାନିତ କରାଯାଉଛି। ଏହା ଏକ କୁତ୍ସିତ ରାଜନୀତି ଯାହାକି ବିରୋଧୀ କରୁଛନ୍ତି। ଏହିକ୍ରମେ ମୋଦୀ କଂଗ୍ରେସ ଏବଂ ଆରଜେଡିର ନେତାମାନଙ୍କୁ କଡା ଶବ୍ଦରେ ଭର୍ତ୍ସନା ମଧ୍ୟ କରିଛନ୍ତି। କଂଗ୍ରେସ-ଆରଜେଡି ମଞ୍ଚରୁ ତାଙ୍କ ଦିବଂଗତ ମା'ଙ୍କ ପ୍ରତି କରାଯାଇଥିବା ଅପମାନ ପାଇଁ ହୁଏତ ସେ (ମୋଦୀ) କ୍ଷମା କରିଦେଇପାରନ୍ତି କିନ୍ତୁ ବିହାରବାସୀ ଏବଂ ବିହାରର କୋଟି କୋଟି ମା' ଭଉଣୀମାନେ ଏଥିପାଇଁ କଦାପି କ୍ଷମା କରିବେ ନାହିଁ।

'ବିହାରରେ ମହିଳା ଉଦ୍ୟୋଗୀମାନଙ୍କୁ ସହଜ ପାଣ୍ଠି ଯୋଗାଇବା ପାଇଁ ବିହାର ରାଜ୍ୟ ଜୀବିକା ନିଧି ସାଖ୍ ସହକାରୀ ସଂଘ ଲିମିଟେଡ୍‌ର ଶୁଭାରମ୍ଭ କରିବା ଅବସରରେ ମନରେ ଥିବା ଯନ୍ତ୍ରଣା ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ମା' ହେଉଛନ୍ତି ଆମର ବିଶ୍ୱ, ମା' ହେଉଛନ୍ତି ଆମର ସଂସ୍କାର।" କିନ୍ତୁ ଏବେ କିଛି ଲୋକ ମା' ଭଳି ପବିତ୍ର ଶବ୍ଦକୁ ମଧ୍ୟ କଳଙ୍କିତ କରିବାକୁ ଚେଷ୍ଟା କରୁଛନ୍ତି। ବିରୋଧୀମାନେ ଭୁଲିଯାଉଛନ୍ତି ଯେ, ବ୍ୟବହୃତ ଅପବାଦ କେବଳ ତାଙ୍କ ମାଆଙ୍କ ପାଇଁ ନୁହେଁ, ବରଂ କୋଟି କୋଟି ମାଆ ଏବଂ ଭଉଣୀଙ୍କ ପାଇଁ ଥିଲା। ରାଜପରିବାରରେ ଜନ୍ମିତ ରାଜକୁମାରମାନେ ଜଣେ ଅବହେଳିତ ମାଆ ଏବଂ ତାଙ୍କ ପୁଅର ସଂଘର୍ଷର ଦୁଃଖ ବୁଝିପାରିବେ ନାହିଁ। କାରଣ ସେମାନେ ରାଜନୈତିକ ବଂଶଧର। ଏମାନେ କେବଳ କ୍ଷମତା ପାଇବା ପାଇଁ ଯେକୌଣସି ସ୍ତରକୁ ଯାଇପାରିବେ। ସେମାନେ ଆଜି ପର୍ଯ୍ୟନ୍ତ ତାଙ୍କୁ 'ନୀଚ, ସାପ, ତୁ' ଭଳି ଅତ୍ୟନ୍ତ କଟୁ ଶବ୍ଦ ବ୍ୟବହାର କରିଆସୁଛନ୍ତି। କିନ୍ତୁ ଏସବୁରେ ସେ ବ୍ୟଥିତ ନୁହଁନ୍ତି କାରଣ ସମଗ୍ର ଦେଶବାସୀ ତାଙ୍କୁ ଭଲପାଉଛନ୍ତି, ସ୍ନେହ ଆଦର ସମ୍ମାନ ଦେଉଛନ୍ତି।

ଅନ୍ୟପକ୍ଷେ ବରିଷ୍ଠ କଂଗ୍ରେସ ନେତା ପୱନ ଖେରା କହିଛନ୍ତି ଯେ ଗିରଫ ମହମ୍ମଦ ରିଜ୍‌ଭି ବିଜେପିର ଜଣେ 'ଏଜେଣ୍ଟ। ଉଦ୍ଦେଶ୍ୟମୂଳକ ଭାବେ କଂଗ୍ରେସର କାର୍ଯ୍ୟକ୍ରମରେ ରିଜ୍‌ଭିଙ୍କୁ ପ୍ରବେଶ କରାଇ ଏକ ରାଜନୈତିକ ଝଡ଼ ସୃଷ୍ଟି କରିବା ପାଇଁ ଏପ୍ରକାର ଅପଶବ୍ଦର ବ୍ୟବହାର କରାଯାଇଥିଲା। ଏସବୁ ବିଜେପି ପ୍ରାୟୋଜିତ ଥିଲା। କଂଗ୍ରେସର ଭୋଟର ଅଧିକାର ଯାତ୍ରାକୁ ନେଇ ଶାସକ ଦଳ ହତାଶ ହୋଇପଡିଛନ୍ତି। ସେମାନେ ଧ୍ୟାନ ହଟାଇବାକୁ ଚାହୁଁଛନ୍ତି। ବିଜେପି ରାଜନୈତିକ ପଏଣ୍ଟ ସ୍କୋର କରିବା ପାଇଁ ଏହି ପ୍ରସଙ୍ଗକୁ ବଜାୟ ରଖିଛି। ସେହିପରି ଆରଜେଡି ନେତା ମୃତ୍ୟୁଞ୍ଜୟ ତିୱାରୀ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ ଏବେ ବିହାରରେ ରାଜନୈତିକ ଲାଭ ଉଠାଇବା ପାଇଁ ତାଙ୍କ ଦିବଂଗତ ମାଆଙ୍କୁ ଢାଲ ଭାବରେ ବ୍ୟବହାର କରୁଛନ୍ତି ଏବଂ ଭୋଟ୍ ପାଇଁ ସିମ୍ପାଥି ଭୋଟ୍‌ବ୍ୟାଙ୍କ୍ ଖେଳ ଖେଳୁଛନ୍ତି। ଯେତେବେଳେ ରାହୁଲ ଗାନ୍ଧୀଙ୍କ ମାଆଙ୍କୁ ଅପମାନିତ କରାଯାଉଛି ସେତେବେଳେ ପ୍ରଧାନମନ୍ତ୍ରୀ କାହିଁକି ଚୁପ୍ ରୁହନ୍ତି ବୋଲି ତିୱାରୀ ପ୍ରଶ୍ନ କରିଛନ୍ତି।

ଉଲ୍ଲେଖଯୋଗ୍ୟ,ଅଗଷ୍ଟ ୨୭ରେ ବିହାରର ଦରଭଙ୍ଗା ଠାରେ ଆୟୋଜିତ କଂଗ୍ରେସର ଭୋଟର ଅଧିକାର ଯାତ୍ରା ସମୟରେ ମହମ୍ମଦ୍ ରିଜ୍‌ଭୀ ନାମକ ଜଣେ ଯୁବକ (କଂଗ୍ରେସ କର୍ମୀ ବୋଲି ଦାବି କରାଯାଉଛି) ମୋଦୀ ଏବଂ ତାଙ୍କ ଦିବଂଗତ ମା'ଙ୍କ ବିରୋଧରେ କିଛି ଅପମାନଜନକ ଶବ୍ଦ ବ୍ୟବହାର କରିଥିଲେ। ଅବଶ୍ୟ ସେହିସମୟରେ ରାହୁଲ କିମ୍ବା ତେଜସ୍ୱୀ ମଞ୍ଚ ଉପରେ ନଥିଲେ। କିନ୍ତୁ ଏହାକୁ ନେଇ ପ୍ରଦେଶ ବିଜେପି କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା ଯାହାକି ପରବର୍ତ୍ତୀ ସମୟରେ କଂଗ୍ରେସ-ବିଜେପି କର୍ମୀଙ୍କ ମଧ୍ୟରେ ତୁମୁଳ ସଂଘର୍ଷର ରୂପ ନେଇଥିଲା। ଅବାଶ୍ୟ ପରେ ପୁଲିସ୍ ଏକ ମାମଲା ରୁଜୁ ପୂର୍ବକ ରିଜ୍‌ଭିଙ୍କୁ ଗିରଫ କରିବା ପରେ ପରିସ୍ଥିତି ସାମାନ୍ୟ ଶାନ୍ତ ପଡ଼ିଥିଲା।

### ମୋଦୀଙ୍କ ମା'ଙ୍କ ପ୍ରତି ଅଶାଳୀନ ଟିପ୍ପଣୀ ପ୍ରସଙ୍ଗ

## ୪ରେ ବିହାର ବନ୍ଦ ଡାକରା ଦେଲା ଏନ୍‌ଡିଏ

ଆସନ୍ତା ୪ ତାରିଖରେ ବିହାର ବନ୍ଦ' ଡାକରା ଦେଇଛି ଏନ୍‌ଡିଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ଙ୍କ ପ୍ରତି ଦିଆଯାଇଥିବା ଅଶାଳୀନ ଟିପ୍ପଣୀର ତୀବ୍ର ପ୍ରତିବାଦ କରି ଏନ୍‌ଡିଏ ପକ୍ଷରୁ ଏପ୍ରକାର ବନ୍ଦ ଡାକରା ଦିଆଯାଇଛି। ମଙ୍ଗଳବାର ପାଟନାରେ ଆୟୋଜିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ଘୋଷଣା କରାଯାଇଛି। ମିଳିଥିବା ସୂଚନାନୁସାରେ ଆସନ୍ତା ୪ ତାରିଖ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିହାର ବନ୍ଦ ରହିବ। ତେବେ ବନ୍ଦ ସମୟରେ ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେବ ନାହିଁ ଏବଂ ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଏବଂ ଗଣତାନ୍ତ୍ରିକ ଉପାୟରେ ଆୟୋଜିତ ହେବ ବୋଲି ଏନଡିଏ ସ୍ପଷ୍ଟ କରିଛି।

ପ୍ରଦେଶ ବିଜେପି ସଭାପତି ଦିଲୀପ ଜୟସୱାଲ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦିବଂଗତ ମାଆଙ୍କୁ ଯେପରି ଅପମାନିତ କରାଯାଇଛି, ଏହା କୋଟି କୋଟି ଲୋକଙ୍କ ଭାବନାକୁ ଆଘାତ ଦେଇଛି। ଏନ୍‌ଡିଏର ସମସ୍ତ ସାଂଗଠନିକ ଦଳ ଏହି ଲଜ୍ଜାଜନକ ବୟାନର ଦୃଢ଼ ବିରୋଧ କରିବେ। ଘୋଷଣା ଅନୁଯାୟୀ, ବନ୍ଦର କମାଣ୍ଡ ବିଜେପି ମହିଳା ମୋର୍ଚ୍ଚାକୁ ଦିଆଯାଇଛି। ମହିଳା ମୋର୍ଚ୍ଚାର କର୍ମୀମାନେ ରାସ୍ତାକୁ ଓହ୍ଲାଇ ପ୍ରତିବାଦର ନେତୃତ୍ୱ ନେବେ। ତେବେ ସମସ୍ତ ଏନ୍‌ଡିଏ ସହଯୋଗୀ ଦଳର ରାଜ୍ୟ ସଭାପତିମାନେ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ଏବଂ ଏକତା ପ୍ରଦର୍ଶନ କରି ବନ୍ଦକୁ ସଫଳ କରିବାକୁ ନିବେଦନ କରିଥିଲେ।

### ଆଫଗାନିସ୍ତାନ ଭୂକମ୍ପ

## ମୃତ୍ୟୁ ସଂଖ୍ୟା ୧୪୦୦ ଛୁଇଁଲା



**କାବୁଲ, ୨।୯/ଏଜେନ୍ସି:** ରବିବାର ବିଳମ୍ବିତ ରାତିରେ ଆଫଗାନିସ୍ତାନର ଜଲାଲାବାଦ୍ ପ୍ରାନ୍ତରେ ସଂଘଟିତ ଭୂକମ୍ପଜନିତ ବିପର୍ଯ୍ୟୟ ଭୟାବହ ପରିଣତି ସୃଷ୍ଟି କରିଛି। ମଙ୍ଗଳବାର ରାତ୍ର ୧୦ଟା ସୁଦ୍ଧା ଏଠାରେ ମୃତ୍ୟୁସଂଖ୍ୟା ୧୪୦୦ ଛୁଇଁଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୋମବାର ପ୍ରଶାସନ ପକ୍ଷରୁ ମୃତ୍ୟୁସଂଖ୍ୟା ୮୦୦ ରହିଥିବା ନେଇ କୁହାଯାଇଥିବା ବେଳେ ମଙ୍ଗଳବାର ରିପୋର୍ଟ ଲେଖାହେବା ସୁଦ୍ଧା ମୃତ୍ୟୁସଂଖ୍ୟା ୧୪୧୧ରେ ପହଞ୍ଚିଛି। ସେହିପରି ଏବେ ବି ଅନେକ ଲୋକ ନିଖୋଜ ଥିବାରୁ ଭଗ୍ନାବଶେଷ ତଥା ମାଟିତଳେ ଅନେକ ଲୋକ ଦବି ହୋଇ ରହିଥିବା ଆଶଙ୍କା କରାଯାଉଛି। ଗୋଟିଏ ପଟେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ମାଟିତଳୁ କେବଳ ମୃତଦେହଗୁଡ଼ିକ ମିଳୁଛି। ଫଳରେ ଚାରିଆଡେ ଏବେ କେବଳ କୁଢ଼କୁଢ଼ ଶବର ପାହାଡ ସୃଷ୍ଟି ହୋଇଛି। ଅନ୍ୟପଟେ ଆହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଁ ୩୧୦୦ରେ ପହଞ୍ଚିଛି।

ଆଫଗାନିସ୍ତାନରେ ସଂଘଠିତ ୬.୦ ତୀବ୍ରତାର ଭୂକମ୍ପ ଝଟ୍‌କାରେ ୫୪୦୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ହଜାର ହଜାର ସଂଖ୍ୟକ ଗୃହପାଳିତ ପଶୁ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ଗୋଟିଏ ଗୋଟିଏ ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି। ଭୂକମ୍ପକୁ ଇତି ମଧ୍ୟରେ ୨ ଦିନ ବିତିଥିବା ବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜଲାଲବାଦରୁ ୨୭ କିଲୋମିଟର ପୂର୍ବ-ଉତ୍ତର ପୂର୍ବ ଦିଗରେ ଏହାର ଭୂକମ୍ପର କେନ୍ଦ୍ର ସ୍ଥଳ ରହିଥିଲା। ଭୂକମ୍ପର ଝଟକା ଏତେ ତୀବ୍ର ଥିଲା ଯେ, ପାକିସ୍ତାନ ସହ ଦିଲ୍ଲୀ ଏନସିଆର ଓ ନୋଏଡାରେ ବି ଝଟ୍‌କା ଅନୁଭୂତ ହୋଇଥିଲା। ଆଫ୍‌ଗାନିସ୍ତାର ଏପରି ସଙ୍କଟ ସମୟରେ ଭାରତ ପକ୍ଷରୁ ଆଫଗାନିସ୍ତାନକୁ ରିଲିଫ ସାମଗ୍ରୀ ପ୍ରେରଣ କରାଯାଇଛି। ଏଥିସହିତ ଆଗାମୀ ଦିନରେ ଅଧିକ ରିଲିଫ୍ ଓ ଅନ୍ୟ ସମସ୍ତ ପ୍ରକାର ସହଯୋଗ ପଠାଯିବାର ପ୍ରତିଶ୍ରୁତି ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଭୂକମ୍ପ ସମୟର ଏବଂ ଭୂକମ୍ପ ପରବର୍ତ୍ତୀ ଅନେକ ଦୃଶ୍ୟ ଥିବା ଭିଡିଓ ଏବେ ସାମାଜିକ ଗଣମାଧ୍ୟରେ ପ୍ରଘଟ ହେବାରେ ଲାଗିଛି। ଲୋକମାନେ ବିକଳରେ ଚିତ୍କାର କରୁଥିବାର ଦୃଶ୍ୟ ସମଗ୍ର ବିଶ୍ୱକୁ ଆନ୍ଦୋଳିତ କରିଛି।

## ମୁକ୍ତିଲାଭ କଲା ହୀର୍ ଏକ୍ସପ୍ରେସ୍‌ର ଆଉ ଏକ ମ୍ୟୁଜିକାଲ୍ ଟ୍ରାକ୍ 'ନା ତେରେ ଜୈସା ୟାର୍ ମିଲେୟା'

**ମୁମ୍ବାଇ, ୨।୯/ଏଜେନ୍ସି:** ମୁକ୍ତିଲାଭ ଅପେକ୍ଷାରେ ଥିବା ଚଳଚ୍ଚିତ୍ର 'ହୀର୍ ଏକ୍ସପ୍ରେସ'ର ଆଉ ଏକ ସୁନ୍ଦର ମ୍ୟୁଜିକାଲ୍ ଟ୍ରାକ୍ "ନା ତେରେ ଜୈସା ୟାର୍ ମିଲେୟା" ଜୀ ମ୍ୟୁଜିକ୍ କମ୍ପାନୀ ପକ୍ଷରୁ ମୁକ୍ତିଲାଭ କରିଛି। ଯେତେବେଳେ ସଙ୍ଗୀତ ପ୍ରେମର ସାର ବହନ କରେ ଏବଂ ଅବ୍ୟକ୍ତ ଭାବନା କେବଳ ଏକ ନଜରରେ ହିଁ ପ୍ରାଣବନ୍ତ ହୋଇଉଠେ ସେତେବେଳେ ଆପଣ "ନା ତେରେ ଜୈସା ୟାର୍ ମିଲେୟା" ଭଳି ହୃଦୟସ୍ପର୍ଶୀ ରୋମାଣ୍ଟିକ୍ ସଂଗୀତକୁ ନିଜ ଭିତରେ ଅନୁଭବ କରନ୍ତି। 'ହୀର ଏକ୍ସପ୍ରେସ୍'ର ମୁକ୍ତିଲାଭ କରିସାରିଥିବା ଅନ୍ୟ ଟ୍ରାକ୍‌ଗୁଡ଼ିକ ଭଳି ଏହି ରୋମାଣ୍ଟିକ୍ ମ୍ୟୁଜିକାଲ୍ ଟ୍ରାକ୍ ମଧ୍ୟ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରୁଥିବାର ଦେଖିବାକୁ ମିଳିଛି। "ନା ତେରେ ଜୈସା ୟାର୍ ମିଲେୟା" ଟ୍ରାକ୍ ଟି ତନିଷ୍କ ବାଗ୍‌ଚିଙ୍କ ଦ୍ୱାରା ରଚିତ ହୋଇଥିବା ବେଳେ ଏହାର ପ୍ରତ୍ୟେକ ନୋଟ୍‌ରେ ଗଭୀରତା ଏବଂ ଭାବପ୍ରବଣତାର ଏକ ଆଶ୍ଚର୍ଯ୍ୟଜନକ ମିଶ୍ରଣ ଦେଖିବାକୁ ମିଳିଛି। ଏପ୍ରକାର ଏକ ରୋମାଣ୍ଟିକ୍ ସଂଗୀତର ସୃଜନ ସହ ସେ ପୁଣି ଥରେ ପ୍ରେମକୁ ଏକ ଅଭିଭାଷିତ ସୁରରେ ପରିଣତ କରିଛନ୍ତି। ଏଠାରେ, ପ୍ରେମ କେବଳ ଗୀତରେ ନୁହେଁ, ବରଂ ନୀରବତାରେ, ଅକଥିତ ଭାବନାରେ ଏବଂ ପ୍ରତ୍ୟେକ ହୃଦସ୍ପନ୍ଦନରେ ରହିଯାଏ।




ପ୍ରଥମ ପ୍ରେମର ନିର୍ଦ୍ଦୋଷତାକୁ କଏଦ୍ କରୁଥିବା ଲଭ୍ କେମିଷ୍ଟ୍ରିକୁ ଅନ୍ ସ୍କ୍ରିନ୍‌ରେ ଦିଭିତା ଜୁନେଜା ଏବଂ ପ୍ରୀତକାମନି ମିଳିତ ଭାବେ ନିଜ ନିଖୁଣ ଅଭିନୟ ମାଧ୍ୟମରେ କାହାଣୀକୁ ଜୀବନ୍ତ କରି ଗଢ଼ିତୋଳିଛନ୍ତି। ଦିଭିତା ଜୁନେଜାଙ୍କ ପାଇଁ ଏହା ଏକ ଡେବ୍ୟୁ ଚଳଚ୍ଚିତ୍ର ହୋଇଥିଲେ ମଧ୍ୟ ସେ ନିଜ ଆଭ୍ୟନ୍ତରୀଣ ଯାଦୁକରୀ ଅଭିନୟ ପ୍ରତିଭା ମାଧ୍ୟମରେ ସହଜରେ ହୀର ଭୂମିକାକୁ ପ୍ରସ୍ଫୁଟିତ କରିଛନ୍ତି। ହୀର ଚରିତ୍ରରେ ତାଙ୍କର ଆନ୍ତରିକତାପୂର୍ଣ୍ଣ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରେ, ଯେତେବେଳେକି ପ୍ରୀତ୍‌କାମନିଙ୍କ ସମ୍ବେଦନଶୀଳ ଅଭିନୟ କାହାଣୀରେ ଗଭୀରତାକୁ ଯୋଡିବାରେ ସହଯୋଗ କରିଛି। ଲଣ୍ଡନ୍‌ର ମନୋରମ ପୃଷ୍ଠଭୂମିରେ ସୁଟିଂ ହୋଇଥିବା ଏହି ମ୍ୟୁଜିକାଲ୍ ଟ୍ରାକ୍‌ଟି ଆଦିଲ୍ ଶେଖଙ୍କ ଦ୍ୱାରା ନୃତ୍ୟ ନିର୍ଦ୍ଦେଶିତ ହୋଇଛି, ଯିଏକି ପ୍ରତ୍ୟେକ ଫ୍ରେମ୍‌କୁ ଏକ ସିନେମାଟିକ୍ ଆନନ୍ଦରେ ପରିଣତ କରି ଗଢ଼ିତୋଳିବାର ପ୍ରୟାସ କରିଛନ୍ତି। ଅଲତମଶ ଫରିଦି ଏବଂ ଶ୍ରେୟା ଜୈନ୍ ସେମାନଙ୍କର ସ୍ୱର ଦେଇ ଏହି ଗୀତଟିରେ ଉଷ୍ମତା ଏବଂ ଭାବନା ଯୋଗ କରିଛନ୍ତି।

ଏହା ପ୍ରଥମ ଥର ନୁହେଁ ଯେତେବେଳେ ହିର ଏକ୍ସପ୍ରେସ୍ ଏପ୍ରକାର ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରିଛି। ପୂର୍ବ ଟ୍ରାକ୍‌ଗୁଡ଼ିକ ଯେପରିକି ଭେ ରାଞ୍ଝଣା, ଡୋରେ ଡୋରେ ଦିଲ୍ ପେ ତେରେ, ଆଇ ଲଭ୍ ମାଇ ଇଣ୍ଡିଆ ଏବଂ ହିର ମେଁ ଭେଖି ଭଳି ମ୍ୟୁଜିକାଲ ଟ୍ରାକ୍‌ଗୁଡ଼ିକ ବହୁପୂର୍ବରୁ ହିଁ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛି। ଏସମସ୍ତ ସଂଗୀତଗୁଡ଼ିକ ଏକ ନୂତନ ମନୋଭାବ ଏବଂ ଭାବନା ଆଣିଥାଏ, କିନ୍ତୁ ନା ତେରେ ଜୈସା ୟାର ମିଲେୟା' ଟ୍ରାକ୍‌ଟି ଚଳଚ୍ଚିତ୍ରର ସବୁଠାରୁ ରୋମାଣ୍ଟିକ ଏବଂ ହୃଦୟସ୍ପର୍ଶୀ ଅଧ୍ୟାୟ ଭାବରେ ଉପସ୍ଥାପିତ ହୋଇଛି। ଉମେଶ ଶୁକ୍ଲାଙ୍କ ନିର୍ଦ୍ଦେଶିତ, 'ହିର ଏକ୍ସପ୍ରେସ୍' ଏକ ସୁସ୍ଥ ପାରିବାରିକ ମନୋରଞ୍ଜନକାରୀ ଚଳଚ୍ଚିତ୍ର ଯାହା ସେପ୍ଟେମ୍ବର ୧୨ରେ ସିନେମା ହଲରେ ମୁକ୍ତିଲାଭ କରିବ।

## ଓଷ୍ଟା ପକ୍ଷରୁ ୫ଦଫା ଦାବିପତ୍ର ପ୍ରଦାନ

**କନ୍ଧମାଳ,୨୧୯/ଏନ୍‌ଏନ୍‌ଏସ୍:** ଓଡିଶା ସ୍କୁଲ କଲେଜ ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ କନ୍ଧମାଳ ଶାଖା ତରଫରୁ କନ୍ଧମାଳ ଓଷ୍ଟା ସଭାପତି ଚତୁର୍ଭୁଜ ରାଉତ ଓ ଜିଲ୍ଲା ସମ୍ପାଦକ ରଞ୍ଜନ କୁମାର ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ୫ ଦଫା ଦାବିପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ପ୍ରକାରେ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ



ଗୁଡ଼ିକରୁ ଅବସର ନେଉଥିବା ଶିକ୍ଷକ ଶିକ୍ଷକ କର୍ମଚାରୀ ମାନଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନସନ, ଅବସର କାଳୀନ ସୁବିଧା ପ୍ରଦାନ । ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି । ନୂତନ ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି ପ୍ରଦାନ, ଗ୍ରେଡ଼ପେ ରେ ଥିବା ଅସଂଗତି ଦୂରୀକରଣ, ୨ଟି ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ସମସ୍ତ ନୂତନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ସରକାରୀ କରଣ କରାଯାଉ । ଏହି ଦାବି ପତ୍ର ପ୍ରଦାନ ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ରଞ୍ଜନ କୁମାର ମିଶ୍ର, ନରେଶ ସାମାଲ,ଅଭୟ ପ୍ରଦାନ,ସରୋଜ କୁମାର ଦାଶ, ପ୍ରଦୀପ କୁମାର ସାହୁ, ପ୍ରଫୁଲ ପ୍ରଧାନ,ପଦ୍ମ ଚରଣ ମାନସିଂ, ବୀଣା ପାଣି ପ୍ରଧାନ,ସନ୍ତୋଷ ସାମନ୍ତରାୟ, ରମେଶ ଚନ୍ଦ୍ର ନାୟକ, ମୃତ୍ୟୁଞ୍ଜୟ ମିଶ୍ର, ରମାକାନ୍ତ, ପ୍ରଭାତ ସାହୁ, ସନାତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଓଷ୍ଟା ପକ୍ଷରୁ ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।

### ବ୍ରହ୍ମପୁରରେ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ପ୍ରତିଷ୍ଠା ଦାବି

## ଆରଡିସିଙ୍କୁ ଭେଟିଲେ ଓଡ଼ିଶା ଡେଭ୍‌ଲପ୍‌ମେଣ୍ଟ୍ ଫୋରମ୍‌ର କର୍ମକର୍ତ୍ତା

**ବ୍ରହ୍ମପୁର,୨୧୯/ଏନ୍‌ଏନ୍‌ଏସ୍:** ରାଜ୍ୟର ପ୍ରମୁଖ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଗମନାଗମନ, କଳ କାରଖାନା ଏବଂ ରୋଜଗାର କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ବାଣିଜ୍ୟର ପେଣ୍ଠସ୍ଥଳୀ ବ୍ରହ୍ମପୁର ସହରରେ ଘରୋଇ, କାରଗୋ ସବୁଦିନିଆ ଗ୍ରୀନଫିଲଡ଼ ବିମାନ ବନ୍ଦର ପ୍ରତିଷ୍ଠା ଦାବି କରିଛି ଓଡ଼ିଶା ଡେଭେଲପମେଣ୍ଟ ଫୋରମ । ଆଜି ଅନୁଷ୍ଠାନ ପକ୍ଷରୁ ଏକ ପ୍ରତିନିଧି ଦଳ ନୂତନ ଭାବେ ଦାୟିତ୍ୱ ନେଇଥିବା ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଭେଟି ଏ ପ୍ରସଙ୍ଗରେ ଆଲୋଚନା କରିଥିଲେ । ରଙ୍ଗେଇଲୁଣ୍ଡା ବିମାନବନ୍ଦରକୁ ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପ୍ରଥମ ଭାବେ ଅନୁଷ୍ଠିତ ସମୀକ୍ଷା ବୈଠକକୁ ବିଭିନ୍ନ ଗଣସଂଗଠନ ଓ ବ୍ରହ୍ମପୁର ତଥା ଗଂଜାମ ଜିଲ୍ଲାର ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ



କରାଯାଇଥିଲା । ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମ ଦୀର୍ଘ ଦିନରୁ ଆରମ୍ଭ ହୋଇଥିଲେ ମଧ୍ୟ କାର୍ଯ୍ୟର ତ୍ୱରାନ୍ୱିତ ନେଇ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବା, ବିମାନବନ୍ଦର କାର୍ଯ୍ୟକୁ ଶୀଘ୍ର ସାରିବା ନେଇ ଫୋରମର କର୍ମକର୍ତ୍ତା ଅନୁରୋଧ କରିଥିଲେ । ଭୌଗଳିକ ସୀମାରେଖା ଏବଂ ଲୋକସଂଖ୍ୟା ଦୃଷ୍ଟିରୁ ଦକ୍ଷିଣ ଓଡ଼ିଶା ଏବଂ ପଡ଼ୋଶୀ ଉତ୍ତର ଆନ୍ଧ୍ରପ୍ରଦେଶ ଲୋକଙ୍କ ବିମାନସେବାର ସୁବିଧା ପାଇଁ ବ୍ରହ୍ମପୁରରେ ଗ୍ରୀନଫିଲଡ଼ ବିମାନ ବନ୍ଦର ପ୍ରତିଷ୍ଠାର ଆବଶ୍ୟକତା ଅଛି । ତେଣୁ ସରକାର ଏହି କ୍ଷେତ୍ରରେ ଉଦାସୀନତା ନଦେଖାଇ ତୁରନ୍ତ ପଦକ୍ଷେପ ନେଲେ ଲୋକଙ୍କୁ ଏହାର ସୁବିଧା ମିଳିପାରନ୍ତା ବୋଲି କର୍ମକର୍ତ୍ତାମାନେ କହିଥିଲେ । ଆଲୋଚନା ବୈଠକରେ ପ୍ରତିନିଧି ମଣ୍ଡଳୀର ସମାଜସେବୀ ଭି.ସୋମେଶ୍ୱର ରାଓ, ସରୋଜ ରଞ୍ଜନ ପଟ୍ଟନାୟକ, ପ୍ରିତିଶ ପାଣିଗ୍ରାହୀ, ମାନସ ରଞ୍ଜନ ପାତ୍ର, ଆଦିତ୍ୟ ନାରାୟଣ ରଥ, ସିମାଞ୍ଚଳ ସାହୁ, ପ୍ରବୀଣ ପଟ୍ଟନାୟକ, ରମେଶ ସାହୁ, ପ୍ରକାଶ ଭାଜନୀ, ବାସୁଦେବ ବିଷୋୟୀ, ହୃଷିକେଶ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ଗୋପାଳପୁର ଥାନାରେ ନାବାଳିକା ତରଳ ପଦାର୍ଥ ପିଇବା ଘଟଣା

## ପୁରୁଷ ବନ୍ଧୁଙ୍କ ସମେତ ଲଜ୍ ମାଲିକ ଗିରଫ

**ବ୍ରହ୍ମପୁର,୨୧୯/ଏନ୍‌ଏନ୍‌ଏସ୍:** ଗୋପାଳପୁର ଥାନାରେ ଗତକାଲି ନାବାଳିକାଙ୍କ ହାଇଡ୍ରାମା ଘଟଣାରେ ପୁଲିସ୍ ଆଜି ତାଙ୍କ ପୁରୁଷ ବନ୍ଧୁଙ୍କ ସମେତ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାପଡିଛି । ଗିରଫ ପୁରୁଷ ବନ୍ଧୁ ଜଣକ ନିମଖଣ୍ଡି ଥାନା ଯୋଗିଆପଲ୍ଲୀ ଅଞ୍ଚଳର କେଦାର ଦାସ(୨୮) ଏବଂ ଲଜ୍‌ରେ ଆଶ୍ରୟ ଦେବା ଅଭିଯୋଗରେ ସମ୍ପୃକ୍ତ ମାଲିକଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ଏନେଇ ପୁଲିସ ମାମଲା ରୁଜୁ କରିବା ସହ ନାବାଳିକାଙ୍କୁ ଜୁଭେନାଇଲ୍ ହୋମକୁ ପଠାଇଥିବା ଜଣାପଡିଛି ।

ବ୍ରହ୍ମପୁର ଏସ୍‌ପିଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ପ୍ରକାରେ ଗତକାଲି ସୋମବାର ଗୋଳନ୍ଥରା ଥାନା ଅଞ୍ଚଳର ଜନୈକ ନାବାଳିକା ନିଜ ପୁରୁଷ ବନ୍ଧୁ ଯୋଗିଆପଲ୍ଲୀ ଅଞ୍ଚଳର କେଦାରଙ୍କ ସହ ଗୋପାଳପୁର ଆସିଥିଲେ । ସେଠାରେ ଏକ ଲଜ୍‌ରେ ଉଭୟେ ରହିଥିଲେ । ତେବେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବା କାରଣରୁ ଲଜ୍ ମାଲିକ ସେମାନଙ୍କୁ ବାହାର କରି ଦେଇଥିଲେ । ଏନେଇ ଉଭୟ ନାବାଳିକା ଏବଂ ପୁରୁଷ ବନ୍ଧୁ କେଦାର ଗୋପାଳପୁର ଥାନାକୁ ଅଭିଯୋଗ ପାଇଁ ଆସିଥିଲେ । ଉଭୟେ ନିଜକୁ ସାବାଳକ ବୋଲି କହିବା ସହ ରହିବା ପାଇଁ ଲଜ୍ ବୁକ୍ କରିଥିବା କହିଥିଲେ । ଏଥିପାଇଁ ଟଙ୍କା ମଧ୍ୟ ଲଜ୍ ମାଲିକଙ୍କୁ ଦେଇଥିଲେ, କିନ୍ତୁ ମାଲିକ ସେମାନଙ୍କୁ ଲଜ୍‌ରୁ ବାହାର କରି ଦେଇଥିବା ନେଇ ଅଭିଯୋଗ ଆଣିଥିଲେ । ପୁଲିସ୍ ଘଟଣାର ତଦନ୍ତ ବେଳେ ସାବାଳକ ବୋଲି କହୁଥିବା ଛାତ୍ରୀ ଜଣକ ନାବାଳକ ଜଣାପଡିବା ପରେ ପୁଲିସ୍ ତାଙ୍କ ପରିବାରକୁ ସୂଚନା ଦେଇଥିଲା । ନାବାଳିକାଙ୍କ ପରିବାର ଥାନାକୁ ଆସିଥିଲେ । ଏହି ସମୟରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଦେଖି ବ୍ୟାଗ୍‌ରେ ରଖିଥିବା କିଛି ତରଳ ପଦାର୍ଥ ପିଇ ଦେଇଥିଲେ । ପୁଲିସ୍ ନାବାଳିକାକୁ ଅଟକାଇବା ସହ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା । ନାବାଳିକାଙ୍କ ପରିବାର ତାଙ୍କ ଝିଅକୁ କେଦାର ଅପହରଣ କରି ନେଇଥିବା ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ୍ ୩୧୬/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ କେଦାରକୁ ଗିରଫ କରିଥିବା ଜଣାପଡିଛି । ନାବାଳିକା ଡାକ୍ତରଙ୍କ ନିରୀକ୍ଷଣରେ ରହିଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି ।

## ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମରେ ଗଣଦୌଡ଼




**ବ୍ରହ୍ମପୁର,୨୧୯/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ଏଡସ୍ ନିୟନ୍ତ୍ରଣ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏମ୍‌କେସିଜି ପରିସରରୁ ନୁଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଏଚ୍‌ଆଇଭି/ଟିବି ନୋଡାଲ ଅଧିକାରୀ ଡ. ଅବନୀ ପାତ୍ର, ଗଞ୍ଜାମ ଜିଲ୍ଲା ୱାଇଆର୍‌ସି ସଂଯୋଜକ ଡ଼ ଜଗଦୀଶ ପାତ୍ର, ଡିପିଏମ୍ ରାଜେନ୍ଦ୍ର ମହାରଣା, ସିଏସ୍‌ଓ ଡା. ସନ୍ତୋଷ କୁମାର ରାଜୁ ମଞ୍ଚାସୀନ ଥିଲେ । ଯୁବ ପିଢ଼ି କିଭଳି ଭାବେ ଏଚ୍‌ଆଇଭି ସମ୍ପର୍କରେ ସଚେତନ ହୋଇପାରିବେ ସେ ଦିଗରେ ସବୁ ସ୍ତରରେ ସଚେତନତା ସୃଷ୍ଟି କରି ଗଞ୍ଜାମ ଜିଲ୍ଲାକୁ ଏଡସ୍ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଗଣଦୌଡ କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ଛାତ୍ର ବର୍ଗରେ ଜଗନ୍ନାଥ ମୁଦୁଲି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ସୌମ୍ୟ ରଞ୍ଜନ ନାୟକ, ତୃତୀୟ ସ୍ଥାନରେ କେ. ଚନ୍ଦନ ଆଚାରି ଏବଂ ଛାତ୍ରୀ ବର୍ଗରେ ରିତିକା ନାୟକ ପ୍ରଥମ ସ୍ଥାନ ଏବଂ ସଞ୍ଚିତା ଦାସ ଦ୍ୱିତୀୟ, ଶୁଭଲକ୍ଷ୍ମୀ ଦଳାଇ ତୃତୀୟ ସ୍ଥାନ ଅଧିକାର କରି ଆର୍ଥିକ ପୁରସ୍କାର ଓ ମାନ ପତ୍ର ପାଇବା ସହିତ ରାଜ୍ୟସ୍ତରୀୟ ଏଡସ୍ ସଚେତନତା ମାରାଥନ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଅଧ୍ୟାପକ, ଆଇସିଟିସି କାଉନ୍‌ସେଲର, ଏଲ୍‌ଟି, ଏସ୍‌ଏସ୍‌କେ ଏବଂ ଅରୁଣା ସଂଗଠନର କର୍ମକର୍ତ୍ତା ସହଯୋଗ କରିଥିଲେ । ଶେଷରେ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ପୋଲସରା ବ୍ଲକ୍‌ରେ ୧୨୧ ପ୍ରାଣୀପାଳକଙ୍କୁ କାର୍ଯ୍ୟାଦେଶ ବଣ୍ଟନ

## ଗ୍ରାମୀଣ ଅର୍ଥନୀତିକୁ ଦେବ ନୂଆ ଦିଗ

**ପୋଲସରା,୨୧୯/ଏନ୍‌ଏନ୍‌ଏସ୍:** ପ୍ରାଣୀପାଳକଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ ସମୃଦ୍ଧି ଯୋଜନା ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସାମିଲ କରି ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ପ୍ରୋତ୍ସାହିତ କରାଯାଉଛି । ଯାହାକୁ ନେଇ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ ପୂର୍ବକ ୧୨୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ହିତାଧୀକାରୀଙ୍କୁ ଉତ୍ସାହିତ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ପୋଲସାରା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ଅଧିକାରୀ ଡା. ଶାଶ୍ୱତ ସୁରଜ ସ୍ୱାଇଁ, ଭୁଙ୍ଗାପଡା ପ୍ରାଣୀଚିକିତ୍ସା ଅଧିକାରୀ ଡା. ଦେବଦତ୍ତ ଲେଙ୍କା, ପୋଲସରା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଷ୍ଣୁପ୍ରିୟା ଦାସ ଏବଂ ପ୍ରାଣୀଧନ ନିରୀକ୍ଷକମାନେ ଯୋଗ ଦେଇଥିଲେ । ପଶୁପାଳନ ଓ କୃଷିକୁ ଗ୍ରାମୀଣ ଅର୍ଥନୀତିର ଦୃଢ଼ ଭିତିଭୂମିରେ ପରିଣତ କରିବା ହେଉଛି ରାଜ୍ୟ ସରକାରଙ୍କର ପ୍ରାଥମିକତା । ପୋଲସରା ବ୍ଲକର ପ୍ରାଣୀପାଳକମାନେ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ସକ୍ରିୟ ଭୂମିକା ନିଭାଇ ଅଞ୍ଚଳକୁ ରାଜ୍ୟରେ ଏକ ଅଗ୍ରଣୀ ସ୍ଥାନକୁ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା, ଅଧ୍ୟକ୍ଷା ସଂଗୀତା ବେହେରା, ବ୍ଲକ୍ ଅଧ୍ୟକ୍ଷା କଳ୍ପନା କୁମାରୀ ପ୍ରଧାନ, ବିଡିଓ ଶଶିଭୂଷଣ ମହାପାତ୍ର, ଉପାଧ୍ୟକ୍ଷ ସନ୍ତୋଷ ବେହେରା, ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ସାଂସଦ ପ୍ରତିନିଧି ସିମାଞ୍ଚଳ ସାହୁଙ୍କ ସମେତ ଲାଭାନ୍ୱିତ ପ୍ରାଣୀପାଳକମାନେ ଉପସ୍ଥିତ ଥିଲେ ।




## ସାମ୍ବାଦିକ ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପରଲୋକରେ ଶୋକ

**ବାଲିଗୁଡା, ୨୧୯/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ଏସ. କୁମାର ନ୍ୟୁଜ ଏଜେନ୍ସିର ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ପାଣିଗ୍ରାହୀ (୭୫ ) ଙ୍କ ସୋମବାର ବ୍ରହ୍ମପୁରର ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ପାଣିଗ୍ରାହୀଙ୍କର କିଛି ଦିନ ହେବ ଶ୍ୱାସଜନିତ ସମସ୍ୟା ଦେଖାଦେବାରୁ ପ୍ରଥମେ ବାଲିଗୁଡା ମେଡିକାଲ, ପରେ ବ୍ରହ୍ମପୁରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ । ଶ୍ରୀ ପାଣିଗ୍ରାହୀ ଦୀର୍ଘ ୫ ଦଶନ୍ଧି ଧରି କନ୍ଧମାଳ ଜିଲ୍ଲାର ବାଲିଗୁଡା ଉପଖଣ୍ଡ ସ୍ତରୀୟ ସମ୍ବାଦିକତା କରିଆସୁଥିଲେ । ଜିଲ୍ଲାର ବହୁ ସାମ୍ବାଦିକ ତାଙ୍କର ପ୍ରେରଣାରେ ସାମ୍ବାଦିକ ହୋଇଛନ୍ତି । ସେ କେବଳ ସାମ୍ବାଦିକ ନଥିଲେ



ଜଣେ ନାଟ୍ୟ କଳାକାର, ସମାଜସେବୀ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ତାଙ୍କର ୩ ପୁଅ ଓ ଗୋଟିଏ ଝିଅ ଓ ନାତି ନତୁଣୀ ରହିଛନ୍ତି । ତାଙ୍କ ପାର୍ଥିବ ଶରୀରକୁ ନିଜ ବାଲିଗୁଡା ବାସଭବନଙ୍କୁ ଅଣାଯିବା ପରେ ସବ୍‌ଜେଲ ନିକଟସ୍ଥ ସ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କ ବିୟୋଗରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜି ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ପୂର୍ବତନ ଉପ ବାଚସ୍ପତି ସାଲୁଗା ପ୍ରଧାନ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କର, ଜିଲ୍ଲା ସଭାପତି ସନ୍ତୋଷ କୁମାର ଦାସଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ, କର୍ମକର୍ତ୍ତା, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି ।

## ନିରଞ୍ଜନ ନଗରରେ ଗଣେଶ ମେଢ଼ ଭସାଣି ମହୋତ୍ସବ

**ଆସିକା,୨୧୯/ଏନ୍‌ଏନ୍‌ଏସ୍:** ଆସିକା ଅଞ୍ଚଳର ବିଭିନ୍ନ ପୂଜାମଣ୍ଡପରେ ପୂଜା ପାଇଥିବା ଗଜାନନଙ୍କ ଭସାଣୀ ଉତ୍ସବ ସହର ତଥା ଏହାର ଆଖପାଖ ଅଞ୍ଚଳରେ ଜାରି ରହିଛି । ଜୟ ଗଣେଶ ଜୟ ଗଣେଶ ଦେବା, ଗଣପତି ବାବା ମୋରିଆ ଗୀତରେ ରାସ୍ତାଘାଟ ପ୍ରକମ୍ପିତ ହୋଇଥିଲା । ଆସିକା ଏନ୍‌ଏସି ଅଧୀନସ୍ଥ ୧୪ ନମ୍ବର ୱାର୍ଡର ନିରଂଜନ ନଗର ସ୍ଥିତ କୃଷ୍ଣସିଂହ ପାଠାଗାର ଗଣେଶ ପୂଜା କମିଟି ପକ୍ଷରୁ ପାର୍ବତୀ ନନ୍ଦନଙ୍କ ମୂର୍ତ୍ତି ଓ ମେଢ ଭସାଣି କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଡିଜେ ସାଉଣ୍ଡ ସାଙ୍ଗକୁ ଘଣ୍ଟଘଣ୍ଟା ଓ ନାଚଗୀତର ରୋଶଣିରେ ପ୍ରଭୁ ଗଜାନନଙ୍କୁ ମେଲାଣି ଦେଇଛନ୍ତି ଶ୍ରଦ୍ଧାଳୁ ଭକ୍ତ । କୃଷ୍ଣସିଂହ ପାଠାଗାର ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ସୁଧାଂଶୁ କୁମାର ପଣ୍ଡା, ପୂର୍ବତନ ସଂପାଦକ ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ରଥ, ବର୍ତ୍ତମାନର ସଭାପତି ତଥା ଆଇନଜୀବୀ କେ.ବ୍ରହ୍ମାନନ୍ଦ ରାଓ, ଉପସଭାପତି ଏମ୍.ତାରିଣୀ ସେନାପତି, ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ରନାଥ ସାହୁ, କୋଷାଧକ୍ଷ ତଥା ସାମ୍ବାଦିକ ସରୋଜ



କୁମାର ଦାଶ, କମିଟିର ସକ୍ରିୟ ସଦସ୍ୟ ଅନିଲ୍ କୁମାର ପାଣିଗ୍ରାହୀ, ହରିହର ପାଢୀ, ଦଣ୍ଡପାଣି ବେହେରା, ପ୍ରଭାକର ବେହେରା, ରବିନ୍ଦ୍ର ବେହେରା, ଅଜିତ୍ କୁମାର ଦାଶ, ଏଲ୍.ପ୍ରସାଦ ଆଚାରୀ, ଏମ୍.ମୁରଲି ରାଓ, ବାବୁ ରାଓ, ଜି.ସୂର୍ଯ୍ୟପ୍ରକାଶ ରାଓ, ଏମ୍.ସାଇ ରାଓ, ମଣ୍ଟୁ ବେହେରା, ପି.ରାମୁ ଆଚାରୀ, ଏମ୍.କ୍ରିଷ୍ଣା, ଏମ୍.ରାମୁ, ଏମ୍.କାମେଶ୍ୱର ଆଚାରୀଙ୍କ ସମେତ ଆଗ୍ରହୀ ଯୁବପିଢୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସକ୍ରିୟ ସହଯୋଗ କରିଥିଲେ । ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ତଥା ଆଶୀର୍ବାଦ ପ୍ରଦାନ କରି ବିଘ୍ନ ବିନାଶକ ଧରାପୃଷ୍ଠରୁ ବିଦାୟ ନେଇଥିବା ଜଣାପଡିଛି । ୧୯୧୬ ମସିହାରେ ସ୍ଥାପିତ କୃଷ୍ଣସିଂହ ପାଠାଗାର ପକ୍ଷରୁ ପାଳିତ ପାର୍ବତୀ ନନ୍ଦନଙ୍କ ଭସାଣୀ ଉତ୍ସବ ମଙ୍ଗଳବାର ଭକ୍ତିମୟ ପରିବେଶ ମଧ୍ୟରେ ଶେଷ ହୋଇଥିଲା । ବିଦ୍ୱାନ ପଣ୍ଡିତ ରତ୍ନାକର ଦାଶଙ୍କ ମନ୍ତ୍ରୋଚାରଣରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା ।

## ଲାୟନ୍ସ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

**ଆସିକା,୨୧୯/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଲାୟନ୍ସ କମ୍ୟୁନିଟି ହଲ୍ ପରିସରରେ ଆସିକା ଲାୟନ୍ସ କ୍ଲବର ଅଧିଷ୍ଠାନ ଉତ୍ସବ ସଭାପତି ଲାୟନ୍ସ ବି.ଭେଙ୍କେଟ ରମଣ ମୂର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ଅଶ୍ୱିନୀ କୁମାର ଦାଶ, ସମ୍ମାନିତ ଅତିଥି ତଥା ଅଧୀଷ୍ଠାନ ଅଧିକାରୀ ରୂପେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ଲିଳିତେନ୍ଦୁ ଶତପଥୀ, ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ସରସ୍ୱତୀ ପାତ୍ର ଯୋଗ ଦେଇଥିଲେ । ଆସିକା ଲାୟନ୍ସ କ୍ଲବ ବର୍ଷତମାମ ପାଳନ କରୁଥିବା ବିଭିନ୍ନ ସେବାମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମକୁ ଆହୁରି ଅଧିକରୁ ଅଧିକ ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ । ଅଧିଷ୍ଠାନ ଉତ୍ସବରେ ୨୦୨୫-୨୬ ମସିହା ପାଇଁ ନୂତନ ସଭାପତି ରୂପେ ଲାୟନ୍ସ ପି.ସୁଧାକର ପାତ୍ର, ସଂପାଦକ ଭାବେ ଲାୟନ୍ସ ପ୍ରିୟବ୍ରତ ମିଶ୍ର, କୋଷାଧ୍ୟକ୍ଷ ରୂପେ ଲାୟନ୍ସ କେ.ରାଜକିଶୋର ପାତ୍ରଙ୍କୁ ମନୋନୀତ ହୋଇଥିଲେ । ଅଧିଷ୍ଠାନ ଅଧିକାରୀ ଲାୟନ୍ସ ଲଳିତେନ୍ଦୁ ଶତପଥୀ ନବ ମନୋନୀତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ । ଆସିକା ଲାୟନ୍ସ କ୍ଲବର ନୂତନ ଭାବେ ସଭ୍ୟ ପଦ ଗ୍ରହଣ କରିଥିବା ବସନ୍ତ କୁମାର ଷଡଙ୍ଗୀ, ଏ. ନୀଳମାଧବ ପାତ୍ର, ପଞ୍ଚାନନ ନାୟକ, ବିଶ୍ୱଜିତ୍





ଆଚାର୍ଯ୍ୟ, ଦେବାଶିଷ ରାୟଙ୍କୁ ଶପଥପାଠ କରାଇଥିଲେ । କାର୍ଯ୍ୟକ୍ରମକୁ ଲାୟନ୍ସ ଇ. ଅରୁଣ କୁମାର ପାତ୍ର ସଂଯୋଜନା କରିଥିଲେ । ଲାୟନ୍ସ କେ.କିଶୋର କୁମାର ସେନାପତି, ଲାୟନ୍ସ କେ.ସନ୍ତୋଷ କୁମାର ସେନାପତି, ଲାୟନ୍ସ ପି.ତିରୁପତି ପାତ୍ର, ଲାୟନ୍ସ ଡି.ଅମରନାଥ ପାତ୍ର, ଲାୟନ୍ସ ଏସ୍.ବଦ୍ରି ନାରାୟଣ ପୃଷ୍ଟି, ଲାୟନ୍ସ ପି.ପ୍ରଦୀପ କୁମାର ପାତ୍ର, ଲାୟନ୍ସ ଭୀମସେନ ପାତ୍ର, ଲାୟନ୍ସ ଡି.ମୋହନ ପାତ୍ର, ଲାୟନ୍ସ ପି.ନୀଳମାଧବ ପାତ୍ର, ଲାୟନ୍ସ ଏ.ଲକ୍ଷ୍ମୀ ନାରାୟଣ ଗୁପ୍ତା, ଲାୟନ୍ସ ଭୀମସେନ ପାତ୍ର, ଲାୟନ୍ସ ପି.ତ୍ରିପତି ପାତ୍ରଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ । ଆସିକା ଲାୟନ୍ସ କ୍ଲବର ଡିରେକ୍ଟୋରୀକୁ ଉନ୍ମୋଚନ କରାଯାଇଥିଲା ।

**ନିତି ଭାରତୀ** | ଜଣେ ଯାହା କାମନା କରେ, ତାହା ପାଇବାକୁ ଇଚ୍ଛା କରୁଥାଏ; କିନ୍ତୁ ଜଣକ ପାଖରେ ଯାହା ଥାଏ, ତାହା ହେଉଛି ଈଶ୍ୱରଙ୍କ ଇଚ୍ଛା। - ନୌମନ୍ ଅଲୀ ଖାନ୍

NITIDIN
ନିତିଦିନ
ବୁଧବାର, ୩ ସେପ୍ଟେମ୍ବର, ୨୦୨୫

# ନ୍ୟାୟ ବ୍ୟବସ୍ଥା ଓ ମିଛ ମାମଲା



ନିରଞ୍ଜନ ସାହୁ

ଥିଏତ ଗୋଟିଏ ସମୟ ଥିଲା, ଯେତେବେଳେ କୁହାଯାଉଥିଲା ଯେ ମଣିଷର ପ୍ରାଥମିକ ଆବଶ୍ୟକତା ହେଲା ରୋଟି, କପଡ଼ା ଓ ମକାନ ବା ଖାଦ୍ୟ, ବସ୍ତ୍ର ଓ ବାସଗୃହ। ମାତ୍ର ଆଜିର ଦିନରେ ତା' ସହିତ ଆହୁରି କେତେ କ'ଣ ଯୋଡ଼ା ହେଲାଣି। ଯେମିତି ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ନିରାପତ୍ତା ବ୍ୟବସ୍ଥା, ନ୍ୟାୟିକ ବ୍ୟବସ୍ଥା ଇତ୍ୟାଦି। ଏସବୁ ଭିତରୁ କୌଣସି ଗୋଟିକର ଅଭାବ ହେଲେ ଜୀବନ ହୋଇ ପଡୁଛି ଦୁର୍ବିସହ। ଗୋଟିଏ ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମୁନ୍ନତ ନ୍ୟାୟିକ ବ୍ୟବସ୍ଥା ସମସ୍ତଙ୍କର ପ୍ରାଥମିକ ଆବଶ୍ୟକତା।

କିଏ ତା'ର ଦେୱାନୀ ଆଇନଗତ ଅଧିକାରକୁ ସାବ୍ୟସ୍ତ କରିବାକୁ ନ୍ୟାୟାଳୟକୁ ଯାଏ ତ ଆଉ କିଏ ତା' ପ୍ରତି ଅପରାଧିକ ଆଚରଣ କଲେ କିମ୍ବା ତା'ର ସମ୍ମାନରେ ଆଞ୍ଚ ଆଣିଲେ କିମ୍ବା କାର୍ଯ୍ୟକ୍ଷେତ୍ରରେ କିଛି ଅନ୍ୟାୟ ହେଲେ ନ୍ୟାୟପାଳିକା ନିକଟରେ ଫେରାଦ ହୁଏ। ଯେଉଁ ଲୋକଟି ପ୍ରତି ଅନ୍ୟାୟ ହୋଇଥାଏ, ସେ ପୁଲିସ ପାଖରେ ହେଉ ବା ନ୍ୟାୟାଳୟ ନିକଟରେ ନ୍ୟାୟ ଭିକ୍ଷା କରେ। ମାତ୍ର ବର୍ତ୍ତମାନ ସଚରାଚର ଦେଖାଯାଉଛି, ଯେତେ ମାମଲା ଗଡୁଛି, ତା' ଭିତରୁ ବହୁଳ ସଂଖ୍ୟାରେ କେସ୍ ମିଛ ଆରୋପ ଜଡ଼ିତ।

ସମସ୍ତେ ନ୍ୟାୟ ଆଶା କରୁଛନ୍ତି ସତ, ମାତ୍ର କେତେକ ନିଜର ବ୍ୟକ୍ତିଗତ ଶତ୍ରୁତା ହେତୁ ମିଛର ସାହାଯ୍ୟ ନେଉଛନ୍ତି। କୋର୍ଟରେ ବିଚାର ସରିବା ପରେ ତା'ର ରାୟ କ'ଣ ହେବ, ସେଥିପ୍ରତି ଅଭିଯୋଗକାରୀଙ୍କର ଦୃଷ୍ଟି କମ୍, ବରଂ ତାଙ୍କର ଅଧିକ ଲକ୍ଷ୍ୟ କିପରି ଅପର ପକ୍ଷଟି ତୁରନ୍ତ ଗିରଫ ହୋଇ କିଛି ଦିନ ଜେଲ୍‌ରେ ରହିଯିବ- ଏହା ସଚରାଚର ଦେଖାଯାଉଛି। ଯଦି ଅଭିଯୋଗ କରାଯାଏ ଯେ ପ୍ରତିପକ୍ଷ ଆପଣଙ୍କୁ ଚଟକଣିଟାଏ ମାରିଲେ, ତା'ହେଲେ ହୁଏତ ତାହା ଧର୍ତ୍ତବ୍ୟ ଅପରାଧ ଭାବରେ ଧରାଯିବ ନାହିଁ- ମାତ୍ର ସେଇ କଥାକୁ ଟିକିଏ ବୁଲେଇ ବଙ୍କେଇ ଲେଖିଦେବେ ଏମିତି ଯେ ଧରନ୍ତୁ ଆପଣଙ୍କୁ ସେ ଏମିତି ଚାପୁଡ଼ା ଦେଲେ ଯେ ଆପଣଙ୍କ କାନରୁ ରକ୍ତ ବାହାରିଲା ଓ ଆପଣଙ୍କ ହୋସ୍ ଉଡ଼ିଗଲା। ଏତିକିରେ ସେଇ ମାମଲାଟି ଧର୍ତ୍ତବ୍ୟ ଭାବରେ ଗଣ୍ୟ ହେବ ଏବଂ ତୁରନ୍ତ ହୁଏତ ପୁଲିସ ତାଙ୍କୁ ଗିରଫ କରି ହେପାଜତକୁ ନେଇଯିବେ- ଏଇ ପ୍ରବଣତା ଏତେ ଅଧିକ ଯେ କେବଳ ତାହା ଲୋକଙ୍କ ଭିତରେ ସୀମିତ ନୁହେଁ। ଅନେକ ସମୟରେ ସରକାରଙ୍କ ତରଫରୁ ଯେଉଁ କେସ୍ ଲୋକଙ୍କ ନାଁରେ କରାହୁଏ, ସେଥିରେ ବି ବହୁ ଅତିରଞ୍ଜନ ହୋଇଥିବାର ଅଭିଯୋଗ ମିଳେ।

ପ୍ରଖ୍ୟାତ ଇତିହାସ ପ୍ରଫେସର ଡକ୍ଟର ମନ୍ମଥ ନାଥ ଦାସ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଥିବା ଏକ ଘଟଣା ପ୍ରଣିଧାନଯୋଗ୍ୟ। ସେ ଲେଖିଛନ୍ତି ଅନେକ ଦିନ ବ୍ୟବଧାନରେ ସେ ଥରେ ନିଜର ପୈତୃକ ଗ୍ରାମକୁ ଫେରିଥାନ୍ତି। ତାଙ୍କର ସାନଭାଇ କୃତବିଦ୍ୟ ସାହିତ୍ୟିକ ମନୋଜ ଦାସ ବହୁ ଦିନରୁ ପଣ୍ଡିଚେରୀର ବାସିନ୍ଦା। ତେଣୁ ସାଧାରଣ ଭାବରେ ତାଙ୍କ ଘରଟି କେବଳ ଚାକରବାକରଙ୍କ ତତ୍ତ୍ୱାବଧାନରେ ରହିଥାଏ। ସେ ଗାଁରେ ପହଞ୍ଚିବାର ପର ଦିନ କୌତୁହଳରେ ନିଜର କ୍ଷେତ ଆଡ଼କୁ ବୁଲି ଯାଇଥିଲେ। ଏକଦା ତାଙ୍କର ସ୍ୱର୍ଗୀୟ ପିତା ଥିଲେ ସେଇ ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ଜମିଦାର।

ମନ୍ମଥ ସାର୍ ତାଙ୍କର ଜମି ବୁଲିବାକୁ ଗଲାବେଳେ ଦେଖିଲେ କେହି ଜଣେ ଲୋକ ତାଙ୍କ ଜମିର ହିଡ଼ରେ ବାଡ଼ ନ ଦେଇ ତାଙ୍କ ଜମି ଭିତରକୁ ଦୁଇ ତିନି ଫୁଟ ଭିତରେ ବାଡ଼ ବସେଇ ଦେଇଛି। ଯେହେତୁ ସେ କେବେ ଜମିବାଡ଼ି ଦେଖିବାକୁ ଯାଆନ୍ତି ନାହିଁ, ଏପରି ଘଟିବାର ସମ୍ଭାବନା ଅଧିକ। ସାର୍ ଅତ୍ୟନ୍ତ ବିରକ୍ତ ହୋଇ ସେଇ ଚାଷୀକୁ ଡକାଇଲେ। ସେ ଆସୁ ଆସୁ ଚଢ଼ାଗଲାରେ ତାଙ୍କର ବିରକ୍ତି ପୁନର୍ବାର ଝାଡ଼ିଲେ। ରାଗ ଉପରେ ନିୟନ୍ତ୍ରଣ ହରାଇ ସେ ଯୁବକଙ୍କୁ ଚାପୁଡ଼ାଟିଏ ମାରିଦେଲେ- ଯୁବକ ଜଣକ ହଠାତ୍ ରାଗିଗଲେ ଏବଂ କହି ଉଠିଲେ, କେଉଁ ଯୁଗରେ ଆପଣଙ୍କ ପୂର୍ବପୁରୁଷ ଜମିଦାର ଥିଲେ ବୋଲି ଏବେ ବି ଆପଣ କ'ଣ ନିଜକୁ ସେଇଭଳି ଭାବୁଛନ୍ତି କି ? ମୁଁ ଯାଉଛି ଆପଣଙ୍କ ନାଁରେ ପୁଲିସରେ କେସ୍ କରିବି।' ଏତକ କହି ସେ ଯୁବକଟି ସେଇ କ୍ଷେତରୁ ନିଷ୍କ୍ରାନ୍ତ ହୋଇଗଲା। ପୁଲିସ




ନାଁ ଶୁଣିଲା ପରେ ପ୍ରଫେସର ମହୋଦୟ ବି ମନେ ମନେ ଡରିଗଲେ- ପୁଲିସକୁ କିଏ ବା ନ ଡରେ ! ରାଧାନାଥ ପ୍ରାୟ ଶହେ ବର୍ଷ ଆଗରୁ ଲେଖିଥିଲେ- 'ଆନ ବୋଲି ମୁହିଁ ଅଟଇ ପୁଲିସ/ ବିନା ମେଘେ ସୃଜି ପାରଇ କୁଳୀଶ/ କିବା ଦୁଃଖୀ ରଙ୍କ କି କୋଟିପତିଏ/ ଲାଲ୍ ପଗଡ଼ିକୁ ନ ଡରନ୍ତି କିଏ ?/ ମୋତେ ଦେଖି କିଏ ନ ଭଜେ କମ୍ପକୁ/ କିଏ ନ ଡରଇ ଉତ୍‌ଫଣା ତମ୍ପକୁ ?'

ପ୍ରଫେସର ମହୋଦୟ ନିଜ ଘରକୁ ମନ ଖରାପ କରି ଫେରିଲେ ଏବଂ କାହିଁକି ସାମାନ୍ୟ ଉତ୍ତେଜନାରେ ହାତ ଉଠେଇ ଦେଲେ, ତାହା ଭାବି ଲଜ୍ଜିତ ହେଉଥାନ୍ତି। ସେ ଫୋନ୍ କଲେ ନିଜର ଭଣଜାଙ୍କୁ, ଯିଏକି ବାଲେଶ୍ୱରର ଜଣେ ବିଶିଷ୍ଟ ଆଡ୍‌ଭୋକେଟ୍। ତାଙ୍କ ନିକଟରେ ନିଜର ଅପରାଧ ସ୍ୱୀକାର କରିବା ସହିତ କହିଲେ ତାଙ୍କୁ ଏପରି ଅବସ୍ଥାରେ ସାହାଯ୍ୟ କରିବାକୁ। ମାତ୍ର ତାଜୁବ ହେଲେ ଭଣଜାଙ୍କ ସର୍ତ୍ତ ଶୁଣି। ଭଣଜା କହିଲେ- 'ମାମୁ, ମୁଁ ସାହାଯ୍ୟ କରିବାକୁ ପ୍ରସ୍ତୁତ, ମାତ୍ର ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କେବେ ବି କାହା ଆଗରେ କହିବେ ନାହିଁ ଯେ ଆପଣ ସେଇ ପିଲାକୁ ଚାପୁଡ଼ାଏ ମାରିଛନ୍ତି ବୋଲି।' ପ୍ରଫେସର ଭାରି ବିଚଳିତ ଅନୁଭବ କରୁଥାନ୍ତି। ମାତ୍ର ସ୍ୱଭାବସୁଲଭ ଢଙ୍ଗରେ କହିଲେ, 'ଆରେ ବାବୁ, ତମେ ତ ମୋତେ ପିଲାଦିନରୁ ଜାଣିଛ, ମୁଁ କେବେ ବି ମିଛ କହେନି।' ଭଣଜା କହିଲେ- 'ମାମୁ ଆପଣ ଯଦି କୋର୍ଟରେ କହିଦେବେ ଆପଣ ମାରିଛନ୍ତି ବୋଲି ତା'ହେଲେ ମୁଁ ବା ଛାର, ଆପଣଙ୍କୁ ରାମ ଜେଠମାଲାନି ଆସିଲେ ବି ମୁକୁଳେଇ ପାରିବେ ନି।'

ପ୍ରଫେସର ଅତ୍ୟନ୍ତ ଅସ୍ୱାଭାବିକ ଅନୁଭବ କରୁଥାନ୍ତି। କହିଲେ, 'ତା'ହେଲେ ମୋର କ'ଣ କିଛି ବାଟ ନାହିଁ ବାପା ?' ଭଣଜା କହିଲେ- କେହି ପଚାରିଲେ ଆପଣ କହିବେ ସେ ଓକିଲଙ୍କୁ ପଚାର। ବିଶେଷତଃ, ପୁଲିସ ପଚାରିଲେ। ତାଙ୍କୁ ତୁରନ୍ତ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ ଭଣଜା। ଦୁଇ ତିନି ଦିନ ପରେ ବଡ଼ି ଭୋର୍‌ରୁ ବାହାରେ କଲିଂବେଲ ଆଘାତରେ ପ୍ରଫେସରଙ୍କ ନିଦ ଭାଙ୍ଗିଗଲା। ଅବେଳରେ କିଏ ଆସିଥାଇପାରେ ବୋଲି ଭାବୁଭାବୁ ସେ ଘର କବାଟ ଖୋଲିଲେ। ସେଦିନ ଯେଉଁ ଟୋକାଟିକୁ ସେ ରାଗରେ ଚାପୁଡ଼ାଏ ମାରି ଦେଇଥିଲେ, ସେ କାନ୍ଦି କାନ୍ଦି ତାଙ୍କ ଗୋଡ଼ ତଳେ ପଡ଼ିଯାଇ କହିଲା- 'ଜେଜେ ଆପଣ ମୋତେ ବଞ୍ଚାନ୍ତୁ।' 'କିରେ କ'ଣ ହେଲାକି ତୋର'- ବ୍ୟସ୍ତ ହୋଇ ପଚାରିଲେ ପ୍ରଫେସର ସାର୍। ଆଜ୍ଞା ଆପଣଙ୍କ ଭଣଜା ମୋ ନାଁରେ ଏତେ ଗୁଡ଼େ ମିଛ କେସ୍ କରିଛି ଯେ ଏବେ ପୁଲିସ ମୋତେ ଖୋଜୁଛି ଆରେଷ୍ଟ କରିବାକୁ। ମୋତେ ବଞ୍ଚାନ୍ତୁ କହି ପୁଣିଥରେ ତାଙ୍କ ଗୋଡ଼କୁ ଜୋର୍‌ରେ ଧରି ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲା ଯୁବକ।

ତାକୁ ପ୍ରବୋଧନା ଦେଇ ପ୍ରଫେସର ବସାଇଲେ। ଅଗତ୍ୟା ପାଖ ରୁମ୍‌କୁ ଯାଇ ଫୋନ୍‌ରେ ଭଣଜାକୁ ଜଣାଇଲେ ଏଇ ସମ୍ବାଦ। ସେପଟରୁ ଶୁଭୁଥିଲା ଆଡ୍‌ଭୋକେଟ୍ ଭଣଜାଙ୍କ ଅଟ୍ଟହାସ୍ୟ। ଆପଣ ଆଉ ବ୍ୟସ୍ତ ହୁଅନ୍ତୁ ନାହିଁ ମାମୁ। ତାକୁ ମୋ ପାଖକୁ ପଠାନ୍ତୁ। କହିବା ବାହୁଲ୍ୟ, ସେ ପ୍ରଫେସରଙ୍କ କେସ୍ ଉଠେଇ ନେଲା ଏବଂ ସେପଟରୁ ହୋଇଥିବା କେସ୍‌ଗୁଡ଼ିକ ବି ହୋଇଗଲା ରଫାଦଫା। ମିଛ କେସ୍‌ମାନେ ମୌଳିକ ଭାବରେ କେତେ ସାଂଘାତିକ ହୋଇ ପାରନ୍ତି, ତାହା ଆପଣମାନେ ଅନୁମାନ କରି ପାରନ୍ତି।

ନିକଟରେ ଏଇ ମିଛ କେସ୍ ବିଷୟରେ ବେଶୀ ଆଲୋଚନା ଆରମ୍ଭ ହୋଇଛି ମାଲେଗାଁ ବ୍ଲାଷ୍ଟ କେସ୍‌ର ଫଳାଫଳ ବାହାରିବା ପରେ। ପ୍ରାୟ ସତର ବର୍ଷ ବିଭିନ୍ନ କୋର୍ଟରେ କେସ୍ ଚାଲିବା ପରେ ଯେଉଁ ଆଦେଶ ମିଳିଛି, ତାହା ହେଲା- ଆସାମୀମାନଙ୍କୁ ନିର୍ଦ୍ଦୋଷରେ ଛାଡ଼ି ଦିଆଯାଇଛି। ସେଇ ତଥାକଥିତ ଆସାମୀମାନଙ୍କ ଭିତରେ ଅଛନ୍ତି ଜଣେ ସେନାବାହିନୀର ପୂର୍ବତନ ଲେଫ୍‌ଟନାଣ୍ଟ ଜେନେରାଲ୍ ପାହ୍ୟାର ସେନା ଅଧିକାରୀ ଏବଂ ଜଣେ ପ୍ରାକ୍ତନ ସାଂସଦ। ସେହି ଘଟଣାକୁ ରାଜନୈତିକ ରୂପ ଦେଇ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଲୋକଙ୍କୁ ସମାଜ ଓ ରାଷ୍ଟ୍ର ଆଗରେ ବଦନାମ୍ କରିବା ପାଇଁ ଏହି ନାଟକ ରଚା ଯାଇଥିଲା। ଅର୍ଥାତ୍, ଏହି ଘଟଣାରେ ଯେଉଁମାନେ ଦୋଷୀ, ସେମାନେ ମୁକୁଳି ଯାଇଛନ୍ତି। ଏଇ ଘଟଣାଟି ବର୍ତ୍ତମାନ ସାରା ଦେଶର ଚର୍ଚ୍ଚାରେ। ଦେଶର ସରକାର ହେଉଛନ୍ତି ନାଗରିକମାନଙ୍କର ମାଆ ବାପ ଭଳି। ମାତ୍ର ଯେତେବେଳେ ରାଜନୈତିକ ଦୃଷ୍ଟିକୋଣରୁ ସେମାନେ ବିଭିନ୍ନ ଲୋକଙ୍କୁ, ଏବଂ ବିଶେଷତଃ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଉପରେ ରୋଷ କଷନ୍ତି, ସେତେବେଳେ ଏଇଭଳି ବିଲକ୍ଷଣ ଘଟିଥାଏ। ସାରା ଦେଶରେ ଏହିଭଳି ସରକାରଙ୍କ ତରଫରୁ ବହୁ କେସ୍ କରାଯାଇ ପ୍ରତିପକ୍ଷମାନଙ୍କୁ ପରାହତ କରାଯାଏ। ତତ୍କାଳୀନ କଂଗ୍ରେସ ସରକାରଙ୍କ ତରଫରୁ ଷଡ଼ଯନ୍ତ୍ର ରଚା ଯାଇଥିଲା।

ଯେଉଁମାନେ ମିଛ କେସ୍ କରନ୍ତି, ତାଙ୍କ ବିରୋଧରେ ଆଇନ ଅନୁସାରେ ମକଦ୍ଦମା ଚାଲି ପାରିବ। ମାତ୍ର ସେଇଗୁଡ଼ିକ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ପର୍ଯ୍ୟନ୍ତ କୌଣସି ବ୍ୟକ୍ତିର ଧୈର୍ଯ୍ୟ ଓ ଅର୍ଥ ସାଧ ଦେବା ପ୍ରାୟତଃ ସମ୍ଭବ ନୁହେଁ। କୌଣସି ଅପରାଧିକ ମାମଲାରେ କାହାକୁ ଅଭିଯୋଗଟିକୁ ପ୍ରମାଣ କରିବାକୁ ହେବ, ତାହାର ବିଧାନ ରହିଛି। ପ୍ରମାଣ ଦେବା ଏବଂ ସେଥିରେ ମାନ୍ୟବର ଅଦାଲତଙ୍କର ବିଶ୍ୱାସ ହେବା ବି ସବୁବେଳେ ଏକା କଥା ହୋଇ ନଥାଏ। ଅର୍ଥାତ୍, ଯଥେଷ୍ଟ ପ୍ରମାଣ ଅଭାବରୁ ଅଭିଯୁକ୍ତ ବି ଖସି ଯାଇ ପାରନ୍ତି। ଏହି ଦୃଷ୍ଟିରୁ ମିଛ କେସ୍ କରାଉ ଥିବା ବ୍ୟକ୍ତିମାନେ ସବୁ ବେଳେ ଦଣ୍ଡିତ ନ ହୋଇ ବହୁ ସମୟରେ ଖସି ଯାଆନ୍ତି ଏବଂ ସାଦାସିଧା ଲୋକମାନେ କେସ୍‌ର ଯନ୍ତ୍ରଣା ଭୋଗନ୍ତି। କେସ୍‌ର ସବୁଠୁ ବିପଜ୍ଜନକ ଦିଗ ହେଲା, ତାହା କେବେ ନିର୍ଣ୍ଣାୟକ ଅବସ୍ଥାରେ ପହଞ୍ଚିବ, ସେକଥା କେହି କହି ପାରିବେ ନାହିଁ। ଏଇ ମିଛ କେସ୍ ଓ ତଜ୍ଜନିତ ପରିସ୍ଥିତିକୁ ଲକ୍ଷ୍ୟ କରି ଆମର ପାର୍ଲାମେଣ୍ଟ ନୂତନ ଆଇନ୍ ପ୍ରଣୟନ ନ କଲେ ମିଛ କେସ୍‌ରେ ପେଷି ହୋଇ ନିଜର ଜୀବନଯାକ ଜେଲ୍‌ରେ କିମ୍ବା କୋର୍ଟର ବାରଣ୍ଡାରେ କଟାଉ ଥିବା ଲୋକଙ୍କୁ କିଛି ନ୍ୟାୟ ମିଳିବ ନାହିଁ।■

(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)
ମୋ: ୯୪୩୮୪୮୨୯୧୧

# ଶଗଡ଼



କେଶବ ଚନ୍ଦ୍ର ନାୟକ

ଶଗଡ଼ ଆଉ ଗାଁ ଗହଳିରେ ଅଦୃଶ୍ୟ। ଆଜିକାଲିକା ସମୟରେ ଶଗଡ଼ କହିଲେ ପିଲାମାନେ ବୁଝିବେ ନାହିଁ। କାରଣ- ସବୁଠି ଯନ୍ତ୍ରଚାଳିତ ଯାନବାହନ। ଘରେ ଘରେ ମୋଟର ସାଇକେଲ। ପ୍ରତ୍ୟେକ ଗାଁରେ କାର୍, ବୋଲେରୋ, ଅଟୋ ମାଳ ମାଳ। ସହରରେ ଯେଉଁମାନେ ରହୁଛନ୍ତି, ଶଗଡ଼ କହିଲେ ବୁଝିବେ ନାହିଁ। ଏଣୁ କୌଣସି ଏକ ଚଳଚ୍ଚିତ୍ରରେ ଶଗଡ଼ ଦୃଶ୍ୟ ନ ଦେଖାଇଲେ ସେମାନେ ତାକୁ ସତ ମଣିବେ ନାହିଁ। ଆମ ପିଲା ଦିନେ ଶଗଡ଼ର ବହୁଳ ବ୍ୟବହାର ଥିଲା। ବିଶେଷକରି ଯେଉଁମାନେ ଜମିଦାର ଥିଲେ, ସେମାନେ ଶଗଡ଼ ରଖିବାକୁ ବାଧ ହେଉଥିଲେ। କାରଣ ଶଗଡ଼ରେ ଧାନ, ଚାଉଳଠାରୁ ଆରମ୍ଭ କରି ଜାଳେଣି କାଠ ପର୍ଯ୍ୟନ୍ତ ପରିବହନ କରା ଯାଇଥାଏ। ଧାନ ଅମଳ ସମୟରେ କଳେଇ ଶଗଡ଼ରେ ବିଲରୁ ଖଳାକୁ ନିଆଯାଏ। ଧାନ ବିଡ଼ାଗୁଡ଼ିକୁ ଥାକ କରି ରଖାଯାଏ। ଧାନ ସଂପୂର୍ଣ୍ଣ ଶୁଖିଗଲା ପରେ ଖଳାରେ ବେଙ୍ଗଳା ପଡ଼େ। ବଳଦକୁ ଯୋଡ଼ି ବେଙ୍ଗଳା ବୁଲାଯାଏ। କଣ୍ଟି ସହାୟତାରେ ବେଙ୍ଗଳାକୁ ଝାଡ଼ି ପୁଣି ଓଲଟ ପାଲଟ କରାଯାଏ। ଧାନ ସୀସା ଝଡ଼ି ଗଲେ ଧାନକୁ ଅଲଗା କରାଯାଏ ଏବଂ ପବନରେ ଉଡ଼ାଇ ଧାନରୁ ଅଗାଡ଼ିକୁ ଅଲଗା କରାଯାଏ। ପୁଣି ସଫା ଧାନକୁ ଅଖାରେ ଭର୍ତ୍ତି କରାଯାଇ ଶଗଡ଼ ସହାୟତାରେ ଧାନ ମରେଇରେ ରଖାଯାଏ। ପୁଣି ଧାନକୁ ଖରାରେ ଶୁଖାଯାଇ ଢିଙ୍କିରେ କୁଟାଯାଇ ଅରୁଆ ଚାଉଳ କରାଯାଇଥାଏ। ଯଦି ଉଷୁନା ଚାଉଳ ଆବଶ୍ୟକ ହୁଏ, ତେବେ ଧାନକୁ ସିଝାଇବାକୁ ପଡ଼ିଥାଏ। ଧାନ ସିଝିଗଲା ପରେ ଖରାରେ ଶୁଖାଇ ପୁଣି ଢିଙ୍କିରେ କୁଟି ଚାଉଳ ବାହାର କରାଯାଏ।

ସେ ସମୟରେ ଗାଁ ଗହଳିରେ ବହୁତ ଢିଙ୍କି ଥିଲା। ମହିଳାମାନେ ଢିଙ୍କିରେ ଧାନ କୁଟନ୍ତି। ସ୍ୱତନ୍ତ୍ର ଭାବେ ଧାନ କୁଟିବା ପାଇଁ ମହିଳାମାନେ ଥାଆନ୍ତି। ସେମାନଙ୍କୁ କୁଟୁଣୀ ବୋଲି କୁହାଯାଉଥିଲା। ଯେଉଁମାନେ ଜମିଦାର, ସେମାନେ କୁଟୁଣୀମାନଙ୍କୁ ଧାନ କୁଟିବା ପାଇଁ ମାଣ ମାଣ ଧାନ ଦେଇଥାନ୍ତି। ଏଥିପାଇଁ କୁଟୁଣୀମାନେ ଟଙ୍କା ଗଉଣୀ ବା ମାଣ ହିସାବରେ ନେଇଥାନ୍ତି। ଧାନ କୁଟିଲା ପରେ ହିସାବ ଅନୁସାରେ ଚାଉଳ ଦିଅନ୍ତି। ଏସବୁ ବ୍ୟବସ୍ଥା ଦୀର୍ଘ ୫୦ ବର୍ଷ ତଳେ ଥିଲା। ଗାଁ ଗହଳିରେ ଢିଙ୍କି କୁଟା ଚାଉଳ ଆମେ ଖାଇ ବଡ଼ ହୋଇଛୁ। ସେହି ଢିଙ୍କି ମଧ୍ୟ ଆଜି ସାତ ସପନ କହିଲେ ଚଳେ। ଗାଁ ଗହଳିରେ ପ୍ରତ୍ୟେକ ଘରେ ଶିଳ, ଘୋରଣା, ପେଷଣା ଥିଲା। ପ୍ରତି ଦିନ ସକାଳ ଓ ସନ୍ଧ୍ୟାରେ ଯେତେବେଳେ ତରକାରୀ ରନ୍ଧାଯାଏ, ଗୋଟା ମସଲା ସବୁ ଶିଳରେ ବଟାଯାଏ। ସେହିପରି ଘୋରଣାରେ ମାଣ୍ଡିଆ, ଗୋଟା ମୁଗ, କୋଳଥ, ବିରି, କାନ୍ଦୁଲ ଚୁରାଯାଏ। ପେଷଣାରେ ବତୁରା ଅରୁଆ ଚାଉଳ, ବତୁରା ବିରିଡାଲି ପେଷାଯାଏ। ଏହିଥିରେ ଚକୁଳି ପିଠା କି ଏଣ୍ଡୁରି ପିଠା ପାଇଁ ପେଷା ହୋଇଥାଏ। ଆଜିକାଲି ଏହି ପଥର ନିର୍ମିତ ଘରକରଣା ସାମଗ୍ରୀ ମିଳୁ ନାହିଁ। ଏଥିପାଇଁ ବିଦ୍ୟୁତ୍ ଚାଳିତ ଗ୍ରାଇଣ୍ଡର ମେସିନ ବ୍ୟବହାର ହେଉଛି। ଶିଳ ନାହିଁ କି ମସଲା ବଟା ନାହିଁ।

ଆଜିକାଲି ସବୁ ମସଲା ଗୁଣ୍ଡ ବିଭିନ୍ନ ପ୍ୟାକେଟ୍‌ରେ ବଜାରରୁ କ୍ରୟ କରି ଆଣି ତରକାରୀ ରନ୍ଧା ହେଉଛି। ଏଣୁ ଏସବୁ ପଥର ସାମଗ୍ରୀଗୁଡ଼ିକ ଗାଁ ଗହଳିରେ ଆଉ ନାହିଁ। ଅତୀତରେ ଝିଅ ଯେତେବେଳେ ବାହା ହୋଇ ଶାଶୁଘରକୁ ଯାଉଥିଲା, ସେତେବେଳେ ଶଗଡ଼ ଧାଡ଼ି ଧାଡ଼ି ହୋଇ ରାସ୍ତାରେ ଯାଉଥିଲା। ଏହି ଶଗଡ଼ ଗୁଡ଼ିକରେ ବହୁତ ଘରକରଣା ଜିନିଷ ଲଦାଯାଇ ପରିବହନ କରାଯାଉଥିଲା।

ପ୍ରଥମେ ଯେଉଁ ଶଗଡ଼ରେ ନବବଧୂ ବସୁଥିଲା, ସେହି ଶଗଡ଼କୁ ସୁନ୍ଦର ଭାବେ ସୁସଜ୍ଜିତ କରା ଯାଉଥିଲା। ଯୋଡ଼ି ବଳଦଙ୍କ ଦେହରେ ନଡ଼ିଆ ତେଲ ମରାଯାଇ ଚିକ୍ ଚିକ୍ କରା ଯାଉଥିଲା। ବେକରେ ଘାଗୁଡ଼ି ମାଳ ଓ ଘଣ୍ଟି ବନ୍ଧା ଯାଉଥିଲା, ଯେପରିକି ଚାଲିଲା ବେଳେ ଝଣ ଝଣ ଶବ୍ଦ ସୃଷ୍ଟି କରୁଥିଲା। କନିଆ ଆଗ ଶଗଡ଼ରେ ବସିଲା ପରେ ପଛକୁ ପଛ ବାକି ସାମଗ୍ରୀଭରା ଶଗଡ଼ସବୁ ଚାଲେ। ଯିଏ ଯେତେ ଶଗଡ଼ରେ ଜିନିଷ ଭର୍ତ୍ତି କରି ଦେଉଥିଲା, ଲୋକେ



ତାକୁ ଦେଖି ସେତେ ଚର୍ଚ୍ଚା କରୁଥିଲେ। ଇଏ କାହା ଘର ଝିଅ, କେଉଁ ଗାଁରେ ବିବାହ ହେଉଛି, କେତେ ଜିନିଷ ଉପହାର ନେଉଛି, ଇତ୍ୟାଦି। ଆଜିକାଲି ସେସବୁ ଦୃଶ୍ୟ ଆଉ ଗାଁ ଗହଳିରେ ନାହିଁ। ସମୟ ଚକ୍ରରେ ସବୁ ବଦଳି ଗଲାଣି।

ଶଗଡ଼ କୁ ଯେ ଚାଳନା କରେ, ତାକୁ ଶଗଡ଼ିଆ କୁହନ୍ତି। ଏବେ ବି ବହୁତ ଲୋକଙ୍କ ସାଙ୍ଗିଆ ଶଗଡ଼ିଆ ରହିଛି। ଯଦିଓ ଶଗଡ଼ ନାହିଁ କି ଶଗଡ଼ିଆ ନାହାନ୍ତି, ତଥାପି ଲୋକମାନେ ଶଗଡ଼ିଆ ଘର ଲୋକ ବୋଲି ସମ୍ବୋଧନ କରନ୍ତି। ସାଙ୍ଗିଆ ସବୁ ଇଂରେଜମାନଙ୍କ ଜନଗଣନା ଅନୁସାରେ ଆସିଛି। ଇଂରେଜ ଶାସନ ପୂର୍ବରୁ କାହାରି ସାଙ୍ଗିଆ ନଥିଲା। ହିନ୍ଦୁ ଧର୍ମରେ କର୍ମକୁ ନେଇ ଜାତି ଥିଲା। କର୍ମ କହିଲେ ବୃତ୍ତିକୁ ବୁଝାଉ ଥିଲା। ତେଣୁ ବୃତ୍ତିକୁ ନେଇ ସାଙ୍ଗିଆ ବା ଟାଇଟଲ ନାମ ଶେଷରେ ଯୋଡ଼ି ଦିଆ ଯାଇଛି। ରାଜା ରାଜୁଡ଼ା ସମୟରେ କର୍ମକୁ ଆଧାର କରି ଉପାଧି ଦିଆ ଯାଉଥିଲା, ଯେପରି ନାୟକ, ରାୟବାହାଦୂର, ଦଳପତି, ଦଳବେହେରା, ସୁପକାର (ରାନ୍ଧୁଣିଆ) ବା ସୁଆର ଇତ୍ୟାଦି। ପରେ ପରେ ଟାଇଟଲ୍‌ର ସୃଷ୍ଟି। ସେହିପରି ଶଗଡ଼ିଆ ମଧ୍ୟ ବହୁତ ଲୋକଙ୍କର ସାଙ୍ଗିଆ ରହିଛି।

ବିଜ୍ଞାନ ଯେତିକି ଅଗ୍ରଗତି କରୁଛି, ସେତିକି ପ୍ରାଚୀନ କାଳର ବ୍ୟବହୃତ ସାମଗ୍ରୀଗୁଡ଼ିକର ବିଲୋପ ଘଟୁଛି। କିନ୍ତୁ ଆମ ପୂର୍ବପୁରୁଷଙ୍କ ଜୀବନଶୈଳୀର ସୁରକ୍ଷା ଲାଗି ଏସବୁ ସଂରକ୍ଷିତ ହୋଇ ରହିବା ଆବଶ୍ୟକ। ଏଥି ପ୍ରତି ସରକାରୀ ସ୍ତରରେ ଉଦ୍ୟମ ନହେଲେ ଆଗାମୀ ସମୟରେ ଗବେଷଣା ପାଇଁ ହୁଏତ ମୂଳ ଉପାଦାନଗୁଡ଼ିକ ଉପଲବ୍ଧ ହେବ ନାହିଁ।■

ସଭାପତି, ଉତ୍କଳ ସାହିତ୍ୟ ସଂସଦ
ମାଲକାନଗିରି, ମୋ: ୯୪୩୭୭୭୯୪୪୭

## ସମ୍ପାଦକଙ୍କୁ ପତ୍ର

### କର୍ମ ନିୟୋଜନ ମାଧ୍ୟମରେ ଦେଶର ପ୍ରଗତି ସମ୍ଭବ

କଲ୍ୟାଣକାରୀ ରାଷ୍ଟ୍ରର ଶାସନ ବ୍ୟବସ୍ଥାରେ ପ୍ରତ୍ୟେକ ଲୋକଙ୍କୁ ନିଶ୍ଚିତ କର୍ମ ନିୟୋଜନ ମାଧ୍ୟମରେ ସହଜରେ ଦେଶର ପ୍ରଗତି ଅଣାଯାଇ ପାରିବ। କାରଣ, ଆମ ଦେଶରେ ମାନବ ସମ୍ବଳର ଅଭାବ ନାହିଁ। ଉଚ୍ଚଶିକ୍ଷିତ, ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଏବଂ ଅଶିକ୍ଷିତ- ସବୁ ବର୍ଗର ମାନବ ସମ୍ବଳକୁ ସୁବିନିଯୋଗ କରି ପାରିଲେ ବିକାଶ ପାଇଁ ବାଧକ ରହିବ ନାହିଁ। କୃଷି ହେଉ କି ଶିଳ୍ପ, ଦପ୍ତର ହେଉ କି ନିର୍ମାଣ ପ୍ରକଳ୍ପ, ଶିକ୍ଷା ହେଉ କି ସ୍ୱାସ୍ଥ୍ୟ ସେବା, ବିଜ୍ଞାନ ହେଉ କି ବୈଷୟିକ କାରିଗରୀ, ବାଣିଜ୍ୟ ହେଉ କି ପରିବହନ, ଏପରିକି କଳା, ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ ଓ ପର୍ଯ୍ୟଟନ ସବୁ କ୍ଷେତ୍ରରେ ପର୍ଯ୍ୟାପ୍ତ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟିକରି ବେକାରୀ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବା ଜରୁରୀ। କେବଳ ଗରିବୀ ହଟାଇବା ଯୋଜନା ଜରିଆରେ କୌଣସି କର୍ମ ସଂସ୍ଥାନ ପରିବର୍ତ୍ତେ ଦେଶବାସୀଙ୍କୁ ଆର୍ଥିକ ଭତ୍ତା, ଶସ୍ୟ ଦାନା ଅବା ପଢ଼ି ସାମଗ୍ରୀ ପ୍ରଦାନ କରାଗଲେ ଗୁଡ଼ାଏ ଅଳସୁଆ ତଥା ଅକର୍ମଣ୍ୟ ସୃଷ୍ଟି ହେବା ସହିତ ଦେଶର ଆର୍ଥିକ ମେରୁଦଣ୍ଡ ଦୋହଲି ଯିବା ବିଚିତ୍ର ନୁହେଁ। ତା' ଛଡ଼ା କେଉଁ ବିଦେଶୀ ପ୍ରରୋଚନାରେ ଭଳିଯାଇ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା, ବାଧ୍ୟତାମୂଳକ ଅବା ସ୍ୱେଚ୍ଛାକୃତ ଅବସର ଦେଇ ଲୋକଙ୍କୁ କର୍ମଚ୍ୟୁତ କରିଦେବା ଏବଂ ଦକ୍ଷ ତଥା କୁଶଳୀ ମାନବ ସମ୍ବଳକୁ ଠିକା ଭିତ୍ତିରେ ଦୁରୁପଯୋଗ କରୁଥିବା ବ୍ୟବସ୍ଥା କଦାପି ପ୍ରଗତିର ଲକ୍ଷଣ ହୋଇ ନପାରେ। ଏଣୁ, ସରକାର ସମଗ୍ର ଦେଶର ପ୍ରତିଟି ନାଗରିକଙ୍କୁ ଉପଯୁକ୍ତ କର୍ମ ସଂସ୍ଥାନ ଯୋଗାଇ ଦେବା ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ଅଥବା ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରି ପାରିଲେ ପ୍ରଗତି ଅବଶ୍ୟମ୍ଭାବୀ ହୋଇ ପାରିବ।

ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର

# ଜିଡିପିର ଚମକ

ଅଗଷ୍ଟ ୨୯, ୨୦୨୫ ଅର୍ଥାତ୍ ଗତ ସପ୍ତାହର ଶୁକ୍ରବାର ଦିନ ପ୍ରକାଶ ପାଇଛି ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅଭିବୃଦ୍ଧି ସଂଖ୍ୟା ଯାହା ସମସ୍ତଙ୍କୁ ବିସ୍ମିତ କରି ଦେଇଛି ଯେହେତୁ ଅନେକ ପ୍ରତିକୂଳତା ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକୀରେ ଏହା ୭.୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଆଶା କରାଯାଉଥିବା ବୃଦ୍ଧିଠାରୁ ଢେର୍ ଅଧିକା ଏବଂ ବିଗତ ପାଞ୍ଚ ଗୋଟି ତ୍ରୈମାସିକୀର ବୃଦ୍ଧି ହାରକୁ ଟପି ଯାଇଛି। ଉଦାହରଣ ସ୍ୱରୂପ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ମଧ୍ୟ ଅଗଷ୍ଟ ୬, ୨୦୨୫ରେ ଭବିଷ୍ୟବାଣୀ କରିଥିଲେ ଯେ ପ୍ରଥମ ତ୍ରୈମାସିକୀରେ ବୃଦ୍ଧି ହାର ୬.୫ ପ୍ରତିଶତ ହେବ, ଯାହାଠାରୁ ସାମ୍ପ୍ରତିକ ସଂଖ୍ୟା ୧୧୦ ବେସିସ୍ ପଏଣ୍ଟ ଅଧିକ ରହିଛି। ଏହି ଅଭିବୃଦ୍ଧି ହାର ଭାରତର ଦ୍ରୁତ-ଅଭିବୃଦ୍ଧି ପଥରେ ପଥିକ ବିଶାଳ ଅର୍ଥନୀତିର ସ୍ଥିତିକୁ ସୁଦୃଢ଼ କରୁଛି ଏବଂ ଏହାର ଅର୍ଥନୀତିକ ନମନୀୟତା ଉପରେ ଗୁରୁତ୍ୱାରୋପ କରୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ମଧ୍ୟ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତ ବିଶ୍ୱର ଚତୁର୍ଥ-ବୃହତ୍ତମ ଅର୍ଥନୀତି ଭାବରେ ଉଭା ହେବାର ସମସ୍ତ ସମ୍ଭାବନାକୁ ଦୃଢ଼ୀଭୂତ କରୁଛି। ସେବା କ୍ଷେତ୍ରର କାର୍ଯ୍ୟକଳାପ, ଯାହା ସମଗ୍ର ବିଶ୍ୱ ସ୍ତରରେ ଅନିଶ୍ଚିତତା ସତ୍ତ୍ୱେ ବିଗତ ଦୁଇ ବର୍ଷଠାରୁ ଢେର୍ ଅଧିକ ୯.୩ ପ୍ରତିଶତ ହାରରେ ସମ୍ପ୍ରସାରିତ ହୋଇଥିଲା, ତାହା ହେଉଛି ଏଭଳି ଦୃଢ଼ ପ୍ରଦର୍ଶନ କ୍ଷେତ୍ରରେ ପ୍ରମୁଖ ଅବଦାନକାରୀ। ସେବା କ୍ଷେତ୍ରର ଏଭଳି ବିପୁଳ ବୃଦ୍ଧି ବ୍ୟବସାୟ ବାଣିଜ୍ୟ, ପରିବହନ, ଅର୍ଥ ଲଗାଣ, ରିୟଲ ଇଷ୍ଟେଟ୍, ଏବଂ ଏମିତିକି ସରକାରୀ ପ୍ରଶାସନ କ୍ଷେତ୍ରରେ ବ୍ୟାପକ-ଆଧାରିତ ସାମର୍ଥ୍ୟକୁ ପ୍ରତିଫଳିତ କରେ, ଯେଉଁଗୁଡ଼ିକ ମଧ୍ୟରୁ ସମସ୍ତ କ୍ଷେତ୍ର ଉଲ୍ଲେଖନୀୟ ପରିମାଣର ଲାଭ ଅର୍ଜନ କରିଛନ୍ତି।

ନିର୍ମାଣ କ୍ଷେତ୍ର ମଧ୍ୟ ଏକ ଉତ୍ତମ ଅଭିବୃଦ୍ଧି ହାର ପ୍ରଦର୍ଶନ କରିଛି। ଏହା ୭.୭ ପ୍ରତିଶତ ହାରରେ ବୃଦ୍ଧିଲାଭ କରିଛି ଯାହାକି ଗତ ବର୍ଷର ପ୍ରଥମ ତ୍ରୈମାସିକୀର ୭.୬ ପ୍ରତିଶତର ଆପାତତଃ ଏକ ଉଚ୍ଚ ଆଧାର ଉପରେ ହୋଇ ପାରିଛି। ଏ ବାବଦରେ କେତେକ ବିବୃତି ପ୍ରଦାନ କରିଛନ୍ତି ଯେ ଏହାର କାରଣ, ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅଗଷ୍ଟ ମାସର ଟାରିଫ୍ ପାଇଁ ସମୟ ସୀମା ପୂର୍ବରୁ କମ୍ପାନୀମାନେ ସେମାନଙ୍କର ଉତ୍ପାଦନ ଏବଂ ରପ୍ତାନୀ କ୍ଷେତ୍ରରେ ବୃଦ୍ଧି କରିଛନ୍ତି। ତେବେ ପ୍ରଥମ ତ୍ରୈମାସିକୀରେ ବାଣିଜ୍ୟିକ ରପ୍ତାନୀ କାରବାର ମାତ୍ର ୧.୬ ପ୍ରତିଶତ ବୃଦ୍ଧି ପାଇଥିବାରୁ କମ୍ପାନୀମାନେ ଘରୋଇ ଚାହିଦାକୁ ପୂରଣ କରିବା ପାଇଁ ଅଧିକ ଉତ୍ପାଦନ କରିଥିବା ଏକ ସମ୍ଭାବ୍ୟ କାରଣ ଭାବରେ ମନେହୁଏ। ତେବେ ସରକାରଙ୍କ ଦ୍ୱାରା ପ୍ରକାଶ କରାଯାଇଥିବା ସଂଖ୍ୟା ଏ ବାବଦରେ ବିଶେଷ ସ୍ୱଷ୍ଟ ଚିତ୍ର ପ୍ରଦାନ କରି ନଥାଏ। ଶିଳ୍ପ ଉତ୍ପାଦନ ସୂଚକାଙ୍କ ଦ୍ୱାରା କରାଯାଇଥିବା ମାପ ଅନୁସାରେ ନିର୍ମାଣ କ୍ଷେତ୍ର ପ୍ରଥମ ତ୍ରୈମାସିକୀରେ ୩.୩ ପ୍ରତିଶତ ହାରରେ ବୃଦ୍ଧିଲାଭ କରିଥିଲା, ଯେତେବେଳେ କି ଗତ ବର୍ଷ ଏହି ଅବଧିରେ ବୃଦ୍ଧି ହାର ଥଲା ୪.୩ ପ୍ରତିଶତ। ବିଶେଷକରି ଗତ ବର୍ଷ ସମାନ ସମୟରେ ଷ୍ଟିଲ୍‌ର ଉପଭୋଗ ବା କଞ୍ଜମ୍ପସନ୍ ଯେତିକି ଥିଲା, ତା' ତୁଳନାରେ ଚଳିତ ବର୍ଷ ଯଥେଷ୍ଟ କମ୍ ରହିଥିଲା। ସେହିପରି ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଉଭୟ ଘରୋଇ ଏବଂ ବ୍ୟବସାୟିକ ଯାନ ବିକ୍ରି କ୍ଷେତ୍ରରେ ଯଥାକ୍ରମେ ୫.୪ ଏବଂ ୦.୬ ପ୍ରତିଶତ ହ୍ରାସକୁ ପରିଲକ୍ଷିତ କରିଛି। ଦୁଇଚକିଆ ଯାନ ବିକ୍ରୟ କ୍ଷେତ୍ରରେ ୬.୨ ପ୍ରତିଶତ ହ୍ରାସ ଘଟିଥିବା ବେଳେ ତିନିଚକିଆ ଯାନର ବିକ୍ରୟ କ୍ଷେତ୍ରରେ ମାତ୍ର ୦.୧ ପ୍ରତିଶତ ବୃଦ୍ଧି ଘଟିଛି। ବିଭିନ୍ନ ପ୍ରକାରର ତଥ୍ୟ ଦର୍ଶାଇ ଥାଏ ଯେ ମୌଳିକ ଏବଂ ଖାଉଟି କ୍ଷେତ୍ରଗୁଡ଼ିକରେ ଅବସ୍ଥା ଧୀମେଇ ଯାଉଛି, ଆଉ ସେଥିପାଇଁ ନିର୍ମାଣ କ୍ଷେତ୍ରରେ ବୃଦ୍ଧିର ଏକ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯିବାର ଆବଶ୍ୟକତା ରହିଛି।

ଜିଡିପି କ୍ଷେତ୍ରକୁ କୃଷି କ୍ଷେତ୍ରର ଅବଦାନ ଉପରୋକ୍ତ ଅବଧିରେ ୩.୭ ପ୍ରତିଶତ ବୃଦ୍ଧି ହାର ସହିତ ସ୍ଥିର ରହିଛି। ଜୁନ୍ ମାସରେ ଶୀଘ୍ର ବର୍ଷା ହେବା ଫଳରେ ଖଣି କାର୍ଯ୍ୟ, ଉପଯୋଗିତାମୂଳକ କାର୍ଯ୍ୟ ଏବଂ ନିର୍ମାଣ କାର୍ଯ୍ୟ କ୍ଷେତ୍ରରେ କିଛିଟା ବ୍ୟାଘାତ ଘଟିଥିଲା, ତେବେ ସାମଗ୍ରିକ ଭାବରେ ମୋଟ ମୂଲ୍ୟ ଯୋଗ (ଜିଭିଏ) ଏବେ ସୁଦ୍ଧା ୭.୬ ପ୍ରତିଶତରେ ରହିଛି, ଯାହା ବିଗତ ଛଅ ଗୋଟି ତ୍ରୈମାସିକୀ ମଧ୍ୟରେ ସର୍ବାଧିକ। ତେବେ, ଏସବୁ ପରେ ଆଶାବାଦକୁ ନେଇ ଆଗକୁ ଚାଲିବା ଢେର୍ ଗୁରୁତ୍ୱପୂର୍ଣ୍ଣ, କାରଣ ବାସ୍ତବ ଜିଡିପି ବୃଦ୍ଧି ମୁଦ୍ରାସ୍ଫୀତି ଦ୍ୱାରା ସହାୟତାପ୍ରାପ୍ତ ହୋଇଥିଲା, ଯାହାକି ଅବସ୍ଫୀତିକାରୀଗୁଡ଼ିକୁ ନିମ୍ନାଭିମୁଖୀ କରି ଦେଇଥିଲା। ନାମମାତ୍ର (ନୋମିନାଲ) ଜିଡିପି ଅଭିବୃଦ୍ଧି ରହିଥିଲା ୮.୮ ପ୍ରତିଶତ ଯାହା ବିଗତ ତିନି ଗୋଟି ତ୍ରୈମାସିକୀରେ ଥିଲା ସର୍ବନିମ୍ନ। ନିକଟରେ ଆୟକରରେ କରାଯାଇଥିବା କାଟ୍ ଏବଂ ନିବେଶ କ୍ଷେତ୍ରରେ ସରକାରଙ୍କ ତରଫରୁ ନିଆଯାଉଥିବା ଅଗ୍ରଗାମୀ ପଦକ୍ଷେପଗୁଡ଼ିକ ଯୋଗୁଁ ଉପଭୋଗ ବା କଞ୍ଜମ୍ପସନ୍ ୭ ପ୍ରତିଶତ ବୃଦ୍ଧି ପାଇଛି। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ହାରରେ ପରିବର୍ତ୍ତନ କରାଯିବା ସହିତ ଭିତ୍ତିଭୂମି କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରାଯିବାର ପ୍ରସ୍ତାବ ଉପଭୋଗ କ୍ଷେତ୍ରରେ ବୃଦ୍ଧିକୁ ଅଧିକ ସହାୟତା ପ୍ରଦାନ କରିପାରେ। ତେବେ, ମଧ୍ୟବର୍ତ୍ତୀକାଳୀନ ଅବଧି ପାଇଁ ସରକାର ବାଣିଜ୍ୟିକ ରାଜିନାମା ନେଇ ଯୁକ୍ତରାଷ୍ଟ୍ର ଆମେରିକା ସହିତ ସୃଷ୍ଟି ହୋଇଥିବା ସଂକଟ ଏବଂ ରୁଷୀୟ ଅଶୋଧିତ ତୈଳ ଖର୍ଦ୍ଦି କରିବାଜନିତ ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ବିଜ୍ଞତାର ସହିତ ପରିସ୍ଥିତିକୁ ପରିଚାଳନା କରିବାର ଆବଶ୍ୟକତା ରହିଛି। ସଙ୍ଗେ ସଙ୍ଗେ ଏହା ମଧ୍ୟ ଜରୁରୀ ଯେ ଭାରତ କୌଣସି ପ୍ରକାରେ ବୈଶ୍ୱିକ ଗୋଷ୍ଠୀବାଦରେ ଯେପରି ସାମିଲ ହେବନାହିଁ, ତାହା ସରକାର ସୁନିଶ୍ଚିତ କରିବା ଉଚିତ।■

# ଶ୍ଳୋକ ଓ ଶୋକ

ଆମେ କହିଲା ବେଳେ ପାଣ୍ଡିତ୍ୟ ଦେଖାଇବାକୁ ଯାଇ ଶାସ୍ତ୍ର ପୁରାଣରୁ ଶ୍ଳୋକଟିଏ ଉଦ୍ଧାର କରୁ। କିନ୍ତୁ ଶାସ୍ତ୍ର ଘୋଷା ଜୀବନ ଅପେକ୍ଷା ବାସ୍ତବ ଜୀବନ ସବୁବେଳେ ଜାଜ୍ୱଲ୍ୟମାନ ହୀରା ପରି। କାରଣ ବାସ୍ତବ ଜୀବନରେ ଅନୁଭବ ଖୁନ୍ଦି ହୋଇଥାଏ। ଅଭିଜ୍ଞତା ନେସି ହୋଇଥାଏ। ଶାସ୍ତ୍ର ଘୋଷି ପାଣ୍ଡିତ୍ୟ ଅର୍ଜନ କରିଥିବା ଲୋକ ପାଖରେ ବାକ୍‌ଚାତୁରୀ, ତର୍କ ଆଉ ମୀମାଂସା ଥାଏ। ବାସ୍ତବ ଜୀବନରେ ଜିଇଁବାର ପ୍ରକୃତ ସ୍ୱାଦ ଥାଏ। ଯାହାର ଜୀବନ ଯେତିକି ବାସ୍ତବତାରେ ପରିପୂର୍ଣ୍ଣ, ତା'ର ଜୀବନ ସେତିକି ମହତ୍ତ୍ୱପୂର୍ଣ୍ଣ। ପାଣ୍ଡିତ୍ୟ ଅର୍ଜନ କରିବା ସ୍ୱାଗତଯୋଗ୍ୟ। ମାତ୍ର ବାସ୍ତବତା, ଶୁଦ୍ଧ ଆଚରଣ ଓ ଉପଲବ୍ଧି ନଥାଇ ପାଣ୍ଡିତ୍ୟ ମୂଲ୍ୟହୀନ। ଯୋଉ ଧର୍ମ ଶାସ୍ତ୍ର ଆମକୁ ଅଭିମାନଶୂନ୍ୟ ହେବାକୁ ଶିକ୍ଷା ଦିଏ, ସେଇ ଶାସ୍ତ୍ରକୁ ଘୋଷି ଆମେ ଅଭିମାନୀ ହୋଇଉଠୁ। ଶାସ୍ତ୍ର ମୁଖସ୍ଥ କରି ପରମାତ୍ମାଙ୍କ ପ୍ରତିଷ୍ଠା ଛାଡ଼ି ନିଜ ପ୍ରତିଷ୍ଠା ଖୋଜୁ। ବୁଢ଼ିଆଣୀ ଜାଲରେ କୀଟଟିଏ ଛନ୍ଦି ହୋଇଯିବା ଭଳି କୋରାନ, ବାଇବେଲ, ଗୀତା ଆଦିର ଜାଲରେ ଆମେ ଛନ୍ଦି ହୋଇଯାଉ। ଶାସ୍ତ୍ର ମଣିଷକୁ ପ୍ରତିଷ୍ଠା ଦେଇପାରେ, ମାତ୍ର ପରମାତ୍ମାଙ୍କ ପାଖରେ ପହଞ୍ଚାଇ ପାରେନା। ପରମାତ୍ମାଙ୍କୁ ଉପଲବ୍ଧ କରାଇ ପାରେନା। ଶାସ୍ତ୍ର ଘୋଷିବାକୁ ଜୀବନର ଶେଷ ଉପଲବ୍ଧି ଭାବିବା ଉଚିତ୍ ନୁହେଁ। ଅନେକଙ୍କ ଧାରଣା ଥାଏ ଯିଏ ଯେତିକି ଶାସ୍ତ୍ର କଥା କହୁଛନ୍ତି, ସେମାନେ ନିଶ୍ଚିତ ପରମାତ୍ମାଙ୍କୁ ଉପଲବ୍ଧି କରିଥିବେ, ମାତ୍ର ପରମାତ୍ମାଙ୍କର ଶାସ୍ତ୍ର ସହିତ କୌଣସି ସମ୍ପର୍କ ନଥାଏ।

ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଗୁରୁ ଥିଲେ ତୋତାପୁରୀ। ତାଙ୍କୁ ଲୋକେ ଲଙ୍ଗୁଳିବାବା ବୋଲି କୁହନ୍ତି। ଲଙ୍ଗୁଳିବାବା ଖୁବ୍ କମ୍ କଥା କୁହନ୍ତି। ଦିନେ ଜଣେ ଲୋକ ତାଙ୍କୁ ବାରମ୍ବାର ପଚାରିଲେ- 'ଭଗବାନ କେମିତି ମିଳିବେ ?' ଦୀର୍ଘ ସମୟ ପରେ ଲଙ୍ଗୁଳିବାବା କହିଲେ- 'ପୋଥିକୁ ଛାଡ଼ିଦେଲେ।' ତା'ପରେ ନିରବି ଗଲେ। ଏହାର ଅର୍ଥ, ଶାସ୍ତ୍ରର ଜଙ୍ଗଲ ଭିତରେ ଥାଇ ଭଗବାନଙ୍କୁ ଉପଲବ୍ଧି କରିବା ଜଟିଳ ବ୍ୟାପାର।

ସ୍ୱାମୀ ବିବେକାନନ୍ଦ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ସହିତ ସାକ୍ଷାତ ହେବା ପୂର୍ବରୁ ଅନେକ ବିଜ୍ଞ ଲୋକଙ୍କୁ ଭଗବାନଙ୍କ ଅସ୍ତିତ୍ୱ ବିଷୟରେ ପଚାରି ଥିଲେ। ସମସ୍ତେ ଶାସ୍ତ୍ରର ଶ୍ଳୋକ କହିଥିଲେ। ମାତ୍ର ଶ୍ରୀ ରାମକୃଷ୍ଣ ପରମହଂସ ଶାସ୍ତ୍ରର କୌଣସି ଶ୍ଳୋକ କହି ନଥିଲେ। ନିଜ ଜୀବନର ଅନୁଭବ କହିଥିଲେ। ବିବେକାନନ୍ଦ ତାଙ୍କରି ପାଖରେ ବନ୍ଧା ପଡ଼ିଗଲେ।

ଧର୍ମଶାସ୍ତ୍ର ସିନା ପରମାତ୍ମାଙ୍କ ଉପଲବ୍ଧି କରେଇ ପାରନ୍ତିନି, କିନ୍ତୁ ତାଙ୍କୁ ପାଇବା ପାଇଁ ଆମ ଭିତରେ ଭୋକ ସୃଷ୍ଟି କରନ୍ତି। ବିଷୟ ଭୋଗରେ ମାତି ବାଟବଣା ହୋଇଥିବା ମଣିଷକୁ ଚେତେଇ ଦିଅନ୍ତି। ଅଜ୍ଞାନ ଅନ୍ଧାରରେ ଆଲୁଅ ହୋଇ ବାଟ କଢ଼େଇ ନିଅନ୍ତି। ବେଳେବେଳେ ପୂଜାପାଠ ସମୟରେ ପଣ୍ଡିତମାନେ କୁହନ୍ତି- 'ଅମୁକ ଦେବତାଙ୍କର ଗୋଟିଏ ଧ୍ୟାନ ପଢ଼।' ଧ୍ୟାନ ତ ନିରବତାର କଥା। ଧ୍ୟାନକୁ ଘୋଷା ଯାଏନା କି ପଢ଼ା ଯାଏନା। ଆମେ କିଛି ମନ୍ତ୍ର, ସ୍ତୋତ୍ର ଘୋଷି ଦେଇ ମନ୍ଦିରରେ ବଡ଼ ପାଟିରେ ପଢୁ। ଭାବିନେଉ, ଭଗବାନ ଏଇ ଶ୍ଳୋକ ଭିତରେ ବନ୍ଦୀ ଅଛନ୍ତି। ଏଇ ମନ୍ତ୍ର ପଢ଼ିଲେ ସେ ଆସନ୍ତି। କିନ୍ତୁ ଭୁଲିଯାଉ ଯେ ପରମାତ୍ମା ଆମ ଶ୍ଳୋକ ନୁହେଁ, ବରଂ ଶୋକ ଭିତରେ ଥାଆନ୍ତି। ପାଣ୍ଡିତ୍ୟ ନୁହେଁ, ଆମ ବ୍ୟାକୁଳତାରେ ଥାଆନ୍ତି। ଯେତିକି ଶ୍ଳୋକ ଘୋଷୁ, ଯଦି ଗୋଟିଏ ଶ୍ଳୋକକୁ ଆଚରଣ ପରିସରକୁ ଆଣି ପାରିବା, ତେବେ ପରମାତ୍ମା ଆମ ନିକଟତର ହୋଇଯିବେ।■

# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ଖୋର୍ଦ୍ଧା,୨।୯/ଏନ୍ଏନ୍ଏସ୍:** ମଙ୍ଗଳବାର ସକାଳୁ ବଜ୍ରପାତରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ସ୍ଥାନୀୟ ନବୀନାବାଗ ଅଞ୍ଚଳର ଲେନିନ ପାଇକରାୟ(୨୦)। ସୂଚନାନୁସାରେ ଆଜି ସକାଳୁ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଲେନିନ୍ ଘର ଦୁଆରମୁହଁରେ ସକାଳୁ ବସିଥିବାବେଳେ ବଜ୍ରପାତରେ ହଠାତ ଆହତ ହୋଇଯାଇଥିଲେ। ସଂଗେ ସଂଗେ ତାଙ୍କର ରକ୍ତବାନ୍ତି ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲ ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଲେନିନ୍ ଜଣେ ପରୋପକାରୀ, ଉଦୀୟମାନ ଯୁବକଭାବେ ପରିଚିତ ଥିଲେ। ସେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ରହି ବହୁ ବିକାଶମୂଳକ କାର୍ଯ୍ୟରେ ସାମିଲ ହୋଇ ସମସ୍ତଙ୍କ ହୃଦୟ ଜିତିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶଥାଉ କି, ଲେନିନ ବାପା ମାଆଙ୍କର ଏକମାତ୍ର ପୁଅ ହୋଇଥିବାବେଳେ ଗତ ୪ମାସ ପୂର୍ବେ ବାପା ଲକ୍ଷ୍ମୀନାରାୟଣ ପାଇକରାୟଙ୍କ ମୃତ୍ୟୁ ହୋଇଥିଲା।

# ହ୍ୟୁଜ୍ ଆପ୍‌ର ଟାଙ୍ଗୀ ମୁଖ୍ୟ ଗିରଫ

**ଟାଙ୍ଗୀ,୨।୯/ଏନ୍ଏନ୍ଏସ୍:** ହ୍ୟୁଜ୍ ଆପ୍‌ର କଟକ ଜିଲ୍ଲା ମୁଖ୍ୟ ପାର୍ଥ ସାରଥୀ ଦାସଙ୍କୁ କଟକ ସାଇବର ଥାନା ପୁଲିସ ଗିରଫ କରିଥିବାବେଳେ ଟାଙ୍ଗୀ ପୁଲିସ ଟାଙ୍ଗୀ ଅଞ୍ଚଳର ହ୍ୟୁଜ୍ ଆପ୍‌ର ମୁଖ୍ୟ ପ୍ରଦିପ କୁମାର ଦାସଙ୍କୁ ଗିରଫ କରିଛି। ଟାଙ୍ଗୀ ଅଞ୍ଚଳର କିଛି ବ୍ୟକ୍ତି ଏହି ଆପ୍ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ ପରବର୍ତ୍ତୀ ସମୟରେ ଉକ୍ତ ଟଙ୍କା ବୁଡି ଯିବା ଫଳରେ କୌଳାସ ବେହେରା ଓ ଆଉ କିଛି ବ୍ୟକ୍ତିମାନେ ଟାଙ୍ଗୀ ଥାନା ଅଧିକାରୀ ଶିବପ୍ରସାଦ ଭଦ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ପୁଲିସ ଉକ୍ତ ଘଟଣାର ତଦନ୍ତ କରି ପ୍ରଦିପ ଦାସଙ୍କୁ ଗିରଫ କରିବା ସହ ନଗଦ ୪୫ହଜାର ଟଙ୍କା, ଗୋଟିଏ ମୋବାଇଲ ଫୋନ ନିଜ ନାମରେ ଥିବା ହ୍ୟୁଜ୍ ଆପ୍‌ର ପ୍ରମାଣପତ୍ର, ୬ଟି ବିଭିନ୍ନ ବ୍ୟାଙ୍କ୍‌ର ଡେଭିଡ୍ କାର୍ଡ, ପ୍ୟାନ୍ କାର୍ଡ, ଆଧାର କାର୍ଡ, ଭୋଟର କାର୍ଡ ଜବତ କରିବା ସହ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ଡିପିଓ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଏ ନେଇ ପ୍ରଦିପଙ୍କୁ ପଚାରିବାରୁ ମୋବାଇଲ ବିଷୟରେ ସଠିକ କିଛି ଜାଣିନଥିବା କହିଥିବା ବେଳେ କଟକ ଜିଲ୍ଲା ହ୍ୟୁଜ୍ ଆପ୍‌ର ମୁଖ୍ୟ ପାର୍ଥସାରଥୀ ଉକ୍ତ ଆପରେ ଟଙ୍କା ଲଗାଇବାକୁ କହିବା ସହ ମେମ୍ବର ବଢ଼ାଇବାକୁ କହିଥିଲେ ବୋଲି ପ୍ରକାଶ କରିଥିଲେ।

# ଜନଶୁଣାଣି ଶିବିରରୁ ଉଠି ଚାଲିଗଲେ ଅଧିକାରୀ

**କିଶୋରନଗର,୨।୯/ଏନ୍ଏନ୍ଏସ୍:** କିଶନନଗର ତହସିଲରେ କାର୍ଯ୍ୟାଳୟରେ ସୋମବାର ଦିନ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେଙ୍କ ଯୁଗ୍ମ ଜନଶୁଣାଣି ଶିବିର ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶିବୋ ଟପୋ, କଟକ ଗ୍ରାମାଞ୍ଚଳ ଏସପି ଭିନିତ୍ ଅଗ୍ରୱାଲ, ଅତିରିକ୍ତ କଟକ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ, କଟକ ସଦର ବିଡ଼ିଓ ପ୍ରତୀକ ସାହୁଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ୪୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥି ମଧ୍ୟରୁ ଅଧିକାଂଶ ଆଦିବାସୀ ଭୂମିହୀନଙ୍କୁ ବାସଗୃହ ପାଇଁ ଜମି ଯୋଗାଇଦେବା ସମସ୍ୟା ଅଭିଯୋଗ ହୋଇଥିଲା। ଲୋକେ ସମାନ ଅଭିଯୋଗ ବାରମ୍ବାର କରୁଥିଲେ ମଧ୍ୟ ସମସ୍ୟା ସମାଧାନ ହେଉ ନ ଥିବାରୁ ଅଭିଯୋଗକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଶିବିରରେ ପଞ୍ଜୀକୃତ ଚାଲିଥିବା ବେଳେ ଜିଲ୍ଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଶିବିର ଛାଡ଼ି ଚାଲିଯାଇଥିଲେ। ଫଳରେ ବହୁ ଅଭିଯୋଗକାରୀ ନିରାଶ ହୋଇ ଫେରିଯାଇଥିଲେ। ଫଳରେ ଜନଶୁଣାଣି ପ୍ରହସନ ପାଲଟିଥିବା ସାଧାରଣରେ ଆଲୋଚନା ହେଉଛି।

# ସୋସାଇଟି ପରିଚାଳନା ପରିଷଦ ପୁନର୍ବାର କାର୍ଯ୍ୟ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଓଡ଼ଗାଁ,୨।୯/ଏନ୍ଏନ୍ଏସ୍:** ଓଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦକୁ ଅନିୟମିତତା ଦର୍ଶାଇ ଉପନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ ଗତ ଜାନୁଆରି ୨୪ ତାରିଖରେ ନିଲମ୍ବିତ କରିଥିଲେ। ସମବାୟ ଆଇନ ୧୯୬୨ ସେକ୍ସନ ୩୨ ଉପଧାରା ୭ ଅନୁଯାୟୀ ସମିତି ପରିଚାଳନା ପରିଷଦ ୬ ମାସ ପରେ ନିଲମ୍ବିତ ଉଠି ପୁନଃ କାର୍ଯ୍ୟ କରିପାରିବ ବୋଲି ସରକାରଙ୍କ ଗାଇଡ୍ ଲାଇନ୍ ରହିଛି। ସେହି ଅନୁଯାୟୀ ପରିଚାଳନା ପରିଷଦ ସଭାପତି ଗତ ଜୁଲାଇ ୩୧ ତାରିଖରେ ଦାୟିତ୍ୱ ନେବାପାଇଁ ଉପନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ଙ୍କୁ ଚିଠି କରିଥିଲେ।ଉପନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ ଗତ ଅଗଷ୍ଟ ମାସ ୧ ତାରିଖରେ ପରିଚାଳନା ପରିଷଦକୁ ଭାଙ୍ଗି ଦେଇଥିଲେ। ଏନେଇ ପରିଚାଳନା ପରିଷଦ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଡବ୍ଲ୍ୟୁପିସି ନଂ ୨୧୯୩୫/୨୦୨୫ରେ ୨୧ ଅଗଷ୍ଟ ୨୦୨୫ରେ ଉପନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ଙ୍କ ଅର୍ଡରକୁ ଖାରଜକରି ପୁନର୍ବାର ପରିଚାଳନା ପରିଷଦ କାର୍ଯ୍ୟକରିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ ଓଡ଼ଗାଁ ପରିଚାଳନା ପରିଷଦ ଗତ ୨୬ ତାରିଖରୁ କାର୍ଯ୍ୟଭାର ଗ୍ରହଣ କରିଥିବା ଜଣାପଡ଼ିଛି।

# ଅନନ୍ତଶମ୍ଭୁ ପୀଠରେ ରାଧାଷ୍ଟମୀ

**କୁଆଁପାଳ,୨।୯/ଏନ୍ଏନ୍ଏସ୍:** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଉଷୁମା ପଞ୍ଚାୟତର ଉଷୁମା ଗ୍ରାମରେ ମାଳୀକା ବର୍ଣ୍ଣିତ ଗୋବରୀ କୂଳରେ ଥିବା ଶ୍ରୀ ଶ୍ରୀ ଅନନ୍ତ ଶମ୍ଭୁ ପୀଠରେ ପବିତ୍ର ରାଧାଷ୍ଟମୀ ଅବସରରେ ସନ୍ଧ୍ୟାରେ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପୀଠରେ ମହାଦେବଙ୍କ ସହ ଯୋଗ ମାୟା ଆଦିଶକ୍ତି ଏବଂ ୩୩କୋଟି ଦେବାଦେବୀ ଗୁପ୍ତରେ ରହି ପୂଜା ପାଉଛନ୍ତି। ୨୦୨୩ ମସିହା ଶ୍ରୀ ପଞ୍ଚମୀ ତିଥିରେ ହଠାତ୍ ଜଣେ ଭକ୍ତଙ୍କୁ ସ୍ୱେପ୍ନାଦେଶ ପରେ ଶ୍ରୀ ଶ୍ରୀ ଅନନ୍ତଶମ୍ଭୁ ପୀଠରେ ହୋମଯଜ୍ଞ କରାଯାଇ ସେହିଦିନ ଠାରୁ ପୂଜାର୍ଚ୍ଚନ କରାଯାଇ ଆସୁଛି। ଉକ୍ତସ୍ଥାନଟି ବଣଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଏହି ସ୍ଥାନରେ୧୨ହାତର ଉଚ୍ଚ ଉଇ ହୁଙ୍କା ଲୁଚିକି ରହିଥିଲା। ଏହି ପୀଠକୁ ଓଡ଼ିଶାର ବହୁ ସାଧୁସନ୍ଥ ଓ ଭକ୍ତମାନେ ଆସି ଦର୍ଶନ କରିଥାନ୍ତି। ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଚକଡାମଡାଣ, ଚୁମ୍ବକ ମଳିକା, ମୋହକଳ୍ପ ମଳିକା, ଭବିଷ୍ୟପରାଦ୍ଧ, ଚନ୍ଦ୍ରକଳ୍ପ ମାଳିକା, ଶିବକଳ୍ପ, ଭବିଷ୍ୟ ମାଳିକା, ୬୪ପଟଳ, ଭୀମଭୋଇଙ୍କ ପଦ୍ମକଳ୍ପ ଭଳି ଅନେକ ମାଳିକା ଗ୍ରନ୍ଥରେ ଏହି ସ୍ଥାନର ପ୍ରମାଣ ରହିଛି। ଶ୍ରୀ ଶ୍ରୀ ଅନନ୍ତ ଶମ୍ଭୁପୀଠରେ ଅନୁଷ୍ଠିତ ଏକାକ୍ଷର ମେଳାରେ ବହୁ ସାଧୁସନ୍ଥ ଓ ଗ୍ରାମବାସୀ ଯୋଗଦେଇଥିଲେ। ଶାନ୍ତି ଶୃଙ୍ଖଳା ସହିତ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଥିଲା।

# କଳ୍ପତରୁ ଯୁବକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ବଲଙ୍ଗା,୨।୯/ଏନ୍ଏନ୍ଏସ୍:** ବଲଙ୍ଗା ଥାନା ନିକଟସ୍ଥ ଭାଣପୁର କଳ୍ପତରୁ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ଉପଲକ୍ଷେ ଏକ ସମ୍ବର୍ଦ୍ଧନା ଉତ୍ସବ ଓ ଭଜନ ସମାରୋହ କାର୍ଯ୍ୟକ୍ରମ ସୋମବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଅଜିତ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି, ରେଞ୍ଜ ପଞ୍ଚାୟତ ସରପଞ୍ଚ ପ୍ରସନ୍ନ ସ୍ୱାଇଁ, ନିମାପଡ଼ା କଲେଜ ଅଧ୍ୟାପକ ସୁବ୍ରତ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରବୋଧ କୁମାର ମହାନ୍ତି, ଅଶ୍ୱିନୀ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବକ ସଂଘର ଉତ୍ତରୋତ୍ତର କାମନା କରିଥିଲେ। ଏହି ଅବସରରେ କ୍ଲବ ତରଫରୁ ଅତିଥି ମାନଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ୩୦ଜଣ ବ୍ୟକ୍ତିବିଶେଷଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନୁଷ୍ଠିତ ଭଜନ ସମାରୋହକୁ ମୁଖ୍ୟ ଅତିଥି ଶ୍ରୀ ଦାଶ ଉଦ୍‌ଘାଟନ କରିଥିଲେ। କ୍ଲବ୍‌ର ସଦସ୍ୟ ସଂଗ୍ରାମକିଶୋର ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ସମ୍ପାଦକ ବଳରାମ ପରିଡ଼ାଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## 'ଆମରିସତ୍ୟ'ର ପଞ୍ଚଦଶ ବାର୍ଷିକ ଉତ୍ସବ

# 'ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ଭଲପାଇବା ରହିଲେ ପତ୍ରିକା ବଞ୍ଚିବ'

**ଖୋର୍ଦ୍ଧା,୨।୯/ଏନ୍ଏନ୍ଏସ୍:** ଖୋର୍ଦ୍ଧାରୁ ପ୍ରକାଶ ପାଉଥିବା ମାସିକ ମୂଲ୍ୟବୋଧଭିତ୍ତିକ ପତ୍ରିକା 'ଆମରିସତ୍ୟ'ର ପଞ୍ଚଦଶ ବାର୍ଷିକ ଉତ୍ସବ ଖୋର୍ଦ୍ଧା ସ୍ୱୟଂଶାସିତ ପ୍ରାଣନାଥ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଆମରିସତ୍ୟର ସଂପାଦକ ଡ.ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ଡ: ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଐତିହାସିକ ସତ୍ୟବାଦୀ ବଳୀୟାରସିଂହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠକରିଥିଲେ। ଆମରିସତ୍ୟ ବିକାଶ ପରିଷଦର ସଂପାଦକ ଆଦିନାରାୟଣ ଖଣ୍ଡୁଆଳପରିଷଦର ବାର୍ଷିକ କାର୍ଯ୍ୟକ୍ରମଗୁଡିକ ବିଷୟରେ ସୂଚନା ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଉଦ୍ଘାଟକ ରୂପେ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ପାଠକଙ୍କ ସଦିଚ୍ଛା ଓ ସହଯୋଗକ୍ରମେ ଦୀର୍ଘ ପନ୍ଦର ବର୍ଷ ଧରି




ପତ୍ରିକା ନିରନ୍ତର ପ୍ରକାଶ ପାଉଛି ବୋଲି ମତବ୍ୟକ୍ତ କରିଥିଲେ, ପଠାଣି ସାମନ୍ତ ପ୍ଲାନିଟୋରିୟମ ପ୍ରାକ୍ତନ ନିର୍ଦ୍ଦେଶକ ଡ: ପ୍ରହ୍ଲାଦ ନାୟକ ଜ୍ୟୋତର୍ବିଜ୍ଞାନ ଓ ବର୍ତ୍ତମାନର ବିଜ୍ଞାନ ମଧ୍ୟରେ ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ରୂପେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ସୁଭାଷ ଚନ୍ଦ୍ର ଶତପଥୀ ଯୋଗଦେଇ ମୂଲ୍ୟବୋଧ ଭିତ୍ତିକ ପତ୍ରିକାର ଯୁଗେ ଯୁଗେ ଗୁରୁତ୍ୱ ରହି ଆସିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଆର୍ଯ୍ୟାବର୍ତ୍ତ ଆନସିଏଣ୍ଟ ଏକାଡେମୀର ଅଧ୍ୟକ୍ଷ ଡ. ଦୀପ୍ତିମୟୀ ମହାନ୍ତି, ଡ. ବିଷ୍ଣୁ ଚରଣ ସାହୁ, ସାଲେପୁର କଲେଜର ପ୍ରାକ୍ତନ ପ୍ରଧାପକ ଡ. ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇ ପରାମର୍ଶ ଦେଇଥିଲେ। 'ଆମରିସତ୍ୟ' ପକ୍ଷରୁ ସାହିତ୍ୟ ଗବେଷକ ତ୍ରିଲୋଚନ ମହାପାତ୍ରଙ୍କୁ 'ଆମରିସତ୍ୟ ସମ୍ମାନ', ବିଶିଷ୍ଟ ସ୍ତମ୍ଭକାର ଗାଳ୍ପିକ ସୁନୀଲ ବୋଷଙ୍କୁ 'ଆମରିସତ୍ୟ ସାରସ୍ୱତ ସମ୍ମାନ' ଓ ସଙ୍ଗୀତଜ୍ଞ ବିଚିତ୍ରାନନ୍ଦ ଶାସମଲଙ୍କୁ 'ଡା. ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଅବସରରେ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ 'କୁଳପ୍ରଦୀପ ରଘୁ' ଓ ଜବାହରଲାଲ ସୁବୁଦ୍ଧିଙ୍କ 'ଅହିଂସାର ପ୍ରତୀକ ବାପୁ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆମରିସତ୍ୟ ବିକାଶ ପରିଷଦର ସୁଦର୍ଶନ ମହାପାତ୍ର, ଆଶିଷ କୁମାର ରାୟ, ଆଦିନାରାୟଣ ଖଣ୍ଡୁଆଳ, ରମାକାନ୍ତ ମିଶ୍ର, ପଦ୍ମନାଭ ପାଣିଗ୍ରାହୀ ପ୍ରଭୃତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜବାହାରଲାଲ ସୁବୁଦ୍ଧିଙ୍କ ସଂଯୋଜନାରେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ମାର୍ଗଦର୍ଶୀ ସଂପାଦକ ଉମାଶଙ୍କର ପ୍ରସାଦ, ଡ. ସରୋଜକାନ୍ତ ଚୌଧୁରୀ, ଡ. ଭାବଗ୍ରାହୀ ବିଶ୍ୱାଳ, କିଶୋର ପାଇକରାୟ, କାଶୀନାଥ ଦାସ ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଶିକ୍ଷାବିତ୍ ବ୍ରଜବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କଳପଡ଼ା ବଜାର କମିଟି ପକ୍ଷରୁ ସମ୍ବର୍ଦ୍ଧନା

**ବୟାଳିଶମୌଜା,୨।୯/ଏନ୍ଏନ୍ଏସ୍:** ୪୨ମୌଜା ସ୍ଥିତ କଳପଡା ବଜାରରେ ଗଣେଶ ପୂଜା ଅବସରରେ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ 'ୟୁନିଅନ୍ ଫର୍ କଟକ ସଦର ଡେଭଲପ୍‌ମେଣ୍ଟ'ର ସଭାପତି ତଥା ସମାଜସେବୀ ମନୋଜ କୁମାର ନାୟକ, ଅନ୍ୟତମ ଅତିଥି ଭାବେ କଦମ୍ବେଶ୍ୱର ପୂଜା କମିଟି ସଭାପତି ରାଜକିଶୋର ପତି, ସମ୍ପାଦକ ରବିନ୍ଦ୍ର ସାହୁ, ବଜାର କମିଟି ସଭାପତି ପ୍ରଦୀପ ରଞ୍ଜନ ମୁଦୁଲି, ସମ୍ପାଦକ ତପନ ପରିଡ଼ା ଓ ଜଗନ୍ନାଥ ସ୍ୱାଇଁଙ୍କ ସମେତ ବଜାରର ସମସ୍ତ ବ୍ୟବସାୟୀ ଯୋଗ ଦେଇଥିଲେ। କଳପଡା ବଜାର କମିଟି ପକ୍ଷରୁ ଗଣେଶ ପୂଜାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସରିବା ପରେ ପୂଜା ଉପରେ ଆଲୋଚନା ହୋଇଥିଲା। ୨୦୨୩ ରେ ବଜାର ଭାଙ୍ଗିବା ସମୟରେ ସରକାର ପ୍ରଦାନ କରିଥିବା ଗଣେଶ ମଣ୍ଡପ ନିର୍ମାଣ ପାଇଁ ୫ ଲକ୍ଷ ଓ ଉଠା ବ୍ୟବସାୟୀଙ୍କ ପାଇଁ ପିଣ୍ଡି ନିର୍ମାଣ କରିବାକୁ ୧୦ ଲକ୍ଷ ଟଙ୍କା ଅନୁଦାନ ଅର୍ଥରେ କାମ ଆରମ୍ଭ କରିବା ପାଇଁ ମୁଖ୍ୟ ଅତିଥି ଶ୍ରୀ ନାୟକ ମତ ଦେଇଥିଲେ। ବର୍ତ୍ତମାନ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପ୍ରଚେଷ୍ଟା କରିବା ପାଇଁ ମୁଖ୍ୟଅତିଥି ଶ୍ରୀ ନାୟକ ଆଶ୍ୱାସନା ଦେଇଥିଲେ। ମଞ୍ଚ ପରିଚାଳନା ଦିଲ୍ଲୀପ ନାୟକ କରିଥିବାବେଳେ ବିଜୟ ନାୟକ ଓ ସୁନିଲ ମୁଦୁଲିଙ୍କ ସହ ଅତିଥିମାନେ ପୂଜାମଣ୍ଡପ ବୁଲିଥିଲେ। ଶେଷରେ ବଜାର କମିଟି ପକ୍ଷରୁ ତପନ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ମାହାଙ୍ଗା ଥାନା ସିସିଟିଏନ୍ଏସ୍‌ରେ ପ୍ରଥମ

# କାର୍ଯ୍ୟଦକ୍ଷତାରେ ଥାନା ଅଧିକାରୀଙ୍କ କୃତିତ୍ୱ

**ମାହାଙ୍ଗା,୨।୯/ଏନ୍ଏନ୍ଏସ୍:** ରାଜ୍ୟ ପୁଲିସ ପକ୍ଷରୁ ବିଭିନ୍ନ ଜିଲ୍ଲାରେ ବିଭିନ୍ନ ଥାନା ଓ ଥାନା ଅଧିକାରୀଙ୍କ ରେଟିଂ ଏବଂ କାର୍ଯ୍ୟଦକ୍ଷତା ପ୍ରଦର୍ଶନରେ ମାହାଙ୍ଗା ଥାନା ଓ ଥାନା ଅଧିକାରୀ କଟକ ଜିଲ୍ଲାରେ ସର୍ବାଧିକ ସୂଚକାଙ୍କ ପ୍ରଥମ ହୋଇଥିବା ସୂଚନା ମିଳିଛି। ପ୍ରକାଶ ଯେ କଟକ ଜିଲ୍ଲା ପୋଲିସ ପକ୍ଷରୁ ଜିଲ୍ଲାରେ ଥିବା ୨୧ଗୋଟି ଥାନା ମଧ୍ୟରେ ନେଟ ୱାର୍କ ଟ୍ରାକିଙ୍ଗ ମାଧ୍ୟମରେ ଅପରାଧିମାନଙ୍କୁ ଚିହ୍ନଟ କରିବା ସହ ଅପରାଧ ନିୟନ୍ତ୍ରଣ କରିବାରେ ମାହାଙ୍ଗା ଥାନା ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଜଣେ



ହୋଇଛନ୍ତି। ଅପରାଧୀ ଚିହ୍ନଟ କରିବା ପାଇଁ ସିସିଟିଏନ୍ଏସ୍‌ରେ କାର୍ଯ୍ୟରେ ସହଯୋଗ କରୁଥିବା ଥାନାର ଅନ୍ୟତମ କର୍ମଚାରୀ ନରେନ୍ଦ୍ର ସାମଲ କାର୍ଯ୍ୟଦକ୍ଷତାଙ୍କୁ ମଧ୍ୟ ପ୍ରଶଂସିତ କରାଯାଇଛି। ବିଶେଷକରି ମାହାଙ୍ଗା ଥାନା ଅଂଚଳରେ ଅପରାଧ ନିୟନ୍ତ୍ରଣ କରିବା ସହିତ ସ୍ୱତନ୍ତ୍ର ଟିମ୍ ଗଠନ କରି ଅପରାଧିମାନଙ୍କୁ ଧରିବା ପାଇଁ ମାହାଙ୍ଗା ଥାନା ଅଧିକାରୀଙ୍କ କାର୍ଯ୍ୟଶୈଳୀ ପୁଲିସ ବିଭାଗର ଉଚ୍ଚ ପଦାଧିକାରୀ ମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ଏଠାରେ ସୂଚନାଥାଉ କି ଏହି ରେଟିଂରେ ମାହାଙ୍ଗା ଥାନା ସଫଳ ତଦନ୍ତ ଅଧିକାରୀ ହିସାବରେ ମାହାଙ୍ଗା ଥାନା ଅଧିକାରୀ ତପନ ରାଉତ ଅନୁରୂପ ଭାବେ ପ୍ରଥମ ସ୍ଥାନ ମଧ୍ୟ ଅଧିକାରୀ କରିଛନ୍ତି। ସେହିଭଳି ନିଜର ବ୍ୟକ୍ତିଗତ କାର୍ଯଦକ୍ଷତା ପାଇଁ ଜିଲ୍ଲାରେ ମଧ୍ୟ ପ୍ରଶଂସିତ ଅଧିକାରୀ ରାଜ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ଥାନା ଅଧିକାରୀଙ୍କ ସମେତ ଥାନାର ସମସ୍ତ କର୍ମଚାରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଚାରିଛକରେ ଗଜାନନଙ୍କ ଭସାଣ ଉତ୍ସବ

**ଚାରିଛକ,୨।୯/ଏନ୍ଏନ୍ଏସ୍:** ଚାରିଛକ ମୁଖ୍ୟ ବଜାରରେ ୫୧ବର୍ଷ ଧରି ଗଣେଶ ପୂଜା ଅନୁଷ୍ଠିତ ହେଉଛି। ଚଳିତବର୍ଷ ୭ ଦିନ ଧରି ପୂଜା ପାଉଥିବା ପ୍ରଭୁ ଶ୍ରୀ ଗଜାନନଙ୍କ ଭଷାଣ ଉତ୍ସବ ଆଜି ସନ୍ଧ୍ୟାରେ ସମାପନ ହୋଇଯାଇଛି। ସ୍ଥାନୀୟ ପୂଜା ମଣ୍ଡପରେ ପ୍ରଭୁ ଶ୍ରୀ ଗଜାନନ ଗଣେଶ ଚତୁର୍ଥି ଠାରୁ ୭ଦିନ ଧରି ଯଥାରୀତି ନୀତି ଅନୁଯାଇ ପୂଜା ପାଉଥିଲେ। ପୂଜକ ତୁଷାର କୁମାର ଦାଶ ଯଥା ରୀତି ନୀତି ଅନୁଯାଇ ପୂଜାକାର୍ଯ୍ୟ କରିଥିବା ବେଳେ ମୁଖ୍ୟକର୍ତ୍ତାଭାବେ ସଦାଶିବ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ୭ଦିନ ଧରି ପୂଜା ମଣ୍ଡପ ସମ୍ମୁଖରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ପାଲା, ଭଜନ ସଂଧ୍ୟା, ପ୍ରବଚନ, ଘୋଡାନାଚ ଆଦି ପରିବେଷଣ କରାଯାଇଥିଲା। ଜିଲ୍ଲା ପ୍ରଶାସନ ତରଫରୁ ଡିଜେ ବାଦ୍ୟକୁ ନିଷିଦ୍ଧ କରାଯାଇଥିବାବେଳେ ପାରମ୍ପରିକ ବାଦ୍ୟ




ଘଣ୍ଟ, ପଖୋଜ,ବାଜା,ଶଙ୍ଖ ବଜାଇ ପ୍ରଭୁ ଶ୍ରୀ ଗଜାନନଙ୍କୁ ସୁସଜିତ ଗାଡିରେ ବସାଇ ବଜାର ପରିକ୍ରମା ପରେ ମାଧବସ୍ଥିତ ପ୍ରାଚୀନଦୀରେ ଗଜାନନଙ୍କ ମୃଣ୍ମୟୀ ପ୍ରତିମାକୁ ବିସର୍ଜନ କରାଯାଇଥିଲା। ଚାରିଛକ ବଜାର କମିଟିର ସଭାପତି ସନ୍ତୋଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମାପନ ହୋଇଥିବା ବେଳେ ସଂପାଦକ ଲାଲଟୁ ପ୍ରକାଶ ନାୟକ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ଖଟୋଇ, ମନୋଜ ସାହୁ, ତ୍ରିଲୋଚନ ସାହୁ, ମହେଶ ବାଲ, ରିଙ୍କୁ, କବି, ଅରୁଣ, ଟୁଟୁଙ୍କ ସମେତ ବଜାରର ସମସ୍ତ ବ୍ୟବସାୟୀ ବ୍ୟବସାୟ ବନ୍ଦକରି ଉତ୍ସବରେ ସହଯୋଗ କରିଥିଲେ। ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ନିମ୍ନମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ

**ସାକ୍ଷୀଗୋପାଳ,୨।୯/ଏନ୍ଏନ୍ଏସ୍:** ରାଜ୍ୟ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ ପଟ୍ଟନାୟିକିଆ ଚଣ୍ଡି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲା ସଂଘ ସଭାପତି ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ସଂଘର ପ୍ରମୁଖ ଉପଦେଷ୍ଟା ମାଧବ ଚନ୍ଦ୍ର ବିଶ୍ୱାଳ, ରାଜ୍ୟ ସଂଘ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା, ସଭାପତି ଭାଗ୍ୟଧର ପ୍ରଧାନ, ଉପସଭାପତି କୈଳାସ ଚନ୍ଦ୍ର ପଲାଇ, ସହ ସମ୍ପାଦକ ତପନ କୁମାର ତ୍ରିପାଠୀ, ଉପଦେଷ୍ଟା ସୁଭାଷ ଚନ୍ଦ୍ର ରଥ, ବିରେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ଉପସଭାପତି ରାଜକିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାକୁ ସରକାରଙ୍କ ପାଖରେ ଉପସ୍ଥାପିତ କରାଯିବା ସହ ଏକ କ୍ରିୟାଶୀଳ ଶିକ୍ଷା ବ୍ୟବସ୍ଥା ସୃଷ୍ଟିର ଆହ୍ୱାନ ଦେଇଥିଲେ। ପୁରୀ ଜିଲ୍ଲା ସଂଘ ସମ୍ପାଦକ ରାଜକିଶୋର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା କୋଷାଧ୍ୟକ୍ଷ ରାମଚନ୍ଦ୍ର ଦାଶ, ଗୋବିନ୍ଦ ଫାରୁକ, କାର୍ଯ୍ୟରତ ଶିକ୍ଷକ ଶଙ୍କର ଜେନା ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଯୁଧିଷ୍ଠିର ପରିଡ଼ା, ନିରଞ୍ଜନ ପାତ୍ର, ବିନୋଦ ପ୍ରଧାନ, ପ୍ରଭାକର ଜେନାଙ୍କ ସହ ରାଜ୍ୟ ଓ ଜିଲ୍ଲାର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷକ ନେତୃବୃନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପାରିବାରିକ କଳହର କରୁଣ ପରିଣତି

# କିରାସିନି ଢାଳି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ସାଲେପୁର,୨।୯/ଏନ୍ଏନ୍ଏସ୍:** ନିଜଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଏଭଳି ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ଜପକୂଦ ଫାଣ୍ଡି ଅଧିନ କଙ୍କରାଇଲୋ ଗାଁରେ। ମହିଳା ଜଣଙ୍କ ହେଉଛନ୍ତି ଅଜୟ କୁମାର ରାଉତଙ୍କ ପତ୍ନୀ ତିଲୋତ୍ତମା ରାଉତ। ଏହି ଘଟଣା ଘରୋଇ କଳହ କାରଣ ପାଇଁ ହୋଇଛି ବୋଲି ଆଲୋଚନା ହେଉଛି। କଟକ ଗ୍ରାମାଞ୍ଚଳ ଏସପି ବିନୀତ ଅଗ୍ରୱାଲ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିବା ଜଣାପଡିଛି। ମହିଳାଜଣଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଓ ପରେ କଟକ ବଡ଼ମେଡିକାଲ ପଠାଯାଇଛି। ତାଙ୍କ ଦେହର ୬୦ପ୍ରତିଶତ ଜଳିଯିବାରୁ ତାଙ୍କ ଶରୀରର ଅବସ୍ଥା ଗୁରୁତର ଅଛି ବୋଲି ମେଡିକାଲ ଅଫିସର କହିଛନ୍ତି। ଘଟଣାସ୍ଥଳରେ ଏବେ ସାଇଣ୍ଟିଫିକ ଟିମ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ଗୁରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ

**ନୟାଗଡ଼,୨।୯/ଏନ୍ଏନ୍ଏସ୍:** ନୟାଗଡ଼ ବଲାଙ୍ଗିବନ୍ଧ ସ୍ଥିତ କଷ୍ଟି ଡାକୁଆ ଭବନ ଠାରେ ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପୂଜ୍ୟ ଗୁରୁଜୀ ଅଲେଖ ବେହେରାଙ୍କୁ ସମ୍ବର୍ଦ୍ଧିତ କରିବା ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଲେଖକ ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାହିତ୍ୟିକ ତଥା ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ନିରଞ୍ଜନ ସାହୁ, ବିଶ୍ୱନାଥ ମିଶ୍ର, ବେଣୁଧର ସାହୁ, ପ୍ରଦୀପ୍ତ କୁମାର ମହାନ୍ତି, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଆସନ୍ତା ୭ ତାରିଖରେ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ହେବାକୁ ଥିବା ପୂଜ୍ୟ ଗୁରୁଜୀଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା, ରାଜ୍ୟ ତଥା ଦେଶ ବିଦେଶରେ କର୍ମସଂସ୍ଥାନରେ ରହିଥିବା ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କୁ ଏବିଷୟରେ ଅବଗତ କରାଯିବା ସହ ସେମାନେ କିପରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୧୯୬୧ ମସିହାରେ ଶିକ୍ଷକତା ଜୀବନ ଆରମ୍ଭ କରି ବିଭିନ୍ନ ସମୟରେ ଶିକ୍ଷକ ସଂଗଠନ, ସାମାଜିକ ସଂଗଠନରେ ପ୍ରମୁଖ ଭୂମିକା ନିର୍ବାହ କରିବା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଖୋଲିବାରେ ପୂଜ୍ୟ ଗୁରୁଜୀଙ୍କ ଅବଦାନକୁ ପ୍ରଶଂସା କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡଃ ଅରୁଣ କୁମାର ସାହୁ ଓ ଦଶପଲ୍ଲା ବିଧାୟକ ରମେଶ ବେହେରା ଅତିଥି ଭାବେ ଯୋଗଦେବାକୁ ସଦୟ ସମ୍ମତି ପ୍ରକାଶ କରିଥିବା ନେଇ ସମ୍ବର୍ଦ୍ଧନା ଉତ୍ସବର ଆବାହକ ବିଶ୍ୱନାଥ ମହାପାତ୍ର ସୂଚନା ଦେଇଥିଲେ।

## ଆଠଗଡ଼ରେ ସାଂସଦ ଖେଳ ମହୋତ୍ସବ ୨୦୨୫

# 'ଛାତ୍ରାଛାତ୍ରୀଙ୍କ ପରାକାଷ୍ଠା ପ୍ରଦର୍ଶନ କରିବାର ବିଶେଷ ସୁଯୋଗ'

**ଆଠଗଡ଼,୨।୯/ଏନ୍ଏନ୍ଏସ୍:** ଛାତ୍ରଛାତ୍ରୀମାନଙ୍କର ଖେଳରେ ଥିବା ନିଜ ନିଜର ପରାକାଷ୍ଠାକୁ ପ୍ରଦର୍ଶନ କରିବା ତଥା ଲୋକଲୋଚନକୁ ଆଣିବାରେ ଏକ ବିଶେଷ ସୁଯୋଗ ସୃଷ୍ଟି କରିଛି ଏହି ସାଂସଦ ଖେଳ ମହୋତ୍ସବ ଯାହାକି ଜଶ୍ୱସୀ ପ୍ରଧାନମନ୍ତ୍ରୀଙ୍କ ସଦିଚ୍ଛା ବୋଲି ଆଜି ସ୍ଥାନୀୟ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରେ ସାଂସଦ ଖେଳ ମହୋତ୍ସବର ଏକ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ବିଜେପି ବରିଷ୍ଠ ନେତା ଅଭୟ କୁମାର ବାରିକ ପ୍ରକାଶ କରିଛନ୍ତି। ଏହାସହିତ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଛାତ୍ରଛାତ୍ରୀମାନେ ନିଜକୁ ସାମିଲ କରି ନିଜର ନାମକୁ ପଞ୍ଜିକରଣ କରିବାକୁ ଆହ୍ୱାନ ରଖିଛନ୍ତି। ସାଂସଦ ଖେଳ ମହୋତ୍ସବର ପରିଚାଳକ ତପନ ଲେଙ୍କାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମୁକ୍ୟଅତିଥି ଭାବେ ସହକାରୀ ଜିଲ୍ଲାପାଳ ମାନସ ରଂଜନ ବେହେରା ଯୋଗଦେଇ ଜାତୀୟ ଖେଳ ଉତ୍ସବରେ ଆରମ୍ଭ କରାଯାଇଥିବା ଏହି ସାଂସଦ ଖେଳ ମହୋତ୍ସବ ଅଲମ୍ପିୟାର୍ଡ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ତିଥିରୁ ଆରମ୍ଭ କରାଯାଇଛି। ଏଥିରେ ଛାତ୍ରଛାତ୍ରୀମାନେ ବିଶେଷ କରି



ପାରମ୍ପରିକ ଖେଳ ଯାହାକି ଫୁଟବଲ, ଭଲିବଲ, ଖୋଖୋ, କବାଡି ଭଳି ଖେଳ ରହିଛି ଏଥିରେ ଭାଗ ନେଇ ଛାତ୍ରଛାତ୍ରୀମାନେ ସେମାନଙ୍କର ଲୁକ୍କାୟିତ ପ୍ରତିଭାକୁ ପଦର୍ଶନ କରିପାରିବେ ବୋଲି ମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଠଗଡ-ତିଗିରିଆ ନିର୍ବାଚନ ମଣ୍ଡଳୀର ସମସ୍ତ ମହାବିଦ୍ୟାଳୟର ପ୍ରତିନିଧିମାନେ ଯୋଗଦେଇ ଖେଳ ମହୋତ୍ସବକୁ ନେଇ ନିଜ ନିଜର ମତ ରଖିବା ସହିତ ଏଭଳି କେ ଛାତ୍ର କେନ୍ଦ୍ରିକ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଧାୟକ ଇଂ. ପ୍ରକାଶ ସେଠୀଙ୍କୁ ସଂଯୁକ୍ତା ଦେବୀ ସ୍ମୃତି ସମ୍ମାନ



**ଫୁଲନଖରା,୨୧୯/ଏନ୍ଏନ୍ଏସ୍:** କଟକ ସଦର ବିଧାୟକ ଯୁବ ସମାଜସେବୀ ତଥା ସ୍ତମ୍ଭକାର ଇଂ.ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଉଲ୍ଲେଖନୀୟ ଅବଦାନ ନେଇ ସୋଗଲ ନିବାସୀ ବରିଷ୍ଠ ସମାଜସେବୀ ବଲ୍ଲଭ ଚରଣ ରାଉତଙ୍କ ଧର୍ମପତ୍ନୀ ଧର୍ମପ୍ରାଣା ଆଦର୍ଶ ନାରୀ ପ୍ରତିଭା ତଥା ସାଲେପୁର ବ୍ଲକ ୪୬ ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସ୍ୱର୍ଗତ ସଂଯୁକ୍ତା ରାଉତଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳନ ଅବସରରେ ତାଙ୍କ ନାମରେ ଗଠିତ ହୋଇଥିବା ସାମାଜିକ ସଂଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସଂଯୁକ୍ତା ଦେବୀ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଟ୍ରଷ୍ଟ ରାଜ୍ୟ ସଂଯୋଜକ ଇଂ. ସେବକ ଶ୍ରୀକାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ସଂଯୁକ୍ତାଙ୍କ କନିଷ୍ଠ ପୁତ୍ର ଯୁବ ସମାଜସେବୀ ତଥା ରାଜନୀତିଜ୍ଞ ସଂତୋଷ ରାଉତ ସ୍ୱାଗତ ଭାଷଣ ପ୍ରଦାନ ସହ ଟ୍ରଷ୍ଟ ଆଭିମୁଖ୍ୟ ସଂପର୍କରେ ଅଭିଭାଷଣ ବ୍ୟକ୍ତ କରିଥିଲେ। ଏହି ଶ୍ରଦ୍ଧାଂଜଳି ସଭାରେ ଭାଜପା କଟକ ଜିଲ୍ଲା ସଭାପତି ରାମ ନାରାୟଣ ମହାନ୍ତି, ସାମ୍ବାଦିକ ଅକ୍ଷୟ ଦାସ, ସରସ୍ୱତୀ କଳା ପରିଷଦ କନ୍ଦରପୁର ସମ୍ପାଦକ ନାଟ୍ୟକାର ଆଶୋକ ପଟ୍ଟନାୟକ, ସୀତାରାମ ପଣ୍ଡା, ଲୋକଭାଷାର ସମ୍ପାଦକ ଶୁକଦେବ ପରିଡ଼ା, ଆୟତପୁର ପଞ୍ଚାୟତ ସରପଞ୍ଚ ରାକେଶ ବେହେରା, ତ୍ରିଲୋଚନ ପାତ୍ର, କିଶୋର ମହାନ୍ତି, ସ୍ମୃତିରଞ୍ଜନ ମହାନ୍ତି, ପ୍ରଦୀପ୍ତ ବସ୍ତିଆ, ବଟକୃଷ୍ଣ ମହାନ୍ତି, ଆତ୍ମିୟ ସ୍ୱଜନ, ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ମୃତିଚାରଣ କରିଥିଲେ। ଟ୍ରଷ୍ଟ ପକ୍ଷରୁ ପୂଜ୍ୟପୂଜା, ଆଲୋଚନା ଚକ୍ର ଓ ଚାରା ବଣ୍ଟନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସମାଜସେବୀ ଇଂ. ବସନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସାରର ସୁଷମ ବଣ୍ଟନ, କଳାବଜାରୀ ରୋକିବା ଦିଗରେ ବିଜେପି କୃଷକ ମୋର୍ଚ୍ଚାର ଆଲୋଚନା

**ଖୋର୍ଦ୍ଧା,୨୧୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲାରେ ଖରିଫ୍ ଧାନ ଚାଷରେ ଚାଷୀମାନଙ୍କୁ ସାରର ସୁଷମ ବଣ୍ଟନ କରିବା ପାଇଁ ଶୁକ୍ରବାର ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତିଙ୍କ ସହିତ ବ୍ୟାପକ ଆଲୋଚନା କରିଛନ୍ତି। ଚଳିତ ବର୍ଷ ଖରିଫ୍ ଧାନ ଚାଷ ପାଇଁ ୭ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକ ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୯ ହଜାର ୩୦୩ ମେଟ୍ରିକ୍ ଟନ୍ ସାର ଆସିଛି। ଡିଏପି ସାର ୨ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୩ହଜାର ୬ ଶହ ମେଟ୍ରିକ୍ ଟନ୍ ସାର ଆସିଛି। ଏମପିକେ ସାର ୩ ହଜାର ୨ ଶହ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୫ ହଜାର ୫୪୬ ମେଟ୍ରିକ୍ ଟନ୍ ସାର ଆସିଛି। ଏମ ଓ ପି ସାର ୮ ଶହ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୨ ହଜାର ୯୫ ମେଟ୍ରିକ ଟନ୍ ଆସିଛି। ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାରର ଆବଶ୍ୟକତା ମୁତାବକ ଆମଦାନୀ କରାଯାଇ ଚାଷୀମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଆଜି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଆଲୋଚନା ସମୟରେ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲାରେ ୩୮ ହୋଲସେଲରଙ୍କ ମାଧ୍ୟମରେ ୧୯୮ଜଣ ସରକାରୀ ସ୍ୱିକୃତିପ୍ରାପ୍ତ ଡିଲର୍ ଓ ୧୧୨ ଟି ସେବା ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ ଶୃଙ୍ଖଳିତ ଭାବେ ସାର ବଣ୍ଟନ ପାଇଁ ଜିଲ୍ଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଚାଷୀମାନଙ୍କୁ ସାର ସୁଷମ ବଣ୍ଟନରେ ଯେଉଁ ମାନେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ସଭାପତି ଚେତାବନୀ ଦେଇଛନ୍ତି। ସାର ମନୁଷ୍ୟକୃତ ଅଭାବୀ ବିକ୍ରି ପାଇଁ ଓ କଳାବଜାରି କରୁଥିବା ବ୍ୟକ୍ତି ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭାପତି କହିଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଆବଶ୍ୟକତା ଠାରୁ ପର୍ଯ୍ୟାପ୍ତ ପରିମାଣର ସାର ସରକାର ଯୋଗାଇ ଦେଇଥିବା ବେଳେ କିଛି କୁଚକ୍ରୀ ତଥା ଅସାଧୁ ଡିଲର ସରକାରଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ ଚଳାଇଥିବା ସେ କହିଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ସାର ବଣ୍ଟନରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିଥିବା ୩ଜଣ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସେ ସୂଚନା ଦେଇଥିଲେ। ଏହି ଆଲୋଚନା ସମୟରେ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସଂପାଦକ ପ୍ରଶାନ୍ତ ସ୍ୱାଇଁ, ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପୁରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ କୁମାର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଶିବପ୍ରସାଦ ମିଶ୍ର, କେଳୁ ଚରଣ ଜଗଦେବ, ପ୍ରତାପ ମହାପାତ୍ର, ପ୍ରତାପ ପ୍ରଧାନ, ମହେଶ୍ୱର ରାଉତରାୟ, କିଶୋର ମାର୍ଥା, ଅକ୍ଷୟ ଉଦୟ ସିଂହଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ



**ଅସ୍ତରଙ୍ଗ,୨୧୯/ଏନ୍ଏନ୍ଏସ୍:** କାକଟପୁର ପ୍ରାଚୀବିହାରସ୍ଥିତ ମା' ମଙ୍ଗଳା ଆଇଟିସି ପରିସରରେ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ଶାଖା ପକ୍ଷରୁ କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଉପଦେଷ୍ଟା ତଥା ପୂର୍ବତନ ପ୍ରଶାସକ କୈଳାଶ ଚନ୍ଦ୍ର ବରାଳ, ପଣ୍ଡିତ ତ୍ରିଲୋଚନ ମିଶ୍ର, ସମ୍ପାଦକ ଲକ୍ଷ୍ମୀଧର ସେଠ, ଉପ ସଭାପତି ସାଧୁ ଚରଣ ବିଶ୍ୱାଳ, ଶିକ୍ଷାବିତ ରମେଶ ଚନ୍ଦ୍ର ବିଶ୍ୱାଳ, ସମାଜସେବୀ ରାଧାଶ୍ୟାମ ପ୍ରଧାନ ଓ ଯୁଧିଷ୍ଠିର ବେହେରା ପ୍ରମୁଖଙ୍କ ଉପସ୍ଥିତ ରେ ପୁରୀ ଏସପିଙ୍କ ଦ୍ୱାରା ପ୍ରଦତ୍ତ ଆଠ ଜଣ ବରିଷ୍ଠ ନାଗରିକ, ବିପିନ୍ ବିହାରୀ ସ୍ୱାଇଁ, ଗୌରୀ ମଣି ସ୍ୱାଇଁ, ମିନତୀ ମିଶ୍ର, ଇମ୍ରାନ ଖାଁ, ଜାବୀର ହୁସେନ, ବିଷ୍ଣୁପ୍ରିୟା ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି ଓ ରଜନୀକାନ୍ତ ଷଡ଼ଙ୍ଗୀଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ପରେ ସାଂସଦ ପ୍ରତିନିଧି ଭାବେ କୈଳାଶ ଚନ୍ଦ୍ର ନାୟକଙ୍କୁ ନିଯୁକ୍ତି କରାଯାଇଥିବାରୁ ତାଙ୍କୁ ମଞ୍ଚ ତରଫରୁ ସ୍ୱାଗତ କରାଯିବା ସହ ତାଙ୍କ ନିକଟରେ ବିଭିନ୍ନ ଦାବି, ଯଥା ମଙ୍ଗଳା ମହାବିଦ୍ୟାଳୟ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ଏଥିପାଇଁ ରାସ୍ତାର ଦୁଇପାର୍ଶ୍ୱରେ ଦୁଇଟି ହମ୍ପସ୍ ନିର୍ମାଣ, କାକଟପୁର ବଜାର ଓ ପ୍ରାଚୀନଦୀକୁ ଜବରଦଖଲରୁ ମୁକ୍ତ କରିବା ପାଇଁ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯିବା ସହ କାକଟପୁରକୁ ତୁରନ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରିବା ପାଇଁ ସରକାରଙ୍କ ନିକଟରେ ମଞ୍ଚ ତରଫରୁ ଦାବି କରାଯାଇଛି। ମଞ୍ଚର ସଭାପତି ତଥା ସାଂସଦ ପ୍ରତିନିଧି ଶ୍ରୀ ନାୟକ ସମସ୍ତ ବିଷୟରେ ସାଂସଦ ବିଭୁପ୍ରସାଦ ତରାଇଙ୍କ ନିକଟରେ ଉପସ୍ଥାପନା କରିବା ସହ ସମସ୍ୟାର ସମାଧାନ ନିମନ୍ତେ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଭବନ ପ୍ରତିଷ୍ଠା

**ଓଡ଼ଗାଁ,୨୧୯/ଏନ୍ଏନ୍ଏସ୍:** ଓଡଗାଁ ଏନଏସି ସ୍ଥିତ ମିନି ଷ୍ଟାଡିୟମ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ କାର୍ଯ୍ୟାଳୟ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟବାହ ପ୍ରକାଶ କୁମାର ପ୍ରଧାନ,ଓଡଗାଁ ଖଣ୍ଡ କାର୍ଯ୍ୟବାହ ଡାକ୍ତର ଉପେନ୍ଦ୍ର କୁମାର ଗନ୍ତାୟତ, ଖଣ୍ଡ ସଦ୍‌ଭବନ ପ୍ରମୁଖ ସୁଶାନ୍ତ କୁମାର ସାହୁ, ଓଡଗାଁ ବଜରଙ୍ଗ ଦଳ ପ୍ରମୁଖ ମାନସ ରଞ୍ଜନ ସାହୁ, ଓଡଗାଁ ଖଣ୍ଡ ଶାରୀରିକ ଶିକ୍ଷା ପ୍ରମୁଖ ନୀଳମାଧବ ଆଚାର୍ଯ୍ୟ, ବରେନ କୁମାର ନନ୍ଦ, ଯୁବନେତା ସନ୍ତୋଷ କୁମାର ପ୍ରଧାନ, ନରେନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂଘ ଭବନରେ ଶ୍ରୀଗଣେଶଙ୍କ ପୂଜନ ସହିତ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାସହିତ ଚଳିତବର୍ଷ ବିଜୟା ଦଶମୀ ପାଳନ ନିମନ୍ତେ ଆଲୋଚନା ହୋଇ କାଯ୍ୟକ୍ରମ ନିର୍ଦ୍ଧାରଣ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ସଙ୍ଘପ୍ରେମୀ, ଶିକ୍ଷାବିତ୍, କ୍ରୀଡ଼ାବିତ, ସାମ୍ବାଦିକ ଯୋଗଦେଇ ସଙ୍ଘର ପ୍ରତ୍ୟେକ ରାଷ୍ଟ୍ର ହିତ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ସମ୍ମତି ପ୍ରକାସ କରିଥିଲେ। ସମସ୍ତେ ପ୍ରାତଃ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଶାରୀରିକ କ୍ଷେତ୍ରରେ ନିଜକୁ ସୁସ୍ଥରଖିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ପାଠ୍ୟଚକ୍ର

**ଚାରିଛକ,୨୧୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଇତିହାସ ବିଭାଗ ଏବଂ ସହିଦ୍ ଜୟୀ ରାଜଗୁରୁ ସ୍ମୃତି ପରିସଦ, ଓଡିଶା ଶାଖାର ମିଳିତ ଆନୁକୂଲ୍ୟରେ 'ଓଡିଶାର ପ୍ରଥମ ସହିଦ ଜୟୀ ରାଜଗୁରୁ' ଶୀର୍ଷକ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ପାଠଚକ୍ରରେ ମୁଖ୍ୟ ଅତିଥିଭାବେ ଓଡିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଶଶିକାନ୍ତ ମିଶ୍ର ଯୋଗଦେଇ ସହିଦ୍ ଜୟୀ ରାଜଗୁରୁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ପ୍ରଥମ ସହିଦ ଏବଂ ତାଙ୍କ ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଶିଷ୍ଟ ବକ୍ତା ଭାବେ ଜୟଦେବ କଲେଜ, ନହରକଣ୍ଟାର ପ୍ରାକ୍ତନ ଅଧକ୍ଷ ଡକ୍ଟର ସନ୍ତୋଷ ସେଠୀ, ବିଶିଷ୍ଟ ଅତିଥିଭାବେ ଗଙ୍ଗାଧର ମେହେର କଲେଜର ପ୍ରାକ୍ତନ ପ୍ରଫେସର ଡକ୍ଟର ନାରାୟଣ ରାଓ, ସହିଦ ଜୟୀ ରାଜଗୁରୁ ସ୍ମୃତି କମିଟିର ସମ୍ପାଦକ ଡକ୍ଟର ଜଟାଧାରୀ ମିଶ୍ର ଏବଂ ଦ୍ୱିତୀୟ ସତ୍ରରେ ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ଡକ୍ଟର ସନ୍ତୋଷ ମିତ୍ର, ଡକ୍ଟର ପ୍ରସନ୍ନ କୁମାର ଜେନା, ମହେନ୍ଦ୍ର ପ୍ରଧାନ, ସୌମ୍ୟରଞ୍ଜନ ଦଳାଇ, ପ୍ରାକ୍ତନ ଅଧକ୍ଷ ପ୍ରଫେସର ଗୋପୀନାଥ କର, ଡକ୍ଟର ପ୍ରଭାତ ଚନ୍ଦ୍ର ମିଶ୍ର, ସମାଜସେବୀ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଧକ୍ଷା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମେଜର ପୁଷ୍ପଲତା ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ଅଧାପକ ଜୀବନ ଦାଶ ମଞ୍ଚ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧାପିକା ଡକ୍ଟର କିର୍ତ୍ତୀମୟୀ ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନଙ୍କ ଗହଣରେ ବିଭାଗୀୟ ମୁଖପତ୍ରର ଶୁଭ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଅଧାପକ, ଅଧାପିକା ଏବଂ ଛାତ୍ରୀମାନେ ତାଙ୍କର ସନ୍ଦର୍ଭ ପାଠ କରିଥିଲେ। ସନ୍ଦର୍ଭ ପାଠ କରିଥିବା ସମସ୍ତ ଅଧାପକ, ଅଧାପିକା ଏବଂ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ବିଭାଗୀୟ ଅଧାପିକା ସୁଲୋଚନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପ୍‌କୁ ଏନ୍ଏସି ମାନ୍ୟତା ଦାବିରେ ବିଜେଡି ପକ୍ଷରୁ ପଦଯାତ୍ରା

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର



**ଗୋପ,୨୧୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ସର୍ବ ଗୋପବ୍ଲକ କୁ ଏନଏସି ମାନ୍ୟତା ପ୍ରଦାନ ଦାବିରେ ଗୋପ ବ୍ଲକ ବିଜୁ ଜନତା ଦଳ ତରଫରୁ ପଦଯାତ୍ରା କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାରା ରାଜ୍ୟରେ ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେତେକ ଅଞ୍ଚଳକୁ ଏନଏସି ଘୋଷଣା କରିଥିବା ବେଳେ ଗୋପ ଏଥିରୁ ବାଦ ପଡ଼ିଛି ସମସ୍ତ ଭିତ୍ତିଭୂମି ଥାଇ ଗୋପ କୁ ଏନଏସି ପ୍ରଦାନ କରାଯାଇ ନଥିବା ପ୍ରତିବାଦରେ ଗୋପ ପଞ୍ଚାୟତ ପୂର୍ବତନ ବିଜେଡି ସଭାପତି ବୈଲୋଚନ ସାହୁଙ୍କ ନେତୃତ୍ୱରେ ପଦଯାତ୍ରା କରାଯାଇଥିବା ବେଳେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା କସ୍ତୁରୀବାଳା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ସୁକାନ୍ତ ମହାନ୍ତି, ସୁଧାଂଶୁ ସେନାପତି, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସ୍ୱାଇଁ, ଗଣେଶ୍ୱରପୁର ସରପଞ୍ଚ ପ୍ରଭାତ ବେହେରା, କୁଆଁପଡ଼ା ସରପଞ୍ଚ ମହେଶ୍ୱର ସ୍ୱାଇଁ, ଯୁବନେତା ରମେଶ ଚନ୍ଦ୍ର ବାରିକ, ସୁଦୀପ୍ତ ସ୍ୱାଇଁ, ଯୋଗେନ୍ଦ୍ର ବେହେରା, ପ୍ରଶାନ୍ତ ସ୍ୱାଇଁ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ପ୍ରପତିଜୀଙ୍କ ଜନ୍ମ ଶତବାର୍ଷିକୀରେ ଆଲୋଚନାଚକ୍ର

**ଫୁଲନଖରା,୨୧୯/ଏନ୍ଏନ୍ଏସ୍:** ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଘାଟକୂଳ ନେତାଜୀ ନଗର ମଧୁପାଟଣା କଟକ ପରିସରରେ ବିଶିଷ୍ଟ ମାତୃ କର୍ମୀ ପ୍ରଫେସର ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ମହାନ୍ ଗବେଷକ କାଙ୍ଗାଳି ଚରଣ ପତି(ପ୍ରପତିଜୀ)ଙ୍କ ଜନ୍ମ ଶତବାର୍ଷିକ ପାଳନ ଅବସରରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ରର ସମ୍ପାଦକ ବିଶିଷ୍ଟ ଶିକ୍ଷାବିତ୍ ଅମ୍ବରିଶ ମିଶ୍ର, ଅଧ୍ୟକ୍ଷ ମହେଶ୍ୱର ନନ୍ଦ ଓ ସମସ୍ତ ଅପା ଭାଇ ରୀନାରାଣୀ ପୃଷ୍ଟି, ନନ୍ଦକିଶୋର ଆଚାର୍ଯ୍ୟ, ବିଶ୍ୱରଞ୍ଜନ ମଲ୍ଲ, ଲୀଳାବତୀ ନାୟକ, ନିରୁପମା ସାହୁ, ନିରୁପମା ବାରିକ, ଜଳ୍ପନା ଜେନା, ବନ୍ଦନା ସରସ୍ୱତୀ, ପୂଜା ହଜାର, ଦୀପିକା ପଟ୍ଟନାୟକ, ସୌଦାମିନୀ ମିଶ୍ର ଓ ପାୟଲ ପ୍ରିୟଦର୍ଶିନୀ, ବିଦ୍ୟାର୍ଥୀ ଓ ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଶରତ ଚନ୍ଦ୍ର ମିଶ୍ର ଶ୍ରୀଅରବିନ୍ଦ ଓ ଶ୍ରୀ ମା'ଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷାର ମହତ୍ତ୍ୱ ତଥା ଓଡ଼ିଶାରେ ମାତୃ ସଂଗଠନ ଗଠନ କରିବା ସହ ସାରା ରାଜ୍ୟରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା ଦିଗରେ ଶ୍ରୀ ପ୍ରପତିଜୀଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ।

# ଅଭିରାମ ଫାଉଣ୍ଡେସନ୍ ତରଫରୁ ବୃକ୍ଷରୋପଣ



**ସାଲେପୁର,୨୧୯/ଏନ୍ଏନ୍ଏସ୍:** ଅଭିରାମ ଫାଉଣ୍ଡେସନ ତରଫରୁ ପଦ୍ମପୁର ହାଇସ୍କୁଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପୋଲିସ ଆଇ ଜି ତ୍ରୈଲୋକ ନାଥ ଖୁଣ୍ଟିଆ, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଓକିଲ ସୁରେଶ ଚନ୍ଦ୍ର ପଣ୍ଡା, ଯୁବ ଆଇନଜୀବୀ ମୋନୋଜ କୁମାର ଅଗ୍ରୱାଲ ଓ ଶିଳାରାଣୀ ମଲ୍ଲ ପ୍ରମୁଖ ଯୋଗ ଦେଇଥିଲେ। ଅଭିରାମ ଫାଉଣ୍ଡେସନ ର ସମ୍ପାଦକ ଅଶୋକ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭପତି ଧର୍ମାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଫାଉଣ୍ଡେସନ ର ଉପଦେଷ୍ଟା ଜିତେନ୍ଦ୍ର ଭୂୟାଁ, ଧ୍ରୁବ ଚରଣ ଜେନା, ରଞ୍ଜନ ସାମଲ, ସୁଶାନ୍ତ ପାଣିଗ୍ରାହୀ, ଅମରନାଥ କର, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ବାରିକ, ଶିବକୁମାର ରାଉତ, ଆଲୋକ ନାଥ ପ୍ରମୁଖ ସହଯୋଗ କରିଥଲେ। ପଦ୍ମପୁର କ୍ଲବର ସମସ୍ତ ସଭ୍ୟବୃନ୍ଦ ବୃକ୍ଷରୋପଣ କାର୍ଯ୍ୟରେ ସହଯୋଗ କରିଥଲେ।


**NOTICE**

The partnership firm M/S PRAKASH TRANSPORT CORPORATION bearing Regd No.979/2014 and its head office at Plot No.1478/2239 & 1524/2238,Piligrim Road, Po.College Square, Ps.Malgodown, Dist-Cuttack, Pin-753003 Odisha has been Reconstituted on 01.10.2024 due to retirement of partner Mrs Krishna Arya And admission of two partners Mr Ayush Arya & Mr Karan Arya w.e.f01.10.2024

Mr Sanjay Arya
Managing partner
M/S PRAKASH TRANSPORT CORPORATION

**AFFIDAVIT**

By virtue of an affidavit sworn before the Executive Magistrate, Keonjhar, dated 01/09/2025 I, Bipin Parida, S/o- Bhagirathi Parida of Vill - Jhumukapashi, Po- Mishramala, Ps- Pandapada, Dist- Keonjhar, Pin-758079 declare that I have changed my son's name from Bipin Parida to Dhiren Parida. Hence forth, he shall be known as **Dhiren Parida** for all purposes.

BIPIN PARIDA

**AFFIDAVIT**

By virtue of an affidavit sworn before the Executive Magistrate, Keonjhar, dated 01/09/2025, I Turi Munda, S/o- Late Dhana Munda of vill- Talaraigoda, Po- Raigoda, Ps- Sadar, Dist- Keonjhar, Pin-758018, declare that I have changed my name from Galib Singh Munda to Turi Munda. Hence forth, I shall be known as **Turi Munda** for all purposes.

TURI MUNDA

**AFFIDAVIT**

By virtue of an affidavit sworn before Executive Magistrate Sub-Collector Office, Baripada, Mayurbhanj, dated. 02.09.2025 I, Sunil Kumar Naik, Address : At/Po- Kandasar, Ps- Nalco Nagar, Dist- Anugul declare that I have changed the name of my Son from Swagat Swarup (Old name) to Swagat Swarup Naik (New name). Henceforth, he shall be known as **Swagat Swarup Naik** (New name) for all purposes.

Sd/- Sunil Kumar Naik

**AFFIDAVIT**

By virtue of an affidavit sworn before Notary Public, Balliguda dated 26.08.2025, I D.Srilata Kumari Patro, aged about 38 years, Daughter of D.Pandab Patro of Village- Baliguda, Champasahi, P.O/P.S- Baliguda, Dist- Kandhamal, PIN- 762103, Odisha have changed my name from "D.Srilata Kumari Patro" to "DANKEY SRILATA PATRO", and henceforth I shall be known as "**DANKEY SRILATA PATRO**" for all purpose.


# ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

**ପିପିଲି,୨୧୯/ଏନ୍ଏନ୍ଏସ୍:** ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଶୁକ୍ରବାର ପିପିଲିରେ ଜାତୀୟ କ୍ରୀଡା ଦିବସ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ସାଢେ ୭ଟାରେ ପିପିଲି ନୋଡାଲ ହାଇସ୍କୁଲ ଖେଳପଡିଆରୁ ଏକ ବିଶାଳ କ୍ରୀଡା ଶୋଭାଯାତ୍ରା ବାହାରି ପିପିଲି ବଜାର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପିପିଲି ଏସ୍ ?ଡିପିଓ ଦେବାଶିଷ ମିଶ୍ର ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପିପିଲିର ବିଭିନ୍ନ ବିଦ୍ୟାଳୟର ୫ଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀଙ୍କ ସମେତ ୮ଟି କ୍ରୀଡା ସଂଗଠନର କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇଥିଲେ। ଜବାହର ବିଦ୍ୟାପୀଠ ଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ଶ୍ରୀ ମହାନ୍ତି, ପିପିଲି ବିଇଓ ପୀତବାସ ସେଠୀ, ଆନ୍ତର୍ଜାତିକ କ୍ରୀଡାବିତ୍ ସୁସ୍ମିତା ଟିଗ୍ଗୋ, ସବିତା ଟପ୍ପୋ, ପିପିଲି ସାଂସ୍କୃତିକ ପରିଷଦର ସାଧାରଣ ସଂପାଦକ ତଥା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ର, ଉପସଭାପତି ଦୀନବନ୍ଧୁ ବେହୁରା, ଶିକ୍ଷାବିତ୍ ହେମନ୍ତ କୁମାର ପ୍ରଧାନ, କ୍ରୀଡାବିତ୍ ପ୍ରଶାନ୍ତ ଜେନା ପ୍ରମୁଖ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସଂପର୍କରେ ଆଲୋକପାତ କରିବା ସହ ଜାତୀୟ କ୍ରୀଡା ଦିବସ ପାଳନର ଆଭିମୁଖ୍ୟ ସଂପର୍କରେ ପ୍ରକାଶ କରି ଥିଲେ। ଏହା ପରେ ଗୋବିନ୍ଦପୁରଠାରେ ଥିବା ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି। ମୁଖ୍ୟ ଅତିଥିଭାବେ ଡେଲାଙ୍ଗ -ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟ ବକ୍ତାଭାବେ ପୁରୀ ଦ୍ୱିତିକାନ୍ତ ପ୍ରଧାନ ଏଡିଇଓ ସମ୍ମାନିତ ଅତିଥିଭାବେ ପିପିଲି ବ୍ଲକ ବିଇଓ ପୀତବାସ ସେଠୀ, ଡେଲାଙ୍ଗ ବ୍ଲକ ବିଇଓ ଶତ୍ରୁଘ୍ନ ବେହେରା, ଜିଲ୍ଲା କ୍ରୀଡା ପର୍ଯ୍ୟବେକ୍ଷକ ମହେନ୍ଦ୍ର ବିଶ୍ୱାଳ, ଓଡିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁରର ଅଧକ୍ଷ ବିଭୁତିଭୂଷଣ ମଣ୍ଡଳ, ଯୋଗଦେଇ ସେମାନଙ୍କ ର ମତାମତ ରଖିଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ ମହାନ୍ତି, ଉମେଶ ଚନ୍ଦ୍ର ଦାଶ, ସୂର୍ଯ୍ୟନାରାୟଣ ଜେନା, ଜଗନ୍ନାଥ ପ୍ରଧାନ, କ୍ରୀଡା ସମ୍ପାଦକ ପି, କେ, ଜେନା, ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଦୀନବନ୍ଧୁ ବେହୁରା ଅତିଥି ପରିଚୟ କରିଥିବାବେଳେ କ୍ରୀଡ଼ାଦିବସ ପାଳନର ଉଦେଶ୍ୟ ସମ୍ପର୍କ ରେ ପିପିଲି ସାଂସ୍କୃତିକ ପରିଷଦ ର ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର କହିଥିଲେ। ହେମନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।


**DISTRICT PROJECT OFFICE,
SAMAGRA SHIKSHA, JHARSUGUDA**
No. 1816/TB/25, Dt. 01.09.2025

**TENDER CALL NOTICE**

Sealed quotations are invited in the prescribed application from the regd. Book Suppliers / Publishers for supply of Hindi Script Text Books from Class-VI to VIII (excluding Language Books) for Govt. and Govt. aided Primary and Upper Primary Schools of Jharsuguda District for the year 2025-26. the tender application form along with its terms and conditions and requirement of Hindi Script Books can be downloaded from the District website http://jharsuguda.odisha.gov.in. The quotation completed in all respect should reach the undersigned on or before 17.09.2025 by 5 p.m. through speed post / regd. post only and the same shall be opened on 18.09.2025 at 11 A.M. in presence of bidders or their authorized representatives.

By the order of Collector-cum-Chairman
District Project Coordinator
SS, Jharsuguda

OIPR-27153/11/0014/2526 n-142

## ପ୍ରଥମ ପୃଷ୍ଠାରୁ

### ଭାରତ ହେବ ସେମିକଣ୍ଡକ୍ଟର ...

ସେମାନଙ୍କ ସହଯୋଗୀଙ୍କ ଉପସ୍ଥିତିକୁ ମଧ୍ୟ ମୋଦୀ ସ୍ୱୀକାର କରିଛନ୍ତି । ମୋଦୀ କହିଛନ୍ତି ଆଜିର ସମାରୋହରେ ପ୍ରାୟ ୪୦ରୁ ୫୦ଟି ଦେଶର ପ୍ରତିନିଧିତ୍ୱ ସହିତ ବିଶ୍ୱର ବିଭିନ୍ନ ସ୍ଥାନରୁ ସେମିକଣ୍ଡକ୍ଟର କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଭାରତର ନବସୃଜନ ଏବଂ ଯୁବଶକ୍ତିର ଉପସ୍ଥିତି ମଧ୍ୟ ରହିଛି । ଏହି ଅନନ୍ୟ ମିଶ୍ରଣ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥାଏ, "ବିଶ୍ୱ ଭାରତକୁ ବିଶ୍ୱାସ ଓ ଭରସା କରୁଛି ଏବଂ ଭାରତ ସହିତ ସେମିକଣ୍ଡକ୍ଟର ଭବିଷ୍ୟତ ନିର୍ମାଣ କରିବାକୁ ବିଶ୍ୱ ପ୍ରସ୍ତୁତ ରହିଛି ।" ମୋଦୀ କହିଛନ୍ତି, ତେଲ ଥିଲା କଳା ସୁନା, କିନ୍ତୁ ଚିପ୍ସଗୁଡ଼ିକ ଡିଜିଟାଲ ଡାଇମଣ୍ଡ ।" ଏକବିଂଶ ଶତାବ୍ଦୀର ସାମର୍ଥ୍ୟ କ୍ଷୁଦ୍ର ଚିପ୍ ଉପରେ ନ୍ୟସ୍ତ ରହିଛି ବୋଲି ସେ ଜୋର ଦେଇ କହିଥିଲେ । କ୍ଷୁଦ୍ରାକୃତି ହେବା ସତ୍ତ୍ୱେ ଏସବୁ ଚିପରେ ବିଶ୍ୱର ପ୍ରଗତିକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବାର ଅପାର ସମ୍ଭାବନା ରହିଛି । ମୋଦୀ କହିଥିଲେ, ବିଶ୍ୱ ସେମିକଣ୍ଡକ୍ଟର ବଜାରର ଆକାର ୬୦୦ ବିଲିଅନ ଡଲାରରେ ପହଞ୍ଚି ସାରିଛି । ଆଗାମୀ ଦିନରେ ଏହା ୧ ଟ୍ରିଲିଅନ ଡଲାର ଅତିକ୍ରମ କରିବ । ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଯେଭଳି ଗତିରେ ଅଗ୍ରସର ହେଉଛି, ତା'କୁ ଦେଖିଲେ ୧ ଟ୍ରିଲିୟନ ଡଲାର ବଜାରରେ ଭାରତ ଏକ ବଡ଼ ଅଂଶଧନ ହାସଲ କରିବ ବୋଲି ସେ ଦୃଢ଼ ବିଶ୍ୱାସ ପ୍ରକଟ କରିଥିଲେ । ମୋଦୀ କହିଥିଲେ ଯେ, ୨୦୨୧ରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ୨୦୨୩ ସୁଦ୍ଧା ଭାରତର ପ୍ରଥମ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ମଞ୍ଜୁର କରାଯାଇଥିଲା । ୨୦୨୪ରେ ଆହୁରି କିଛି ପ୍ଲାଣ୍ଟକୁ ମଞ୍ଜୁରି ମିଳିଥିଲା । ୨୦୨୫ରେ ପାଞ୍ଚଟି ଅତିରିକ୍ତ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ଅନୁମୋଦନ କରାଯାଇଛି । ବର୍ତ୍ତମାନ ମୋଟ୍ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଚାଲିଛି । ଏଥିରେ ୧୮ ବିଲିୟନ ଡଲାରରୁ ଅଧିକ, ଅର୍ଥାତ୍ ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସାମିଲ ରହିଛି । ଏହା ଭାରତ ପ୍ରତି ବଢୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ । ପ୍ରଧାନମନ୍ତ୍ରୀ ଦୃଢ଼ତାର ସହ କହିଛନ୍ତି, ସେହି ଦିନ ଆଉ ବେଶୀ ଦୂର ନାହିଁ ଯେତେବେଳେ ଭାରତର ସବୁଠାରୁ ଛୋଟ ଚିପ୍ ବିଶ୍ୱର ସବୁଠାରୁ ବଡ଼ ପରିବର୍ତ୍ତନ ଆଣିବ । ଭାରତ ସେମିକଣ୍ଡକ୍ଟର କ୍ଷେତରେ ଏକ ବିଶ୍ୱସ୍ତରୀୟ ହବ୍ ହେବା ଦିଗରେ ଅଗ୍ରସର ହେଉଛି । ଗୋଟିଏ ପ୍ଲଗ୍-ଏଣ୍ଡ-ପ୍ଲେ ଭିତ୍ତିଭୂମି ମଡେଲ ଅଧୀନରେ ଦେଶବ୍ୟାପୀ ସେମିକଣ୍ଡକ୍ଟର ପାର୍କ ବିକଶିତ କରାଯାଉଛି, ଯାହା ଜମି, ବିଦ୍ୟୁତ୍ ଯୋଗାଣ, ବନ୍ଦର ଓ ବିମାନବନ୍ଦର ସଂଯୋଗୀକରଣ ଏବଂ ଏକ ଦକ୍ଷ ଶ୍ରମିକ ପୁଲ ଭଳି ସୁବିଧା ପ୍ରଦାନ କରିଥାଏ । ସେମିକଣ୍ଡକ୍ଟର ମିଶନ କେବଳ ଗୋଟିଏ ଫ୍ୟାବ୍ ପ୍ରତିଷ୍ଠା କିମ୍ବା ଗୋଟିଏ ଚିପ୍ ଉତ୍ପାଦନ କରିବାରେ ସୀମିତ ନୁହେଁ । ବରଂ, ଭାରତ ଏକ ଦୃଢ଼ ସେମିକଣ୍ଡକ୍ଟର ଇକୋସିଷ୍ଟମ ସୃଷ୍ଟି କରୁଛି ଯାହା ଦେଶକୁ ଆତ୍ମନିର୍ଭରଶୀଳ ଏବଂ ବିଶ୍ୱ ସ୍ତରରେ ପ୍ରତିଯୋଗିତାମୂଳକ କରିବ । ବିଶ୍ୱ ସେମିକଣ୍ଡକ୍ଟର କ୍ଷେତ୍ର ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଦୃଢ଼ ଭାବେ କହିଥିଲେ, ଭାରତ ଏହି ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛି । ନୋଏଡା ଏବଂ ବେଙ୍ଗାଲୁରୁରେ ବିକଶିତ ହେଉଥିବା ଡିଜାଇନ୍ କେନ୍ଦ୍ରଗୁଡ଼ିକ ବିଶ୍ୱର ସବୁଠାରୁ ଉନ୍ନତ ଚିପ୍ସ ଉପରେ କାର୍ଯ୍ୟ କରୁଛନ୍ତି, ଯାହା କୋଟି କୋଟି ଟ୍ରାଞ୍ଜିଷ୍ଟର ସଂରକ୍ଷଣ କରିପାରିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସେମିକନ୍ ଇଣ୍ଡିଆ - ୨୦୨୫ ହେଉଛି ଏକ ତିନି ଦିନିଆ ସମ୍ମିଳନୀ । ଏଥିରେ ଭାରତରେ ଏକ ଦୃଢ଼, ସ୍ଥିର ଏବଂ ଦୀର୍ଘସ୍ଥାୟୀ ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ଆଗକୁ ବଢାଇବା ଉପରେ ଏଥିରେ ବିଚାରବିମର୍ଶ କରାଯିବ । ସମ୍ମିଳନୀରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମର ପ୍ରଗତି, ସେମିକଣ୍ଡକ୍ଟର ଫ୍ୟାବ୍ ଏବଂ ଉନ୍ନତ ପ୍ୟାକେଜିଂ ପ୍ରକଳ୍ପ, ଭିତ୍ତିଭୂମି ପ୍ରସ୍ତୁତି, ସ୍ମାର୍ଟ ଉତ୍ପାଦନ, ଗବେଷଣା ଏବଂ ବିକାଶ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ନବସୃଜନ, ନିବେଶ ସୁଯୋଗ, ରାଜ୍ୟସ୍ତରୀୟ ନୀତି କାର୍ଯ୍ୟାନ୍ୱୟନ, ଇତ୍ୟାଦି ଉପରେ ଅଧିବେଶନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହାସହିତ, ସମ୍ମିଳନୀରେ ଡିଜାଇନ୍ ଆଧାରିତ ପ୍ରୋତ୍ସାହନ ଯୋଜନା ଅଧୀନରେ ପଦକ୍ଷେପ, ଷ୍ଟାର୍ଟଅପ୍ ଇକୋସିଷ୍ଟମର ଅଭିବୃଦ୍ଧି, ଅନ୍ତର୍ଜାତୀୟ ସହଯୋଗ ଏବଂ ଭାରତର ସେମିକଣ୍ଡକ୍ଟର କ୍ଷେତ୍ର ପାଇଁ ଭବିଷ୍ୟତ ରୋଡମ୍ୟାପ୍ ଉପରେ ଆଲୋକପାତ କରାଯିବ । ସମ୍ମିଳନୀରେ ୨୦,୭୫୦ରୁ ଅଧିକ ଅଂଶଗ୍ରହଣକାରୀ ଭାଗ ନେଉଛନ୍ତି, ଯେଉଁଥିରେ ୪୮ ରୁ ଅଧିକ ଦେଶର ୨,୫୦୦ ରୁ ଅଧିକ ପ୍ରତିନିଧି, ୧୫୦ରୁ ଅଧିକ ବକ୍ତା, ୫୦ରୁ ଅଧିକ ବିଶ୍ୱ ନେତା ଏବଂ ୩୫୦ରୁ ଅଧିକ ପ୍ରଦର୍ଶକ ସାମିଲ ହେବେ । ଏଥିରେ ୬ଟି ଦେଶର ଗୋଲଟେବୁଲ ଆଲୋଚନା, ବିଭିନ୍ନ ଦେଶର ପାଭିଲିୟନ୍ ଏବଂ କର୍ମଶକ୍ତି ବିକାଶ ଓ ଷ୍ଟାର୍ଟ-ଅପ୍ ପାଇଁ ସମର୍ପିତ ପାଭିଲିୟନ୍ ମଧ୍ୟ ଅନ୍ତର୍ଭୁକ୍ତ ହେବ । ଅଜିର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଜିତିନ ପ୍ରସାଦ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତାଙ୍କ ସମେତ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଉପସ୍ଥିତ ରହିବା ଦେଖିବାକୁ ମିଳିଛି ।

### ଓଡ଼ିଶାରେ ନିର୍ମିତ ୩ ...

'ଓଡ଼ିଶା ପାଭିଲିୟନ୍'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ତିନୋଟି ଚିପ୍ ମଧ୍ୟରୁ ଦୁଇଟି ରାଉରକେଲାର ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍ଆଇଟି) ଦ୍ୱାରା ଡିଜାଇନ୍ କରାଯାଇଛି । ପ୍ରଥମ ଦୁଇଟି ହେଉଛି ଭିଜି ଆମ୍ପ୍ଲିଫାୟାର୍ ଆଣ୍ଡ୍ ସେନସର୍ ସର୍କିଟ୍ (ସି୨ଏସ୦୦୧୮) ଏବଂ ପ୍ରେଜେଣ୍ଟ ଏନ୍‌କ୍ରିପସନ୍ କୋର୍ (ସି୨ଏସ୍୦୦୧୭) । ସେହିପରି ହାଇ ପରଫର୍ମାନ୍ସ ମଲଟିପ୍ଲାୟାର୍ ଆଇସି (ସି୨ଏସ୍୦୦୬୧), ବ୍ରହ୍ମପୁରସ୍ଥିତ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ (ପିଏମ୍ଇସି) ଦ୍ୱାରା ତୃତୀୟ ଚିପ୍ ବିକଶିତ ହୋଇଛି । ମୁଁ ପିଏମ୍ଇସି ବ୍ରହ୍ମପୁରକୁ ସି୨ଏସ୦୦୬୧ ଚିପ୍ ବିକାଶ ପାଇଁ ଅଭିନନ୍ଦନ ଜଣାଉଛି । ଏହି ପାଭିଲିୟନ୍ ରାଜ୍ୟର ସେମିକଣ୍ଡକ୍ଟର୍ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଉଦ୍ଭାବନୀ ସାମର୍ଥ୍ୟ, ପ୍ରଗତିଶୀଳ ନୀତି, ଏବଂ ବିନିଯୋଗ-ଅନୁକୂଳ ପରିବେଶକୁ ପ୍ରଦର୍ଶନ କରିଛି । ଏହି ଚିପଗୁଡ଼ିକ ଓଡ଼ିଶାର ଶିକ୍ଷା ଅନୁଷ୍ଠାନମାନଙ୍କ ଉଦ୍ଭାବନୀ କ୍ଷମତାକୁ ପ୍ରତିଫଳିତ କରୁଛି । ରାଜ୍ୟକୁ ସେମିକଣ୍ଡକ୍ଟର୍ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରୁଛି । ଏହା ଦେଶର ସ୍ୱଦେଶୀ ଉତ୍ପାଦନ ଓ ଟେକ୍ନୋଲୋଜି କ୍ଷେତ୍ରରେ ସ୍ୱାବଲମ୍ବୀର ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରକାଶ କରିଛନ୍ତି । ତେଣୁ ସେମିକନ୍ ଇଣ୍ଡିଆ ୨୦୨୫ରେ ଓଡ଼ିଶାର ଏହି ଅବଦାନ କେବଳ ରାଜ୍ୟ ନୁହେଁ, ସମଗ୍ର ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ ।

### ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ...

ଫିଟିବ ଦ୍ୱାର । ୨ଟା ୪୦ମିନିଟ୍‌ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହେବ । ଦିନ ୧୨ ଟା ୩୦ମିନିଟ୍ ସୁଦ୍ଧା ସମସ୍ତ ନୀତିକାନ୍ତି ଶେଷ ହେବ । ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ । ଧାଡ଼ି ଦର୍ଶନ ପାଇଁ କିଭଳି ପ୍ରସ୍ତୁତି ହେବ ସେନେଇ ଆଲୋଚନା ହୋଇଥିଲା । ପରୀକ୍ଷାମୂଳକ ଭାବେ ପ୍ରଥମେ ଧାଡ଼ି ଦର୍ଶନ ହେବ । ସମସ୍ତ ନିଯୋଗ ସହିତ ଏନେଇ ଆଲୋଚନା ହୋଇଛି । ଆସନ୍ତାକାଲି ପରିଚାଳନା କମିଟି ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯିବ । ମହାପ୍ରଭୁଙ୍କ ପୂଜା ଓ ଦର୍ଶନ ନାଁରେ ଅନଲାଇନରେ ଫେକ୍ ୱେବ୍‌ସାଇଟ୍ ଖୋଲିଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ପୋଲିସ ସହ ଆଲୋଚନା କରାଯାଇଛି ।

### ୫ ଦିନ ଯାଏ ପ୍ରବଳ ...

ହେବାର ସମ୍ଭାବନା ରହିଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରେ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ସହିତ ବଜ୍ରପାତ ହେବାର ସମ୍ଭାବନା ରହିଛି । ୫ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହିତ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ବହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ସହିତ ବଜ୍ରପାତ ହେବାର ସମ୍ଭାବନା ରହିଛି । ଯାହାକୁ ନେଇ ଏସବୁ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି ।

### ସମନ୍ୱିତ ପରିଚାଳନା ଯୋଜନା ...

ଅନ୍ୟ ସ୍ଥାନରେ ପରିବେଶ ପର୍ଯ୍ୟଟନର ଅପାର ସମ୍ଭାବନାକୁ କାର୍ଯ୍ୟରେ ରୂପାୟିତ କରିପାରିଲେ ଆର୍ଦ୍ରଭୂମିଗୁଡିକ ଦେଶ ଓ ବିଦେଶର ବହୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିବ । ବନଖଣ୍ଡ ଅଧିକାରୀମାନେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ଆଶାନୁରୂପ ଅଗ୍ରଗତି ପାଇଁ ଆବଣ୍ଟିତ ଅର୍ଥରାଶିର ସମୟୋଚିତ ସୁବିନିଯୋଗ କରିବା ଉପରେ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦଉରି, ଓଡ଼ିଶା ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର ସଦସ୍ୟ ସଚିବ ତଥା ପରିବେଶ ନିର୍ଦ୍ଦେଶକ କେ. ଏସ୍. ପ୍ରଦୀପ , ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଜଳସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବ ଯୋଗଦେଇଥିଲେ ।

# ଛଣଗିରି ଅଳଙ୍କାର ଦୋକାନ ଲୁଟ୍ ଘଟଣାର ପର୍ଦ୍ଦାଫାସ୍: ୪ ଗିରଫ

## ସୁନା ଓ ରୁପା ସମେତ ନଗଦ ୯ଲକ୍ଷ ୪୫ହଜାର ଟଙ୍କା, ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ଭୁଜାଲି ଜବତ




**ଖୋର୍ଦ୍ଧା,୨।୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ସ୍ଥିତ ସାଇ ସୋନୁ ଅଳଙ୍କାର ଦୋକାନରୁ ଗତ ମାସ ୨୪ ତାରିଖ ଦିନ ୨ ଟା ସମୟରେ ୮ ଜଣ ଲୁଟେରା ଆସି ବନ୍ଧୁକ ଓ ବୋମା ଫୁଟାଇ ୧୧ କେଜି ୫୦୦ ଗ୍ରାମ ଓ ୫ କେଜି ରୂପା ଅଳଂକାର ପ୍ରାୟେ ସାଢ଼େ ୧୧ କୋଟି ଟଙ୍କାର ସୁନା ଓ ରୂପା ଅଳଂକାର ଲୁଟ କରି ନେବା ସହିତ ନଗଦ ଟଙ୍କା ନେଇଯାଇଥିଲେ । ପୁଲିସ ତ୍ୱରିତ ପଦକ୍ଷେପ ନେଇ ଉକ୍ତ ଦିନ ନୂଆ କରି ଯୋଗଦାନ କରିଥିବା ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ସମୁଦାୟ ୫ ଟିମ ଗଠନ କରାଯାଇ ବିଭିନ୍ନ ଦିଗକୁ ତର୍ଜମା କରି ଚଢ଼ଉ କରାଯାଇଥିଲା । ଶେଷରେ ପୁଲିସକୁ ସଫଳତା ମିଳିଥିଲେ ବି ଡକାୟତି ସୁନାର ମାତ୍ର ୧୦ ଭାଗ ସୁନା ଅଳଙ୍କାର ମିଳିଥିବାବେଳେ ୩ ଜଣ ଲୁଟେରା ଓ ଜଣେ କ୍ରେତାକୁ ଗିରଫ କରାଯାଇ ପାରିଛି । ଆହୁରି ୬ ଜଣ ଲୁଚି ବୁଲୁଛନ୍ତି । ସଂପୃକ୍ତ ଫେରାର ଅଭିଯୁକ୍ତମାନଙ୍କୁ ଗିରଫ ଓ ଆଉ ଲୁଟ ସାମଗ୍ରୀକୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉ ଥିବା ଆଜି ଖୋର୍ଦ୍ଧା ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଡିଆଇଜି ସତ୍ୟଜିତ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୁଲିସ ଜଂକିଆ ଥାନା କେସ୍ ନମ୍ବର ୨୯୭ ତାରିଖ ୨୪.୮.୨୫ ଧାରା ୩୧୦ (୨) ବିଏନ୍ଏସ୍/ଧାରା ୨୫/୨୭ ଅସ୍ତ୍ରଶସ୍ତ୍ର ଆଇନ/୫ ଇଏସ୍ ଆଇନ ଅନୁଯାୟୀ ପୁଲିସ ତଦନ୍ତ କରି ଖୋର୍ଦ୍ଧା, ପୁରୀ ଓ କଟକ ଅଞ୍ଚଳରୁ ୪ ଜଣ ଲୁଟେରାଙ୍କୁ ଗିରଫ କରିଛି । କଟକ ଜିଲ୍ଲା ବେଷ୍ଟକର ଥାନା ୪୨ ମୌଜାର ଝିଙ୍କିରିଆ ଗ୍ରାମର ସରୋଜ କୁମାର ପଟ୍ଟନାୟକଙ୍କ ପୁତ୍ର ବିଶ୍ୱଜିତ୍ ପଟ୍ଟନାୟକ(୨୨) ଓରଫ୍ ଲକିଠାରୁ ୩୧୯.୭୩୦ଗ୍ରାମ୍ ଓଜନର ସୁନା, ୯୬୮ ଗ୍ରାମ ରୂପା, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଭୁଜାଲି ଓ ନଗଦ ୮ଲକ୍ଷ ଟଙ୍କା ଜବତ କରିଥିବା ବେଳେ ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଗୋଡ଼ିପଡା କଇଁଫୁଲିଆ ଗ୍ରାମର ସଂସାରୀ ସେନାପତିଙ୍କ ପୁତ୍ର ଅଶୋକ ସେନାପତି(୩୨) ଓରଫ ବୁଲୁଠାରୁ ୨୦୭.୮୬୦ ଗ୍ରାମ୍ ସୁନା, ୯୪୦ ଗ୍ରାମ ରୂପା ଓ ନଗଦ ୧ଲକ୍ଷ ୪୫ହଜାର ଟଙ୍କା ଜବତ କରିଥିଲେ । ସେହିପରି ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଭୀମପଡା ଟାଙ୍ଗିସାହିର କେଶବ ନାୟକଙ୍କ ପୁତ୍ର ଚନ୍ଦନ ନାୟକ(୨୫) ଠାରୁ ୧୩୪.୬୭୦ ଗ୍ରାମ୍ ସୁନା, ୫୪୬ ଗ୍ରାମ୍ ରୂପା ଓ ବୋଲଗଡ଼ ସମ୍ପପୁର ଗ୍ରାମର ରବି ସାହୁଙ୍କ ପୁତ୍ର ନବ ସାହୁଠାରୁ ୨୩୮.୩୧୦ ଗ୍ରାମ୍ ସୁନା ଜବତ ହୋଇଥିବା ସୂଚନା ମିଳିଛି । ଆଜି ଆଉଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ସୂଚନା ମିଳିଥିଲେ ବି ପୁଲିସ ପକ୍ଷରୁ ଏହାକୁ ତଦନ୍ତରେ ବାଧା ଉପୁଜିବା ଦୃଷ୍ଟିରୁ ପ୍ରକାଶ କରାଯାଇ ନଥିବା କୁହାଯାଉଛି । ଆଜି ୩ଜଣ ଡକାୟତ ଓ ଜଣେ କ୍ରେତାଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୬ଜଣଙ୍କ ମଧ୍ୟରୁ ୨ଜଣଙ୍କ ଠିକଣା ସ୍ପଷ୍ଟ ଜଣାପଡୁ ନ ଥିବାବେଳେ ନୟାଗଡ଼ ଅଞ୍ଚଳର ଦୁଇ ଜଣ, ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଜଣେ, ପୁରୀ ଜିଲ୍ଲା କଣାସ ଅଞ୍ଚଳର ଜଣେ ସନ୍ଦିଗ୍ଧ ଥିବା ପୁଲିସ ସୂଚନାରୁ ଜଣାପଡ଼ିଛି । ଆଜିର ସାମ୍ବାଦିକ ସମ୍ମିଳନୀରେ ଡିଆଇଜି ସତ୍ୟଜିତ ନାୟକ, ଏସପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଖୋର୍ଦ୍ଧା ସଦର ଏସପି ନିହାର ରଞ୍ଜନ ପ୍ରଧାନ, ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ସମେତ ଜିଲ୍ଲାର ସମସ୍ତ ଥାନା ଆଇଆଇସି ମାନେ ଉପସ୍ଥିତ ଥିଲେ । ପ୍ରକାଶ କି ଗତ ମାସ ୨୪ ତାରିଖରେ ଦିନ ୨ଟା ବେଳେ ୪ଟି ବାଇକରେ ୮ଜଣ ଡକାୟତ ଖୋର୍ଦ୍ଧା ଜିଲ୍ଲା ଛଣଗିରି ସ୍ଥିତ ସାଇ ସୋନୁ ଅଳଙ୍କାର ଦୋକାନକୁ ଆସିଥିଲେ । ସେମାନେ ସମସ୍ତେ ମୁଣ୍ଡରେ ହେଲମେଟ ଓ ମୁହଁରେ ମାସ୍କ ପିନ୍ଧିବା ସହିତ ଦୁଇଜଣ ଦୋକାନ ବାହାରେ ରହି ସମସ୍ତ ଘଟଣା ଅନୁଧ୍ୟାନ କରୁଥିବାବେଳେ ଦୋକାନ ମଧ୍ୟକୁ ୬ଜଣ ଡକାୟତ ପଶି ବନ୍ଧୁକ ଦେଖାଇ କର୍ମଚାରୀମାନଙ୍କୁ ଭୟଭୀତ କରାଇ ଏକ ବସ୍ତାରେ ସମସ୍ତ ଗହଣା ଭର୍ତ୍ତି କରି ନେଇଯିବା ସହ ଘଟଣାସ୍ଥଳରେ ବୋମା ଫୁଟାଇ ପୂର୍ବ ପ୍ରସ୍ତୁତି ମୁତାବକ ଜଂକିଆ କିମ୍ବା ସିକୋ ବାଟେ ଥାନା, ଫାଣ୍ଡି ଥିବାରୁ ସେମାନେ ଟାଙ୍ଗୋଳ ଦେଇ ଫେରାର ହେବାକୁ ସଫଳ ହୋଇଥିଲେ । ଦୋକାନ ମାଲିକ ପୁଷ୍ପ ରଞ୍ଜନ ସାହୁଙ୍କ ପତ୍ନୀ ଅରୁନ୍ଧତୀ ସାହୁଙ୍କ ଅଭିଯୋଗ ଅନୁଯାୟୀ ଡକାୟତମାନେ ସମୁଦାୟ ୧୧କେଜି ୫୦୦ଗ୍ରାମ ସୁନା ଓ ୫କେଜି ରୂପା ଅଳଙ୍କାର ଲୁଟ୍ କରିଥିଲେ । ଯାହାର କି ଆନୁମାନିକ ମୂଲ୍ୟ ୧୧କୋଟି ୫୫ଲକ୍ଷ ଟଙ୍କା ହେବ । ଘଟଣାସ୍ଥଳକୁ ଖୋର୍ଦ୍ଧାରେ ନୂତନ କରି ଯୋଗଦାନ କରିଥିବା ଏସ୍‌ପି ବିବେକାନନ୍ଦ ଶର୍ମା, ଖୋର୍ଦ୍ଧା ଏସ୍‌ଡି ପିଓ ନିହାର ରଞ୍ଜନ ପ୍ରଧାନ, ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ଓ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଥିଲେ ।

## ୩ ବରିଷ୍ଠ ଭାରତୀୟ ବୈଦେଶିକ ସେବା ଅଧିକାରୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



**କୋଣାର୍କ,୨।୯/ଏନ୍ଏନ୍ଏସ୍:** ଭୁବନେଶ୍ୱର ଗୋପବନ୍ଧୁ ଏକାଡେମୀ ପକ୍ଷରୁ ଚାଲିଥିବା ଜାତୀୟ ଭାରତୀୟ ବୈଦେଶିକ ସେବା ଅଧିକାରୀଙ୍କ ୫ଦିନିଆ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରରେ ଯୋଗଦେବାକୁ ଆସିଥିବା ଭାରତର ୩ ଜଣ ବରିଷ୍ଠ ଭାରତୀୟ ବୈଦେଶିକ ସେବା ଅଧିକାରୀ ମଙ୍ଗଳବାର ପୂର୍ବାହ୍ଣରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସି କୋଣାର୍କରେ ପହଞ୍ଚିଥିଲେ । ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ତାଙ୍କୁ ସ୍ୱାଗତ ଜଣାଇ ସୂର୍ଯ୍ୟମନ୍ଦିରକୁ ପାଛୋଟି ନେଇଥିଲେ । ସୂର୍ଯ୍ୟମନ୍ଦିର କଳା ଭାସ୍କର୍ଯ୍ୟ ସ୍ଥାପତ୍ୟ ବୁଲି ଦେଖି ସେମାନେ ବିମୋହିତ ହେବା ସହ ଓଡିଶାର କୀର୍ତ୍ତିରାଜିକୁ ନେଇ ପ୍ରଶଂସା କରିଥିଲେ । ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂର୍ଯ୍ୟମନ୍ଦିରର ପ୍ରଶିକ୍ଷିତ ବରିଷ୍ଠ ଗାଇଡି ବିଶେଶ୍ୱର ଦାଶ କୋଣାର୍କ ସୂର୍ଯ୍ୟ ମନ୍ଦିରର କଳା ସ୍ଥାପତ୍ୟ, କାରୁକାର୍ଯ୍ୟ, ସଂସ୍କୃତି ସହିତ ଐତିହାସିକ ଓ ପୌରାଣିକ ତଥ୍ୟ ଉପରେ ସେମାନଙ୍କୁ ଟିକିନିଖି ଭାବେ ବୁଝାଇ ବୁଲାଇ ଦେଖାଇଥିଲେ । କୋଣାର୍କ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## ମକୁନ୍ଦପ୍ରସାଦ ଚେକ୍ ଗେଟ୍ ନିକଟରୁ ୨ ବାଇକ୍ ଚୋର ଗିରଫ




**ଖୋର୍ଦ୍ଧା,୨।୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୁଲିସ୍ର ପାଟ୍ରୋଲିଂ ଗାଡ଼ି ମକୁନ୍ଦପ୍ରସାଦ ଚେକ ଗେଟ୍ ନିକଟରୁ ଦୁଇଜଣ ବାଇକ ଚୋରଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ଦୁଇଟି ଗାଡି ସମେତ ଦୁଇ ମୋବାଇଲ ଜବତ କରିଛି । ସୂଚନା ଅନୁଯାଇ ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୁଲିସ ପେଟ୍ରୋଲିଙ୍ଗ ସମୟରେ ସନ୍ଦେହରେ ମକୁନ୍ଦପ୍ରସାଦ ଚେକ ଗେଟ ନିକଟରେ ଦୁଇଜଣ ବାଇକ ଚାଳକଙ୍କୁ ଅଟକାଇ ଗାଡିର କାଗଜ ପତ୍ର ଯାଞ୍ଚ କରିଥିଲେ । ତେବେ ଉଭୟ ବାଇକ ଚାଲାକଙ୍କ ନିକଟରେ କୌଣସି ପ୍ରକାର କାଗଜ ପତ୍ର ନଥିବା ବେଳେ ଗାଡିର ନମ୍ବର ମଧ୍ୟ କହିପାରିନଥିଲେ । ଯାହାକୁ ନେଇ ପୁଲିସ୍ର ସନ୍ଦେହ ବଢ଼ିଥିଲା । ପରବର୍ତ୍ତୀ ସମୟରେ ଗାଡ଼ିରେ ଲାଗିଥିବା ନମ୍ବରକୁ ପରିବହନ ଆପରେ ସର୍ଚ୍ଚ କରିବାରୁ ଜଣାପଡିଥିଲା ଏହି ଗାଡ଼ିରେ ଲାଗିଥିବା ନମ୍ବର ସମ୍ପୂର୍ଣ୍ଣ ମିଥ୍ୟା । ଯାହାକୁ ନେଇ ଉଭୟ ଗାଡି ସହିତ ଦୁଇ ବାଇକ ଚାଳକଙ୍କୁ ଥାନାକୁ ଆଣି ପଚାର ଉଚରା କରିବା ସମୟରେ ଜଣା ପଡିଥିଲା ଏହି ଦୁଇଜଣ ବାଇକ ଚୋରି କରି ଆଣିଛନ୍ତି । ଯାହାକୁ ନେଇ ଶିଳ୍ପାଞ୍ଚଳ ପୁଲିସ ଉଭୟଙ୍କ ପଚାର ଉଚରା କରିବା ସମୟରେ ଉଭୟ ସତ ମାନିଥିଲେ ସେମାନେ ଏହି ଗାଡି ଦୁଇଟି ଚୋରି କରି ଆଣିଛନ୍ତି । ଏହାପରେ ଅଧିକ ପଚାର ଉଚରା କରିବା ସହିତ ତଦନ୍ତ କରିବାରୁ ଚୋରି ବାଇକ ରଖୁଥିବା ସ୍ଥାନରେ ଚଢ଼ଉକରିଥିଲେ । ଗଡ଼ଖୋର୍ଦ୍ଧା ଓ ଯେମାଦେଇ ଅଞ୍ଚଳରେ ଚୋରମାନେ ଚୋରି ଗାଡି ରଖୁଥିବା ଖବର ପାଇ ପୁଲିସ ତଦନ୍ତ କରିବା ସମୟରେ ଗଡଖୋରଧା ପାଣିଟାଙ୍କି ନିକଟରେ ନମ୍ବର ବିହୀନ ୫ଟି ଚୋରି ଗାଡିକୁ ଶିଳ୍ପାଞ୍ଚଳ ପୁଲିସ ଜବତ କରିଛି । ଏବଂ ଗିରଫ କାରୀଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ସମେତ ଏକ ମାଷ୍ଟର କି ଜବତ କରିଛି । ତେବେ ଗିରଫ ଅଭିଯୁକ୍ତଙ୍କ ନାମକୁ ଗୋପନ ରଖିଥିବା ବେଳେ ଦୁଇଜଣ ନୟାଗଡ଼ା ଜିଲ୍ଲା ଦଶପଲ୍ଲାର ୨୦ବର୍ଷର ଯୁବକ ହୋଇଥିବା ପୁଲିସ ସୂଚନାରୁ ଜଣାପଡ଼ିଛି । ପରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି ।

## ନିଖୋଜ ନାବାଳିକା ଉଦ୍ଧାର

**ନୟାହାଟ,୨।୯/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ଜଣେ ନାବାଳିକା ଅନ୍ୟଜଣେ ବିବାହିତ ଯୁବକ ସହିତ ଫେରାର ହେବା ପରେ ଝିଅର ପରିବାର ଫାଣ୍ଡିରେ ଅଭିଯୋଗ କରିଥିଲେ । ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କ୍ଷୀର ଗାଡ଼ି ଚଳାଉଥିବା ଯୁବକଠାରୁ ନାବାଳିକାକୁ ଉଦ୍ଧାର କରି ମଙ୍ଗଳବାର ତାଙ୍କ ପରିବାରକୁ ଜିମା ଦେଇଥିଲେ ।

## କେରଳରୁ ଅଣାଯିବ ଶ୍ରମିକ ଲକ୍ଷ୍ମୀଧରଙ୍କ ମୃତଦେହ

**ନୟାଗଡ଼,୨।୯/ଏନ୍ଏନ୍ଏସ୍:** କେରଳର ମାଲାପୁରମ ଜିଲ୍ଲାରେ ନୟାଗଡ଼ର ଜଣେ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ନୟାଗଡ଼ ଥାନା କ୍ରୀଡାଶପୁର ପଞ୍ଚାୟତର କୋଡିଏକାହାଣିଆ ଗ୍ରାମର ଧନେଶ୍ୱର ସ୍ୱାଇଁଙ୍କ ପୁଅ ଲକ୍ଷ୍ମୀଧର ସ୍ୱାଇଁ(୨୩) ଆଜିକୁ ୫ବର୍ଷ ହେବ କେରଳ ଯାଇ ସେଠାରେ କାମ କରୁଥିଲେ । ସେ ସେଠାକାର ମାଲାପୁରମ୍ ଜିଲ୍ଲାର ତିରୁରୁ ନିକଟ ଚେଙ୍ଗୁଟିରେ ଥିବା ପିଏନ୍ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ । ଦୀର୍ଘଦିନ ଧରି କମ୍ପାନୀର ବାହାରେ ଏକ ଘରେ ଲକ୍ଷ୍ମୀଧର ଓ ତା'ର ସହକର୍ମୀମାନେ ରହୁଥିବା ବେଳେ ଲକ୍ଷ୍ମୀଧରଙ୍କ ମୃତ୍ୟୁ ହୋଇଛି ବୋଲି ସୋମବାର ରାତିରେ ହଠାତ୍ ତାଙ୍କ ପିତା ଧନେଶ୍ୱରଙ୍କ ନିକଟକୁ ଖବର ସହିତ ଝୁଲନ୍ତା ଅବସ୍ଥାରେ ଏକ ଫଟୋ ପଠାଇଥିଲେ । ଏପରି ଫଟୋକୁ ଦେଖିବା ପରେ ସେ ହତବାକ୍ ହେବା ସହ ପରିବାର କି ଗାଁ ଲୋକେ ଏହାକୁ ବିଶ୍ୱାସ କରିପାରି ନଥିଲେ । ତେବେ ତାକୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଘର ସେଣୀରେ ଟାଙ୍ଗି ଦେଇଥିବା ଧନେଶ୍ୱର ଓ ତା'ର ପରିବାର ଲୋକେ ଅଭିଯୋଗ କରିଛନ୍ତି । ତାଙ୍କ ମୃତ୍ୟୁ ଖବର ଶୁଣି କୋଡିଏକାହାଣିଆ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିବା ବେଳେ ପୁଅର ଶବକୁ ସେଠାରୁ କେମିତି ଅଣାଯିବ ସେନେଇ ପିତା ଧନେଶ୍ୱରଙ୍କର ଚିନ୍ତା ପ୍ରକଟ ହୋଇଛି । ପୁଅ ଲକ୍ଷ୍ମୀଧରଙ୍କ ରୋଜଗାରରେ ଘର ଚଳୁଥିବା ବେଳେ ସେ ଏବେ ବେସାହାରା ହୋଇଗଲେ ବୋଲି କହିଛନ୍ତି । ଏ ସମ୍ପର୍କରେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଶବ ଆଣିବାକୁ ତାଙ୍କ ପିତା ନିବେଦନ କରିଛନ୍ତି । ଖବର ସଂଗ୍ରହ ସୁଦ୍ଧା ସେଠାରେ ଶବ ବ୍ୟବଚ୍ଛେଦ ହୋଇଥିବା ବେଳେ ଆଜି ରାତି ୯ଟା ସମୟରେ କେରଳର କୁଚି ଇଣ୍ଟରନ୍ୟାସନାଲ ଏୟାରପୋର୍ଟରୁ ଫ୍ଲାଇଟ୍ ଯୋଗେ କମ୍ପାନୀ ପକ୍ଷରୁ ଭୁବନେଶ୍ୱର ପଠାଯାଉଥିବା ଜଣାପଡ଼ିଛି । ତେବେ ପୁଅ ଲକ୍ଷ୍ମୀଧରକୁ ହତ୍ୟା କରାଯାଇ ଭିନ୍ନ ରୂପ ଦିଆଯାଇଥିବା ପିତା ଧନେଶ୍ୱର ସ୍ୱାଇଁ ଅଭିଯୋଗ କରିଥିବା ବେଳେ ମୃତକଙ୍କ ଗ୍ରାମ କୋଡିଏକାହାଣିଆକୁ ଶ୍ରମବିଭାଗ ଯାଇ ଅନୁସନ୍ଧାନ କରିଛି । ଲକ୍ଷ୍ମୀଧରଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।

### ପଞ୍ଜାବରେ ଉତ୍କଟ ବନ୍ୟା ...

ଘେରରେ ବନ୍ଦୀ ରହିଥିବା ବେଳେ ଏପରି ଏକ ସଂକଟ ସମୟରେ ସାରା ଦେଶ ପଞ୍ଜାବ ସହ ଛିଡା ହୋଇଛି । ବନ୍ୟା ପୀଡ଼ିତଙ୍କ ପାଇଁ ପଞ୍ଜାବରେ ଶାସକ ଦଳ ଆମ୍ ଆଦମୀ ପାର୍ଟିର ସମସ୍ତ ବିଧାୟକ, ମନ୍ତ୍ରୀ ଓ ସାଂସଦମାନେ ନିଜ ମାସକର ଦରମା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରିବା ଆରମ୍ଭ କରିଛନ୍ତି । ପଞ୍ଜାବର ମନ୍ତ୍ରୀ ରାବଜତ୍ ସିଂହ ନିଜ ବର୍ଷକର ଦରମା ମଧ୍ୟ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରିଥିବା ମାନ୍ କହିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ପଞ୍ଜାବକୁ ସବୁ ପ୍ରକାର ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଇତିମଧ୍ୟରେ ହରିଆଣା ପଞ୍ଜାବକୁ ୫ କୋଟି ଟଙ୍କାର ଆର୍ଥିକ ସହାୟତା କରିଥିବା ସେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ପଞ୍ଜାବର ସଙ୍କଟ ସମୟରେ ରାଜନୀତିରୁ ଉପରକୁ ଉଠି ମାନବିକତାର ପରିଚୟ ଦେବାକୁ ସବୁ ରାଜନୈତିକ ଦଳର ନେତାଙ୍କୁ ପଞ୍ଜାବ ପାଇଁ ସାହାଯ୍ୟ କରିବାକୁ ଅପିଲ କରିଛନ୍ତି ଅରବିନ୍ଦ କେଜ୍ରିୱାଲ୍ । ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ସରକାର ପଞ୍ଜାବର ଏହି ବିପଦ ବେଳେ ସହାୟତା କରିବାକୁ ଏବଂ ପଞ୍ଜାବ ପାଇଁ ସାରା ଦେଶ ଏକାଠି ହେବାକୁ କେଜ୍ରିୱାଲ୍ ଅନୁରୋଧ କରିଛନ୍ତି ।

ପଞ୍ଜାବ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ହରଦୀପ୍ ମୁନ୍‌ଦିଆନ୍ ସୂଚନା ଦେଇ କହିଛନ୍ତି ଯେ, ଚଳିତ ବର୍ଷା ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁ ପ୍ରାୟ ୧୨ଟି ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛନ୍ତି । ଏହି ୧୨ ଜିଲ୍ଲାର ପ୍ରାୟ ୨.୫୬ ଲକ୍ଷ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏସମସ୍ତ ଲୋକ ନିଜ ଘରଦ୍ୱାର, ଫସଲ, ସଞ୍ଚିତ ଅର୍ଥ ସବୁକିଛି ହରାଇଛନ୍ତି । ଗୁରୁଦାସପୁର, ଫିରୋଜପୁର, ଫାଜିଲ୍‌କା, ଅମୃତସର, ପଠାନ୍‌କୋଟ ଏବଂ ହୋସିଆରପୁର ଭଳି ଜିଲ୍ଲାରେ ଅନେକ ଲୋକ ଗୁରୁତର ପ୍ରଭାବିତ ହୋଇଛନ୍ତି । ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨୯ଟି ରିଲିଫ୍ କ୍ୟାମ୍ପ ସ୍ଥାପନ କରାଯାଇଛି । ସେହିପରି ଉଦ୍ଧାର କାର୍ଯ୍ୟ ଏବଂ ରିଲିଫ୍ ଯୋଗାଣ କାର୍ଯ୍ୟ ଜାରି ରହିଛି ।

## ଚନ୍ଦ୍ରଭାଗା ସମୁଦ୍ରରେ ବୁଡ଼ିଯାଉଥିବା ମହିଳା ପର୍ଯ୍ୟଟକଙ୍କୁ ବଞ୍ଚାଇଲେ ଲାଇଫଗାର୍ଡ

**କୋଣାର୍କ,୨।୯/ଏନ୍ଏନ୍ଏସ୍:** ମଙ୍ଗଳବାର ପୂର୍ବାହ୍ନରେ ବିହାରରୁ ଏକ ବସ ରେ ଆସିଥିବା ପର୍ଯ୍ୟଟକ ଚନ୍ଦ୍ରଭାଗା ସମୁଦ୍ରରେ ସକାଳ ୬ଟା ୩୦ ମିନିଟ ସମୟରେ ଗାଧୋଉଥିବା ବେଳେ ଲଘୁଚାପକୁ ନେଇ ଉଚ୍ଚ ଲହଡି ମାଡରେ ଭାସିଯାଇ ଗଭୀର ସମୁଦ୍ର ମଧ୍ୟକୁ ବୁଡି ଯାଉଥିବା ରମାଦେବୀ ଚୌଧୁରୀ(୫୦) ନାମକ ଜଣେ ମହିଳାପର୍ଯ୍ୟଟକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି । ସେଠାରେ ଉପସ୍ଥିତ ଥିବା ଅନ୍ୟ ସାଥୀମାନେ ଦେଖି ହୋହଲ୍ଲା କରିବାରୁ ଘଟଣାସ୍ଥଳରେ କାର୍ଯ୍ୟରେ ନିୟୋଜିତ ଥିବା ଲାଇଫ୍‌ଗାର୍ଡ ପିକି ରମଣ ଓ ତେଲୁଗୁବସ୍ତିର ସ୍ୱେଚ୍ଛାସେବୀ କୋଡା ବଳରାମ, ପିକି କୋଦଣ୍ଡା ସମୁଦ୍ର ମଧ୍ୟକୁ ପହଁରି ତାଙ୍କୁ ଉଦ୍ଧାର କରିଥିଲେ । ଲହଡି ମାଡରେ ତାଙ୍କର ବାମ ଗୋଡ଼ଟି ଭାଙ୍ଗି ଯାଇଥିବା ଅନୁମାନ କରାଯାଉଛି । ଖବର ପାଇ କୋଣାର୍କ ଚମ୍ପାହର ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ମହିଳା ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଥିଲା । ଅଗ୍ନିଶମ କର୍ମଚାରୀ ଓ ଲାଇଫ୍‌ଗାର୍ଡ ଓ ସ୍ୱେଚ୍ଛାସେବୀ ଗୁରୁତର ଅବସ୍ଥାରେ ଉଦ୍ଧାର ମହିଳା ଜଣକୁ ୧୦୮ ଆମ୍ବୁଲାନ୍ସରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ । ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି ।



## ଆଜିର ଇତିହାସ

- ୧୯୯୮-ଶିଖର ସମ୍ମିଳନୀରେ କାଶ୍ମୀର ମୁଦ୍ଦା ଉଠାଯିବାରୁ ପ୍ରଧାନମନ୍ତ୍ରୀ ନାରାଜ ହୋଇଥିଲେ।
- ୨୦୦୮-ରାଜେନ୍ଦ୍ର କୁମାର ପଚୌରୀ ସଂଯୁକ୍ତ ରାଷ୍ଟ୍ରର ସଂସ୍ଥା ଜଳବାୟୁ ପରିବର୍ତ୍ତନର ଆଭ୍ୟନ୍ତରୀଣ ସରକାରୀ ପ୍ୟାନେଲ୍‌ର ପୁନଃ ପ୍ରମୁଖ ଚୟନିତ ହୋଇଥିଲେ।
- ୨୦୦୯-ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇଏସ୍ ରେଡ୍ଡିଙ୍କର ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା।
- ୨୦୧୪-ଭାରତ-ପାକିସ୍ତାନରେ ଅଚାନକ ଆସିଥିବା ବନ୍ୟା କାରଣରୁ ୨୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୯୭୬-ଅଭିନେତା ବିବେକ ଓବେରୟଙ୍କର ଆଜି ଜନ୍ମଦିନ।
- ୧୯୯୨- ପ୍ରସିଦ୍ଧ ମହିଳା ପହଲବାନ ସାକ୍ଷୀ ମଲିକ ଏହି ଦିନ ଜନ୍ମଗ୍ରହଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: ଦିନଟି ଆପଣଙ୍କ ପାଇଁ ଶୁଭ। ମାତାପିତାଙ୍କ ସହଯୋଗ ମିଳିବ। ଆର୍ଥିକ ସ୍ଥିତିରେ ସୁଧାର ହେବ। ସରପ୍ରାଇଜ୍ ମିଳିପାରେ। ସହକର୍ମୀ ପ୍ରଶଂସା କରିବେ। କାରବାରରେ ଲାଭ ମିଳିବ।

**ବୃଷ**: ସ୍ୱାସ୍ଥ୍ୟ ଆଜି ଖୁବ୍ ଭଲ ରହିବ। ସମ୍ପତ୍ତି ସହିତ ଜଡ଼ିତ ମାମଲାରେ ସଫଳତା ପାଇବେ। ନିବେଶରୁ ଖୁବ୍ ଭଲ ରିଟର୍ଣ୍ଣ ମିଳିବ। ନିଜ ଲକ୍ଷ୍ୟକୁ ପାଇବାରେ ସଫଳ ହେବେ। ବୈବାହିକ ଜୀବନ ସୁଖମୟ ରହିବ।

**ମିଥୁନ**: ଆବେଶରେ ଆସି ନିଷ୍ପତ୍ତି ନନେଲେ ଭଲ। ପରିବାରରେ ଶୁଭ ସମାଚାର ପାଇବେ। ମନ ପ୍ରସନ୍ନ ରହିବ। ଇମୋସନାଲ୍ ଫିଲିଂସ୍‌କୁ ଚାପି ରଖିବେ। ଆର୍ଥିକ ଦିଗରୁ ଦିନଟି ଉତ୍ତମ। ଯାତ୍ରା ଆନନ୍ଦଦାୟକ ରହିବ।

**କର୍କଟ**: ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ସନ୍ତାନର ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। କାର୍ଯ୍ୟସ୍ଥଳରେ ପରିବର୍ତ୍ତନ ହୋଇପାରେ। ଶୀଘ୍ର ନିଷ୍ପତ୍ତି ନେଲେ କ୍ଷତି ସହିବେ।

**ସିଂହ**: ଦିନର ଆରମ୍ଭ ଯୋଗ ଓ ଧ୍ୟାନରୁ କରନ୍ତୁ। ମାନସିକ ସ୍ତରରେ ଫିଟ୍ ରହିବେ। ଜମି ସଂକ୍ରାନ୍ତୀୟ ମାମଲାରେ ଅର୍ଥ ଖର୍ଚ୍ଚ ହୋଇପାରେ। କାର୍ଯ୍ୟସ୍ଥଳରେ ବିଚାରକୁ ଶୁଣିବେ। ବ୍ୟବସାୟିକ ଉନ୍ନତି ସମ୍ଭବ।

**କନ୍ୟା**: କାରବାରରେ ବୃଦ୍ଧି ହୋଇପାରେ। ମହତ୍ତ୍ୱପୂର୍ଣ୍ଣ କାମ ହୋଇଗଲେ ମାନସିକ ଶାନ୍ତି ପାଇବେ। ଆର୍ଥିକ ଲାଭ ହେବ। ଅଫିସ୍‌ରେ ସାବଧାନ ରହିବେ। ଜୀବନସାଥି ସହିତ ନାରାଜ ରହିବେ।

**ତୁଳା**: ମୁଡ୍‌ରେ ପରିବର୍ତ୍ତନ ହେବ। କ୍ୟାରିୟର୍‌ର ନୂଆ ଶିଖରକୁ ପହଞ୍ଚିବେ। ଲକ୍ଷ୍ୟ ପ୍ରାପ୍ତି ଆଜି ସହଜ ହେବ ନାହିଁ। ଅଫିସ୍‌ରେ ସଙ୍କୋଚତାର ସହିତ କାମ କରିବେ। ଯାତ୍ରାରୁ ଲାଭ ମିଳିବ।

**ବିଛା**: ମନ ଆଜି ଚିନ୍ତିତ ରହିବ। ପିତାଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖିବେ। କାରବାରରେ ପରିବର୍ତ୍ତନ ଯୋଗ ରହିଛି। ମିତ୍ରଙ୍କ ସହଯୋଗ ପାଇବେ। ନିଜ ଲୋକଙ୍କ ସାଥ୍ ମିଳିବ। ଆବଶ୍ୟକୀୟ ସାମଗ୍ରୀ ପାଇଯିବେ।


**ଧନୁ**: ପରିଶ୍ରମର ଫଳ ଆଜି ପାଇବେ। ଏନର୍ଜି ବଞ୍ଚେଇକି ରଖନ୍ତୁ। ଧନ ଲାଭ ଯୋଗ ଅଛି। ଋଣ ପରିଶୋଧ କରିପାରନ୍ତି। ନୂଆ ଭାଗୀଦାରୀରେ ଦସ୍ତଖତ ନକଲେ ଭଲ। ସାଥି ସହିତ କ୍ୱାଲିଟି ସମୟ ବିତେଇବେ।

**ମକର**: ଦିନର ଆରମ୍ଭ ବ୍ୟାୟାମରୁ କରିବେ। ରିୟଲ୍ ଇଷ୍ଟେଟ୍‌ରେ ନିବେଶ ଲାଭ ଦେବ। ଘରୋଇ ମାମଲାର ସମାଧାନ ପାଇଁ ଦିନଟି ଅନୁକୂଳ। ପେସାଗତ ଜୀବନରେ ଲାଭ ସମ୍ଭବ।

**କୁମ୍ଭ**: ଆର୍ଥିକ ସ୍ଥିତିରେ ସୁଧାର ହେବ। ଆକସ୍ମିକ ସୋର୍ସରୁ ଧନ ଲାଭ ହେବ। ଆର୍ଥିକ ସ୍ଥିରତା ମିଳିପାରେ। ବାଦବିବାଦରୁ ଦୂରରେ ରହିଲେ ଭଲ। ବ୍ୟାପାରିକ ଯୋଜନା ସଫଳ ହେବ।

**ମୀନ**: ମନରେ ଉତ୍ଥାନ-ପତନ ସ୍ଥିତି ରହିବ। ପରିବାରର ସହଯୋଗ ରହିବ। କୌଣସି ରାଜନେତାଙ୍କ ସହିତ ସାକ୍ଷାତ ହୋଇପାରେ। କାରବାରରେ ମିତ୍ରଙ୍କ ସହଯୋଗ ପାଇବେ। ଆର୍ଥିକ ଲାଭ ବୃଦ୍ଧି ଯୋଗ ଅଛି।

## ଶ୍ରୀମଦ୍ ଭଗବଦ୍‌ଗୀତା



ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ
ନମୋସ୍ତୁ ତେ ସର୍ବତ ଏବ ସର୍ବ।
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ
ସର୍ବଂ ସମାପ୍ନୋଷି ତତୋସି ସର୍ବଃ। (୧୧/୪୦)

ହେ ସର୍ବସ୍ୱରୂପ! ତୁମକୁ ସମ୍ମୁଖ ଭାଗରେ ନମସ୍କାର କରୁଛି ଏବଂ ତୁମକୁ ସବୁଆଡ଼େ ନମସ୍କାର କରୁଛି। ତୁମର ପରାକ୍ରମ ମଧ୍ୟ ଅପରିମିତ। ତୁମେ ସମସ୍ତ ବିଶ୍ୱରେ ବ୍ୟାପି ଅଛ। ସେହି ହେତୁରୁ ତୁମେ ସର୍ବସ୍ୱରୂପ।
ଏହାର ଅର୍ଥ ହେଲା ଯେ ଯେତେବେଳେ ଭକ୍ତି, ଶ୍ରଦ୍ଧା ଓ ଭୟର ଆଧିକ୍ୟ ହୁଏ, ସେତେବେଳେ ଭକ୍ତ ବାରମ୍ବାର ନମସ୍କାର କରି ମଧ୍ୟ ତୃପ୍ତ ହୋଇ ନପାରି ପୁନର୍ବାର ନମସ୍କାର କରେ। ବୀର୍ଯ୍ୟ ଓ ବିକ୍ରମ ମଧ୍ୟରେ ପ୍ରଭେଦ ନିର୍ଦ୍ଦେଶ କରି କେହି କେହି କହନ୍ତି - ବୀର୍ଯ୍ୟର ଅର୍ଥ ଶାରୀରିକ ସାମର୍ଥ୍ୟ ଓ ବିକ୍ରମର ଅର୍ଥ ଅସ୍ତ୍ର ପ୍ରୟୋଗ ନିପୁଣତା।

# ପରିବର୍ତ୍ତିନୀ ଏକାଦଶୀ

**ଭାଦ୍ରପଦ ମାସ ଶୁକ୍ଳ ପକ୍ଷର ଏକାଦଶୀକୁ କୁହାଯାଏ ପରିବର୍ତ୍ତିନୀ ଏକାଦଶୀ। ହିନ୍ଦୁ ଧର୍ମରେ ଏକାଦଶୀ ତିଥିର ରହିଛି ଯଥେଷ୍ଟ ଗୁରୁତ୍ୱ। ପ୍ରତି ମାସରେ ଦୁଇ ଥର ଏକାଦଶୀ ତିଥି ପଡ଼େ-ଶୁକ୍ଳ ପକ୍ଷ ଓ କୃଷ୍ଣ ପକ୍ଷରେ। ଏକାଦଶୀ ତିଥି ଭଗବାନ ବିଷ୍ଣୁଙ୍କର ଅତିପ୍ରିୟ ଦିନ। ଏହି କ୍ରମରେ ଆଜି ପାଳନ କରାଯାଉଛି ପରିବର୍ତ୍ତିନୀ ଏକାଦଶୀ। ଏହାକୁ ଜୟନ୍ତୀ ଏକାଦଶୀ ନାମରେ ମଧ୍ୟ ଲୋକମାନେ ଜାଣନ୍ତି। ଏହି ତିଥିରେ ଅନେକ ଶୁଭ ସଂଯୋଗ ହେଉଛି ଯେଉଁଥିରେ ଆୟୁଷ୍ମାନ, ସୌଭାଗ୍ୟ ଓ ରବି ଯୋଗ ସାମିଲ ଅଛି। ଆଜିର ତିଥି ଆରମ୍ଭ ହେଉଛି ଭୋର୍ ୩.୫୩ରୁ ଓ ଶେଷ ହେବ ଆସନ୍ତା କାଲି ଭୋର୍ ୪.୨୧ରେ। ପରିବର୍ତ୍ତିନୀ ଏକାଦଶୀରେ ଭଗବାନ ବିଷ୍ଣୁ ଓ ତାଙ୍କ ବାମନ ରୂପକୁ ପୂଜା କରାଯାଏ।**



କଥା ଅନୁସାରେ ଭଗବାନ ଶ୍ରୀକୃଷ୍ଣ, ରାଜା ଯୁଧିଷ୍ଠିରଙ୍କୁ ପରିବର୍ତ୍ତିନୀ ଏକାଦଶୀ କଥା ଶୁଣେଇଥିଲେ। ତ୍ରେତୟା ଯୁଗରେ ବଳି ନାମକ ଏକ ଦୈତ୍ୟ ଥିଲା ଯିଏ ଭଗବାନ ବିଷ୍ଣୁଙ୍କର ଥିଲା ପରମ ଭକ୍ତ। ସେ ବିବିଧ ପ୍ରକାରର ବେଦ ସୂକ୍ତ ଦ୍ୱାରା ପୂଜନ କରୁଥିଲା ଓ ନିତ୍ୟ ବ୍ରାହ୍ମଣମାନଙ୍କୁ ପୂଜନ କରିବା ସହିତ ଯଜ୍ଞ ଆଦିର ଆୟୋଜନ କରୁଥିଲା। କିନ୍ତୁ ଇନ୍ଦ୍ର ଦେବତାଙ୍କ ସହିତ ଦ୍ୱେଷ କାରଣରୁ ଇନ୍ଦ୍ରଲୋକ ତଥା ସମସ୍ତ ଦେବତାମାନଙ୍କ ଉପରେ ସେ ବିଜୟ ପ୍ରାପ୍ତ କରିଥିଲା। ଏହି କାରଣରୁ ବୃହସ୍ପତିଙ୍କ ସହିତ ଇନ୍ଦ୍ରାଦିକ ଦେବତାମାନେ ପ୍ରଭୁଙ୍କ ନିକଟକୁ ଯାଇ ନତମସ୍ତକ ହୋଇ ବେଦ ମନ୍ତ୍ର ଦ୍ୱାରା ଭଗବାନଙ୍କ ପୂଜନ ଓ ସ୍ତୁତି କରିବାକୁ ଲାଗିଲେ। ଶେଷରେ ମାନବ ରୂପ ଧାରଣ କରି ଭଗବାନ ପଞ୍ଚମ ଅବତାର ଗ୍ରହଣ କଲେ। ଭଗବାନ ବାମନ ରୂପଧାରୀ ବ୍ରହ୍ମଚାରୀର ରୂପ ନେଇ ବଳି ଠାରୁ ତିନି ପାଦ ଭୂମିର ଯାଚନା କରିଥିଲେ। ରାଜା ବଳି ତାଙ୍କୁ ତୁଚ୍ଛ ମଣି ତିନି ପାଦର ସଂକଳ୍ପ କରିଥିଲା ଓ ପ୍ରଭୁ ତାଙ୍କର ତ୍ରିବିକ୍ରମ ରୂପକୁ ବୃଦ୍ଧି କରାଇ ଭୂଲୋକରେ ପାଦ, ଭୁବର୍ଲୋକରେ ଜଙ୍ଘ, ସ୍ୱର୍ଗଲୋକରେ ଅଣ୍ଟା, ମହଃଲୋକରେ ପେଟ, ଜନଲୋକରେ ହୃଦୟ, ଯମଲୋକରେ କଣ୍ଠ, ସତ୍ୟଲୋକରେ ମୁଖ ଓ ଏହା ଉପରେ ମସ୍ତକକୁ ସ୍ଥାପନ କରିଥିଲେ। ଏହାପରେ ସୂର୍ଯ୍ୟ, ଚନ୍ଦ୍ର ଆଦି ସମସ୍ତ ଗ୍ରହଗଣ, ଯୋଗ, ନକ୍ଷତ୍ର, ଇନ୍ଦ୍ରାଦିକ ଦେବତା ଓ ଶେଷ ଆଦି ସବୁ ନାଗଗଣ ବିବିଧ ପ୍ରକାରର ବେଦ ସୂକ୍ତଗୁଡ଼ିକ ଦ୍ୱାରା ପ୍ରାର୍ଥନା କରିଥିଲେ। ଏହା ପରେ ଭଗବାନ, ରାଜା ବଳିକୁ କହିଲେ ଏକ ପାଦ ପୃଥିବୀରେ, ଦ୍ୱିତୀୟଟି ସ୍ୱର୍ଗଲୋକରେ ରଖିବା ପରେ ପୂର୍ଣ୍ଣ ହୋଇଗଲା ଓ ତୃତୀୟ ପାଦଟି ଏବେ ମୁଁ କେଉଁଠି ରଖିବି ? ଏହାପରେ ରାଜା ବଳି ନତମସ୍ତକ ହୋଇଗଲା ଓ ଭଗବାନ ନିଜ ପାଦ ତା' ମସ୍ତକ ଉପରେ ରଖିଦେଲେ। ଏହାପରେ ସେ ପାତାଳଲୋକ ଚାଲିଗଲା। ରାଜା ବଳିର ନମ୍ରତାକୁ ଦେଖିବା ପରେ ପ୍ରଭୁ ସବୁବେଳେ ତା' ନିକଟରେ ରହିବେ ବୋଲି କହିଥିଲେ। ଏହାପରେ ଭାଦ୍ରପଦ ଶୁକ୍ଳ ଏକାଦଶୀ ଦିନ ବଳିର ଆଶ୍ରମରେ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତିର ସ୍ଥାପନା କରାଯାଇଥିଲା।

## ଫେଙ୍ଗ୍ ଶୁଇ ଟିପ୍‌ସ: କେତେ ପ୍ରକାରର ଲାଫିଙ୍ଗ୍ ବୁଦ୍ଧ



**ଫେଙ୍ଗ୍ ଶୁଇରେ ଲାଫିଙ୍ଗ୍ ବୁଦ୍ଧଙ୍କୁ ସୁଖ, ସମୃଦ୍ଧି ଓ ସକାରାତ୍ମକ ଉର୍ଜାର ପ୍ରତୀକ ବୋଲି କୁହାଯାଏ। ତାଙ୍କୁ ଘରେ କିମ୍ବା କାର୍ଯ୍ୟସ୍ଥଳରେ ରଖିବା ଦ୍ୱାରା ନକାରାତ୍ମକତା ଦୂର ହୁଏ ଓ ସୌଭାଗ୍ୟ ଆସେ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଫେଙ୍ଗ ଶୁଇଙ୍କ ଅନୁସାରେ ଅଲଗା ଅଲଗା ମନୋକାମନା ପାଇଁ ବିଭିନ୍ନ ପ୍ରକାରର ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ରଖାଯାଇଥାଏ।**



### ଉପରକୁ ହାତ କରିଥିବା ମୂର୍ତ୍ତି:

ଦୁଇ ହାତ ଉପରକୁ କରିଥିବା ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ବ୍ୟବସାୟରେ ପ୍ରଗତି ଓ ସଫଳତା ଆଣିଥାଏ। ଦୋକାନ ଆଦିରେ ଏହିପରି ମୂର୍ତ୍ତି ରଖିଲେ ବ୍ୟାପାରରେ ବୃଦ୍ଧି ହୁଏ ଓ ବାଧାବିଘ୍ନ ଦୂର ହୁଏ। ତେଣୁ ତାଙ୍କୁ ପୂର୍ବ ଦିଗରେ ରଖିଲେ ସକାରାତ୍ମକ ଉର୍ଜା ପ୍ରବାହିତ ହେବା ସହିତ ସୌଭାଗ୍ୟ ଓ ଉତ୍ସାହ ବୃଦ୍ଧି ହେବ।



### ଧନ ମୁଣି ଧରିଥିବା ମୂର୍ତ୍ତି:

ଧନର ମୁଣି ଧରିଥିବା ଲାଫିଙ୍ଗ୍ ବୁଦ୍ଧଙ୍କୁ ଘରେ ବା କାର୍ଯ୍ୟସ୍ଥଳରେ ରଖିବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୁଏ। ଧନ, ସମୃଦ୍ଧି ଓ ଆର୍ଥିକ ସ୍ଥିରତା ଆଡ଼କୁ ଏହି ମୂର୍ତ୍ତି ଆକର୍ଷିତ କରେ। ଏଥିପାଇଁ ଏହାଙ୍କୁ ମୁଖ୍ୟ ଦ୍ୱାର ସମ୍ମୁଖରେ ବା ଧନ କୋଣ (ଦକ୍ଷିଣ-ପୂର୍ବ) ଦିଗରେ ରଖନ୍ତୁ। ତେବେ ମୂର୍ତ୍ତିର ମୁହଁ ଘରର ଭିତର ଆଡ଼କୁ ରହିବା ଉଚିତ।




### ଶୋଇଥିବା ଲାଫିଙ୍ଗ୍ ବୁଦ୍ଧ:

ଦୁର୍ଭାଗ୍ୟ ଓ ନକାରାତ୍ମକତା ଉର୍ଜାରୁ ମୁକ୍ତ ହେବା ପାଇଁ ଯଦି ଚାହୁଁଛନ୍ତି ତେବେ ଶୋଇଥିବା ପୋଜିସନ୍‌ର ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି ଘରେ ରଖନ୍ତୁ। ଏହିପରି ମୂର୍ତ୍ତି ଶାନ୍ତି ଓ ସନ୍ତୁଳନ ଆଣିଥାନ୍ତି। ତାଙ୍କୁ ଆଣି ଡ୍ରଇଁ ରୁମ୍‌ରେ ରଖନ୍ତୁ। କିନ୍ତୁ ଭୂମିରେ ରଖିବେ ନାହିଁ। ଅତି କମ୍‌ରେ ଭୂମିଠାରୁ ୩୦ ଇଞ୍ଚ ଉପରେ ତାଙ୍କୁ ରଖିବା ଉଚିତ।


### ପିଲାଙ୍କ ସହିତ ଲାଫିଙ୍ଗ୍ ବୁଦ୍ଧ:

ପିଲାମାନଙ୍କ ସହିତ ବସିଥିବା ମୂର୍ତ୍ତି ସନ୍ତାନ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ଦୂର କରିଥାଏ। ଏହି ମୂର୍ତ୍ତି ପ୍ରଜନନ କ୍ଷମତା ଓ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଶୁଭ। ତେଣୁ ଏହିପରି ମୂର୍ତ୍ତିକୁ ପିଲାମାନଙ୍କ ପାଠପଢ଼ା ଘରେ ବା ପାରିବାରିକ କ୍ଷେତ୍ରରେ ରଖନ୍ତୁ। ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରେ ରଖିଲେ ପରିବାରରେ ସୁଖ-ଶାନ୍ତି ବଜାୟ ରହିବ।



### ଧ୍ୟାନ ମୁଦ୍ରାର ମୂର୍ତ୍ତି:

ଧ୍ୟାନ ମୁଦ୍ରାରେ ବସିଥିବା ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି ମାନସିକ ଶାନ୍ତି ଓ ଘରର ବାତାବରଣକୁ ଶୁଦ୍ଧ କରିଥାନ୍ତି। ସେଥିପାଇଁ ତାଙ୍କୁ ଡ୍ରଇଂ ରୁମ୍ ବା ଶାନ୍ତ ସ୍ଥାନରେ ରଖନ୍ତୁ। ଏହିପରି ମୂର୍ତ୍ତି ଚାପ କମ୍ କରାଇ ସକାରାତ୍ମକତାର ସଂଚାର କରନ୍ତି। ତାଙ୍କୁ ଆଣି ଉତ୍ତର-ପୂର୍ବ ଦିଗରେ ରଖିବେ।



### ଡ଼ଙ୍ଗାରେ ବସିଥିବା ମୂର୍ତ୍ତି:

ଏହିପରି ଲାଫିଙ୍ଗ୍ ବୁଦ୍ଧଙ୍କୁ ଘରେ ରଖିଲେ ସମସ୍ତ ପ୍ରକାରର ବାଧାବିଘ୍ନ ଓ ସମସ୍ୟା ଦୂର ହୁଏ। ଡ଼ଙ୍ଗାରେ ବସିଥିବା ମୂର୍ତ୍ତି ଜୀବନରେ ସ୍ଥିରତା ଓ ସୌଭାଗ୍ୟ ଆଣିଥାନ୍ତି। ସେଥିପାଇଁ ମୁଖ୍ୟ ଦ୍ୱାର କିମ୍ବା ଡ୍ରଇଁ ରୁମ୍‌ରେ ତାଙ୍କୁ ରଖନ୍ତୁ। ସ୍ୱାସ୍ଥ୍ୟ ଓ ଶାନ୍ତି ପାଇଁ ଏହିପରି ମୂର୍ତ୍ତି ଶୁଭ।

## ହରର୍-କମେଡିରେ ମନୋଜ-ରାମ ଗୋପାଳ ଯୋଡ଼ି



ଅଭିନେତା ମନୋଜ ବାଜପେୟୀଙ୍କ ଆଗାମୀ ଫିଲ୍ମକୁ ନେଇ ଆସିଛି ଏକ ଅପ୍‌ଡେଟ୍। ଫିଲ୍ମ 'ପୁଲିସ୍ ଷ୍ଟେସନ୍ ମେଁ ଭୂତ୍'ର ଫାଷ୍ଟ ଲୁକ୍ ଜାରି ହୋଇଛି ଓ ଏଥିରେ ମନୋଜ ବାଜପେୟୀ ପୁଲିସ୍ ଭୂମିକାରେ ନଜର ଆସିବେ। ତେବେ ଫିଲ୍ମର ରହିଛି ଦୁଇଟି ବିଶେଷତା- ପ୍ରଥମ ମନୋଜ-ରାମ ଗୋପାଳ ବର୍ମାଙ୍କ ଯୋଡ଼ି ଅନେକ ବର୍ଷ ପରେ ଏକାଠି କାମ କରୁଛନ୍ତି ଓ ଦ୍ୱିତୀୟଟି ହେଉଛି ଏହା ଏକ ହରର୍-କମେଡି ଫିଲ୍ମ। ତେବେ ଏ ସମୟରେ ମନୋଜ ବାଜପେୟୀ କ୍ୟାରିୟର୍‌ର ଶୀର୍ଷ ସ୍ଥାନରେ ରହିଥିବା କାରଣରୁ ତାଙ୍କ ଖାତାରେ ରହିଛି ଅନେକ ଫିଲ୍ମ ଓ ୱେବ୍ ସିରିଜ। ତେବେ ଏହା ପୂର୍ବରୁ ମଧ୍ୟ କେତେକ ଫିଲ୍ମରେ ମନୋଜଙ୍କୁ ପୁଲିସ୍ ଭୂମିକାରେ ଦେଖିବାକୁ ମିଳିଛି। ତେବେ ମନୋଜ ସେୟାର୍ କରିଥିବା ଏକ ପୋଷ୍ଟରେ ପୁଲିସ୍ ଡ୍ରେସ୍‌ରେ ସେ ନଜର ଆସୁଛନ୍ତି ଓ ତାଙ୍କ ହାତରେ ରହିଛି ଏକ ଭୟଙ୍କର ଦେଖାଯାଉଥିବା କଣ୍ଢେଇ। ଏହା ସହିତ କ୍ୟାପ୍‌ସନ୍‌ରେ ସେ ଲେଖିଛନ୍ତି- 'ସତ୍ୟା'ରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ତାଙ୍କ ଯାତ୍ରାରେ ଏକ ଗୋଲା ପରି ସେ ବୁଲିବୁଲି ପହଞ୍ଚି ଯାଇଛନ୍ତି। ତେବେ ତିନି ଦଶକ ପରେ ପୁଣି ଥରେ ରାମ ଗୋପାଲ୍ ବର୍ମାଙ୍କ ସହିତ ରିୟୁନିଟ୍ କରିବାକୁ ଯାଉଛି ଯାହା ମୋ ପାଇଁ ବହୁତ ଖାସ୍।' ଏହା ମଧ୍ୟରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ୩୦ ବର୍ଷ ପୂରା କରିସାରିଲେଣି ମନୋଜ ବାଜପେୟୀ। ୧୯୯୪ରେ ରିଲିଜ ହୋଇଥିବା ଶେଖର କପୁରଙ୍କ ଫିଲ୍ମ 'ବ୍ୟାଣ୍ଡିଟ୍ କ୍ୱିନ୍'ରୁ ସେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ। ଡ଼ାକୁ ମାନସିଂହର ଏକ ଛୋଟ ଭୂମିକାରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ଫିଲ୍ମ 'ସତ୍ୟା' ତାଙ୍କୁ ଇଣ୍ଡଷ୍ଟ୍ରିର କିଙ୍ଗ୍ କରିଦେଇଥିଲା। ସେ ସମୟରେ ଶୂଲ୍, କୌନ୍, ଅକ୍ସ, ପିଞ୍ଜର ଓ ଜୁବେଦା ପରି ଫିଲ୍ମରେ ସେ ନଜର ଆସିଛନ୍ତି। ଏହାପରେ ତାଙ୍କ ପାଇଁ ଏକ ଥଣ୍ଡା ସମୟ ଆସିଥିଲା। ପରେ ଆସିଥିଲା ଫିଲ୍ମ 'ରାଜନୀତି' ଯାହାକୁ ମନୋଜ ଏକ ଟର୍ଣ୍ଣିଂ ପଏଣ୍ଟ ଭାବରେ ନିଅନ୍ତି। ତେବେ 'ଫ୍ୟାମିଲୀ ମ୍ୟାନ୍' ନାମକ ଏକ ୱେବ୍ ଶୋ' ଜରିଆରେ ସେ ଓଟିଟି ଡେବ୍ୟୁ ମଧ୍ୟ କରିସାରିଛନ୍ତି।

## ନୀଳ ଅଣ୍ଡାର ରହସ୍ୟ



ଯେଉଁଭଳି ଭାବରେ ପରିବାରର ଲୋକମାନେ ଏକ ଶିଶୁର ଜନ୍ମକୁ ଅପେକ୍ଷା କରି ରହିଥାନ୍ତି ସେହିଭଳି କର୍ଣ୍ଣାଟକର ଏକ ଗ୍ରାମରେ ପଶୁ ଚିକିତ୍ସକଙ୍କ ଏକ ଦଳ ଗୋଟିଏ କୁକୁଡ଼ାର ଅଣ୍ଡା ଅପେକ୍ଷାରେ ରହିଥିଲେ। ତେବେ ଏହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। କିନ୍ତୁ କୁକୁଡ଼ାଟି ମଧ୍ୟ ଏକ ଅସାମାନ୍ୟ କୁକୁଡ଼ା। କୁକୁଡ଼ାଟି ଏକ ନୀଳ ଅଣ୍ଡା ଦେଇ ତା'ର ମାଲିକକୁ ଆଶ୍ଚର୍ଯ୍ୟ କରିଦେଇଥିଲା। ସାଧାରଣ କୁକୁଡ଼ା ବିଶେଷ କରି ଏସିଆନ୍ ପ୍ରଜାତିର ସେମାନେ ଲଗାତର ଦଶ ଦିନ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଏହାପରେ ପନ୍ଦର ଦିନ ପର୍ଯ୍ୟନ୍ତ ସେମାନେ ଅଣ୍ଡା ଦିଅନ୍ତି ନାହିଁ। କିନ୍ତୁ ଏହାର ମାଲିକଙ୍କ ଅନୁସାରେ କୁକୁଡ଼ାଟି ବିଗତ ଦୁଇ ବର୍ଷ ହେଲା ପ୍ରତି ଦିନ ଅଣ୍ଡା ଦେଉଛି। ତେଣୁ ନୀଳ ଅଣ୍ଡା ଦେଇଥିବା ବିଷୟରେ ଖବର ପ୍ରସାରିତ ହେବା ପରେ ଲୋକମାନେ ଏହି ଅଣ୍ଡାକୁ ଦେଖିବା ପାଇଁ ତାଙ୍କ ଘରେ ଯାଇ ପହଞ୍ଚିଥିଲେ। ତେବେ କୁକୁଡ଼ାପାଳନ ବିଜ୍ଞାନର ଜଣେ ପ୍ରଫେସରଙ୍କ ଅନୁସାରେ ଏହି ଅଣ୍ଡାକୁ ଦେଖିଲେ ବିଶ୍ୱାସ କରିହେଉ ନାହିଁ। ଅନ୍ୟ ଜଣେ ପ୍ରଫେସରଙ୍କ ଅନୁସାରେ ସାଧାରଣତଃ କୁକୁଡ଼ାମାନଙ୍କର ଚାରୋଟି ପ୍ରଜାତି ଅଛନ୍ତି ଯଥା- ଏସିଆନ୍ ପ୍ରଜାତି (ଭାରତରେ ଲୋକପ୍ରିୟ), ଇଂରେଜୀ ପ୍ରଜାତି ଯାହାକୁ କର୍ଣ୍ଣିସ୍ ବୋଲି କୁହାଯାଏ, ମଧ୍ୟ-ପୂର୍ବରେ ମିଳୁଥିବା ପ୍ରଜାତି (ଯେଉଁମାନଙ୍କୁ ଲେୟର୍ସ କୁହାଯାଏ), ଏମାନେ ଧଳା ଅଣ୍ଡା ଦିଅନ୍ତି ଓ ଚତୁର୍ଥରେ ଆମେରିକାନ୍ ପ୍ରଜାତି। ତେବେ ମୈନା ପରି ୧୦-୧୫ଟି ପ୍ରଜାତିର ପକ୍ଷୀ ଅଛନ୍ତି ଯେଉଁମାନେ ନୀଳ ରଙ୍ଗର ଅଣ୍ଡା ଦିଅନ୍ତି। କିନ୍ତୁ କୁକୁଡ଼ା ନୀଳ ରଙ୍ଗର ଅଣ୍ଡା ଦେବାକୁ ଏକ ଦୁର୍ଲଭ ମାମଲା ବୋଲି କୁହାଯାଇପାରେ, ବିଶେଷ କରି ଭାରତରେ ଏହା ଏକ ଅସାମାନ୍ୟ ଘଟଣା।

## ବୁଧିବାମନ ଓଷା



ଭାଦ୍ରବ ମାସର ଚାରିଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ ବୁଧିବାମନ ବା ବୁଧେଇ ଓଷା। ଏହି ଓଷାକୁ ଓଡ଼ିଶାର ସଧବା ନାରୀମାନେ ପାଳନ କରନ୍ତି। ଅନେକ ଗହ୍ମା ପୂର୍ଣ୍ଣିମାଠାରୁ ଇନ୍ଦୁ ପୂର୍ଣ୍ଣିମା ଓ ଆଉ କେତେକ ସଂକ୍ରାନ୍ତି ଅନୁଯାୟୀ ଭାଦ୍ର ସଂକ୍ରାନ୍ତିରୁ ଆଶ୍ୱିନ ସଂକ୍ରାନ୍ତି ହିସାବରେ ବୁଧେଇ ଓଷା ପାଳନ କରିଥାନ୍ତି। ଏହି ଓଷାରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ବୁଧ ବା ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା। ବାମନ କହିଲେ ଭୈରବ ଯିଏ ସ୍ୱୟଂ ଜଗନ୍ନାଥ। ତେଣୁ ଏହି ଓଷାରେ ଆରାଧ୍ୟ ଦେବାଦେବୀ ହେଲେ ଶ୍ରୀ ଜଗନ୍ନାଥ ଓ ବିମଳା। କିନ୍ତୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହି ଓଷାରେ ନାରୀରୂପୀ ବୁଧ ଓ ମଙ୍ଗଳାଙ୍କୁ ପୂଜା କରାଯାଏ। କାରଣ ଏମାନେ ସୃଷ୍ଟିକର୍ତ୍ତା। ବୁଧିବାମନ ଓଷାର ପରମ୍ପରା ଅନୁସାରେ ପୂଜା ନିମନ୍ତେ ପାଞ୍ଚ ରଙ୍ଗର ଫୁଲ, ଫଳ, ଧୂପ, ପାଞ୍ଚଟି ଦୁବ ଓ ପାଞ୍ଚଟି ଅକ୍ଷତ ଦରକାର ହୁଏ। ବେଲପତ୍ର, ଫୁଲମାଳ, ଖଇମାଳ ଠାକୁରଙ୍କୁ ଲାଗି କରାଯାଏ। ପ୍ରଥମ ପାଳିରୁ ଏଥିରେ ଗୋଟିଏ ନଡ଼ିଆ ଗୁଆ ବସାଯାଇ, ଶେଷ ପାଳିଦିନ ଏହାକୁ ଭାଙ୍ଗି ଠାକୁରଙ୍କୁ ସମର୍ପଣ କରାଯାଏ। ମଝି ପାଳିଗୁଡ଼ିକରେ ପିଠାପଣା ଭୋଗରାଗ ହୁଏ। ତେବେ ଶେଷ ପାଳିଦିନ ପାଞ୍ଚ ପ୍ରକାରର ପିଠାପଣା କରିବାର ବିଧି ରହିଛି। ପ୍ରତ୍ୟେକ ବୁଧବାର ଦିନଯାକ ଉପବାସ କରି ରାତିରେ ପୂଜାପରେ ଭୋଗ ଖିଆଯାଏ। ଶିଳ ଓ ଶିଳପୁଆ ଏହି ପୂଜାର ଦେବଦେବୀ ଅଟନ୍ତି। ପ୍ରଥମେ ଶିଳପୁଆକୁ ବଟା ଅଁଳା ପାଣି ସହ ଗଙ୍ଗା ଜଳରେ ସ୍ନାନ କରାଇ ହଳଦୀ, କଉଡି, କନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ। ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ। ନିଃସନ୍ତାନ ମହିଳାମାନେ ପ୍ରଥମ ପାଳିରୁ ଶେଷ ପାଳି ପର୍ଯ୍ୟନ୍ତ ଏହି ଓଷା କଲେ ସମସ୍ତଙ୍କ ଆଶିଷରୁ ସନ୍ତାନ ପ୍ରାପ୍ତ କରନ୍ତି ବୋଲି ବିଶ୍ୱାସ ରହିଛି। ତେବେ ଏହି ଓଷା ପାଇଁ ସ୍ୱତନ୍ତ୍ର ବହି ଅଛି।

## ମଧ୍ୟପ୍ରଦେଶର ମିନି କାଶ୍ମୀର



ମଧ୍ୟପ୍ରଦେଶର ପ୍ରସିଦ୍ଧ ହିଲ୍ ଷ୍ଟେସନ୍ ଜାମ୍ ଗେଟ୍ ଏ ସମୟରେ ପର୍ଯ୍ୟଟକମାନଙ୍କ ପାଇଁ ଏକ ପସନ୍ଦଯୋଗ୍ୟ ସ୍ଥାନ ହୋଇଛି। ବର୍ଷାର ଆରମ୍ଭ ହେବା ମାତ୍ରେ ସେଠିକାର ଘାଟି ଓ ପାହାଡ଼ଗୁଡ଼ିକର ସବୁଜିମା ଦେଖିବାଯୋଗ୍ୟ ହୋଇଥାଏ। ସେଠାକୁ ଯାଉଥିବା ହଜାର ହଜାର ପର୍ଯ୍ୟଟକ ଏହି ହିଲ୍ ଷ୍ଟେସନ୍‌କୁ ମିନି କାଶ୍ମୀର ବୋଲି କହନ୍ତି। ବର୍ଷାଦିନେ ଜାମ୍ ଗେଟ୍ ଆଖପାଖର ସ୍ଥାନରେ ଛୋଟ-ବଡ଼ ଅନେକ ଝରଣା ପ୍ରବାହିତ ହୁଏ। ଝରଣାରେ ଉଠୁଥିବା ଥଣ୍ଡା ବାଷ୍ପ ପର୍ଯ୍ୟଟକମାନଙ୍କୁ ତାଜା ଅନୁଭବ ଦେଇଥାଏ। ସେଠିକାର ଶାନ୍ତ ବାତାବରଣ ଓ ଚାରିଆଡ଼ର ସବୁଜିମାମୟ ପରିବେଶ ଲୋକମାନଙ୍କୁ ପ୍ରକୃତିର ନିକଟତର କରିଥାଏ। ସମୁଦ୍ରପୃଷ୍ଠରୁ ପାଖାପାଖି ୨୦୦୦ ମିଟର ଉଚ୍ଚରେ ଅବସ୍ଥିତ ଜାମ୍ ଗେଟ୍ ହିଲ୍ ଷ୍ଟେସନ୍। ପାହାଡ଼ର ଶିଖରରେ ରହିଛି ଏକ ଐତିହାସିକ ଗେଟ୍ ଯାହାକୁ ଜାମ୍ ଗେଟ୍‌ର ପରିଚୟ ବୋଲି କୁହାଯାଏ। ଅନେକ ଲୋକ ଏହି ଗେଟ୍‌କୁ ଜାମ୍ ଦ୍ୱାର ବୋଲି କହନ୍ତି। ଏହି ଗେଟ୍ ପାଖରେ କେହି ଜଣେ ତଳକୁ ଚାହିଁଲେ ଘାଟିର ସୁନ୍ଦର ଦୃଶ୍ୟ, ବାଦଲର ଧଳା ଚାଦର ଓ ସବୁଜିମାମୟ ଦୃଶ୍ୟଗୁଡ଼ିକ ପେଣ୍ଟିଂ ପରି ନଜର ଆସନ୍ତି। ଖରଗୋନ୍ ଓ ଇନ୍ଦୋର ଜିଲ୍ଲାର ସୀମାରେ ଏହା ଅବସ୍ଥିତ। ଇନ୍ଦୋର ଠାରୁ ଜାମ୍ ଗେଟ୍‌ର ଦୂରତା ୫୦ କି.ମି ଓ ଖରଗୋନ୍ ଠାରୁ ୭୦ କି.ମି ଦୂର ହେବ। ସେଥିପାଇଁ ଛୁଟି ଓ ସପ୍ତାହାନ୍ତ ପାଇଁ ଇନ୍ଦୋର, ଖରଗୋନ୍, ଧାର୍ ଓ ବଡ଼ୱାନୀରୁ ବଡ଼ ସଂଖ୍ୟାରେ ପର୍ଯ୍ୟଟକମାନେ ସେଠାକୁ ଯାଇ ସୌନ୍ଦର୍ଯ୍ୟକୁ ଉପଭୋଗ କରନ୍ତି। ଆକାଶକୁ ଛୁଉଁଥିବା ବାଦଲ, ପାହାଡ଼ରେ ବ୍ୟାପ୍ତ କୁହୁଡ଼ି, ଗଛରୁ ପଡୁଥିବା ଟୋପା ଟୋପା ପାଣି ପର୍ଯ୍ୟଟକମାନଙ୍କୁ ଦେଇଥାଏ ରୋମାଞ୍ଚକ ଅନୁଭୂତି। ଖାଦ୍ୟପେୟ ପାଇଁ ମଧ୍ୟ ସେ ସ୍ଥାନଟି ବେଶ୍ ପ୍ରସିଦ୍ଧ। ଜାମ୍ ଗେଟ୍‌କୁ ଯିବା ରାସ୍ତାରେ ପଡୁଥିବା ଛୋଟ ଛୋଟ ଦୋକାନଗୁଡ଼ିକରେ ମିଳୁଥିବା ମକା, କଚୋଡ଼ି, ସିଙ୍ଗଡ଼ା ଓ ଗରମ ଗରମ ଚା'ର ମଜା ଯାତ୍ରୀମାନଙ୍କୁ ଏକ ସ୍ମରଣୀୟ ଦିନର ଅନୁଭବ ଦେଇଥାଏ। ଫଟୋଗ୍ରାଫି ପାଇଁ ଜାମ୍ ଗେଟ୍ ଏକ ସୁନ୍ଦର ସ୍ଥାନ।

## ଶ୍ରୀ ରାଧାଷ୍ଟମୀ ଓ ଦୀକ୍ଷା ଗ୍ରହଣ ଉତ୍ସବ



**ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ଲାଞ୍ଜିପଲ୍ଲୀ ସ୍ଥିତ ଇସ୍କନ୍ ବ୍ରହ୍ମପୁରଠାରେ ଶ୍ରୀ ରାଧାଷ୍ଟମୀ ଉତ୍ସବ ଖୁବ୍ ହର୍ଷୋଲ୍ଲାସର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗ ଦେଇ କଥା, କୀର୍ତ୍ତନରେ ଭାଗ ନେବା ସହ ମହାପ୍ରଭୁ ଶ୍ରୀ ଶ୍ରୀ ରାଧା ରାଧାକାନ୍ତଙ୍କ ଦିବ୍ୟ ମହାଭିଷେକ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବୃନ୍ଦାବନରୁ ଆସିଥିବା ବରିଷ୍ଠ ସନ୍ନ୍ୟାସୀ ତଥା ଗୁରୁ ପରମପୂଜ୍ୟ ଭକ୍ତି ଆଶ୍ରୟ ବୈଷ୍ଣବ ସ୍ୱାମୀ ମହାରାଜ ଯୋଗ ଦେଇ ପ୍ରବଚନ ପ୍ରଦାନ କରିବା ସହ ଉପସ୍ଥିତ ଶତାଧିକ ଭକ୍ତଙ୍କୁ ଦୀକ୍ଷିତ କରାଇଥିଲେ। ମନ୍ଦିରର ଅଧ୍ୟକ୍ଷ ପଞ୍ଚରତ୍ନ ପ୍ରଭୁଜୀଙ୍କ ବଳିଷ୍ଠ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ବରିଷ୍ଠ ବ୍ରହ୍ମଚାରୀ ପ୍ରତାପରୁଦ୍ର ପ୍ରଭୁଜୀଙ୍କ ପୌରୋହିତ୍ୟରେ ସୁନ୍ଦର ଭାବେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେମୁଣା ଇସ୍କନର ଅଧ୍ୟକ୍ଷ ମୁକୁନ୍ଦ ଚୈତନ୍ୟ ପ୍ରଭୁ, ମାୟାପୁର ଇସ୍କନର ବରିଷ୍ଠ ଭକ୍ତ ପଦ୍ମନେତ୍ର ପ୍ରଭୁ ତଥା ବ୍ରହ୍ମପୁର ଇସ୍କନର ବରିଷ୍ଠ ପ୍ରଚାରକ ଗୋବିନ୍ଦ ମୁରାରୀ ପ୍ରଭୁ ଯୋଗ ଦେଇଥିଲେ। ଏହି ବିଶେଷ କାର୍ଯ୍ୟକ୍ରମଟି ସମସ୍ତ ଅନ୍ତେବାସୀ ତଥା ପରିଚାଳନାଗତ ସଦସ୍ୟମାନଙ୍କ ସମ୍ପୂର୍ଣ୍ଣ ସହଯୋଗରେ ନିର୍ବିଘ୍ନରେ ସମାପିତ ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା 'ସମାଜ ଓ ସଂସ୍କୃତି'

**ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଅନେକ ସ୍ଥାନର ଇଂରାଜୀ ବନାନ ଅତ୍ୟନ୍ତ ଅରୁଚିକର ଓ ଅଯୌକ୍ତିକ। ପିଢ଼ି ପରେ ପିଢ଼ି ଏହି ତ୍ରୁଟିକୁ ଗ୍ରହଣ କରିଚାଲିଛନ୍ତି। ବାହାରର ଲୋକମାନେ ସ୍ୱାଭାବିକ ଭାବେ ଏମିତି ବନାନ ଆଧାରରେ ଓଡ଼ିଶାର ଜାଗାର ନାମଗୁଡ଼ିକୁ ଭୁଲ୍ ଉଚ୍ଚାରଣ କରୁଛନ୍ତି। ଏସବୁର ସଂଶୋଧନ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ 'ସମାଜ ଓ ସଂସ୍କୃତି' ପକ୍ଷରୁ ଦାବି କରାଯାଇଛି। ଅନୁଷ୍ଠାନର ସଭାପତି ନିଶିକାନ୍ତ ମିଶ୍ର ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଶ୍ରୀ ମିଶ୍ର ଏଥିରେ ଦର୍ଶାଇଛନ୍ତି, କଟକ, କେନ୍ଦୁଝର, ବ୍ରହ୍ମପୁର, ସାଲେପୁର, ବାଲେଶ୍ୱର, ଆଳି ଆଦି ସ୍ଥାନର ଇଂରାଜୀ ବନାନ କିମ୍ଭୁତ କିମାକାର ହୋଇଛି। ବହୁ ବର୍ଷ ହେଲା ଏହି ଭୁଲ୍ ବନାନ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଜାରି ରହିଛି। ଫଳରେ ସାଧାରଣ ଲୋକ ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। କିନ୍ତୁ ସମୟକ୍ରମେ ସମସ୍ତେ ଭୁଲକୁ ଗ୍ରହଣ କରିଚାଲିଛନ୍ତି। ସେହିପରି ଖୋର୍ଦ୍ଧା, ପାରାଦୀପ ଆଦି କିଛି ସ୍ଥାନର ନାମର ଇଂରାଜୀ ବନାନ ଦୁଇ ତିନି ପ୍ରକାର ଲେଖା ହେଉଥିବା ନଜିର ରହିଛି। ଏହାକୁ ନେଇ ଛାତ୍ରଛାତ୍ରୀ ଅଡୁଆରେ ପଡୁଛନ୍ତି। କେଉଁ ବନାନ ଲେଖିଲେ ଠିକ୍ ହେବ ସେମାନେ ଜାଣିପାରୁ ନାହାନ୍ତି। ଶିକ୍ଷକମାନେ ବି ସେମାନଙ୍କ ସନ୍ଦେହ ଦୂର କରିପାରୁ ନାହାନ୍ତି। ବାସ୍ତବ କଥା ହେଉଛି ବ୍ରିଟିଶ ଶାସନ ସମୟରେ ସେମାନେ ନିଜକୁ ସୁହାଇଲା ପରି ଜାଗାର ନାମ ଉଚ୍ଚାରଣ କରୁଥିଲେ। ସେହି ଉଚ୍ଚାରଣ ଅନୁଯାୟୀ କାଗଜପତ୍ରରେ ବନାନ ଲେଖି ଦେଇଥିଲେ। କିନ୍ତୁ ସ୍ୱାଧୀନତା ପରେ ସେହି ଭୁଲକୁ କେହି ସଂଶୋଧନ କରୁନାହାନ୍ତି। ଗୋଟିଏ ଅଞ୍ଚଳ ଓ ଭାଷା ପାଇଁ ଏପରି ତ୍ରୁଟି ଆଦୌ ଗ୍ରହଣୀୟ ନୁହେଁ। ଅନ୍ୟ ରାଜ୍ୟରେ ଏମିତି ଇଂରାଜୀ ବନାନକୁ ସଂଶୋଧନ କରାଯାଇଥିବା ନଜିର ରହିଛି। ରାଜ୍ୟ ସରକାର ଏ ଦିଗରେ ଚିନ୍ତା କରନ୍ତୁ। ରାଜସ୍ୱ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ଓ ସଂସ୍କୃତି ବିଭାଗର ମିଳିତ ସମନ୍ୱୟରେ ଏ ଦିଗରେ ପ୍ରକ୍ରିୟା ଆରମ୍ଭ କରାଯାଉବୋଲି ଶ୍ରୀ ମିଶ୍ର ନିବେଦନ କରିଛନ୍ତି।

## ଅଙ୍ଗନବାଡ଼ି କେନ୍ଦ୍ରରେ ଚିନି ବୋର୍ଡ ସ୍ଥାପନ

**ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:** ଶିଶୁ ଏବଂ ଗୋଷ୍ଠୀ ମଧ୍ୟରେ ଚିନିର ଅତ୍ୟଧିକ ବ୍ୟବହାରକୁ ରୋକିବା ପାଇଁ ଓଡ଼ିଶା ସରକାର ଚିନି ବୋର୍ଡ ଆନ୍ଦୋଳନକୁ ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ଅଭ୍ୟାସଗତ ପରିବର୍ତ୍ତନ ପଦକ୍ଷେପ ଭାବରେ ଆରମ୍ଭ କରିଛନ୍ତି। ଏହି ପଦକ୍ଷେପ ଅଧୀନରେ, ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ସୂଚନାପ୍ରଦ ଏବଂ ଦୃଶ୍ୟାତ୍ମକ ରୂପରେ ଆକର୍ଷକ ଚିନି ବୋର୍ଡ ସ୍ଥାପନ କରାଯାଉଛି। ଶିଶୁ ମୋଟାପା, ମଧୁମେହର ପ୍ରାରମ୍ଭିକ ପର୍ଯ୍ୟାୟ ଏବଂ ଦନ୍ତକ୍ଷୟ ଭଳି ଅଧିକ ଚିନି ଖାଇବା ସହ ଜଡ଼ିତ ସ୍ୱାସ୍ଥ୍ୟଗତ ବିପଦ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଚିନି ବୋର୍ଡର ପରିକଳ୍ପନା କରାଯାଇଛି। ସାଧାରଣତଃ ପ୍ୟାକେଜ୍ ହୋଇଥିବା ଖାଦ୍ୟ ଏବଂ ପାନୀୟରେ ଥିବା ଚିନିର ପରିମାଣ ସମ୍ପର୍କରେ ବୋର୍ଡଗୁଡ଼ିକ ଶିଶୁ, ପିତାମାତା ଏବଂ ଗୋଷ୍ଠୀ ମଧ୍ୟରେ ସଚେତନତା ସୃଷ୍ଟି କରିବ। ଏହି ପଦକ୍ଷେପ ପିତାମାତା, ଯତ୍ନ ନେଉଥିବା ବ୍ୟକ୍ତି ଏବଂ ଆଗଧାଡ଼ିର କର୍ମୀମାନଙ୍କୁ ସୁଚିନ୍ତିତ ଖାଦ୍ୟାଭ୍ୟାସ ବାବଦରେ ସଚେତନ କରିବ। ଏହା ଦ୍ୱାରା ଛୋଟ ବୟସରୁ ଶିଶୁମାନଙ୍କୁ ସୁସ୍ଥ ଖାଦ୍ୟାଭ୍ୟାସ ନିମନ୍ତେ ପ୍ରୋତ୍ସାହିତ କରାଯିବ। ପୋଷଣ ଅଭିଯାନ ଏବଂ ଫିଟ୍ ଇଣ୍ଡିଆ ଆନ୍ଦୋଳନର ଉଦ୍ଦେଶ୍ୟକୁ ଏହି ଅଭିଯାନ ସଫଳ କରିବା ସହ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ଉନ୍ନତ ପୋଷଣ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି ଏବଂ ସାମଗ୍ରିକ ଶିଶୁ ବିକାଶ ଦିଗରେ କାର୍ଯ୍ୟ କରିବ। ରାଜ୍ୟ ସରକାର ଚିନି ବୋର୍ଡ ଆନ୍ଦୋଳନ ଭଳି ଅଭିନବ, ସଚେତନତାଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର ଅଭିଯାନକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ଅଟନ୍ତି।

## ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା

**କଟକ,୨।୯/ଏନ୍‌ଏନ୍‌ଏସ୍:** ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ମହାନଦୀ ବିହାର ସ୍ଥିତ ଏଲ୍. କେ. ପାଠାଗାରର ଗାନ୍ଧୀ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି ସମାଜସେବାରେ ସାହିତ୍ୟ ଓ ଗାନ୍ଧିବାଦ ବିଷୟରେ ଆଲୋକପାତ କରିଥିଲେ। ପ୍ରାଚୀ ପତ୍ରିକାର ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ସମ୍ପାଦକୀୟ ଅଭିଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଲବଙ୍ଗଲତା ବିଶୋଇ ଯୋଗଦେଇଥିଲେ। କବିତା ପାଠୋତ୍ସବରେ ଅନ୍ନପୂର୍ଣ୍ଣା ସାହୁ ସଂଯୋଜନା କରିଥିଲେ ଓ ସସ୍ମିତ କୁମାର ରାୟ, ରଞ୍ଜନ ରାୟ, ଉତ୍ତମ ଚରଣ ପ୍ରଧାନ, ସଚ୍ଚିଦାନନ୍ଦ କର,ବସନ୍ତ କୁମାର ସାହୁ,ମାଳତି କୁମାରୀ ପରିଡ଼ା, ଗଣେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ସନ୍ତୋଷ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

# 'ନୈତିକତା, କର୍ତ୍ତବ୍ୟ ପାଳନ ଓ ବିବେକବାନ୍ ହେବା ସଫଳ ବ୍ୟକ୍ତିର ଭୂଷଣ'



**ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:** ନୈତିକତା, କର୍ତ୍ତବ୍ୟ ପାଳନ ଓ ବିବେକବାନ ହୋଇ ସମାଜରେ କାର୍ଯ୍ୟ କଲେ ସଫଳତା ମିଳିବା ସହ ବ୍ୟକ୍ତି ଜଣେ ସଫଳ ବ୍ୟକ୍ତି ଭାବେ ପରିଗଣିତ ହୋଇପାରିବ ବୋଲି ପାୱାର ହାଉସ୍ କଲୋନୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଡାକ୍ତର କବି ପ୍ରସାଦ ମିଶ୍ର ପରିଷଦ ଓ ଡକ୍ଟର ସାତକଡ଼ି ହୋତା ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ପ୍ରଧାନଶିକ୍ଷୟିତ୍ରୀ ଭବାନୀ କୁମାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତା ଓ ଆଲୋଚକଭାବେ ସାରସ୍ୱତ ସଂଗଠକ ତଥା ସ୍ମୃତି ପରିଷଦର ସମ୍ପାଦକ ରମାକାନ୍ତ ମିଶ୍ର ଯୋଗଦାନ କରି ମତବ୍ୟକ୍ତ କରିଛନ୍ତି। ବିଭିନ୍ନ ଉଦାହରଣ ମାଧ୍ୟମରେ ସେ ସାରଳା ଦାଶ, ଜଗନ୍ନାଥ ଦାଶ, ବଳରାମ ଦାଶ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ତଥା ସତ୍ୟବାଦୀ ପଞ୍ଚସଖା ପଣ୍ଡିତ ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହରଙ୍କ ଜୀବନ ଦର୍ଶନ ସମ୍ପର୍କରେ ସମ୍ୟକ ଆଲୋକପାତ କରି ସେହି ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ସାତକଡ଼ି ହୋତା କିପରି ଓଡ଼ିଶାର ପ୍ରଥମ ରେଳବାଇ ଅଧିକାରୀ ହୋଇ ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତର କବିପ୍ରସାଦ ମିଶ୍ର କିପରି ଜଣେ ସଫଳ ପରୋପକାରୀ ଡାକ୍ତର, ସମାଜସେବୀ, ଜଗନ୍ନାଥଙ୍କ ଭକ୍ତ, ପ୍ରାଚୀନ ସାହିତ୍ୟର ବିଶାରଦ ସେ ସମ୍ପର୍କରେ ବର୍ଣ୍ଣନା କରିବା ସହ ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମ କିପରି ସଫଳତାର ଚାବିକାଠି ତାହା ବୁଝାଇ କହିଥିଲେ। ନଳିନୀ କାନ୍ତ ମହାପାତ୍ର ଭଜନ ଗାନ କରିଥିଲେ। ଛାତ୍ରଛାତ୍ରୀମାନେ ଜାତୀୟ ସଂଗୀତ ଗାନ କରିଥିଲେ।

# ବୀମା ସପ୍ତାହ ଆରମ୍ଭ

**ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:** ଭାରତୀୟ ଜୀବନ ବୀମା ନିଗମ, ପଞ୍ଚମୁଣ୍ଡାଇ ଶାଖା




ତରଫରୁ ବୀମା ସପ୍ତାହ ଆରମ୍ଭ ହୋଇଯାଇଛି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ଉତ୍ସବକୁ ପଞ୍ଚମୁଣ୍ଡାଇ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଶାଖା ପ୍ରବନ୍ଧକ, ଅରୁଣ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଶ୍ରୀ ଦାସ ଭାରତୀୟ ଜୀବନ ବୀମା ନିଗମର କାର୍ଯ୍ୟାଧାରା, ଭାରତର ସାମାଜିକ ଓ ଆର୍ଥିକ ବିକାଶରେ ଏହାର ଯୋଗଦାନ ବର୍ଣ୍ଣନା କରିଥିଲେ। ସ୍ୱାଗତ ଅଭିଭାଷଣରେ ବରିଷ୍ଠ ଶାଖା ପ୍ରବନ୍ଧକ, ଶ୍ରୀ ବିଶ୍ୱାଳ, ଭାରତୀୟ ଜୀବନ ବୀମା ନିଗମର ଗୌରବମୟ ଇତିହାସର ଅବତାରଣା କରିଥିଲେ। ଇତ୍ୟବସରରେ ସମସ୍ତ ପଲିସି ଧାରକ, କର୍ମଚାରୀ, ଅଭିକର୍ତ୍ତା, ଶୁଭେଚ୍ଛୁମାନଙ୍କୁ ଶ୍ରୀ ବିଶ୍ୱାଳ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଥିଲେ। ବିଗତ ଦିନ ଭଳି ଆଗାମୀ ଦିନଗୁଡ଼ିକରେ ଭାରତୀୟ ଜୀବନ ବୀମା ନିଗମ ପ୍ରତି ବିଶ୍ୱାସ ଅତୁଟ ରଖିବାକୁ ପଲିସି ଧାରକମାନଙ୍କୁ ଅନୁରୋଧ କରିଥିଲେ। ଆଲୋଚନାଚକ୍ରରେ ଭାଗ ନେଇ ସୁଜିତ କୁମାର ସିଂ, କୁଳମଣି ଗୋଛାୟତ, ତପରଞ୍ଜନ ବେହେରା, ରଞ୍ଜନ କୁମାର ପ୍ରଧାନ, ରାକେଶ କୁମାର ଧଳ, ଆଦିତ୍ୟ ଶଙ୍କର ଦାଶ ଓ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଭାରତୀୟ ଜୀବନ ବୀମା ନିଗମର ଅତୀତ ଓ ବର୍ତ୍ତମାନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ନେତା ଅଭିମନ୍ୟୁ ଦାସ, ଦୀପକ କୁମାର ଜୟସିଂହ, ସୁଗୁଣା ସିଂ, ସୋମନାଥ ସ୍ୱାଇଁ, ଅଜୟ କୁମାର ତରେଇ, ତୃପ୍ତି ସାହୁ, ବିପିନ ବିହାରୀ ଜେନା, ପୂର୍ଣ୍ଣଚନ୍ଦ୍ର ରଣସିଂହ, ଚିନ୍ମୟ କୁମାର ସାମଲ, ଚନ୍ଦ୍ରଶେଖର ବେହେରା, ସୂର୍ଯ୍ୟ ପ୍ରତାପ ଦାସ, ହିମାଂଶୁ ପରିଡ଼ା, ଅଭୟ କୁମାର ମାଝୀ, ସୋମନାଥ ସିଂ, ରଞ୍ଜନ କୁମାର ରାଉତ, ତ୍ରିଦିବ କୁମାର ବେହେରା ଇତ୍ୟାଦି ଶତାଧିକ କର୍ମଚାରୀ, ଅଭିକର୍ତ୍ତା ଓ ପଲିସିଧାରୀ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ପ୍ରଶାସନିକ ଅଧିକାରୀ, ସିଦ୍ଧେଶ୍ୱର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଅପରାହ୍ଣରେ ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତାରେ ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ, ପଞ୍ଚମୁଣ୍ଡାଇର ସୁଶ୍ରୀ ମୋହିନୀ ଜୀବନ ଦାସ, ପ୍ରଥମ, ପଞ୍ଚାୟତ ହାଇସ୍କୁଲ, କଷଣକଣ୍ଟାର ବର୍ଷା ପ୍ରିୟଦର୍ଶିନୀ ପରିଡ଼ା, ଦ୍ୱିତୀୟ, ଶିଶୁ ବିଦ୍ୟାମନ୍ଦିର, ପଞ୍ଚମୁଣ୍ଡାଇର ଧନଞ୍ଜୟ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନରେ ବେଲତଳ ଉ.ପ୍ରା ବିଦ୍ୟାଳୟର ସାଇରାମ ପଣ୍ଡା, ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଞ୍ଚମୁଣ୍ଡାଇର ସ୍ମରିକା ସାହୁ, ଦ୍ୱିତୀୟ ଓ ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ, ପଞ୍ଚମୁଣ୍ଡାଇର ଅଭିପ୍ସା ପଲେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

## ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଅବଧି ବୃଦ୍ଧି

**ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥ କେତେକ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟ, ରହଣି ଏବଂ ସଂରଚନାକୁ ବଜାୟ ରଖିବା ସହ ପରିଚାଳନା ଅବଧି ବୃଦ୍ଧି କରିଛି। ଏହା ଦ୍ୱାରା ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ହେବା ସହ ନିରନ୍ତର ଯାତ୍ରା ସୁବିଧା ଯୋଗାଇବରେ ବିଶେଷ ସହାୟକ ହେବ। ଏହା ମଧ୍ୟରେ ଟ୍ରେନ ନମ୍ବର ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ୱତନ୍ତ୍ର ଭଞ୍ଜପୁରରୁ ୧୩ ତାରିଖ ପର୍ଯ୍ୟନ୍ତ ଏବଂ ପୁରୀରୁ ୧୪ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ଟ୍ରେନ ନମ୍ବର ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ଶାଲିମାର ସ୍ୱତନ୍ତ୍ର ଶାଲିମାରରୁ ୧୪ ତାରିଖ ପର୍ଯ୍ୟନ୍ତ ଏବଂ ପୁରୀରୁ ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଛି। ଯାତ୍ରୀମାନଙ୍କୁ ଏହି ସମ୍ପ୍ରସାରଣକୁ ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଉଛି।

## ଶ୍ରୀମଦ ଭଗବଦ୍ ଗୀତାରେ ଭକ୍ତି ଯୋଗ



**ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:** ମନ ଓ ବୁଦ୍ଧିକୁ ଯିଏ ଭଗବାନଙ୍କଠାରେ ଅର୍ପଣ କରେ ତାର ମନ ପବିତ୍ର ଓ ବୁଦ୍ଧି ବିସ୍ତାରିତ ହୁଏ। ସବୁବେଳେ ସନ୍ତୋଷ ରହିବ ଭଲ। ଭକତ ଭାବରେ ଭଗବାନ ବନ୍ଧା ବୋଲି ଥିଙ୍କର୍ସ କ୍ଲବର ୧୩୩ ତମ ଆଭାସି ଆଲୋଚନାରେ ଯୋଗଦେଇ ବକ୍ତା ଆଚାର୍ଯ୍ୟ ଜଗତ କୁମାର ଦାସ ଓ ଋଷିକେଶର ସ୍ୱାମୀ ଶ୍ୟାମାନନ୍ଦ ପ୍ରକାଶ କରିଛନ୍ତି। କୃଷ୍ଣ ସୁଦାମା ସମ୍ପର୍କ ଭଳି ଭକ୍ତର ହୃଦୟ ଭାବନାକୁ ସର୍ବଦା ଭଗବାନ ଚାହାନ୍ତି। ଧର୍ମ ରୂପକ ଅମୃତକୁ ଯିଏ ଉପାସନା କରେ ସେ ଭଗବାନଙ୍କ ପ୍ରିୟ। ଥିଙ୍କର୍ସ କ୍ଲବ ସଭାପତି ବରଦା ଦାସ ସଭା କୁ ସଂଯୋଜନା କରି ଆତ୍ମ ତତ୍ତ୍ୱ କୁ ଦୃଢୀଭୂତ କରିବାକୁ କହିଥିଲେ। ଡାକ୍ତର ରବୀନ୍ଦ୍ର କୁମାର ସାହୁ ଶେଷରେ ମତ ଦେଇଥିଲେ ଓ କାର୍ଯ୍ୟକ୍ରମ ର ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା।

## ଚାଷୀଙ୍କୁ ଚାଷ ପଦ୍ଧତି ପ୍ରଶିକ୍ଷଣ

**ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:** ସୋଆ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କୃଷି ମହାବିଦ୍ୟାଳୟର ୪ର୍ଥ ବର୍ଷ ଛାତ୍ରୀମାନେ ଚାଷୀମାନଙ୍କୁ ଜୈବିକ ପ୍ରଣାଳୀରେ ଚାଷ ପଦ୍ଧତି ପ୍ରଶିକ୍ଷଣ ଦେଇଛନ୍ତି। ଆଜି ବାଲିଅନ୍ତା ବ୍ଲକ ଶିଙ୍ଗିରିଶାସନ ଗ୍ରାମଠାରେ ଧାନଚାଷ ସମେତ ଅନ୍ୟାନ୍ୟ ଫସଲ ଚାଷରେ ପୋକ, କୀଟ- ପତଙ୍ଗ ଲାଗିଲେ ଜୈବିକ ପଦ୍ଧତିରେ ଫସଲ ସୁରକ୍ଷିତ ରଖିବା କୌଶଳ ନେଇ ଚଷୀମାନଙ୍କ ସହ ଆଲୋଚନା ହୋଇଥିଲା। ଚାଷୀମାନଙ୍କ ସହ ପ୍ରତ୍ୟକ୍ଷ ଭାବ ବିନିମୟ କାର୍ଯ୍ୟକ୍ରମ କୃଷିବିଜ୍ଞାନ ମହାବିଦ୍ୟାଳୟର ସହକାରୀ ପ୍ରଧାପକ ଶ୍ରୀକୁମାର ସମ୍ଭବ ଓ ଡଃ ଶୁଭଶ୍ରୀ ସରକାରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ପୋକ ତଥା କୀଟପତଙ୍ଗ ଦାଉରୁ ଫସଲକୁ ଟ୍ରାଇକୋ କାର୍ଡ ଓ ଚିତ୍ରମିରି ପୋକ ମାଧ୍ୟମରେ ରକ୍ଷା କରାଯାଇ ପାରିବାର ବୈଷୟିକ କୌଶଳ ପ୍ରଦର୍ଶନ ସହିତ ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଛାତ୍ରୀମାନେ ଦେଇଥିଲେ। କ୍ଷେତ୍ର ପ୍ରଦର୍ଶନ ସହିତ ଚାଷୀମାନଙ୍କୁ ବିଭିନ୍ନ କୌଶଳ ଶିଖାଇବା ସହ ଆଲୋଚନା କାର୍ଯ୍ୟକ୍ରମରେ ଛାତ୍ରୀ କୁମାରୀ ସିମରନ ସ୍ୱାଇଁ, ରାଜଶ୍ରୀ ସ୍ୱାଇଁ, ସ୍ନେହାଶିଷ ସାମଲ, ଅନୀଷା ସେଠୀ, ଆସ୍ଥା ତ୍ରିପାଠୀ, ସୁହାସିନୀ ସିଂ, ଶ୍ୱେତାମେଘା ବାର୍ଷିନୀ, ଲୋପାମୁଦ୍ରା ପ୍ରଧାନ, ଅଭିପ୍ସା ଶତପଥୀ, ସ୍ମୃତିଶ୍ରୀ ତ୍ରିପାଠୀ, ନିହାରିକା ସ୍ୱାଇଁ, କୀର୍ତ୍ତିପୂର୍ଣ୍ଣା ତରାଇ, ଶାଶ୍ୱତୀ ସେନାପତି, ନୀଳାଞ୍ଜନା ସନ୍ତୋଷ, ଯଶସ୍ୱୀ ସିଂ, ସାଗରିକା ନାୟକ, ସାଇ ତମନ୍ନା, ସୌମ୍ୟାଶ୍ରୀ ମାଇତି, ଦେବାଂଶୀ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶିବିରରେ ସୋଆର କୃଷି ଛାତ୍ରୀମାନଙ୍କ ମଧ୍ୟରେ ନିହାରିକା ସ୍ୱାଇଁ, ଶାଶ୍ୱତୀ ସେନାପତି, କୀର୍ତ୍ତିପୂର୍ଣ୍ଣା ତରାଇ, ଆଶୁ ତ୍ରିପାଠୀ, ନିଲାଞ୍ଜନା ସେନ ପ୍ରଶିକ୍ଷଣ ଦେବା ସହିତ ଚାଷ ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ଦେଇଥିଲେ। ସିମରନ୍ ସ୍ୱାଇଁ, ରାଜଶ୍ରୀ ସ୍ୱାଇଁ, ସ୍ନେହାଶୀ ସାମଲ, ଅନିଷା ସେଠୀ, ଆସୁ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ସୁହାନା ସିଂ, ଶ୍ୱେତା ମେଘାବର୍ଷିନୀ, ଲୋପାମୁଦ୍ରା ପ୍ରଧାନ, ଅଭିପ୍ସା ଶତପଥୀ, ସ୍ମୃତିଶୀ ତ୍ରିପାଠୀ ଚାଷୀମାନଙ୍କୁ ଟ୍ରାଇକୋ କାର୍ଡ ଓ ଚିତ୍ରମିରି ପୋକ ପ୍ରଦର୍ଶନ କରିଥିଲେ। ଶେଷରେ ଯଶ୍ୱଶୀ ସିଂ, ସାଗରିକ ନାୟକ, ସାଇ ତମନ୍ନା, ସୌମ୍ୟାଶ୍ରୀ ମୈତ୍ରୀ, ଦେବାଙ୍ଗୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତେଜନା

**ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:** ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଉତ୍ତେଜନା ପରିସ୍ଥିତି ଦେଖାଯାଇଛି। ଏଠାରେ ଅଣଛାତ୍ରମାନେ ହଷ୍ଟେଲ-୧ 'ଗୋପବନ୍ଧୁ ଛାତ୍ରବାସ'ର ଫାଟକରେ ତାଲା ପକାଇବା ସହ ହଷ୍ଟେଲ ୱାର୍ଡେନଙ୍କୁ ମଧ୍ୟ ତାଲା ପକାଇ ଦେଇଥିଲେ। ଏହା ସହ ଛାତ୍ରାବାସର ଲାଇନ୍ କାଟି ଦେଇଥିଲେ। ଯାହାକୁ ନେଇ କ୍ୟାମ୍ପସରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରିସ୍ଥିତି ଉତ୍ତେଜନା ଥିବାରୁ କ୍ୟାମ୍ପସରେ ପୁଲିସ ମୁତୟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ତାଲା ଭାଙ୍ଗି ହଷ୍ଟେଲ ୱାର୍ଡେନଙ୍କୁ ବାହାରକୁ ଆଣିଥିଲେ।

## 'କଟକବାସୀଙ୍କ ହୃଦୟ ଜିତିପାରିଥିଲେ ରଘୁ ମଉସା'



**କଟକ,୨।୯/ଏନ୍‌ଏନ୍‌ଏସ୍:** ବିଡ଼ାନାସୀ ଅଞ୍ଚଳର ରଘୁନାଥ ସାମଲ ୭୫ ବର୍ଷ ପୂର୍ବେ ଆରମ୍ଭ କରିଥିଲେ ଦହିବରା ବ୍ୟବସାୟ। ଏକ ନିଆରା ଖାଦ୍ୟର ସ୍ୱାଦରେ କଟକବାସୀଙ୍କ ହୃଦୟ ଜିତିପାରିଥିଲେ ରଘୁନାଥ। ତାଙ୍କ ଯୋଗୁ ହିଁ କଟକ ଦହିବରା ଆଳୁଦମ୍ ବିଶ୍ୱ ଦରବାରରେ ପରିଚିତ ହୋଇଥିଲା। ୧୫ବର୍ଷ ବୟସରୁ କଟକ ସହରରେ ସାଇକେଲରେ ବୁଲି ବୁଲି ଦହିବରାକୁ ଦେଇଥିଲେ ଏକ ସ୍ୱତନ୍ତ୍ର ପରିଚୟ। ରଘୁ ଦହିବରା ନାଁରେ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ। କଟକ ଦହିବରାକୁ ଜିଆଇଟ୍ୟାଗ୍ ମାନ୍ୟତା ମିଳିବା ପାଇଁ ରଘୁ ସ୍ୱପ୍ନ ଦେଖୁଥିଲେ ବୋଲି ତାଙ୍କ ସ୍ମୃତିସଭାର ବହୁ ବିଶିଷ୍ଟ ବ୍ୟକ୍ତି ମତ ଦେଇଛନ୍ତି। କଟକ ଦହିବରା ବ୍ୟବସାୟୀ ସଂଘ ଆନୁକୂଲ୍ୟ ଚୌଧୁରୀବଜାରସ୍ଥିତ ଟାଉନ୍‌ହଲ ଠାରେ ରଘୁମଉସାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ ମୁଖ୍ୟଅତିଥି, କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷ ମୁଖ୍ୟବକ୍ତା ଓ କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ଅଭିନେତା ଶ୍ରୀତମ ପ୍ରୀତମ ଦାସ, ବରିଷ୍ଠ ବିଜେପି ନେତା ଲଲାଟେନ୍ଦୁ ବଡୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସଭାପତି ପ୍ରଦୀପ୍ତ କୁମାର ସାହୁ, ସମ୍ପାଦକ କେଦାର ନାଥ ସାମଲ, କାର୍ଯ୍ୟକାରୀ ସଭାପତି ବିଜନ କୁମାର ଦାସ, ଉପସଭାପତି ପ୍ରତାପ କୁମାର ବାରିକ, ଯୁଗ୍ମ ସମ୍ପାଦକ ହେମନ୍ତ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ସହ-ସମ୍ପାଦକ ଅଜୟ ବେହେରାଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର ଉପଦେଷ୍ଟା ପ୍ରଭାତ କୁମାର ବିଷୋୟୀ ରଘୁନାଥ ସାମଲଙ୍କ ବିଷୟରେ ଆଲୋଚନା କରିଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଉପଦେଷ୍ଟା ସୁକାନ୍ତ ମହାନ୍ତି ଓ ଧନ୍ୟବାଦ ଅର୍ପଣ କରିଥିଲେ ସଂଘର ଆଇନ୍ ପରାମର୍ଶଦାତା ଭାଗିରଥି ପାଣିଗ୍ରାହୀ।

## 'ସ୍ୱାଏକର'ର ନୂତନ ଷ୍ଟୋର୍ ଉଦ୍‌ଘାଟିତ

**ଭୁବନେଶ୍ୱର,୨।୯/ଏନ୍‌ଏନ୍‌ଏସ୍:** ଦେଶର ଅଗ୍ରଣୀ ଫ୍ୟାସନ୍ ବ୍ରାଣ୍ଡ ଭାବେ ଜଣାଶୁଣା ସ୍ୱାଏକରର ଏକ ନୂତନ ଏକ୍ସକ୍ଲୋସିଭ୍ ଷ୍ଟୋର୍ ଖାରବେଳ ନଗରସ୍ଥିତ ନରୁଲା କମ୍ପ୍ଲେକ୍ସଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ ମିଶ୍ର ଏବଂ ଅରିଜିତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୬୫୦ ବର୍ଗ ଫୁଟ ବିଶିଷ୍ଟ ନୂତନ ଷ୍ଟୋରରେ ଯୁବପିଢ଼ିଙ୍କୁ ସୁହାଇଲା ଭଳି ବିଭିନ୍ନ ପ୍ରକାରର ଟି ସାର୍ଟ, ଶୀତ ପୋଷାକ, ପର୍ଫ୍ୟୁମ୍, ଏବଂ ୱାଲେଟ୍ ଆଦି ଉପକରଣ ଉପଲବ୍ଧ ରହିଛି। ଏହି ଅବସରରେ ଫ୍ରାଞ୍ଚାଇଜ୍ ମାଲିକ ନମନ ନରୁଲା ଏବଂ ସଞ୍ଜୟ ନରୁଲାଙ୍କ ସମେତ ସେମାନଙ୍କର ପରିବାରବର୍ଗ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ସ୍ୱାଏକରର ଏଏସ୍ ଏମ୍. ବିକି ଗୁପ୍ତା ଯୋଗ ଦେଇଥିଲେ। ଏହି ଅବସରରେ ନରୁଲା ପରିବାରର ବନ୍ଧୁ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ। ଏହି ଷ୍ଟୋରଟି ଭୁବନେଶ୍ୱରର ୬ଷ୍ଠ ତମ ଏବଂ ଓଡିଶାର ୨୦ତମ ଷ୍ଟୋର୍।



ଭୁବନେଶ୍ୱରର ଏକ ବିଶିଷ୍ଟ ସ୍ଥାନ ତଥା ଖାରବେଳ ନଗରଠାରେ ଏଭଳି ଏକ ଫ୍ୟାସନ୍ ଆଉଟ୍‌ଲେଟ୍ ଖୋଲାଯାଇଥିବାରୁ ଫ୍ରାଞ୍ଚାଇଜ୍ ମାଲିକମାନେ ବେଶ୍ ଉତ୍ସାହ ପ୍ରକାଶ କରିବା ସହ ସହରର ଗ୍ରାହକମାନଙ୍କୁ କିଣା କିଣିର ଏକ ନୂତନ ସ୍ୱାଦ ଚଖାଇବା ଏହାର ମୂଳ ଲକ୍ଷ୍ୟ ବୋଲି ସେମାନେ ପ୍ରକାଶ କହିଥିଲେ। ଏହି ନୂତନ ଷ୍ଟୋରଟି ସାରା ଦେଶରେ ନିଜର ଛାପ ଛାଡ଼ିବା ସହ ଯୁବପିଢ଼ିମାନଙ୍କ ଫ୍ୟାସନ ସେନ୍ସ ସହ ଯୋଡ଼ି ହେବାର ପ୍ରତିବଦ୍ଧତାକୁ ସୁଦୃଢ଼ କରିପାରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୯୨ ମସିହାରେ ପ୍ରତିଷ୍ଠା ହୋଇଥିବା ସ୍ୱାଏକରର ଏକ ପ୍ରମୁଖ ଫ୍ୟାସନ ବ୍ରାଣ୍ଡ ଯାହା ବିଭିନ୍ନ ପ୍ରକାରର ଷ୍ଟାଇଲିସ୍, କଣ୍ଟେପରାରି ଡିଜାଇନ୍ ଏବଂ ଆସେସୋରିଜ୍ ସହ ଜଡ଼ିତ ରହି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

# ମହାପୁରୁଷ ମହମ୍ମଦ ଜୟନ୍ତୀ ପ୍ରସ୍ତୁତି ବୈଠକ

**କଟକ,୨।୯/ଏନ୍‌ଏନ୍‌ଏସ୍:** ପୈଗମ୍ବର ହଜରତ ମହମ୍ମଦଙ୍କ ଜୟନ୍ତୀ ଆସନ୍ତା ୫ ତାରିଖ କଟକଠାରେ ମହାସମାରୋହରେ ସହ ପାଳନ ହେବାକୁ ଯାଉଛି। ଏହି ପବିତ୍ର ଦିବସରେ କଟକ ଏବଂ ଏହାର ଆଖପାଖ ଅଞ୍ଚଳର ସମସ୍ତ ମୁସଲିମ ମହଲ୍ଲା ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରାରେ ବାହାରି କଟକ ସହର ପରିକ୍ରମା କରିଥାଆନ୍ତି। ଐତିହାସିକ ପୀଠ ଦରଘା ବଜାର ସ୍ଥିତ କଦମ - ଏ - ରସୁଲଠାରେ ଶୋଭାଯାତ୍ରା ସମାପନ ହୁଏ। ଉକ୍ତ ପବିତ୍ର ପର୍ବ ଅବସରରେ ଚଳିତ ବର୍ଷ ମଧ୍ୟ କଟକ ଜିଲ୍ଲା ବିଜୁ ଜନତା ପକ୍ଷରୁ ବକ୍ସି ବଜାରଠାରେ ସମସ୍ତ



ମହଲ୍ଲା ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର ହୋଇଛି। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ସ୍ଥାନୀୟ ପାନ୍ଥନିବାସଠାରେ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ମହାନଗର ନିଗମର ମେୟର୍ ସୁଭାଷ ସିଂହ, ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରକାଶ ସିଂହ, କର୍ପୋରେଟର୍ ଏ. ଶ୍ରୀଦେବୀ, ମହମ୍ମଦ ଇଫତେଖାର ଆଲାମ, କେ. ଜେଡ. ଆଫ୍ରିନ୍, କୁରେଶା ନୁର, ବସନ୍ତ ବେହେରା, ପୂର୍ବତନ କର୍ପୋରେଟର ମହମ୍ମଦ ଆରିଫ ଫଏମିଦ୍, ଅବଦୁଲ ମଲ୍ଲିକ, ବିଜେଡି ନେତା ନନ୍ଦଲାଲ ସିଂ, ଦେବେନ୍ଦ୍ର କାହାଳି, ଦେବେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ, ସୟଦ ଆସଲାଫ ୟୁସୁଫ, ସୟଦ ସଖାୱତ ଅଲ୍ଲୀ, ସେକ ରିୟାଜୁଲ୍ଲା, ଅବଦୁଲ କରିମ, ମହମ୍ମଦ ଆକ୍ରମ, ମହମ୍ମଦ ଅଜିଜୁର ରହିମ, ୱାଲିଦ ରଫିକ ପଟେଇ, ପରେଶ ଦାସ, ସୁନିତା ଶେଖର, ସେକ୍ ଫାୟାଜ୍, ସାଜନ ଖାନ୍, ସେକ୍ ସିରାଜୁଲ୍ଲା, କାସିମ ଖାନ, ସୟଦ ନିଜାମୁଦ୍ଦିନ, ସକିଲ ଅଖତର, ସଜ୍ଜାଦ ହୁସେନ, ସାଦିକ ହୁସେନ, ରିୟାଜ ଖାନ, ସେକ ଅବଦୁଲ ରସିଦ, ସେକ କମର ଅଲ୍ଲୀ, ଅଖତର ହୁସେନ, ଅମଜଦ ଖାନ, ବାସା ଖାନ୍ ଓ କଲାମ ମହମ୍ମଦ ପ୍ରମୁଖ ଯୋଗଦେଇଥିଲେ।

### ଗ୍ୟାଙ୍ଗଷ୍ଟରର ଆତ୍ମସମର୍ପଣ


**କଟକ,୨।୯/ଏନ୍‌ଏନ୍‌ଏସ୍:** ପାର୍ବଣ ପୂର୍ବରୁ ଗ୍ୟାଙ୍ଗଷ୍ଟର୍ ମହମ୍ମଦ ସକିଲ ମଙ୍ଗଳାବାଗ ଥାନା ପୁଲିସ ଷ୍ଟେସନରେ ଆତ୍ମସମର୍ପଣ କରିଛି। ପାର୍ବଣ ପୂର୍ବରୁ ସହରରେ ଆଇନ ଶୃଙ୍ଖଳାକୁ ସୁନିଶ୍ଚିତ କରିବା ପାଇଁ ପେସାଦାର ଅପରାଧୀଙ୍କ ଉପରେ କମିଶନରେଟ ପୁଲିସ ତୀକ୍ଷ୍ଣ ନଜର ରଖିଥିଲା। ୨ ଦିନ ପୂର୍ବରୁ ସକିଲର ଘନିଷ୍ଠ ସହଯୋଗୀ ଅବଦୁଲ କାଦିର ଜଣେ ବ୍ୟବସାୟୀଙ୍କ ଉପରେ ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳାବାଗ ପୁଲିସ ଦ୍ୱାରା ଗିରଫ ହୋଇଥିଲା। ସହଯୋଗୀ କାଦିରର ଗିରଫ ହେବା ପରେ ଆଜି ସକିଲ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି।

## ୟୁଏସ୍ ଓପନ୍: ଗଫ୍‌ଙ୍କୁ ବିଦାକଲେ ଓସାକା

# ତୃତୀୟ ଥର କ୍ୱାର୍ଟର୍ ଫାଇନାଲ୍‌ରେ ସିନର୍

**ନ୍ୟୁୟର୍କ,୨।୯/ଏଜେନ୍ସି:** ବିଶ୍ୱର ଏକ ନମ୍ବର ଖେଳାଳି ଇଟାଲୀର ଜାନିକ୍ ସିନର୍ ଚଳିତ ୟୁଏସ୍ ଓପନ୍‌ର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ୍ ଚତୁର୍ଥ ରାଉଣ୍ଡରେ କଜାଖସ୍ତାନର ଆଲେକ୍‌ଜାଣ୍ଡର୍ ବୁବ୍‌ଲିକ୍‌ଙ୍କୁ ହରାଇଛନ୍ତି। ସୋମବାର ରାତିରେ ନ୍ୟୁୟର୍କର ଆର୍ଥର୍ ଏଶ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ସିନର୍

### ଅନ୍ତିମ-୮ରେ ସ୍ୱିଆଟେକ୍-ଅନିସିମୋଭା





୬-୧, ୬-୧, ୬-୧ରେ ବୁବ୍‌ଲିକ୍‌ଙ୍କୁ ମାତ୍ ଦେଇଛନ୍ତି। ଏଥିରେ ସେ କେବଳ ତିନି ଗେମ୍ ହାତଛଡ଼ା କରିଥିଲେ। ଏହି ମ୍ୟାଚ୍ ଏକ ଘଣ୍ଟା ୨୧ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା, ଯାହା ଚଳିତ ୟୁଏସ୍ ଓପନ୍‌ର ଦ୍ୱିତୀୟ ସବୁଠୁ କମ୍ ସମୟରେ ଶେଷ ହୋଇଥିବା ମ୍ୟାଚ୍। ଏହା ସିନର୍‌ଙ୍କ ହାର୍ଡକୋର୍ଟ ଗ୍ରାଣ୍ଡସ୍ଲାମ୍‌ରେ ସିନର୍‌ଙ୍କ ଲଗାତାର ୨୫ତମ ବିଜୟ ହୋଇଥିବା ବେଳେ ସେ ତୃତୀୟ ଥର ପାଇଁ ଟୁର୍ଣ୍ଣାମେଣ୍ଟର ଅନ୍ତିମ-୮ରେ ସ୍ଥାନ ହାସଲ କରିଛନ୍ତି। କ୍ୱାର୍ଟର୍ ଫାଇନାଲ୍‌ରେ ସିନର୍‌ଙ୍କ ମୁକାବିଲା ନିଜ ଦେଶର ଲୋରେଞ୍ଜୋ ମୁସେଟ୍ଟିଙ୍କ ସହ ହେବ। ଅନ୍ୟ ଏକ ମ୍ୟାଚ୍‌ରେ ମୁସେଟ୍ଟି ଚତୁର୍ଥ ରାଉଣ୍ଡରେ ସ୍ପେନ୍‌ର ଜୌମେ ମୁନାର୍‌ଙ୍କୁ ୬-୩, ୬-୦, ୬-୧ ସିଧା ସେଟ୍‌ରେ ହରାଇଛନ୍ତି। ଏହା ସହିତ ମୁସେଟ୍ଟି ପ୍ରଥମ ଥର ୟୁଏସ୍ ଓପନ୍ କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିଛନ୍ତି।

ସେହିପରି ଅଷ୍ଟମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନୌର୍ ସ୍ୱିଜରଲାଣ୍ଡର କ୍ୱାଲିଫାୟର୍ ଲେଆଣ୍ଡ୍ରୋ ରିଡିଙ୍କୁ ୬-୩, ୬-୨, ୬-୧ରେ ହରାଇ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହା ତାଙ୍କର ୬ଷ୍ଠ ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟର୍ ଫାଇନାଲ୍। ତେବେ ଏହା ପୂର୍ବରୁ ସେ କେବେ ବି କ୍ୱାର୍ଟର୍‌ଫାଇନାଲ୍ ବାଧା ପାର୍ କରିପାରି ନାହାନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ କାନାଡାର ୨୫ତମ ସିଡ୍ ଫେଲିକ୍ସ ଆଗର୍-ଅଲିୟାସିମ୍‌ଙ୍କୁ ଭେଟିବେ। ଅଲିୟାସିମ୍ ଚତୁର୍ଥ ରାଉଣ୍ଡରେ ରୁଷର ଆନ୍ଦ୍ରେ ରୁବ୍‌ଲେଭ୍‌ଙ୍କୁ ୭-୫, ୬-୩, ୬-୪ ସିଧା ସେଟ୍‌ରେ ହରାଇଛନ୍ତି।

ପୂର୍ବତନ ବିଶ୍ୱ ନମ୍ବର ଏକ ଜାପାନର ନାଓମୀ ଓସାକା ମଧ୍ୟ ଏହି ଗ୍ରାଣ୍ଡସ୍ଲାମ୍‌ର ମହିଳା ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ଆମେରିକାର କୋକୋ ଗଫ୍‌ଙ୍କୁ ୬-୩, ୬-୨ ସେଟ୍‌ରେ ହରାଇଛନ୍ତି। ୨୦୨୦ରେ ଟାଇଟଲ୍ ଜିତିବା ପରେ ଓସାକା ପ୍ରଥମ ଥର ଏହି ଗ୍ରାଣ୍ଡସ୍ଲାମ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଦୁଇ ଖେଳାଳିଙ୍କ ମଧ୍ୟରେ ଏହା ୬ଷ୍ଠ ମ୍ୟାଚ୍ ହୋଇଥିବା ବେଳେ ଗଫ୍‌ଙ୍କ ବିପକ୍ଷରେ ଓସାକାଙ୍କର ଏହା ଓଭର୍‌ଅଲ୍ ୩ୟ ବିଜୟ। ଅନ୍ୟ ଏକ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍ ୬-୩, ୬-୧ରେ ୧୩ଶ ସିଡ୍ ରୁଷର ଏକାଜେରିନା ଆଲେକ୍‌ସାନ୍ଦ୍ରୋଭ୍‌ଙ୍କ ହରାଇ ଅନ୍ତିମ ୮ରେ ସ୍ଥାନ ହାସଲ କରିଛନ୍ତି। ଏହା ସହିତ ଗ୍ରାଣ୍ଡସ୍ଲାମ୍‌ରେ ସ୍ୱିଆଟେକ୍ ଲଗାତାର ଏକଦଶ ମ୍ୟାଚ୍ ବିଜୟୀ ହୋଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଆମେରିକାର ଅମାଣ୍ଡା ଅନିସିମୋଭାଙ୍କୁ ଭେଟିବେ। ଅନିସିମୋଭା ୬-୦, ୬-୩ରେ ବେଟ୍ରିଜ୍ ହଡ୍ଡାଡ୍ ମାଇଆଙ୍କୁ ହରାଇଛନ୍ତି।

**ମହିଳା ଡବଲ୍ସ କ୍ୱାର୍ଟରରେ ଭିନସ୍-ଫର୍ଣ୍ଣାଣ୍ଡିଜ୍**

ମହିଳା ଡବଲ୍ସରେ ୪୫ ବର୍ଷୀୟା ଭିନସ୍ ୱିଲିୟମ୍ସ କାନାଡାର ଲେଲାହ ଫର୍ଣ୍ଣାଣ୍ଡିଜ୍‌ଙ୍କ ସହ ମିଶି ପ୍ରାୟ ଏକ ଦର୍ଶକ ପରେ କୌଣସି ଗ୍ରାଣ୍ଡସ୍ଲାମ୍ ଡବଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ରୁଷର ଏକାଟେରିନା ଆଲେକ୍‌ସାନ୍ଦ୍ରୋଭା ଏବଂ ଚୀନ୍‌ର ଝାଙ୍ଗ୍ ଶୁଆଇଙ୍କୁ ୬-୩, ୬-୪ରେ ହରାଇଛି। ଏହା ୨୦୧୬ ପରେ ଭିନସ୍‌ଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ୍ ଡବଲ୍ସ କ୍ୱାର୍ଟର୍ ଫାଇନାଲ୍।

# ଲିଡ୍ ସ୍ପନ୍‌ସର୍ ପାଇଁ ବିସିସିଆଇର ଟେଣ୍ଡର୍ ଜାରି

## ବିଡ୍ କରିପାରିବେନି ଆଲ୍‌କୋହଲ୍, ତମ୍ବାଖୁ ଏବଂ ବେଟିଂ କମ୍ପାନୀ

**ମୁମ୍ବାଇ,୨।୯/ଏଜେନ୍ସି:** ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ମଙ୍ଗଳବାର ଟିମ୍ ଇଣ୍ଡିଆର ଲିଡ୍ ସ୍ପନ୍‌ସର ଅଧିକାର ପାଇଁ ଟେଣ୍ଡର୍ ଆହ୍ୱାନ କରିଛି। ନିକଟରେ ଡ୍ରିମ୍-୧୧ ଭାରତୀୟ କ୍ରିକେଟ୍ ଟିମ୍‌ର ଲିଡ୍ ସ୍ପନ୍‌ସର୍‌ରୁ ଓହରି ଯାଇଥିଲା। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଅଗଷ୍ଟ ୨୫ ତାରିଖରେ ଏହି ସୂଚନା ଦେଇଥିଲେ। ବିସିସିଆଇ ଜାରି ବୟାନରେ କହିଛି, ଆଲ୍‌କୋହଲ୍, ତମ୍ବାଖୁ, ବେଟିଂ, ରିୟଲ୍ ମନି ଗେମିଂ (ଫାଣ୍ଟାସୀ ସ୍ପୋର୍ଟ୍ସ ଗେମିଂ ବ୍ୟତୀତ), କ୍ରିପ୍ଟୋକରେନ୍ସି ଏବଂ ପର୍ଣ୍ଣୋଗ୍ରାଫି କିମ୍ବା ସାର୍ବଜନୀନ ନୈତିକତାକୁ ଆଘାତ ଦେବା ପରି କାମ କରୁଥିବା ବ୍ରାଣ୍ଡକୁ ଏହି ବିଡ୍‌ରେ ସାମିଲ କରାଯିବ ନାହିଁ। ବିସିସିଆଇ ନିଜ ଅଫିସିଆଲ୍ ଏକ୍ସ ହ୍ୟାଣ୍ଡଲ୍‌ରେ ଏହି ସୂଚନା ଦେଇଛି। ଲିଡ୍ ସ୍ପନ୍‌ସର୍ ପାଇଁ ବୋର୍ଡ ଇନ୍‌ଭିଟେସନ୍ ଫର୍ ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟ (ଆଇଇଓଆଇ) ଜାରି କରିଛି।




ଏହା ସେପ୍ଟେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ସେହିପରି ସେପ୍ଟେମ୍ବର ୧୬ ଟେଣ୍ଡର୍ ଦାଖଲର ଶେଷ ତାରିଖ ରହିଛି।

ଡ୍ରିମ୍-୧୧ ୨୦୨୩ରେ ବିସିସିଆଇ ସହିତ ୩୫୮ କୋଟି ଟଙ୍କାରେ ତିନିବର୍ଷିଆ ସ୍ପନ୍‌ସରଶିପ୍ ଚୁକ୍ତି କରିଥିଲା। କିନ୍ତୁ ନିକଟରେ ସରକାର ସଂସଦରେ ବିଲ୍ ଆଣି ଡ୍ରିମ୍-୧୧ ପରି ରିୟଲ୍-ମନି ଗେମିଂ ପ୍ଲାଟ୍‌ଫର୍ମକୁ ବ୍ୟାନ୍ କରିଦେଇଥିଲେ। ଏହି କାରଣରୁ ଏହି ସ୍ପନ୍‌ସରଶିପ୍ ସମାପ୍ତ ହୋଇଥିଲା।

## ଟି-୨୦ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆକୁ ବଡ଼ ଝଟ୍‌କା

# ଛୋଟ ଫର୍ମାଟ୍‌ରୁ ମିଚେଲ୍ ଷ୍ଟାର୍କଙ୍କ ସନ୍ନ୍ୟାସ

**ସିଡ୍‌ନୀ,୨।୯/ଏଜେନ୍ସି:** ଆସନ୍ତା ବର୍ଷ ଭାରତ ଓ ଶ୍ରୀଲଙ୍କାରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆକୁ ବଡ଼ ଝଟ୍‌କା ଲାଗିଛି। ଟିମ୍‌ର ଅନୁଭବୀ ଫାଷ୍ଟ ବୋଲର୍ ମିଚେଲ୍ ଷ୍ଟାର୍କ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସେ ଏବେ ଟେଷ୍ଟ କ୍ରିକେଟ୍ ଉପରେ ପୂରା ଧ୍ୟାନ ଦେବେ ଏବଂ ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ନିଜକୁ ଫିଟ୍ ରଖିବାକୁ ଚାହାନ୍ତି ବୋଲି ଷ୍ଟାର୍କ କହିଛନ୍ତି।




ମିଚେଲ୍ ଷ୍ଟାର୍କ ଅଷ୍ଟ୍ରେଲିଆ ପକ୍ଷରୁ ପାଞ୍ଚ ଟି-୨୦ ବିଶ୍ୱକପ୍ ଖେଳିଛନ୍ତି। ଆହତ କାରଣରୁ କେବଳ ୨୦୧୫ ବିଶ୍ୱକପ୍ ଖେଳିପାରି ନଥିଲେ। ୨୦୨୧ରେ ଅଷ୍ଟ୍ରେଲିଆକୁ ପ୍ରଥମ ଟି-୨୦ ବିଶ୍ୱ ଜିତାଇବାରେ ତାଙ୍କର ବଡ଼ ଯୋଗଦାନ ରହିଥିଲା। ୩୫ ବର୍ଷୀୟ ଷ୍ଟାର୍କ ୨୦୧୨ ସେପ୍ଟେମ୍ବରରେ ପାକିସ୍ତାନ ବିପକ୍ଷରେ ଦୁବାଇ ଇଣ୍ଟରନାସ୍‌ନାଲ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଟି-୨୦ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ସେହିପରି ଶେଷ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଗତବର୍ଷ ଟି-୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ଗ୍ରାସ୍ ଆଇଲେଟ୍‌ରେ ଖେଳିଥିଲେ। ଷ୍ଟାର୍କ ମୋଟ ୬୫ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୨୩.୮୧ ହାରାହାରିରେ ୭୯ ୱିକେଟ୍ ଅକ୍ତିଆର କରିଛନ୍ତି। ତାଙ୍କ ଇକୋନୋମି ରେଟ୍୭.୭୪ ଥିବାବେଳେ ଥରେ ସେ ଇନିଂସ୍‌ରେ ୪ ୱିକେଟ୍ ନେଇଛନ୍ତି। ଏହି ଛୋଟ ଫର୍ମାଟ୍‌ରେ ସେ ଅଷ୍ଟ୍ରେଲିଆର ଦ୍ୱିତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର୍। ପ୍ରଥମ ସ୍ଥାନରେ ଆଦମ୍ ଜାମ୍ପା ରହିଛନ୍ତି। ଜାମ୍ପା ୧୦୩ ମ୍ୟାଚ୍‌ରେ ୧୦୩ ୱିକେଟ୍ ଅକ୍ତିଆର କରିଛନ୍ତି।

ମିଚେଲ୍ ଷ୍ଟାର୍କ କହିଛନ୍ତି, 'ଟେଷ୍ଟ କ୍ରିକେଟ୍ ସର୍ବଦା ମୋର ସବୁଠୁ ବଡ଼ ପ୍ରାଥମିକତା। ମୁଁ ଟି-୨୦ ଅନ୍ତର୍ଜାତୀୟରେ ପ୍ରତ୍ୟେକ ମ୍ୟାଚ୍‌ର ମଜା ଉଠାଇଛି। ଆଗକୁ ଭାରତ ବିପକ୍ଷ ଟେଷ୍ଟ ସିରିଜ୍, ଆଶେସ୍ ଏବଂ ୨୦୨୭ ଦିନିକିଆ ବିଶ୍ୱକପ୍ ଦୃଷ୍ଟିରୁ ମୋତେ ଲାଗୁଛି ଏହା ଠିକ୍ ସମୟ। ଏହା ଦ୍ୱାରା ମୁଁ ଫିଟ୍ ଓ ସତେଜ ରହିବି ଏବଂ ଟିମ୍‌କୁ ମଧ୍ୟ ନୂଆ ବୋଲର୍ ପ୍ରସ୍ତୁତ କରିବାକୁ ସମୟ ମିଳିବ।'

## ରୋହିତଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଲେ ୟୁଏଇ କ୍ୟାପ୍‌ଟେନ୍


# ଟି-୨୦ ଅନ୍ତର୍ଜାତୀୟରେ ସର୍ବାଧିକ ଛକା



**ନୂଆଦିଲ୍ଲୀ,୨।୯/ଏଜେନ୍ସି:** ଭାରତୀୟ ଟିମ୍‌ର ପୂର୍ବତନ କ୍ୟାପ୍‌ଟେନ୍ ରୋହିତ ଶର୍ମାଙ୍କ ଏକ ବଡ଼ ଟି-୨୦ ଅନ୍ତର୍ଜାତୀୟ ରେକର୍ଡ ଭଙ୍ଗ ହୋଇଛି। ଏହି ଫର୍ମାଟ୍‌ରେ କ୍ୟାପ୍‌ଟେନ୍ ଭାବେ ତାଙ୍କ ନାମରେ ସର୍ବାଧିକ ଛକାର ବିଶ୍ୱ ରେକର୍ଡ ରହିଥିଲା। ଏବେ ୟୁଏଇ କ୍ୟାପ୍‌ଟେନ୍ ମହମ୍ମଦ ୱାସିମ୍ ଏହା ଭଙ୍ଗ କରିଛନ୍ତି। ରୋହିତଙ୍କ ନାମରେ ଟି-୨୦ ଅନ୍ତର୍ଜାତୀୟରେ କ୍ୟାପ୍‌ଟେନ୍ ଭାବେ ସର୍ବାଧିକ ୧୦୫ ଛକା ମାରିବାର ରେକର୍ଡ ଥିଲା। କିନ୍ତୁ ଗତକାଲି ୟୁଏଇରେ ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ତ୍ରିକୋଣୀୟ ସିରିଜ୍‌ର ଏକ ଟି-୨୦ ମ୍ୟାଚ୍‌ରେ କ୍ୟାପ୍‌ଟେନ୍ ଭାବେ ୱାସିମ୍ ୧୧୦ ଛକା ମାରିବାର ରେକର୍ଡ ସ୍ଥାପନ କରିଛନ୍ତି। ଆଫଗାନିସ୍ତାନ ବିପକ୍ଷରେ ୬ ଛକା ମାରି ସେ ଏହି ଉପଲବ୍ଧି ହାସଲ କରିଛନ୍ତି। ମହମ୍ମଦ ୱାସିମ୍ ଆଫଗାନିସ୍ତାନ ବିପକ୍ଷରେ ୩୭ ବଲ୍‌ରେ ୬୭ ରନ୍‌ର ଇନିଂସ୍ ଖେଳିଥିଲେ। ଏହା ସତ୍ତ୍ୱେ ତାଙ୍କ ଟିମ୍ ୩୮ ରନ୍‌ରେ ପରାଜିତ ହୋଇଥିଲା।

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଆସିଫ୍ ଅଲୀଙ୍କ ଅବସର

**ଲାହୋର,୨।୯/ଏଜେନ୍ସି:** ପାକିସ୍ତାନର ମିଡିଲ୍-ଅର୍ଡର୍ ବ୍ୟାଟ୍ସମ୍ୟାନ୍ ଆସିଫ୍ ଅଲୀ ୩୩ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଛନ୍ତି। ସୋମବାର ସୋସିଆଲ୍ ମିଡିଆରେ ସେ ଏହି ଘୋଷଣା କରିଛନ୍ତି। ତେବେ ସେ ଘରୋଇ ଏବଂ ଫ୍ରାଞ୍ଚାଇଜି କ୍ରିକେଟ୍ ଜାରି ରଖିବେ। ସୋସିଆଲ୍ ମିଡିଆ ପୋଷ୍ଟରେ ସେ ଲେଖିଛନ୍ତି- 'ପାକିସ୍ତାନର ଜର୍ସି ପିନ୍ଧିବା ମୋ ଜୀବନର ସବୁଠୁ ବଡ଼ ସମ୍ମାନ। ଦେଶ ପାଇଁ ଖେଳିବା ଗର୍ବର କ୍ଷଣ ଥିଲା। ଏବେ ମୁଁ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କହୁଛି। କିନ୍ତୁ ଘରୋଇ ଏବଂ ଲିଗ୍ କ୍ରିକେଟ୍ ଖେଳିଚାଲିବି।' ଆସିଫ୍ ୨୦୧୮ରେ ପାକିସ୍ତାନ ପାଇଁ ଡେବ୍ୟୁ କରିଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ୨୧ ଦିନିକିଆ ଏବଂ ୫୮ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେ ନିଜର ପାୱାର ହିଟିଂ ଏବଂ ଫିନିଶର୍ ଭୂମିକା ପାଇଁ ବେଶ୍ ଜଣାଶୁଣା। ତାଙ୍କ କ୍ୟାରିୟର୍‌ର ସବୁଠୁ ସ୍ମରଣୀୟ ମୁହୂର୍ତ୍ତ ୨୦୨୧ ଟି-୨୦ ବିଶ୍ୱକପ୍‌ରେ ଦେଖିବାକୁ ମିଳିଥିଲା।



ଆଫଗାନିସ୍ତାନ ବିପକ୍ଷରେ ବିଜୟ ପାଇଁ ୧୨ ବଲ୍‌ରେ ୨୪ ରନ୍‌ର ଆବଶ୍ୟକତା ଥିବାବେଳେ ସେ କେବଳ ୭ ବଲ୍‌ରେ ଚାରି ଛକା ଜରିଆରେ ୨୫ ରନ୍ କରି ପାକିସ୍ତାନକୁ ବିଜୟୀ କରାଇଥିଲେ। ୨୦୨୨ ଏସିଆ କପ୍‌ରେ ମଧ୍ୟ ଭାରତ ବିପକ୍ଷରେ ସେ ୧୬ ରନ୍‌ର ଦ୍ରୁତ ଇନିଂସ୍ ଖେଳି ଟିମ୍‌କୁ ବିଜୟ ଦେଇଥିଲେ। ଏହା ସତ୍ତ୍ୱେ ସେ ଟିମ୍‌ରେ ଲମ୍ବା ସମୟ ପାଇଁ ସ୍ଥିର ସ୍ଥାନ ସୃଷ୍ଟି କରିପାରି ନଥିଲେ ଏବଂ ତାଙ୍କୁ ପ୍ରାୟ ସମୟରେ କମ୍ ବଲ୍ ଖେଳିବାକୁ ମିଳିଥିଲା।

## ଲିଡ୍ସ ଦିନିକିଆ: ମହାରାଜଙ୍କୁ ୪ ୱିକେଟ୍, ମାର୍କରମ୍‌ଙ୍କ ଅର୍ଦ୍ଧଶତକ

# ସାଉଥ୍ ଆଫ୍ରିକା ୭ ୱିକେଟ୍‌ରେ ବିଜୟୀ

### ଇଂଲଣ୍ଡ ୧୩୧ ରନ୍‌ରେ ଅଲ୍‌ଆଉଟ୍



**ଲିଡ୍ସ,୨।୯/ଏଜେନ୍ସି:** ସାଉଥ୍ ଆଫ୍ରିକା ପ୍ରଥମ ଦିନିକିଆରେ ଇଂଲଣ୍ଡକୁ ୭ ୱିକେଟ୍‌ରେ ହରାଇ ୧-୦ରେ ସିରିଜ୍ ଅଗ୍ରଣୀ ହୋଇଛି। ଲିଡ୍ସର ହେଡିଂଗ୍ଲେ ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲିଶ୍ ଟିମ୍ ୧୩୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ସାଉଥ୍ ଆଫ୍ରିକା ୨୦.୫ ଓଭର୍‌ରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ତୃତୀୟ ଓଭର୍‌ରେ ହିଁ ଓପ୍ପନର୍ ବେନ୍ ଡକେଟ୍‌ଙ୍କ ୱିକେଟ୍ ହରାଇଥିଲା। ସେ ୫ ରନ୍ କରିଥିବା ବେଳେ ନାନ୍ଦ୍ରେ ବର୍ଗର୍ ତାଙ୍କୁ କ୍ୟାଚ୍ ଆଉଟ୍ କରିଥିଲେ। ପରେ କ୍ରିଜ୍‌କୁ ଆସିଥିବା ଜୋ ରୁଟ୍ ଦ୍ୱିତୀୟ ୱିକେଟ୍ ପାଇଁ ଜେମି ସ୍ମିଥ୍‌ଙ୍କ ସହ ୩୧ ରନ୍ ଯୋଡ଼ିବା ପରେ ବ୍ୟକ୍ତିଗତ ୧୪ ରନ୍‌ରେ ଲୁଙ୍ଗି ଏନ୍‌ଗିଡ଼ିଙ୍କ ବଲ୍‌ରେ ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ସ୍ମିଥ୍‌ଙ୍କ ସହ କ୍ୟାପ୍‌ଟେନ୍ ହ୍ୟାରୀ ବ୍ରୁକ୍ ୩୮ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ୧୨ ରନ୍ କରିଥିବା ବେଳେ ବ୍ରୁକ୍ ରନ୍‌ଆଉଟ୍ ହୋଇ ଫେରିଥିଲେ। ଓପ୍ପନର୍ ସ୍ମିଥ୍ ଅର୍ଦ୍ଧଶତକ ହାସଲ କରିବା ସହିତ ଜୋସ୍ ବଟ୍‌ଲର୍‌ଙ୍କ ସହ ଟିମ୍‌କୁ ସ୍କୋର୍ ୧୦୦ ରନ୍ ପାର୍ କରିଥିଲେ। ସ୍ମିଥ୍ ୫୪ ରନ୍ କରି ୱିଆନ୍ ମୁଲ୍ଡର୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ପରେ ଆଉ ୩୦ ରନ୍ ମଧ୍ୟରେ ଟିମ୍ ଶେଷ ୭ ୱିକେଟ୍ ହରାଇଥିଲା। ଜୋସ୍ ବଟ୍‌ଲର୍ ୧୫ ରନ୍ କରିଥିବା ବେଳେ ବାକି ୬ ବ୍ୟାଟ୍ସମ୍ୟାନ୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଟିମ୍ ୨୪.୩ ଓଭର୍‌ରେ ହିଁ ଅଲ୍‌ଆଉଟ୍ ହୋଇଯାଇଥିଲା। ସାଉଥ୍ ଆଫ୍ରିକା କେଶବ ମହାରାଜ ୪ଟି ଏବଂ ୱିଆନ୍ ମୁଲ୍ଡର୍ ୩ଟି ୱିକେଟ୍ ନେଇଥିବା ବେଳେ ନାନ୍ଦ୍ରେ ବର୍ଗର୍ ଓ ଲୁଙ୍ଗି ଏନ୍‌ଗିଡ଼ିଙ୍କୁ ୧-୧ ସଫଳତା ମିଳିଥିଲା।

୧୩୨ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ସାଉଥ୍ ଆଫ୍ରିକା ମଜଭୁତ ଆରମ୍ଭ କରିଥିଲା। ପ୍ରଥମ ପାୱାର୍‌ପ୍ଲେରେ ଟିମ୍ ୬୭ ରନ୍ କରିଥିଲା। ଦ୍ୱିତୀୟ ପାୱାର୍‌ପ୍ଲେରେ ଏଡ଼େନ୍ ମାର୍କରମ୍ ଓ ରାୟନ୍ ରିକେଲ୍‌ଟନ୍ ସତର୍କତାର ସହ ବ୍ୟାଟିଂ କରି ୧୬ ଓଭର୍‌ରେ ଟିମ୍‌ର ସ୍କୋର୍ ୧୦୦ ରନ୍‌ରେ ପହଞ୍ଚାଇଥିଲେ। ଇତିମଧ୍ୟରେ ଅର୍ଦ୍ଧଶତକ ହାସଲ କରିଥିବା ମାର୍କରମ୍ ୮୬ ରନ୍‌ରେ ଆଦିଲ୍ ରଶିଦ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ରିକେଲ୍‌ଟନ୍ ପରେ କ୍ୟାପ୍‌ଟେନ୍ ଟେମ୍ବା ବାଭୁମାଙ୍କ ସହ ୨୦ ଓଭର୍‌ରେ ସ୍କୋର୍ ସମାନ କରିଥିଲେ। ତେବେ ୨୧ତମ ଓଭର୍‌ର ଦ୍ୱିତୀୟ ବଲ୍‌ରେ ରଶିଦ୍ ବାଭୁମା (୬)ଙ୍କୁ କ୍ୟାଚ୍ ଆଉଟ୍ କରିଥିଲେ। ଏହାପରେ ତୃତୀୟ ବଲ୍‌ରେ ଟ୍ରିଷ୍ଟନ୍ ଟବ୍ସଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। ପରେ କ୍ରିଜ୍‌କୁ ଆସିଥିବା ଡେୱାଲ୍ଡ ବ୍ରେଭିସ୍ ବିଜୟୀ ଛକା ଲଗାଇ ଟିମ୍‌କୁ ୭ ୱିକେଟ୍‌ରେ ବିଜୟୀ କରାଇଥିଲେ। ରିକେଲ୍‌ଟନ୍ ୩୧ ଏବଂ ବ୍ରେଭିସ୍ ୬ ରନ୍‌ରେ ଅପରାଜିତ ଫେରିଥିଲେ।

# ଜିମ୍ବାୱେ ଟି-୨୦ ଟିମ୍‌କୁ ଫେରିଲେ ବ୍ରେଣ୍ଡନ୍ ଟେଲର୍

**ହରାରେ,୨।୯/ଏଜେନ୍ସି:** ଶ୍ରୀଲଙ୍କା ବିପକ୍ଷ ତିନି ମ୍ୟାଚ୍‌ର ଟି-୨୦ ସିରିଜ୍ ପାଇଁ ଜିମ୍ବାୱେ ୧୬ ଜଣିଆ ସ୍କ୍ୱାଡ୍ ଘୋଷଣା କରିଛି। ଚାରିବର୍ଷର ଆଇସିସି ବ୍ୟାନ୍ ପରେ ଦିନିକିଆ ଓ ଟେଷ୍ଟ ଟିମ୍‌କୁ ଫେରିଥିବା ୩୯ ବର୍ଷୀୟ ୱିକେଟ୍‌କିପର୍ ବ୍ୟାଟ୍ସମ୍ୟାନ୍ ବ୍ରେଣ୍ଡନ୍ ଟେଲର୍‌ଙ୍କୁ ଟି-୨୦ ଟିମ୍‌ରେ ସ୍ଥାନ ମିଳିଛି। ସେହିପରି ୨୦୨୪ରେ ଶେଷ ଟି-୨୦ ଖେଳିଥିବା ଅନୁଭବୀ ଅଲ୍‌ରାଉଣ୍ଡର୍ ଶିନ୍ ୱିଲିଅମ୍ସ ମଧ୍ୟ ଟିମ୍‌ରେ ସ୍ଥାନ ହାସଲ କରିଛନ୍ତି। ଏହା ବ୍ୟତୀତ ବ୍ରାଡ୍ ଏଭନ୍ସ ଏବଂ ତାଦିୱାନାଶେ ମରୁମାନୀଙ୍କୁ ମଧ୍ୟ ଟିମ୍‌ରେ ସାମିଲ କରାଯାଇଛି। ଦୁହିଁଙ୍କୁ ଜୁଲାଇରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ଓ ସାଉଥ୍ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ସୁଯୋଗ ମିଳି ନଥିଲା। ତ୍ରିକୋଣୀୟ ସିରିଜ୍ ଖେଳିଥିବା ନ୍ୟୁମାନ୍ ନ୍ୟାମ୍‌ହୁରୀ, ୱେସ୍‌ଲ ମଧେୱେରେ, ଭିନ୍‌ସେଣ୍ଟ ମସେକେସା ଓ ତଫଦ୍‌ଜ୍ୱା ସିଗାଙ୍କୁ ଟିମ୍‌ରେ ସ୍ଥାନ ମିଳିନାହିଁ।



ଜିମ୍ବାୱେ ଟିମ୍ ଘରୋଇ ମାଟିରେ ଶ୍ରୀଲଙ୍କା ବିପକ୍ଷରେ ସୀମିତ ଓଭର୍ ସିରିଜ୍ ଖେଳୁଛି। ଦିନିକିଆ ସିରିଜ୍‌କୁ ଶ୍ରୀଲଙ୍କା ୨-୦ରେ ନିଜ ନାମରେ କରିଥିଲା। ଏବେ ବୁଧବାରଠାରୁ ତିନି ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳାଯିବ। ତିନିଟି ଯାକ ମ୍ୟାଚ୍ ହରାରେ ସ୍ପୋର୍ଟ୍ସ କ୍ଲବ୍‌ରେ ଖେଳାଯିବ।

**ଜିମ୍ବାୱେ ଟି-୨୦ ସ୍କ୍ୱାଡ୍:** ସିକନ୍ଦର ରଜା (କ୍ୟାପ୍‌ଟେନ୍), ବ୍ରାୟନ୍ ବେନେଟ୍, ରାୟନ୍ ବର୍ଲ, ବ୍ରାଡ୍ ଏଭନ୍ସ, ଟ୍ରେଭର୍ ଗ୍ୱାଣ୍ଡୁ, କ୍ଲାଇଭ୍ ମଦାନ୍ଦେ, ତିନୋତେନ୍ଦା ମପୋସା, ତାଦିୱାନାଶେ ମରୁମାନୀ, ୱେଲିଂଟନ୍ ମସାକାଦ୍‌ଜା, ଟୋନି ମୁନ୍ୟୋଙ୍ଗା, ତାଶିଙ୍ଗା ମୁସେକିୱା, ବ୍ଲେସିଂ ମୁଜରବାନୀ, ଡାୟନ୍ ମାୟର୍ସ, ରିଚାର୍ଡ ନଗାରଭା, ବ୍ରେଣ୍ଡନ୍ ଟେଲର୍ ଓ ଶିନ୍ ୱିଲିଅମ୍ସ।

# ଭାରତ ଓ ନ୍ୟୁଜିଲାଣ୍ଡ ସିରିଜ୍‌ରୁ କମିନ୍ସ ବାଦ୍



**ମେଲବର୍ଣ୍ଣ,୨।୯/ଏଜେନ୍ସି:** ଅଷ୍ଟ୍ରେଲିଆର ପ୍ରମୁଖ ଫାଷ୍ଟ ବୋଲର୍ ଏବଂ ଟେଷ୍ଟ କ୍ୟାପ୍‌ଟେନ୍ ପ୍ୟାଟ୍ କମିନ୍ସ ଭାରତ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ସୀମିତ ଓଭର୍ ସିରିଜ୍‌ରୁ ବାହାର ହୋଇଛନ୍ତି। କମିନ୍ସଙ୍କ ତଳ ଅଣ୍ଟା ଆଘାତ କାରଣରୁ ସଂଘର୍ଷ କରୁଥିବା ବେଳେ କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ସ୍ପଷ୍ଟ କରିଛି ଯେ ଆଶେସ୍ ସିରିଜ୍‌କୁ ଧ୍ୟାନରେ ରଖି ତାଙ୍କର ରିହାବିଲିଟେସନ୍ ପ୍ରକ୍ରିୟା ଚାଲିଛି। ଆଗକୁ ଅଷ୍ଟ୍ରେଲିଆର କାର୍ଯ୍ୟକ୍ରମ ବ୍ୟସ୍ତବହୁଳ ରହିଛି। ଟିମ୍ ଅକ୍ଟୋବର ୧ ତାରିଖରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଏହାପରେ ଭାରତ ବିପକ୍ଷରେ ଅକ୍ଟୋବର ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ତିନିଟି ଦିନିକିଆ ଏବଂ ଅକ୍ଟୋବର ୨୯ରୁ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଟି-୨୦ ମ୍ୟାଚ୍ ଖେଳାଯିବ। ସେହିପରି ନଭେମ୍ବର ୨୧ରୁ ପର୍ଥରେ ଇଂଲଣ୍ଡ ବିପକ୍ଷରେ ଆଶେସ୍ ଆରମ୍ଭ ହେବ। କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ଏକ ବୟାନରେ କୁହାଯାଇଛି, 'କମିନ୍ସଙ୍କୁ ଭାରତ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ସୀମିତ ଓଭର୍ ସିରିଜ୍ ପାଇଁ ଚୟନ କରାଯାଇ ନାହିଁ। ସେ ତାଙ୍କର ରିହାବିଲିଟେନ୍ ପ୍ଲାନ୍ ଜାରି ରଖିବେ ଏବଂ ବୋଲିଂକୁ ପ୍ରତ୍ୟାବର୍ତ୍ତନ ସମୟ ତାଙ୍କର ଆଶେସ୍ ପ୍ରସ୍ତୁତିର ଅଂଶବିଶେଷ ହେବ।'

୩୨ ବର୍ଷୀୟ କମିନ୍ସ ନିକଟରେ ଇଂଲଣ୍ଡ ଓ କ୍ୟାରିବିୟାନ୍ ଗସ୍ତରେ ଖେଳାଯାଇଥିବା ୪ ଟେଷ୍ଟ ମ୍ୟାଚ୍‌ରେ ୯୫ରୁ ଅଧିକ ଓଭର୍ ବୋଲିଂ କରିଥିଲେ। ଏହି ଅବସରରେ ସେ ପିଠିରେ ଯନ୍ତ୍ରଣା ଅନୁଭବ କରିଥିଲେ। ମେଡିକାଲ୍ ସ୍କାନ୍ ପରେ ତାଙ୍କ ମେରୁଦଣ୍ଡର ହାଡ଼ରେ ଲମ୍ବର ବୋନ୍ ଷ୍ଟ୍ରେସ୍ ହୋଇଥିବା ଜଣାପଡ଼ିଛି, ଯାହାର ଆଗକୁ ସ୍ୱତନ୍ତ୍ର ଚିକିତ୍ସା ଏବଂ ମ୍ୟାନେଜମେଣ୍ଟ କରିବାକୁ ପଡ଼ିବ। ଏହା ତାଙ୍କର ପୁରୁଣା ଆଘାତ ଏବଂ ଏହା କ୍ୟାରିୟର୍ ଆରମ୍ଭରେ ତାଙ୍କୁ ବହୁ ସମୟ କ୍ରିକେଟ୍‌ରୁ ଦୂରେଇ ରଖିଥିଲା। ଏବେ ପୁଣିଥରେ ଏହି ସମସ୍ୟା ଫେରିଥିବାରୁ କମିନ୍ସ ସାତ ସପ୍ତାହ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଆଶେସ୍ ସିରିଜ୍‌ର ଚାପ ସହିପାରିବେ କି ନାହିଁ ସେ ନେଇ ଚିନ୍ତା ବୃଦ୍ଧି ପାଇଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra